# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 16/2025 | Page 14 | ₹ 7.00

୫୧ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 320 | ମୂଲ୍ୟ ₹୭/-









ଆଗ୍ରାରେ ବୁଧବାର ଯବାନମାନେ ଇଣ୍ଡିଆନ୍ ଆର୍ମଡ୍ ଫୋର୍ସେସ୍‌ର ବୈଷୟିକ କୌଶଳ ପ୍ରଦର୍ଶନ କରୁଛନ୍ତି।

# ସବ୍‌ସିଡି ପାଇଥିବା ରାଜ୍ୟର ୨,୯୦୯ ଶିଳ୍ପର ପତ୍ତା ମିଳୁନି

ଦେଶରେ ଯୁବବର୍ଗଙ୍କୁ ଉଦ୍ୟୋଗପତି କରିବା ଲକ୍ଷ୍ୟନେଇ ୨୦୦୮ରେ ପ୍ରଧାନମନ୍ତ୍ରୀ ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ(ପିଏମ୍‌ଇଜିପି) କାର୍ଯ୍ୟକାରୀ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା, ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ସହ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା। ହେଲେ ଏହି ଯୋଜନା ଓଡ଼ିଶାରେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟରେ ଅନେକ ଯୁବୋଦ୍ୟୋଗୀ ଶିଳ୍ପ କରିବା ନାଁରେ ବ୍ୟାଙ୍କରୁ ଲୋନ୍ ଏବଂ ଏବାବଦରେ ସରକାରୀ ସବ୍‌ସିଡି ନେଇଛନ୍ତି, ମାତ୍ର ସେମାନଙ୍କର କୌଣସି ନାଁ ଗନ୍ଧ ନାହିଁ। ଏ ନେଇ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ ଖଦି ଆଣ୍ଡ୍ ଭିଲେଜ୍ ଇଣ୍ଡଷ୍ଟ୍ରି କମିଶନ (କେଭିଆଇସି) କାର୍ଯ୍ୟାଳୟ ପକ୍ଷରୁ ଖୋଳତାଡ଼ କରାଯାଉଛି। ରାଜ୍ୟରେ ୨୯୦୯ଟି ଶିଳ୍ପ ୟୁନିଟ୍‌ର କୌଣସି ପତ୍ତା ମିଳୁ ନ ଥିବାରୁ ଗତ ୮ ତାରିଖରେ କେଭିଆଇସି କମିଶନଙ୍କ ପକ୍ଷରୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ସମେତ ୧୭ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି।

ଭୁବନେଶ୍ୱର,୧୫।୧୦ (ରବିନାରାୟଣ ଜେନା)

ରାଜ୍ୟସ୍ତରୀୟ ତଦାରଖ କମିଟି(ଏସ୍‌ଏଲ୍‌ଏମ୍‌ସି)ର ରିପୋର୍ଟକୁ ଆଧାରକରି କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ଆର୍‌ବିଆଇ ସମେତ ନାବାର୍ଡ ସିଜିଏମ୍, ଜୋନାଲ ଡେପୁଟି ସିଇଓ–କୋଲ୍‌କାତା, ଏସ୍‌ଏଲ୍‌ବିସି ମହାପ୍ରବନ୍ଧକ, ଓଡ଼ିଶା ଖଦି ବୋର୍ଡ ସଚିବ ଏବଂ ୬ଟି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପତ୍ରରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୭ ହଜାର ୧୮୨ଟି ୟୁନିଟ୍ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୨୯୦୯ଟିର କୌଣସି ଚିହ୍ନବର୍ଣ୍ଣ ନାହିଁ, ଯାହାକି ଯାଞ୍ଚ ହୋଇଥିବା ୟୁନିଟ୍‌ର ୪୦.୫ ପ୍ରତିଶତ। ଏହାକୁ ନେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଧରପଗଡ଼ ଜୋର୍‌ଦାର କରାଯାଇଛି। ତୁରନ୍ତ ଉକ୍ତ ୟୁନିଟ୍‌ଗୁଡ଼ିକୁ ଖୋଜି ବାହାର କରିବା ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକର ସୂଚନା ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ୫ ସୁଦ୍ଧା ରାଜ୍ୟରେ ୧୧ ହଜାର ୪୨୦ ୟୁନିଟ୍ ରହିଛି। ସେଥିମଧ୍ୟରୁ ୭ ହଜାର ୨୩୩ ☞ପୃଷ୍ଠା–୪

# ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଡଲାର

■ ଆମେରିକା ଟାରିଫ୍ ଯୋଗୁ ୧୩ ମାସରେ ସର୍ବାଧିକ

■ ସେପ୍ଟେମ୍ବରରେ ୫.୪୩ ବିଲିୟନ୍ ଡଲାର ରପ୍ତାନି ହ୍ରାସ

**୨୦୨୫ ସେପ୍ଟେମ୍ବରରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ତଥ୍ୟରୁ ଏହା ଜଣାପଡ଼ିଛି। ଆମେରିକାର ୫୦% ଟାରିଫ୍ ସହ ସୁନା ଓ ରୁପାରେ ରେକର୍ଡ ଆମଦାନୀ ଯୋଗୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଏତେମାତ୍ରାରେ ପ୍ରଭାବିତ ହୋଇଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ନୂଆଦିଲ୍ଲୀ,୧୫।୧୦ (ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିଥିଲେ। ଦେଶର ବାଣିଜ୍ୟିକ ନିଅଣ୍ଟ ଉପରେ ଏହାର ପ୍ରଭାବକୁ ବାଣିଜ୍ୟ ମନ୍ତ୍ରଣାଳୟର ଡେଟା ଦର୍ଶାଇଛି। ତଦନୁସାରେ ଆମେରିକାକୁ ଅଗଷ୍ଟରେ ୬.୮୭ ବିଲିୟନ୍ ଡଲାର ସାମଗ୍ରୀ ରପ୍ତାନି କରାଯାଇଥିବାବେଳେ ସେପ୍ଟେମ୍ବରରେ ଏହା ୫.୪୩ ବିଲିୟନ୍ ଡଲାରକୁ ହ୍ରାସ ପାଇଥିଲା। ବିଶେଷକରି ଟେକ୍ସଟାଇଲ୍ସ, ଚିଙ୍ଗୁଡ଼ି, ମୁକ୍ତା ଓ ଅଳଙ୍କାର ରପ୍ତାନି ଅଧିକ ହ୍ରାସ ପାଇଛି। କିନ୍ତୁ ଏହି ଅବଧି ମଧ୍ୟରେ ଆମଦାନୀ ୩.୬ ବିଲିୟନ୍ ଡଲାରରୁ ୩.୯୮ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଛି। ଏନେଇ କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ବିଶ୍ୱ ବଜାରରେ ଅଡୁଆ ସ୍ଥିତି ସତ୍ତ୍ୱେ ଭାରତର ରପ୍ତାନିରେ ଗତିଶୀଳତା ବଜାୟ ରହିଛି। କିନ୍ତୁ ସେପ୍ଟେମ୍ବରରେ ଆମଦାନୀ ଅଧିକ ରହିଥିଲା, ଯାହାକି ସୁନା, ରୁପା, ସାର ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କ୍ଷେତ୍ରରେ ସର୍ବାଧିକ ଦେଖିବାକୁ ମିଳିଥିଲା। ଭାରତ ଓ ଆମେରିକା ଆସନ୍ତା ମାସ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଟ୍ରେଡ୍ ଡିଲ୍ ଚୂଡ଼ାନ୍ତ କରିବା ପାଇଁ ☞ପୃଷ୍ଠା–୪

## ଅହମଦାବାଦ୍‌ରେ ହୋଇପାରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ନୂଆଦିଲ୍ଲୀ, ୧୫।୧୦(ପି.ଟି.)

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଲାଗି ବୁଧବାର ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କାର୍ଯ୍ୟକାରୀ ପରିଷଦ ସୁପାରିସ୍ କରିଛି। ଫଳରେ ଭାରତରେ ବୃହତ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାର ପଥ ପରିଷ୍କାର ହୋଇଛି। ଆସନ୍ତା ନଭେମ୍ବର ୨୬ରେ ଗ୍ଲାସ୍‌ଗୋରେ ବସିବାକୁ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

**କାଞ୍ଚିର ଅଶ୍ୱାରୋହୀ**


# ଭାଜପାରୁ ଜୟ, ବିଜେଡିରୁ ସ୍ନେହାଙ୍ଗିନୀ ପ୍ରାର୍ଥୀ

■ ନିର୍ବାଚନମଣ୍ଡଳୀ ବାହାରୁ ପ୍ରାର୍ଥୀ କରି ସରପ୍ରାଇଜ୍ ଦେଲା ବିଜେଡି

■ ଆଜି ଭାଜପା ପ୍ରାର୍ଥୀ, ୧୯ରେ ବିଜେଡିର ନାମାଙ୍କନ

■ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହେବ ମିଶ୍ରଣ ପର୍ବ

ଭୁବନେଶ୍ୱର,୧୫।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ବୁଧବାର ଉଭୟ ଶାସକ ଭାଜପା ଏବଂ ବିରୋଧୀ ବିଜେଡିର ପ୍ରାର୍ଥୀ ଘୋଷଣା କରାଯାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ଭାଜପା ଟିକେଟ ଦେଇଛି। ଏନେଇ ଭାଜପା ସଂସଦୀୟ ବୋର୍ଡ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହେଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବିଜେଡିର ପ୍ରାର୍ଥୀ ଘୋଷଣା। ବିଜେଡି ଏହି ଉପନିର୍ବାଚନରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ବିଜୁ ମହିଳା ଜନତା ଦଳର ସଭାପତି ଥିବା



ଜୟ ଢୋଲକିଆ



ସ୍ନେହାଙ୍ଗିନୀ ଛୁରିଆ

ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ନୂଆପଡ଼ା ନିର୍ବାଚନମଣ୍ଡଳୀ ବାହାରୁ ସ୍ନେହାଙ୍ଗିନୀଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏହା ନବୀନଙ୍କ ଆଉ ଏକ ମାଷ୍ଟର ଷ୍ଟ୍ରୋକ୍ ବୋଲି ଚର୍ଚ୍ଚା ହେଉଛି। ଉପନିର୍ବାଚନରେ ☞ପୃଷ୍ଠା–୪

# ୮୫ତମ ସ୍ଥାନକୁ ଖସିଲା ଭାରତୀୟ ପାସ୍‌ପୋର୍ଟ

ନୂଆଦିଲ୍ଲୀ,୧୫।୧୦

ଭାରତୀୟ ପାସ୍‌ପୋର୍ଟ ୨୦୨୪ରେ ୮୦ତମ ସ୍ଥାନରେ ଥିବାବେଳେ ଚଳିତବର୍ଷ ୫ ପାଦ ତଳକୁ ଖସି ୮୫ତମ ସ୍ଥାନରେ ରହିଛି। ହେନ୍‌ଲେ ପାସ୍‌ପୋର୍ଟ ଇଣ୍ଡେକ୍ସ ୨୦୨୫ ଅନୁସାରେ ସିଙ୍ଗାପୁର ପାସ୍‌ପୋର୍ଟ ପୁନର୍ବାର ବିଶ୍ୱର ସବୁଠୁ ଶକ୍ତିଶାଳୀ ପାସ୍‌ପୋର୍ଟ ରୂପେ ଉଭା ହୋଇଛି। ଏହି କ୍ଷେତ୍ରରେ ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଜର୍ମାନୀ, ଇଟାଲୀ, ସ୍ପେନ୍, ସୁଇଜରଲାଣ୍ଡ, ଲକ୍ସେମ୍‌ବର୍ଗ ପାସ୍‌ପୋର୍ଟ ଚତୁର୍ଥ ସ୍ଥାନରେ ରହିଛି। ଆମେରିକା ପାସ୍‌ପୋର୍ଟ ୨ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଟପ୍ ୧୦ ପାସ୍‌ପୋର୍ଟ ମଧ୍ୟରେ ନିଜ ସ୍ଥାନ ବଜାୟ ରଖିବାରେ ବିଫଳ ହୋଇଛି।

**ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କ ୨୦୨୫**

■ ସିଙ୍ଗାପୁର ପାସ୍‌ପୋର୍ଟ ସବୁଠୁ ଶକ୍ତିଶାଳୀ

■ ପ୍ରଥମ ଥର ଟପ୍ ଟେନ୍ ବାହାରେ ଆମେରିକା




ହେନ୍‌ଲେ ଆଣ୍ଡ୍ ପାର୍ଟନର୍ସ ପକ୍ଷରୁ ପ୍ରସ୍ତୁତ ପାସ୍‌ପୋର୍ଟ ସୂଚକାଙ୍କ ୨୦୨୫ ଅନୁସାରେ ଭାରତୀୟ ପାସ୍‌ପୋର୍ଟ ବଳରେ ୨୦୨୪ରେ ୫୯ ଦେଶକୁ ଭିଜାମୁକ୍ତ ପ୍ରବେଶ ସୁବିଧା ଥିଲା। ୨୦୨୫ରେ ଏହା ୫୭ ଦେଶରେ ସୀମିତ ରହିଥିବାରୁ ଭାରତୀୟ ପାସ୍‌ପୋର୍ଟ ୫ ପାଦ ତଳକୁ ଖସି ୮୫ତମ ସ୍ଥାନରେ ରହିଛି। ଏକଦା ☞ପୃଷ୍ଠା–୪




## ସଂକ୍ଷେପରେ

### ପୂର୍ବତନ ସୈନିକଙ୍କ ପାଇଁ ଆର୍ଥିକ ସହାୟତାରେ ୧୦୦% ବୃଦ୍ଧି

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

ପୂର୍ବତନ ସୈନିକ ଓ ସେମାନଙ୍କ ଉପରେ ନିର୍ଭରଶୀଳ ଥିବା ପରିବାର ସଦସ୍ୟଙ୍କ ପାଇଁ ଆର୍ଥିକ ସହାୟତା ଯୋଜନାରେ ୧୦୦% ବୃଦ୍ଧିକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏନେଇ ବୁଧବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ସୈନିକ ବୋର୍ଡ ମାଧ୍ୟମରେ ପୂର୍ବତନ ସୈନିକ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ଅନୁଦାନକୁ ମାସିକ ୪ ହଜାର ଟଙ୍କାରୁ ୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ପେନସନଧାରୀ ନ ଥିବା କିମ୍ବା କୌଣସି ନିୟମିତ ଆୟ ନ ଥିବା ୬୫ ବର୍ଷ ବୟସରୁ ଅଧିକ ବୟସ୍କ ପୂର୍ବତନ ସୈନିକ ଏବଂ ସେମାନଙ୍କ ଆଶ୍ରିତଙ୍କୁ ଜୀବନବ୍ୟାପୀ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।

### ୨୦୪୦ ସୁଦ୍ଧା ଚନ୍ଦ୍ରରେ ପହଞ୍ଚିବେ ଭାରତୀୟ: ଭି. ନାରାୟଣନ୍

**ରାଞ୍ଚି, ୧୫।୧୦ (ପି.ଟି.)**

୨୦୪୦ ସୁଦ୍ଧା ଭାରତୀୟଙ୍କୁ ଚନ୍ଦ୍ରରେ ପହଞ୍ଚାଇବାକୁ ଇସ୍ରୋ ଲକ୍ଷ୍ୟ ରଖିଛି। ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି, ଦେଶର ପ୍ରଥମ ମାନବ ମହାକାଶଯାନ ମିଶନ ଗଗନୟାନକୁ ୨୦୨୭ରେ ଲଞ୍ଚ୍ କରାଯିବ। ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨୦୩୫ ସୁଦ୍ଧା ଏକ ଜାତୀୟ ମହାକାଶ ଷ୍ଟେଶନ ଏବଂ ୨୦୨୬ ସୁଦ୍ଧା ୩ଟି ମାନବବିହୀନ ଗଗନୟାନ ମିଶନ ଅନ୍ତର୍ଭୁକ୍ତ ରହିଛି। ସେଥିମଧ୍ୟରୁ ପ୍ରଥମ ମାନବବିହୀନ ଗଗନୟାନ ମିଶନ ଭାବେ ଅର୍ଦ୍ଧ ମାନବୀୟ ରୋବୋ ବ୍ୟୋମୋମିତ୍ରକୁ ଆସନ୍ତା ଡିସେମ୍ବରରେ ଲଞ୍ଚ୍ କରିବାକୁ ଇସ୍ରୋ ଲକ୍ଷ୍ୟ ରଖିଥିବା ନେଇ ସେ କହିଛନ୍ତି। ୨୦୪୦ ସୁଦ୍ଧା ଏକ ସ୍ୱଦେଶୀ ମାନବଯୁକ୍ତ ଚନ୍ଦ୍ର ମିଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଛନ୍ତି, ଯାହା ଅଧୀନରେ ଜଣେ ଭାରତୀୟ ନାଗରିକଙ୍କୁ ଚନ୍ଦ୍ରରେ ଅବତରଣ କରାଇ ସୁରକ୍ଷିତ ଫେରାଇ ଅଣାଯିବ।

### ଦୁର୍ଗାପୁର ଗଣବଳାତ୍କାର: ମମତାଙ୍କୁ କ୍ଷମା ମାଗିଲେ ପୀଡ଼ିତାଙ୍କ ବାପା

**କୋଲକାତା, ୧୫।୧୦ (ପି.ଟି.)**

ପଶ୍ଚିମବଙ୍ଗର ଦୁର୍ଗାପୁରରେ ଗଣବଳାତ୍କାରର ଶିକାର ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ବାପା ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କ୍ଷମା ମାଗିଛନ୍ତି। ସେହିପରି ଝିଅକୁ ନ୍ୟାୟ ଦେବାରେ ସାହାଯ୍ୟ କରିବାକୁ ସେ ମମତାଙ୍କୁ ନିବେଦନ କରିଛନ୍ତି। ପୀଡ଼ିତାଙ୍କ ବାପା କହିଛନ୍ତି, ମମତା ତାଙ୍କ ପାଇଁ ମାତୃତୁଲ୍ୟ। ପୂର୍ବରୁ ତାଙ୍କ ବିରୋଧରେ କଟୁ ମନ୍ତବ୍ୟ ଦେଇଥିବାରୁ ଦୁଃଖିତ। ସେଥିପାଇଁ ସେ କ୍ଷମା ଚାହୁଁଛନ୍ତି। ସୋମବାର ପୀଡ଼ିତାଙ୍କ ବାପା ମମତାଙ୍କୁ ସମାଲୋଚନାକରି କହିଥିଲେ, ପଶ୍ଚିମବଙ୍ଗରେ ଔରଙ୍ଗଜେବ ଶାସନ ଚାଲିଥିବା ପରି ଲାଗୁଛି। ତାଙ୍କ ଝିଅ ପଶ୍ଚିମବଙ୍ଗରେ ସୁରକ୍ଷିତ ନ ଥିବାରୁ ଓଡ଼ିଶା ଫେରାଇନେବାକୁ ଚାହୁଁଛନ୍ତି। ତାଙ୍କ ପାଇଁ ଝିଅର ଜୀବନ ସର୍ବାଗ୍ରେ, କ୍ୟାରିୟର ପଛରେ ବୋଲି ପୀଡ଼ିତାଙ୍କ ବାପା କହିଥିଲେ।

### ଓଡ଼ିଶାର କେବଳ କନ୍ଧମାଳ ମାଓବାଦୀ ପ୍ରଭାବିତ

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

ଦେଶରେ ମାଓବାଦ ଯୋଗୁ ସର୍ବାଧିକ ପ୍ରଭାବିତ ହେଉଥିବା ଜିଲା ସଂଖ୍ୟା ୬ରୁ ୩କୁ ହ୍ରାସ ପାଇଥିବା ନେଇ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଛତିଶଗଡ଼ର ବିଜାପୁର, ସୁକ୍ମା ଏବଂ ନାରାୟଣପୁର ଜିଲା ବାମପନ୍ଥୀ ଉଗ୍ରବାଦ (ଏଲ୍‌ଡବ୍ଲୁଇ)ରେ ସର୍ବାଧିକ ପ୍ରଭାବିତ। ସେହିପରି ବାମପନ୍ଥୀ ଉଗ୍ରବାଦରେ ପ୍ରଭାବିତ ଜିଲା ସଂଖ୍ୟା ୧୮ରୁ ହ୍ରାସ ପାଇ ୧୧ରେ ପହଞ୍ଚିଛି। ୧୧ ଜିଲା ମଧ୍ୟରେ ଛତିଶଗଡ଼ର ୭, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଓଡ଼ିଶାର ଗୋଟିଏ ଲେଖାଏ ଜିଲା ରହିଛି। ଓଡ଼ିଶାର ଏକମାତ୍ର ଜିଲା ଭାବେ କନ୍ଧମାଳ ମାଓବାଦ ପ୍ରଭାବିତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ଇତିମଧ୍ୟରେ ୨ ଦିନରେ ମହାରାଷ୍ଟ୍ର ଏବଂ ଛତିଶଗଡ଼ରେ ୧୩୯ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।



ଉତ୍ତରାଖଣ୍ଡର ଋଷିକେଶସ୍ଥିତ ଗଙ୍ଗାନଦୀରେ ପର୍ଯ୍ୟଟକମାନେ ଜଳଯାତ୍ରା କରୁଛନ୍ତି।

## ପାକ୍‌-ଆଫଗାନ୍ ସଂଘର୍ଷ ପରେ ୪୮ ଘଣ୍ଟିଆ ଅସ୍ତ୍ରବିରତି

**ଇସ୍‌ଲାମାବାଦ, ୧୫।୧୦ (ପି.ଟି.)**

ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ବୁଧବାର ପୁଣି ମୁହାଁମୁହିଁ ହୋଇଛନ୍ତି ଦୁଇଦେଶର ସେନା। ସପ୍ତାହେ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ସୀମା ସଂଘର୍ଷ, ଯହିଁରେ ପାକିସ୍ତାନୀ ସେନା ୪୦ରୁ ଊର୍ଦ୍ଧ୍ୱ ଆଫଗାନ ତାଲିବାନ୍‌ଙ୍କୁ ହତ୍ୟା କରିଥିବା ଦାବି କରିଛି। ତେବେ ଉଭୟ ଦେଶର ଆଲୋଚନା ପରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିବା ପାକିସ୍ତାନ ପକ୍ଷରୁ କୁହାଯାଇଛି।

ପାକିସ୍ତାନୀ ସୈନ୍ୟ ଓ ଆଫଗାନିସ୍ତାନର ଫାଇଟର୍ସଙ୍କ ମଧ୍ୟରେ ଶନିବାର ସୀମାରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ବୁଧବାର ତାଲିବାନ୍ ପକ୍ଷରୁ ପାକ୍-ଅଧିକୃତ କଶ୍ମୀର (ପିଓକେ)ର ବେଲୁଚିସ୍ତାନ ପ୍ରଦେଶସ୍ଥିତ ସ୍ପିନ୍ ବୋଲ୍‌ଡକ୍‌ରେ ଆକ୍ରମଣ କରାଯାଇଥିଲା। ପାକିସ୍ତାନୀ ସେନା ଏହାର ମୁହଁତୋଡ଼ ଜବାବ ଦେଇଥିଲା। ଏଥିରେ ଆଫଗାନିସ୍ତାନର ୪୦ ନିହତ ଓ ଶତାଧିକ ଆହତ ହୋଇଥିବା ପାକିସ୍ତାନ ଦାବି କରିଥିବାବେଳେ ତାଲିବାନ୍ ମୃତକଙ୍କ ସଂଖ୍ୟା ୧୨ ବୋଲି 'X'ରେ କହିଛି। ଇତିମଧ୍ୟରେ ପାକିସ୍ତାନ ସରକାର ଓ ତାଲିବାନ୍ ଶାସକଙ୍କ ମଧ୍ୟରେ ଆଲୋଚନା ପରେ ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରାଯାଇଛି। ତାଲିବାନ୍‌ର ଅନୁରୋଧ କ୍ରମେ ବୁଧବାର ସନ୍ଧ୍ୟା ୬ଟାରୁ ପରବର୍ତ୍ତୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଅସ୍ତ୍ରବିରତି ବଳବତ୍ତର ରହିବ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷେ ତାଲିବାନ୍ ନେତୃତ୍ୱାଧୀନ ଆଫଗାନ ସରକାର ମୁଖ୍ୟ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ପାକିସ୍ତାନୀ ପକ୍ଷରୁ ଅନୁରୋଧ କ୍ରମେ ଦୁଇଦେଶ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପାଇଛି, ଯାହାକି ବୁଧବାର ଅପରାହ୍ନ ୫ଟା ୩୦ରୁ ଲାଗୁ ହୋଇଛି।

# ବିହାର ଏନ୍‌ଡିଏରେ ଫାଟ

**ପାଟନା/ନୂଆଦିଲ୍ଲୀ, ୧୫।୧୦**

ବିହାର ବିଧାନସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଆସନ ବୁଝାମଣା ଯୋଜନା ଘୋଷଣା ପରେ ଶାସକ ମେଣ୍ଟରେ ଫାଟ ଉପୁଜିଛି। ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ମୁଖ୍ୟ ଉପେନ୍ଦ୍ର କୁଶ୍ୱାହା ଓ ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା (ଏଚ୍‌ଏଏମ୍-ଧର୍ମନିରପେକ୍ଷ) ଅଧ୍ୟକ୍ଷ ଜିତନ୍‌ରାମ ମାଞ୍ଝି ଆସନ ଭାଗବଣ୍ଟାକୁ ନେଇ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ଶାହାଙ୍କୁ ଭେଟିଲେ କୁଶ୍ୱାହା



ଉପେନ୍ଦ୍ର କୁଶ୍ୱାହା

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ପାଇଁ ନଭେମ୍ବର ୬ ଓ ୧୧ରେ ଭୋଟ ଗ୍ରହଣ କରାଯିବ। ଏଥିଲାଗି ଏନ୍‌ଡିଏର ଦୁଇ ପ୍ରମୁଖ ଦଳ ଭାଜପା ଓ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ(ଜେଡିୟୁ) ୧୦୧ ଲେଖାଏ ଆସନରେ ଲଢ଼ିବା ନେଇ ଘୋଷଣା କରାଯାଇଛି। ଲୋକ ଜନଶକ୍ତି ପାର୍ଟି (ରାମବିଳାସ)କୁ ୨୯ ଆସନ ଦିଆଯାଇଥିବାବେଳେ କୁଶ୍ୱାହା ଓ ମାଞ୍ଝିଙ୍କ ଦଳକୁ ୬ଟି ଲେଖାଏ ଆସନ ମିଳିଛି। ତେବେ ଏହାକୁ ନେଇ କୁଶ୍ୱାହା ଅସନ୍ତୁଷ୍ଟ ଥିବା ଦେଖି ସମ୍ରାଟ ଚୌଧରୀ, ନିତ୍ୟାନନ୍ଦ ରାୟ ଓ ନୀତିନ ନବୀନଙ୍କ ସମେତ ଭାଜପାର ବରିଷ୍ଠ ନେତାମାନେ ବୁଧବାର ତାଙ୍କୁ ପାଟନା ବାସଭବନରେ ଭେଟି ବୁଝାଶୁଝା କରିଥିଲେ। ସାକ୍ଷାତ ପରେ କୁଶ୍ୱାହା କହିଛନ୍ତି, ଏଥର ଏନ୍‌ଡିଏରେ ସବୁକିଛି ଠିକ୍ ଚାଲିନାହିଁ। ତେବେ ଦିଲ୍ଲୀରୁ ଭାଜପା ହାଇକମାଣ୍ଡଙ୍କ ଡାକରା ପରେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି। ସବୁ ସମାଧାନ ହୋଇଯିବ ବୋଲି ଆଶାବାଦୀ ଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ କୁଶ୍ୱାହା କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ମାଞ୍ଝି କହିଛନ୍ତି, ବୋଧଗୟା ଓ ମଖଦୁମ୍‌ପୁର ନିର୍ବାଚନମଣ୍ଡଳୀରେ ଚିରାଗଙ୍କ ଏଲ୍‌ଜେପି ବିରୋଧରେ ତାଙ୍କ ଦଳ ଏଚ୍‌ଏଏମ୍ ପ୍ରାର୍ଥୀ ଦେବା ପାଇଁ ଯୋଜନା କରୁଛି। ଉତ୍ତର ପ୍ରଦେଶରେ ଏନ୍‌ଡିଏ ସହଯୋଗୀ ଥିବା ସୁହେଲଦେବ ଭାରତୀୟ ସମାଜ ପାର୍ଟି ବିହାର ନିର୍ବାଚନ ପାଇଁ ୪୮ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଛି। ମୋଟ ୧୫୩ ଆସନରେ ଲଢ଼ିବା ପାଇଁ ଯୋଜନା ରହିଥିବା ଦଳର ରାଷ୍ଟ୍ରୀୟ ସମ୍ପାଦକ ଅରବିନ୍ଦ ରାଜଭର ସୂଚନା ଦେଇଛନ୍ତି।

### ଅଲୀନଗରରୁ ମୈଥିଳୀ ଠାକୁର

ଭାଜପା ପକ୍ଷରୁ ବୁଧବାର ଦ୍ୱିତୀୟ ଓ ତୃତୀୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏହି ପର୍ଯ୍ୟାୟ ତାଲିକାରେ ଯଥାକ୍ରମେ ୧୨ ଓ ୧୮ ଜଣଙ୍କ ନାମ ରହିଛି। ଜଣାଶୁଣା କଣ୍ଠଶିଳ୍ପୀ ମୈଥିଳୀ ଠାକୁରଙ୍କୁ ଅଲୀନଗର ଆସନରୁ



ମୈଥିଳୀ ଠାକୁର

ପ୍ରାର୍ଥୀ କରାଯାଇଥିବାବେଳେ ପୂର୍ବତନ ଆଇପିଏସ୍ ଅଫିସର ଆନନ୍ଦ ମିଶ୍ରାଙ୍କୁ ବକ୍ସାର ଆସନରୁ ସୁଯୋଗ ମିଳିଛି। ଏହାକୁ ମିଶାଇ ଭାଜପାର ସମସ୍ତ ୧୦୧ ପ୍ରାର୍ଥୀଙ୍କ ନାମ ଘୋଷଣା ଶେଷ ହୋଇଛି। ଇତିମଧ୍ୟରେ ଦିଲ୍ଲୀରେ ୨ ଘଣ୍ଟାର ବୈଠକ ପରେ କଂଗ୍ରେସ ନିର୍ବାଚନ କମିଟି ଏକ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି।

### ଏନ୍‌ଡିଏକୁ ଜିତାଇବା ପାଇଁ ମହିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଏନ୍‌ଡିଏର ବିଜୟ ସୁନିଶ୍ଚିତ କରିବାକୁ ବିହାରର ନାରୀ ଶକ୍ତିକୁ ନିବେଦନ କରିଛନ୍ତି। ନମୋ ଆପ୍ ଜରିଆରେ ମହିଳା ବୁଥ୍ ୱାର୍କରଙ୍କ ଏକ ଭର୍ଚୁଆଲ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳାମାନେ ତାଙ୍କ ଶକ୍ତି। ସେମାନେ ତାଙ୍କୁ ଭାଇ ସମ୍ବୋଧନ କରନ୍ତୁ। ନଭେମ୍ବର ୧୪ରେ ବିହାର ଦୀପାବଳି ସହ ଏନ୍‌ଡିଏର ବିଜୟ ଉତ୍ସବ ପାଳନ କରିବ। ମହିଳାମାନେ ଗୋଷ୍ଠୀ ହୋଇ ଗୀତ ଗାଇ ଥାଳି ବଜାଇ ଗଣତନ୍ତ୍ରର ଉତ୍ସବ ପାଳନ କରନ୍ତୁ ଏବଂ ଭୋଟ ଦେବାକୁ ଯାଆନ୍ତୁ। ଏହି ଅବସରରେ ମୋଦି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ଜଙ୍ଗଲରାଜ କଥା ମନେପକାଇଦେଇଛନ୍ତି।

### ଲଢ଼ିବେନି ପ୍ରଶାନ୍ତ କିଶୋର

ନିର୍ବାଚନ ରଣନୀତିକାରରୁ ରାଜନେତା ସାଜିଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଏଥର ବିହାର ଭୋଟରେ ପ୍ରଥମ ଥର ପାଇଁ ମଇଦାନକୁ ଓହ୍ଲାଇଛି। କିନ୍ତୁ ପ୍ରଶାନ୍ତ ନିର୍ବାଚନ ଲଢ଼ିବେ ନାହିଁ। ରାଘୋପୁର ଆସନରୁ ପ୍ରଶାନ୍ତ ଲଢ଼ିବେ ବୋଲି ଚର୍ଚ୍ଚା ହେଉଥିବାବେଳେ ଦଳ ସେଠାରେ ଚଞ୍ଚଲ ସିଂଙ୍କୁ ପ୍ରାର୍ଥୀ କରିଛି। ଜନ ସୁରାଜ ପାର୍ଟିକୁ ସଶକ୍ତ କରିବାରେ ସେ ଉଦ୍ୟମ ଜାରି ରଖିବେ। ଏନ୍‌ଡିଏର ପରାଜୟ ହେବ ବୋଲି ପ୍ରଶାନ୍ତ କହିଛନ୍ତି।

### ନାମାଙ୍କନ କଲେ ତେଜସ୍ୱୀ

ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ବୁଧବାର ରାଘୋପୁର ଆସନରୁ ହ୍ୟାଟ୍ରିକ୍ ବିଜୟ ଆଶାରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାପା ଲାଲୁ ପ୍ରସାଦ ଯାଦବ ଓ ମା' ରାବ୍ରୀ ଦେବୀଙ୍କ ଏହି ପୂର୍ବତନ ଆସନ ପାଇଁ ଉଭୟଙ୍କ ଉପସ୍ଥିତିରେ ହାଜିପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ କରିଛନ୍ତି। ୩୫ ବର୍ଷୀୟ ତେଜସ୍ୱୀ କହିଛନ୍ତି, ସେ ୨ଟି ଆସନରୁ ଲଢ଼ିବେ ବୋଲି ଗୁଜବ ହେଉଥିଲା। କିନ୍ତୁ ରାଘୋପୁର ଭୋଟର ତାଙ୍କ ଉପରେ ୨ ଥର ଆସ୍ଥା ପ୍ରକଟ କରିସାରିଥିବାରୁ ସେ କେବଳ ସେହି ଆସନରୁ ଲଢ଼ିବେ। ତେଜସ୍ୱୀଙ୍କ ମୋଟ ୮.୧ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଥିବା ସେ ନାମାଙ୍କନପତ୍ର ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।



ରାଘୋପୁରା ଆସନରୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ।

### ଦିଲ୍ଲୀରେ ସବୁଜ ବାଣକୁ ସୀମିତ ଅନୁମତି

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

ଦିଲ୍ଲୀ-ଏନ୍‌ସିଆର୍‌ରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ବୁଧବାର ସୁପ୍ରିମକୋର୍ଟ ସସର୍ତ୍ତ ଅନୁମତି ଦେଇଛନ୍ତି। ଦୀପାବଳି ବେଳେ ପରିବେଶ ଓ ସ୍ୱାସ୍ଥ୍ୟ ଚିନ୍ତା ସହ ପରମ୍ପରା ବଜାୟ ରଖିବା ପାଇଁ ଶୀର୍ଷ ଅଦାଲତ ଆସନ୍ତା ୧୮ରୁ ୨୦ ତାରିଖ ମଧ୍ୟରେ ଏହାର ବିକ୍ରି ପାଇଁ ଅନୁମତି ପ୍ରଦାନ କରିଥିବା କହିଛନ୍ତି। ସିଜେଆଇ ବି.ଆର୍. ଗବଇ ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ଅନୁରୋଧ ରକ୍ଷାକରି ବାଣ ନିର୍ମାତାମାନଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ତେବେ ଏହି ୨ ଦିନ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ ମଧ୍ୟରେ ଯେପରି ସବୁଜ ବାଣ ଫୁଟାଯିବ ତାହା ପୋଲିସ ଓ ଜିଲା ପ୍ରଶାସନ ସୁନିଶ୍ଚିତ କରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳର କେଉଁ ସ୍ଥାନଗୁଡ଼ିକରେ ଗ୍ରୀନ୍ କ୍ରାକର ବିକ୍ରି କରାଯିବ ତାହା ମଧ୍ୟ ଜିଲାପାଳମାନେ ଏସ୍‌ପିଙ୍କ ସହ ଆଲୋଚନା କରି ସ୍ଥିର କରିବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

### ଏଏସ୍‌ଆଇ ଆତ୍ମହତ୍ୟା: ଅମ୍‌ନୀତଙ୍କ ନାଁରେ ମାମଲା

**ଚଣ୍ଡିଗଡ଼, ୧୫।୧୦**

ହରିୟାଣା ପୋଲିସ ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର ସନ୍ଦୀପ୍ କୁମାର ମଙ୍ଗଳବାର ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଏହି ମାମଲାରେ ରୋହତକ ସଦର ଥାନା ପୋଲିସ ପକ୍ଷରୁ ଗତ ସପ୍ତାହରେ ଆତ୍ମହତ୍ୟା କରିଥିବା ହରିୟାଣା ପୋଲିସ ଆଇଜି ୱାଇ. ପୁରନ କୁମାରଙ୍କ ସ୍ତ୍ରୀ ତଥା ଆଇଏଏସ୍ ଅଧିକାରୀ ଅମ୍‌ନୀତ ପି. କୁମାର ଏବଂ ୩ ଅନ୍ୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।



ପୁରନଙ୍କ ସୁରକ୍ଷା କର୍ମୀ ସୁଶୀଲ, ବଠିଣ୍ଡା ଗ୍ରାମୀଣ ବିଧାୟକ ଅମିତ ରତ୍ନ ଏବଂ ଅନ୍ୟ ଜଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସନ୍ଦୀପ୍ ନିଜ ଆତ୍ମହତ୍ୟା ପାଇଁ ପୁରନ ଓ ତାଙ୍କ ସ୍ତ୍ରୀ ଅମ୍‌ନୀତଙ୍କୁ ଦାୟୀ କରିଥିଲେ। ଆତ୍ମହତ୍ୟା ପୂର୍ବରୁ ସେ ୬ ମିନିଟ୍‌ର ଏକ ଭିଡିଓ କରିଥିବା ସହ ୩ ପୃଷ୍ଠାର ଏକ ନୋଟ୍ ଛାଡ଼ିଯାଇଥିଲେ, ଯେଉଁଥିରେ ଆଇପିଏସ୍ ଅଫିସର ପୁରନ୍ ଓ ତାଙ୍କ ପରିବାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି। ଅନ୍ୟପକ୍ଷେ ବୁଧବାର ଆତ୍ମହତ୍ୟାର ନବମ ଦିନରେ ପୁରନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## କେନିଆର ପୂର୍ବ ପ୍ରଧାନମନ୍ତ୍ରୀ ରୈଲା ଓଡିଙ୍ଗାଙ୍କ ପରଲୋକ

**ଥିରୁଭାନନ୍ତପୁରମ୍, ୧୫।୧୦**



କେନିଆର ପୂର୍ବ ପ୍ରଧାନମନ୍ତ୍ରୀ ରୈଲା ଓଡିଙ୍ଗା (୮୦)ଙ୍କର ପରଲୋକ ହୋଇଯାଇଛି। ବୁଧବାର ସକାଳେ କେରଳର କୁଥଟ୍ଟୁକୁଲମଠାରେ ପ୍ରାତଃ ଭ୍ରମଣ କରୁଥିବାବେଳେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଓଡିଙ୍ଗା ନିଜ ଆୟୁର୍ବେଦିକ ଚିକିତ୍ସା ପାଇଁ ଗତ କିଛିଦିନ ହେବ ଭାରତରେ ଥିଲେ। ୪ ଦଶନ୍ଧିରୁ ଅଧିକ ସମୟ ଧରି କେନିଆ ରାଜନୀତିରେ ସକ୍ରିୟ ଥିବା ଓଡିଙ୍ଗା ୨୦୦୮ରୁ ୨୦୧୩ ମଧ୍ୟରେ ଦେଶର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି।

## ମହାଭାରତର କର୍ଣ୍ଣଙ୍କ ଦେହାନ୍ତ

**ମୁମ୍ବାଇ, ୧୫।୧୦**

ବିଶିଷ୍ଟ ଅଭିନେତା ପଙ୍କଜ ଧୀରଙ୍କ ବୁଧବାର ପରଲୋକ ହୋଇଯାଇଛି। ୧୯୮୮ରେ ବି.ଆର୍. ଚୋପ୍ରାଙ୍କ ଲୋକପ୍ରିୟ ଟିଭି ଧାରାବାହିକ 'ମହାଭାରତ'ରେ କର୍ଣ୍ଣ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ପଙ୍କଜଙ୍କୁ ୬୮ ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ପୀଡ଼ିତ ହୋଇ ଗତ କିଛିମାସ ଧରି ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ପଙ୍କଜଙ୍କ ଅଭିନୀତ ଲୋକପ୍ରିୟ ଧାରାବାହିକଗୁଡ଼ିକ ମଧ୍ୟରେ ଚନ୍ଦ୍ରକାନ୍ତା, ବଡ଼ୋ ବହୂ, ଜି ହରର୍ ଶୋ', କାନୁନ, ଶଶୁରାଲ ସିମର କା ଆଦି ରହିଥିଲା। ସୋଲଜରକ ଆନନ୍ଦ, ବାଦ୍‌ଶାହ, ତୁମ୍‌କୋ ନା ଭୁଲ୍ ପାୟେଙ୍ଗେ ଭଳି ହିନ୍ଦୀ ଫିଲ୍ମରେ ମଧ୍ୟ ପଙ୍କଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ମନ ମୋହିଥିଲେ। ପଙ୍କଜ ପଞ୍ଜାବ ବାସିନ୍ଦା ଥିଲେ। ୨୦୧୦ରେ ପଙ୍କଜ ଅଭିନୟ ଆକ୍ଟିଂ ଏକାଡେମୀ ପ୍ରତିଷ୍ଠା କରିଥିଲେ,



ପଙ୍କଜ ଧୀର

ଯାହାକି ଅନେକ ଆକାଂକ୍ଷୀ ଅଭିନେତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିଲା। ପଙ୍କଜ ୧୯୮୦ ଦଶକରେ ଅନେକ ଫିଲ୍ମରେ ଛୋଟ ରୋଲ୍‌ରେ ନଜରକୁ ଆସିଥିଲେ। କିନ୍ତୁ ମେଗାସିରିଏଲ୍ 'ମହାଭାରତ' ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ଚନ୍ଦ୍ରକାନ୍ତାର ଶିବଦତ୍ତ (ବିଷପୁରୁଷ) ମଧ୍ୟ ତାଙ୍କ ଆଣ୍ଟି-ହିରୋ ଭାବମୂର୍ତ୍ତିକୁ ଆହୁରି ମଜବୁତ କରିଥିଲା। ୨୦୨୪ର ଧ୍ରୁବ ତାରା: ସମୟ ସଦିରେ ପରେ ତାଙ୍କ ଅଭିନୀତ ଶେଷ ଟିଭି ସିରିଏଲ୍। ମୁମ୍ବାଇର ସାଣ୍ଟାକ୍ରୁଜ୍‌ସ୍ଥିତ ପବନ ହଂସ ଶ୍ମଶାନରେ ଅପରାହ୍ନ ୪ଟାରେ ପଙ୍କଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ମୃତ୍ୟୁଦଣ୍ଡ ପାଇଁ ଇଞ୍ଜେକ୍ସନ: ସୁପ୍ରିମକୋର୍ଟରେ କେନ୍ଦ୍ରର ବିରୋଧ

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

ଗମ୍ଭୀର ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳିଥିଲେ ନିର୍ଦ୍ଧାରିତ ସମୟରେ ତାଙ୍କୁ ଫାଶୀଖୁଣ୍ଟରେ ଝୁଲାଯାଇଥାଏ। ଭାରତରେ ମୃତ୍ୟୁଦଣ୍ଡର ଏହା ହେଉଛି ପାରମ୍ପରିକ ବିଧାନ। ଏହି ପ୍ରଚଳିତ ବ୍ୟବସ୍ଥା ପରିବର୍ତ୍ତେ ଘାତକ ଇଞ୍ଜେଶକ୍ସନ ଦେଇ ମୃତ୍ୟୁଦଣ୍ଡ ଦେବା ନେଇ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି, ଯାହାକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟା ବୁଧବାର ଶୁଣାଣି ବେଳେ କହିଛନ୍ତି, ଏଭଳି ପରିବର୍ତ୍ତନ ପାଇଁ କେନ୍ଦ୍ର ପ୍ରସ୍ତୁତ ନୁହେଁ। ଆବେଦନକାରୀଙ୍କ ପକ୍ଷରୁ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିବା ବରିଷ୍ଠ ଆଇନଜୀବୀ ଋଷି ମାଲହୋତ୍ରା ଯୁକ୍ତି ବାଢ଼ିଥିଲେ, ଦୋଷୀଙ୍କୁ ଅନ୍ୟୂନ ଗୋଟିଏ ବିକଳ୍ପ ଦିଆଯିବା ଉଚିତ। ଫାଶୀଖୁଣ୍ଟରେ ଝୁଲିବେ ନା ଘାତକ ଇଞ୍ଜେକ୍ସନ ନେଇ ମୃତ୍ୟୁବରଣ କରିବେ ତାହା ସମ୍ପୃକ୍ତ କଏଦୀ ଚୟନ କରିବେ। ଆମେରିକାର ୫୦ ରାଜ୍ୟରୁ ୪୯ ରାଜ୍ୟ ଘାତକ ଇଞ୍ଜେକ୍ସନ ବ୍ୟବସ୍ଥା ଆପଣାଉଛନ୍ତି। ଫାଶୀଖୁଣ୍ଟରେ ଝୁଲାଇବାର ୪୦ ମିନିଟ୍ ପର୍ଯ୍ୟନ୍ତ ଦଉଡ଼ିରେ ଶରୀର ଝୁଲି ରହିଥାଏ। ଏପରି ବର୍ବର ଓ କ୍ରୂର ଉପାୟ ତୁଳନାରେ ଇଞ୍ଜେକ୍ସନ ଜରିଆରେ ଦଣ୍ଡବିଧାନ ଅଧିକ ମାନବୀୟ ଓ ଉପଯୁକ୍ତ। ତେବେ ଜଷ୍ଟିସ୍ ମେହେଟ୍ଟା ଏପରି ଏକ ବିକଳ୍ପ ପାଇଁ କେନ୍ଦ୍ରକୁ ପରାମର୍ଶ ଦେବା ପାଇଁ ବରିଷ୍ଠ ଆଇନଜୀବୀ ସୋନିଆ ମାଥୁରଙ୍କୁ ପ୍ରସ୍ତାବ ଦେଇଛନ୍ତି। ନଭେମ୍ବର ୧୧ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ହେବ।

## ଜୁବିନ୍ ଗର୍ଗ ମୃତ୍ୟୁ ମାମଲା: ଆସାମ ଜେଲ ବାହାରେ ହିଂସା

**ଗୁଆହାଟୀ, ୧୫।୧୦**

ଆସାମର ବକ୍‌ସାସ୍ଥିତ ଜିଲା କାରାଗାର ସମ୍ମୁଖରେ ବୁଧବାର ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଥିଲା। ଲୋକପ୍ରିୟ ସଙ୍ଗୀତଜ୍ଞ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କୁ ବୁଧବାର ଗୁଆହାଟୀର ଏକ ସ୍ଥାନୀୟ କୋର୍ଟ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଛନ୍ତି। ଏହାପରେ ୫ ଅଭିଯୁକ୍ତଙ୍କୁ ପୋଲିସ ଗାଡ଼ିରେ ନେଇ ବକ୍‌ସା ଜିଲା କାରାଗାରକୁ ଆଣୁଥିବାବେଳେ ସେଠାରେ ଅନେକ ସଂଖ୍ୟକ ଜୁବିନ୍‌ଙ୍କ ପ୍ରଂଶସକ ଏକତ୍ରିତ ହୋଇ ପୋଲିସ ଗାଡ଼ି ଉପରେ ଟେକାପଥର ମାଡ଼ କରିଥିଲେ। ଫଳରେ ପୋଲିସ ଲାଠିଚାର୍ଜ କରିବା ସହ



ବକ୍‌ସା ଜେଲ୍ ସମ୍ମୁଖରେ ଜୁବିନ୍ ଗର୍ଗଙ୍କ ପ୍ରଶଂସକମାନେ ପୋଲିସ ଗାଡ଼ିକୁ ଜାଳି ଦେଇଛନ୍ତି।

ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏହି ସମୟରେ କିଛି ବ୍ୟକ୍ତି ଏକ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ତେବେ କିଛି ଘଣ୍ଟା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ହିଂସା ପରେ ବକ୍‌ସା ଜେଲ ବାହାରେ ଭାରୀ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଜୁବିନ୍‌ଙ୍କ ମୃତ୍ୟୁକୁ ନେଇ ତଦନ୍ତ ନିରପେକ୍ଷ ଭାବରେ

### ଗିରଫ ଅଭିଯୁକ୍ତଙ୍କୁ ପ୍ରଶଂସକଙ୍କ ଆକ୍ରମଣ

ଚାଲିଛି। ତେଣୁ ଶାନ୍ତି ବଜାୟ ରଖିବାକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜୁବିନ୍‌ଙ୍କ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି। ଜୁବିନ୍‌ଙ୍କ ମୃତ୍ୟୁ ମାମଲାରେ ନର୍ଥ ଇଷ୍ଟର୍ନ ଫେଷ୍ଟିଭାଲର ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହାନ୍ତ, ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ତାଙ୍କ ସମ୍ପର୍କୀୟ ଭାଇ ତଥା ନିଲମ୍ବିତ ପୋଲିସ ଅଧିକାରୀ ସନ୍ଦିପନ୍ ଗର୍ଗ, ଜୁବିନ୍‌ଙ୍କ ୨ ଜଣ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ଗିରଫ କରାଯାଇଛି।




## ‘ଧରିତ୍ରୀ’ ପ୍ରଭାବ

# ୭ ଅଧିକାରୀଙ୍କ ବଦଳି ସ୍ଥଗିତ

**ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ପ୍ରସଙ୍ଗ**

**‘ଏମ୍‌ସିସି’ ଉଲ୍ଲଂଘନ ନେଇ ମଗାଯାଇଛି ରିପୋର୍ଟ**

ଭୁବନେଶ୍ୱର,୧୫।୧୦ (ରବିନାରାୟଣ ଜେନା)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକୁ ଅବମାନନା କରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଏବେ ଅକଳରେ। ବିଭାଗ ପକ୍ଷରୁ ସୋମବାର ଏବଂ ମଙ୍ଗଳବାର ଯେଉଁ ଅଧିକାରୀଙ୍କୁ ନୂଆପଡ଼ାରେ ନିଯୁକ୍ତି ଓ ବଦଳି କରାଯାଇଥିଲା, ସେଥିମଧ୍ୟରୁ ୭ ଜଣଙ୍କ ଆଦେଶକୁ ବୁଧବାର ସ୍ଥଗିତ ରଖାଯାଇଛି। ହେଲେ ୧୩ ତାରିଖରେ ଜାରି ବିଜ୍ଞପ୍ତିରେ ବିଜୟ କୁମାର ମାଝୀଙ୍କୁ ନବରଙ୍ଗପୁରରୁ ନୂଆପଡ଼ା ଖରିଆର ଫିଶ୍ ଫାର୍ମକୁ ଓ ଖରିଆର ଫିଶ୍ ଫାର୍ମରେ ଥିବା ଭବାନୀ ଶଙ୍କର ପଣ୍ଡାଙ୍କୁ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟକୁ ଯେଉଁ ବଦଳି କରାଯାଇଥିଲା, ସେନେଇ ବିଭାଗ ପକ୍ଷରୁ କୌଣସି ସ୍ଥଗିତାଦେଶ ବୁଧବାର ଅପରାହ୍ଣ ସୁଦ୍ଧା ଜାରି ହୋଇ ନ ଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ରିପୋର୍ଟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗକୁ ମଗାଯାଇଛି। ବିଭାଗ ଏନେଇ କ’ଣ ଉତ୍ତର ଦେଉଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଚଳିତମାସ ୧୩ ଏବଂ ୧୪ ତାରିଖରେ ୩୬୩ ଜଣ ଓଭିଏସ୍ ଏବଂ ମତ୍ସ୍ୟ ଅଧିକାରୀଙ୍କୁ ନୂଆପଡ଼ା ସମେତ ବିଭିନ୍ନ ଜିଲାକୁ ବଦଳି ଓ ପୋଷ୍ଟିଂ କରାଯାଇଥିଲା। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗତ ସୋମବାରଠାରୁ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏହା ପୂର୍ବରୁ ଚଳିତମାସ ୬ ତାରିଖରୁ ସମ୍ପୂର୍ଣ୍ଣ ନୂଆପଡ଼ା ଜିଲାରେ ଆଦର୍ଶ ଆଚରଣବିଧି(କୋଡ୍ ଅଫ୍ କଣ୍ଡକ୍ଟ) ଲାଗୁ ହୋଇସାରିଛି। ନୂଆପଡ଼ା ଜିଲାରେ ଉପନିର୍ବାଚନ ଲାଗି ଆଦର୍ଶ ଆଚରଣବିଧି ବଳବତ୍ତର ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କିଭଳି ଉକ୍ତ ଜିଲାରେ ସଂଖ୍ୟାଧିକ ଭେଟେରିନାରି ଓ ଫିଶେରୀ ସେବା ବର୍ଗର ଅଧିକାରୀଙ୍କୁ ବଦଳି ଓ ପୋଷ୍ଟିଂ କରାଗଲା, ସେନେଇ ବିଭାଗୀୟ ଅଧିକାରୀଙ୍କ ଅଭିଯୋଗକୁ ଆଧାରକରି ‘ଧରିତ୍ରୀ’ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ୧୫ତାରିଖରେ ପ୍ରକାଶ ପାଇଥିଲା। ଏହାକୁ ନେଇ ବୁଧବାର ୭ ଜଣ ଅଧିକାରୀଙ୍କ ବଦଳି ଓ ପୋଷ୍ଟିଂ ଉପରେ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି ହୋଇଥିଲେ ହେଁ ଆଉ କେତେଜଣ ଅଧିକାରୀଙ୍କ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇନାହିଁ।

ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ବଦଳି ସ୍ଥଗିତାଦେଶ ମଧ୍ୟରେ ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ରେ କାର୍ଯ୍ୟରତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ଡା. ଶିବାନୀ ସୋନିଙ୍କୁ କଟକ–ବକ୍ସିବଜାର ଭିଏଏସ୍ ରେଫରାଲ ହସ୍ପିଟାଲକୁ ବଦଳି କରାଯାଇଥିବାବେଳେ ବଲାଙ୍ଗୀର ବଙ୍ଗମୁଣ୍ଡାରୁ ଭିଏଏସ୍ ଡା. ସତ୍ୟବ୍ରତ ପରିଡ଼ାଙ୍କୁ ନୂଆପଡ଼ା ଭିଏଏସ୍(ଏମ୍‌ଭିୟୁ), ପୁରୀ ଗୋପର ଭିଏଏସ୍ ଡା. ସାଗର ସାହୁଙ୍କୁ କୋମନା ବ୍ଲକର ଏଭିଏଏସ୍ ଭାବେ ଏବଂ ନୂଆପଡ଼ା କୋମନା ବ୍ଲକରେ ଥିବା ଡା. ପ୍ରତିଭା ମାଝୀଙ୍କୁ କଳାହାଣ୍ଡି ଏମ୍. ରାମପୁରକୁ ଏଭିଏଏସ୍ ଭାବେ ବଦଳି ନିର୍ଦ୍ଦେଶ ରହିଛି।

ସେହିପରି ବରିଷ୍ଠ ଓଭିଏସ୍ ଡା. ଶମ୍ଭୁପ୍ରସାଦ ସାହୁଙ୍କୁ ବଲାଙ୍ଗୀର ଦେଓଗାଁରୁ ନୂଆପଡ଼ା ଏଡିଭିଓ(ଡିସି) ଭାବେ, ବାଲେଶ୍ୱର ଏସ୍‌ଡିଭିଓ ଡା. ସୁଖେନ୍ଦୁ ରାୟଙ୍କୁ ନୂଆପଡ଼ା ସିଡିଭିଓ ଏବଂ ନୂଆପଡ଼ା ଏଡିଭିଓ ଡା. ବାଳକୃଷ୍ଣ ଦ୍ୱିବେଦୀଙ୍କୁ ଭୁବନେଶ୍ୱର ଏସ୍‌ଡିଭିଓ ଭାବେ ବଦଳି ଆଦେଶକୁ ମଧ୍ୟ ସ୍ଥଗିତ ରଖାଯାଇଛି।

# ବର୍ଷକର ଶିଶୁକୁ ଛାଡ଼ି ପ୍ରେମିକ ସହ ମାଆ ଫେରାର

**ଥାନାରେ ଅଭିଯୋଗକଲେ ପ୍ରେମିକଙ୍କ ସ୍ତ୍ରୀ**

ନବରଙ୍ଗପୁର,୧୫।୧୦(ସଦାଶିବ ପ୍ରହରାଜ)

ଦୁଇଟି ପିଲାର ବାପାଙ୍କ ପ୍ରେମରେ ପଡ଼ିଥିଲେ ୨ ସନ୍ତାନର ମା’। ବୁଧବାର ସମ୍ପୃକ୍ତ ମହିଳା ଜଣକ ବର୍ଷକର ଶିଶୁକନ୍ୟାକୁ ରାସ୍ତାରେ ଛାଡ଼ିଦେଇ ପ୍ରେମିକ ସହ ଫେରାର ହୋଇଯାଇଥିବା ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ମୋତିଗାଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ସ୍ୱାମୀ ଓ ଶାଶୁଘର ଲୋକଙ୍କୁ ଶିଶୁକନ୍ୟାଟିକୁ ହସ୍ତାନ୍ତର କରିବାକୁ ଉଦ୍ୟମ କରିଥିଲେ। ତେବେ ସେମାନେ ଶିଶୁଟିକୁ ନେବାକୁ ମନା କରିଦେଇଥିବାରୁ ନବରଙ୍ଗପୁର ଶିଶୁ ସୁରକ୍ଷା ବିଭାଗକୁ ଯୋଗାଯୋଗ କରାଯାଇ ହସ୍ତାନ୍ତର କରିବାକୁ ଉଦ୍ୟମ କରିଥିଲେ। ଶିଶୁଟି ବହୁତ କାନ୍ଦୁଥିବାରୁ ଶେଷରେ ତାଙ୍କ ଆଈଅଜାଙ୍କୁ ହସ୍ତାନ୍ତର କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟୀ ନାୟକ କହିଛନ୍ତି। ପ୍ରକାଶ ଯେ, ମହିଳା ଜଣକ ପରମେଶ୍ୱର ଜଗତ ନାମକ ଜଣେ ବିବାହିତ ପୁରୁଷଙ୍କୁ ଦୀର୍ଘଦିନ ହେବ ପ୍ରେମ କରୁଥିଲେ। ଏକଥା ପ୍ରଘଟ ହେବାପରେ ପ୍ରେମୀ ଯୁଗଳ ଫେରାର ହୋଇ ଯାଇଥିଲେ। ତେବେ ଏ ନେଇ ପରମେଶ୍ୱରଙ୍କର ସ୍ତ୍ରୀ ଅନିତା ବେଶ୍ରା ଥାନାରେ ଏତଲା ଦେଇଛନ୍ତି। ପ୍ରେମୀ ଯୁଗଳଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୮୫,୮୨(୨),୧୧୫(୨)୩୫୧(୨) ୩(୫) ପ୍ରକାରେ ମାମଲା ରୁଜୁ କରାଯାଇଛି।

# ମନ୍ଦିରରୁ ଝୁଲନ୍ତା ଅବସ୍ଥାରେ ମିଳିଲା ୨ ମୃତଦେହ

- **କିନ୍ନର ପୂଜକ, ମିସ୍ତ୍ରି ଆତ୍ମହତ୍ୟା କରିଥିବା ଅଭିଯୋଗ**
- **ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତ ପରେ ପୋଲିସର ସୂଚନା**

ଜୟପୁର, ୧୫।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୋପବନ୍ଧୁ ନଗରସ୍ଥିତ କନକଦୁର୍ଗା ମନ୍ଦିର ପରିସରରେ ବୁଧବାର ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ମୃତଦେହ ମିଳିଛି। ମୃତକ ହେଲେ ମନ୍ଦିର ପୂଜକ ତୃତୀୟ ଲିଙ୍ଗୀ ରାଜୁ ମାଛ ଓ ପାଇକ ସାହି ସମରା ଜାନୀ। ତେବେ ୨ ମୃତକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଟାଉନ ଥାନା ପୋଲିସ ପ୍ରକାଶ କରିଛି।

ସୂଚନାନୁଯାୟୀ, ଗୋପବନ୍ଧୁନଗରରେ ଥିବା କନକଦୁର୍ଗା ମନ୍ଦିର ପୂଜକ ଭାବେ ରାଜୁ ମାଛ କାର୍ଯ୍ୟ କରୁଥିଲେ। ସମରା ଜାନୀ ସ୍ଥାନୀୟ ଅଞ୍ଚଳରେ ମିସ୍ତ୍ରିଭାବେ କାମ କରନ୍ତି। ତେବେ ବୁଧବାର ସକାଳେ ଏକ ଲାଲରଙ୍ଗର ଶାଢ଼ିରେ ୨ ଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ଜୟପୁର ଟାଉନ ପୋଲିସକୁ ଖବର ଦେଇଥିଲେ। ଜୟପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହକୁ ତଳକୁ ଓହ୍ଲାଇ ପଞ୍ଚନାମାକରି ବ୍ୟବଚ୍ଛେଦ ପାଇଁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଜୟପୁର ଟାଉନ ପୋଲିସ ୨୫/୨୫ ଓ ୨୬ /୨୫ ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବା କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଏବେ ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି।

राष्ट्रीय परीक्षा एजेंसी
National Testing Agency
Excellence in Assessment
सत्यमेव जयते
Department of Social Justice & Empowerment
Ministry of Social Justice & Empowerment
Government of India

ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ

**ଲକ୍ଷ୍ୟିତ ଅଞ୍ଚଳଗୁଡ଼ିକରେ ଉଚ୍ଚତର ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଆବାସିକ ଶିକ୍ଷା ଯୋଜନା**
**[ଶ୍ରେଷ୍ଠା (ଏନ୍‌ଇଟିଏସ୍) - ୨୦୨୬] ନିମନ୍ତେ ଅନ୍‌ଲାଇନ୍ ଆବେଦନ ଆହ୍ୱାନ ସମ୍ବନ୍ଧୀୟ ଘୋଷଣା**

ଜାତୀୟ ପରୀକ୍ଷା ଏଜେନ୍ସି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତରଫରୁ ଶିକ୍ଷାବର୍ଷ ୨୦୨୬–୨୭ ପାଇଁ ଅନୁସୂଚିତ ଜାତି (ଏସ୍‌ସି)ର ବିଦ୍ୟାର୍ଥୀଙ୍କ ପାଇଁ ୯ମ ଓ ୧୧ଶ ଶ୍ରେଣୀରେ ନାମଲେଖା ନିମନ୍ତେ ଶ୍ରେଷ୍ଠା (ଏନ୍‌ଇଟିଏସ୍)–୨୦୨୬ ସଞ୍ଚାଳନ କରିବାକୁ ଯାଉଛି । ଶ୍ରେଷ୍ଠା କେବଳ ଅନୁସୂଚିତ ଜାତି (ଏସ୍‌ସି)ର ମେଧାବୀ ବିଦ୍ୟାର୍ଥୀଙ୍କ ଉଚ୍ଚମାନର ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏକ ଯୋଜନା ଅଟେ ।

| | |
|---|---|
| ଅନ୍‌ଲାଇନରେ ଆବେଦନ ପତ୍ର ଦାଖଲ | ତା୧୦।୧୦।୨୦୨୫ରୁ ୩୦।୧୦।୨୦୨୫ରିଖ |
| ପରୀକ୍ଷା ତାରିଖ | ଡିସେମ୍ବର, ୨୦୨୫ ମାସରେ |
| ପରୀକ୍ଷା ପଦ୍ଧତି | କଲମ ଓ କାଗଜ ପଦ୍ଧତି (ଓଏମ୍‌ଆର୍) |
| ପ୍ରଶ୍ନପତ୍ର ଢାଞ୍ଚା | ବସ୍ତୁନିଷ୍ଠ ପ୍ରକାର ପ୍ରଶ୍ନାବଳୀ (ଏମ୍‌ସିକ୍ୟୁ) |

ସୂଚନା ବୁଲେଟିନ୍ ସମେତ ପରୀକ୍ଷା ଲାଗି ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ ଅନ୍ୟାନ୍ୟ ବିବରଣୀ ଜାତୀୟ ପରୀକ୍ଷା ଏଜେନ୍ସିର ଆନୁଷ୍ଠାନିକ ୱେବ୍‌ସାଇଟ୍(ଗୁଡ଼ିକ) www.nta.ac.in ଏବଂ https://exams.nta.nic.in/shreshta/ରେ ଉପଲବ୍ଧ ।

ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଶେଷ ତାରିଖ କିମ୍ବା ତାହା ପୂର୍ବରୁ ଆବେଦନ କରିବା ଏବଂ ସଦ୍ୟତମ ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆନୁଷ୍ଠାନିକ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି ।

ଶ୍ରେଷ୍ଠା–୨୦୨୬ ନିମନ୍ତେ ଆବେଦନ କରିବା ସମୟରେ ଯଦି କୌଣସି ପ୍ରାର୍ଥୀ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେ ୦୧୧–୪୦୭୫୯୦୦୦/୦୧୧–୬୯୨୨୭୭୦୦ ସହ ଯୋଗାଯୋଗ କରିପାରନ୍ତି କିମ୍ବା shreshta@nta.ac.in ରେ ଇମେଲ୍ କରିପାରନ୍ତି ।

ସ୍ୱା./–
(ନିର୍ଦ୍ଦେଶକ)

cbc 21354/12/0003/2526



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସ୍ୱପ୍ନଭୂମି ପକ୍ଷରୁ ସଙ୍ଗୀତ ନୃତ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟନ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- କଟକର ଭାଇଚାରା ପାଇଁ ଦିବସବ୍ୟାପୀ ପ୍ରାୟଶ୍ଚିତ ଓ ସଂକଳ୍ପ ସତ୍ୟାଗ୍ରହ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିଜଡମ ପ୍ରେକ୍ଷାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ
- ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଜୟନ୍ତୀ ଅବସରରେ ଦୀପଦାନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା ୩୦।
- ବ୍ଲକ ସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସର, ସମୟ ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁ ମହାବିଦ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ସମୟ: ଅପରାହ୍ନ ୩ଟା।
- ରାମଚରିତ ମାନସ ପାରାୟଣ, ସ୍ଥାନ: ଶରଧାବାଲି ଅଭୟ ମହାବୀର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ବାଲେଶ୍ୱର, ସମୟ: ସକାଳ ୯ଟା।
- ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ ଗୃହ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ନନ୍ଦୁର ପଞ୍ଚାୟତ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମା କାଳିନ୍ଦ୍ରୀ ଟ୍ରକ୍ ମାଲିକ ସଂଘର ୨ୟ ଦିନ ଧାରଣା, ସ୍ଥାନ: ଭାଗଡ଼ା ନାରାୟଣପୁର ଟୋଲ ଗେଟ୍, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର
- ବିଶ୍ୱ ଖାଦ୍ୟ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିବସ, ସ୍ଥାନ: ପଥରଚାଟିଆ, ରାସଗୋବିନ୍ଦପୁର, ସମୟ:ରାତି ୮ଟା।

## ବ୍ରହ୍ମପୁର
- ଜିଲା ବିଜେଡି ପକ୍ଷରୁ ଦୀପଦାନ, ସ୍ଥାନ: ବୁଢ଼ୀ ଠାକୁରାଣୀ ପୀଠ,ସମୟ: ସକାଳ ୭ଟା।
- 
- ପ୍ରଭୁ ମଞ୍ଜୁଳ ମିଳନ ସ୍ତମ୍ଭ ଉଦ୍‌ଘାଟନ, ସ୍ଥାନ: ରାମଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।।

## ଗଞ୍ଜାମ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଆସିକା ତାଲୁକା ଛକ ଏନଏସି କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ୬୯ ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ ଚାମ୍ପିୟାନଶିପ, ସ୍ଥାନ: ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ
- ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଉପରେ ସମୀକ୍ଷା, ସ୍ଥାନ: ଫୁଲବାଣୀ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ
- ଓଡିଶା କୃଷକ ସଭାର ଜିଲା ସମ୍ମିଳନୀ, ସ୍ଥାନ: ଲେଖକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓରତ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର
- ବାକି ପଡିଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା, ସ୍ଥାନ : ପ୍ଲାନିଂ ଡେପୁଟି ଡାଇରେକ୍ଟଙ୍କ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା୩୦।

## ନୟାଗଡ଼
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞରେ ପୂର୍ଣ୍ଣାହୂତି, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ରାମ ଭରତ ମିଳନ,ଦଣ୍ଡକାରଣ୍ୟ ଲୀଳା, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।

## ରାୟଗଡ଼ା
- ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ପାଳନ ଓ ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ଗାନ୍ଧୀ ପାର୍କ ଓ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା, ସ୍ଥାନ: ଉମରକୋଟ, ସମୟ: ସକାଳ ୯ଟା।
- ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ 'ସୁରଭି', ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଗ୍ରାମ ପଞ୍ଚାୟତର ଭୂମିକା ଉପରେ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଡିଏଭିଭିଏସ୍ ପକ୍ଷରୁ ପୁସ୍ତକ ମେଳା, ସ୍ଥାନ: ହାଲ କଲ୍ୟାଣ ମଣ୍ଡପ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଆଇସିଏଆର୍ ପକ୍ଷରୁ କୃଷି ସମ୍ବନ୍ଧରେ ସଚେତନତା ସହ କୃଷି ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ପଞ୍ଚାୟତ, ଚୌଉଗାଁ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଓଡ଼ିଶା ରାଜ୍ୟ ସହକାର ନୀତି–୨୫ ଶୀର୍ଷକ ଆଞ୍ଚଳିକ କର୍ମଶାଳା, ସ୍ଥାନ : ରିଭର ଇନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ୧୦ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ–୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ପ୍ରସ୍ତୁତ ଶ୍ରୀରମ ଅଯୋଦ୍ଧା ଫିରୁଛନ ସମ୍ବଲପୁରୀ ନାଟକର ଅନ୍ତିମ ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଲନ୍ ବଲ ପ୍ରଶିକ୍ଷଣ ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ।

## ରାଉରକେଲା
- ଛଟ୍ ପୂଜା ଲାଗି ଘାଟ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ତାନିଷ୍କର ନୂତନ ଶୋ'ରୁମ ଉଦ୍‌ଘାଟନ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୧ଟା।
- ପୋଷ୍ଟାଲ ସଂଘ ପକ୍ଷରୁ ସାମୂହିକ ବିକ୍ଷୋଭ, ସ୍ଥାନ: ସେକ୍ଟର– –୨୧, ରାଉରକେଲା ଡିଭିଜନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଉପରେ ଆଲୋଚନାଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ରକ୍ତ ଦାନ ଶିବିର, ସ୍ଥାନ: ଦେବଗଡ଼ ଲାଲୁ ସାହିସ୍ଥିତ ବିଜେଡି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କରେ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ମୁନ୍ ହୋଟେଲ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ପଣ୍ଡିଆପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ, ସ୍ଥାନ: ଖରିଆର ରୋଡ୍ ଏଫ୍‌ସିଆଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ସବ୍‌ସିଡି ପାଇଥିବା ...
ୟୁନିଟ୍‌ର ଯାଞ୍ଚ କରାଯାଇଥିଲା। ହେଲେ ଏଥିମଧ୍ୟରୁ ୨୯୦୯ଟି ବୃହତ୍ ୟୁନିଟ୍‌ର କୌଣସି ପତ୍ତା ମିଳୁନାହିଁ। ବୈଠକର ସୂଚନା ଅନୁଯାୟୀ, ମାଲକାନଗିରି ଓ ବରଗଡ଼ ଜିଲାରେ ପିଏମ୍‌ଇଜିପି ଠିକଣା ଭାବେ କାର୍ଯ୍ୟକାରୀ ହେଉଛି। ଏହି ଦୁଇ ଜିଲାରେ ପ୍ରାୟ ୯୦ପ୍ରତିଶତ ୟୁନିଟ୍ ଭଲ ପ୍ରଦର୍ଶନ କରୁଛନ୍ତି। ସରକାରୀ ରିହାତି ପାଇ ଉଦ୍ୟୋଗକୁ ଠିକଣା ଭାବେ କାର୍ଯ୍ୟକାରୀ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଯୋଗାଇ ଦେଉଛନ୍ତି। ମାତ୍ର ଯାଜପୁର, ମୟୂରଭଞ୍ଜ, ଝାରସୁଗୁଡ଼ା ଭଳି ଜିଲାରେ ପିଏମ୍‌ଇଜିପି କାର୍ଯ୍ୟକାରିତାରେ ପଛରେ ରହିଛି। ଏହି ଜିଲାଗୁଡ଼ିକରେ ୫୦ପ୍ରତିଶତ ୟୁନିଟ୍ ମଧ୍ୟ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବୈଠକରେ କେଭିଆଇସି ପକ୍ଷରୁ ଅବଗତ କରାଯାଇଥିଲା ଯେ, ଇତିମଧ୍ୟରେ ସରକାରୀ ରିହାତି ବାବଦ ୫୩.୧୪ କୋଟି ଟଙ୍କା ୧୯୮୧ଟି ୟୁନିଟ୍‌କୁ ଯୋଗାଇ ଦିଆଯାଇଛି। ଚଳିତବର୍ଷ ରାଜ୍ୟରେ ପିଏମ୍‌ଇଜିପିରେ ୫ ହଜାର ପ୍ରକଳ୍ପ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ୧୮୬ କୋଟି ଟଙ୍କାର ରିହାତି ଦେବାକୁ ବୈଠକରେ ସ୍ଥିର ହୋଇଛି।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଟିମିଟି କଣା ନ ଥାଏ ଠିକଣା**
**ଟେରା କଣା ବଡ଼ ମନ୍ଦରେ**
**ଯହିଁ ଥାଏ ଏକ–ଆଖିଆ କଣା**
**ନିଇତି ଲଗାଏ ଦ୍ୱନ୍ଦ୍ୱରେ ।**

ଟେରା ଏବଂ କଣା ବ୍ୟକ୍ତି ଅତି ଖରାପ ବୋଲି ସମାଜରେ ସୂଚିତ ହୋଇଥାନ୍ତି। ଏକ ଆଖିଆ କଣା ବ୍ୟକ୍ତି ମଧ୍ୟ ଅତ୍ୟନ୍ତ ଦ୍ୱନ୍ଦ୍ୱମୁଖର ହୋଇଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଇଏ କି ବିଧିର ଲୀଳା–ଖେଳା**
**କୁଆ ବେକରେ ତୁଳସୀ ମାଳା !**

କୁଅଭ୍ୟାସରେ ପରିପୂର୍ଣ୍ଣ ଥିବା ବ୍ୟକ୍ତି ନିଜକୁ ସଚ୍ଚୋଟ ବୋଲି ଦେଖେଇ ହେବା ସହ ଅନ୍ୟ ଆଗରେ ନିଜର ଗୁଣଗାନ କରିବାରେ ସିଦ୍ଧହସ୍ତ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ଉପର ଚିକ୍କଣ ରୂପ ପ୍ରତି ଏଠାରେ ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଅହମଦାବାଦ୍‌ରେ ...
ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ପରିଷଦ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଆୟୋଜନ ଅଧିକାର ଲାଗି ଚାଲିଥିବା ଦୌଡ଼ରେ ଭାରତ ସହିତ ନାଇଜେରିଆ ପ୍ରତିଦ୍ୱନ୍ଦ୍ୱିତା କରୁଛି। କିନ୍ତୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆଫ୍ରିକୀୟ ଦେଶର ଆୟୋଜନ ଅଭିଳାଷକୁ ପୂରଣ କରିବା ପାଇଁ ଏକ ଷ୍ଟ୍ରାଟେଜି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛି। ଉଲ୍ଲେଖଯୋଗ୍ୟ, ଭାରତ ଅନ୍ତିମ ତଥା ପ୍ରଥମଥର ୨୦୧୦ ସଂସ୍କରଣ ନୂଆଦିଲ୍ଲୀରେ ଆୟୋଜନ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଇଭାଲୁଏଶନ କମିଟି ଦ୍ୱାରା ଏକ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସୁପାରିସ୍ କରାଯାଇଛି। ଏହି କମିଟି ପ୍ରସ୍ତାବିତ ସହରର ଟେକ୍‌ନିକାଲ, ଆଥ୍‌ଲେଟ୍‌ଙ୍କ ଅଭିଜ୍ଞତା, ଭିତ୍ତିଭୂମି, ପ୍ରଶାସନ ଆଦିର ମୂଲ୍ୟାଙ୍କନ କରିଥାଏ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅନ୍ତରୀଣ ସଭାପତି ଡ. ଡୋନାଲ୍ଡ ରୁକାରେ କହିଛନ୍ତି, ଏଭାଲୁଏଶନ କମିଟି ପକ୍ଷରୁ ଦାଖଲ କରାଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି ଆମର ସଦସ୍ୟଙ୍କୁ ଅହମଦାବାଦ୍ ସହର ସୁପାରିସ୍ କରୁଛୁ। ଆମେ ଏବେ ଗ୍ଲାସ୍‌ଗୋରେ ବସିବାକୁ ଥିବା ବୈଠକକୁ ଅପେକ୍ଷା କରିଛୁ, ସେଠାରେ ଆମ ସଦସ୍ୟମାନେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏ ସମ୍ପର୍କରେ ଭାରତୀୟ ଅଲିମ୍ପିକ୍ ମହାସଂଘ(ଆଇଓଏ) ସଭାପତି ପି ଟି ଉଷା କହିଛନ୍ତି ଯେ, ଏହି କ୍ରୀଡ଼ା ମହାକୁମ୍ଭ ଭାରତର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ଏହାର ଦକ୍ଷତା ସହିତ ବିକଶିତ ଭାରତ ୨୦୪୭ ଅଭିମୁଖେ ଭାରତର ଯାତ୍ରାକୁ ପ୍ରଦର୍ଶିତ କରିବ। ଆମେ ୨୦୩୦ ଇଭେଣ୍ଟକୁ ଏକ ଶ୍ରେଷ୍ଠ ସୁଯୋଗ ଭାବେ ଦେଖୁଛୁ, ଯଦ୍ୱାରା ଆମେ ଆମ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ସହିତ ଆମର ଅନ୍ତର୍ଜାତୀୟ ଭାଗୀଦାରିତାକୁ ସୁଦୃଢ଼ କରିପାରିବୁ।

## ୮୫ତମ ସ୍ଥାନକୁ ...
ବିଶ୍ୱର ସବୁଠୁ ଶକ୍ତିଶାଳୀ ପାସ୍‌ପୋର୍ଟ ଭାବେ ଗ୍ରହଣୟ ହୋଇଥିବା ଆମେରିକା ପାସ୍‌ପୋର୍ଟ ଚଳିତବର୍ଷ ଦ୍ୱାଦଶ ସ୍ଥାନକୁ ଖସିଆସିଛି। ୧୯୩ ଦେଶକୁ ନେଇ କରାଯାଇଥିବା ଏହି ସର୍ବେକ୍ଷଣରେ ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ଜାପାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ବୈଶ୍ୱିକ ଯାତ୍ରା କ୍ଷେତ୍ରରେ ଏସିଆର କ୍ରମବର୍ଦ୍ଧିଷ୍ଣୁ ଆଧିପତ୍ୟକୁ ଏହା ଦର୍ଶାଉଛି। ଜର୍ମାନୀ, ଇଟାଲୀ, ସ୍ପେନ୍ ଓ ସୁଇଜରଲାଣ୍ଡ କ୍ରମାଗତ ଭାବେ ଶୀର୍ଷ ୧୦ ପାସ୍‌ପୋର୍ଟ ମଧ୍ୟରେ ସ୍ଥାନ ପାଇଛନ୍ତି।

ଭାରତୀୟ ପାସ୍‌ପୋର୍ଟର ର୍‍ୟାଙ୍କ ୨୦୦୬ରେ ୭୧ତମ ସ୍ଥାନରେ ଥିବାବେଳେ ୨୦୨୧ରେ ୯୦ତମ ସ୍ଥାନକୁ ଖସିଆସିଥିଲା। ୨୦୨୪ରେ ଏହା ୮୦ତମ ସ୍ଥାନରେ ରହିଥିଲା। ବର୍ତ୍ତମାନ ଭାରତୀୟମାନେ ଭୁଟାନ୍, ଇଣ୍ଡୋନେସିଆ, ମରିସସ୍, ନେପାଳ, ତ୍ରିନିଦାଦ ଓ ଟୋବାଗୋ ସମେତ ୧୨ ଦେଶକୁ ଭିଜାମୁକ୍ତ ପ୍ରବେଶ କରିପାରୁଛନ୍ତି। ଏହାବାଦ୍ ୨୭ଟି ଦେଶରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ସେଠାକାର ଭିଜା ମିଳିପାରୁଛି। ଭାରତୀୟଙ୍କ ଅନ୍ୟ ଲୋକପ୍ରିୟ ଗନ୍ତବ୍ୟ ଦେଶ ମଧ୍ୟରେ ଶ୍ରୀଲଙ୍କା, ମାଳଦ୍ୱୀପ, ଜୋର୍ଡାନ୍ ଓ କାତାର ରହିଛି। ବଲିଭିଆ, କାମ୍ବୋଡିଆ, ଇଥିଓପିଆ, ମାଡାଗାସ୍କାର, ମଙ୍ଗୋଲିଆ, ମୋଜାମ୍ବିକ୍, ମ୍ୟାନ୍‌ମାର, ସାମୋଆ, ତାଞ୍ଜାନିଆ ଓ ତିମୋର–ଲେଷ୍ଟେକୁ ମଧ୍ୟ ଭାରତୀୟ ପାସ୍‌ପୋର୍ଟ ବଳରେ ସୁଗମ ଯାତ୍ରା ସମ୍ଭବ। ତେଣୁ ପାସ୍‌ପୋର୍ଟ ମୋବିଲିଟି (ଗତିଶୀଳତା)କୁ ହେନ୍‌ଲେ ମଧ୍ୟମ ବର୍ଗରେ ସ୍ଥାନିତ କରିଛି। ଏହି କ୍ଷେତ୍ରରେ ପାକିସ୍ତାନ ୧୦୩ତମ ସ୍ଥାନରେ ରହିଛି। ପାକିସ୍ତାନୀ ପାସ୍‌ପୋର୍ଟଧାରୀ ବର୍ତ୍ତମାନ ୩୧ ରାଷ୍ଟ୍ରକୁ ଭିଜାମୁକ୍ତ ଯାତ୍ରା କରିପାରୁଛନ୍ତି। ବାଂଲାଦେଶୀ ପାସ୍‌ପୋର୍ଟ ବଳରେ ୩୮ ଦେଶକୁ ଭିଜାମୁକ୍ତ ଯାତ୍ରା ସହ ଏହା ୧୦୦ତମ ସ୍ଥାନରେ ରହିଛି। ନେପାଳୀ ପାସ୍‌ପୋର୍ଟ ବଳରେ ୩୬ ଦେଶକୁ ଭିଜାମୁକ୍ତ ଯାତ୍ରା ସମ୍ଭବ ଥିବାରୁ ଏହାକୁ ୧୦୧ତମ ସ୍ଥାନ ମିଳିଛି। ସେହିପରି ଭୁଟାନ୍ ନାଗରିକ ୫୦ ଦେଶକୁ ଭିଜାମୁକ୍ତ ଯାତ୍ରା କରିପାରୁଛନ୍ତି। ତେଣୁ ଏହାର ପାସ୍‌ପୋର୍ଟକୁ ୯୨ତମ ସ୍ଥାନରେ ରଖାଯାଇଛି।

ଆମେରିକା ପାସ୍‌ପୋର୍ଟକୁ ଗୋଟିଏ ସମୟରେ ସବୁଠୁ ଶକ୍ତିଶାଳୀ ମନେକରାଯାଉଥିଲା। କିନ୍ତୁ ଭିଜାମୁକ୍ତ ଯାତ୍ରାରେ ଅସନ୍ତୁଳନ ହେତୁ ବର୍ତ୍ତମାନ ୧୮୦ ଦେଶକୁ ପ୍ରବେଶ ସମ୍ଭବ। ତେବେ କେବଳ ୪୬ ଦେଶର ଲୋକେ ଆମେରିକାକୁ ଭିଜାମୁକ୍ତ ଯାତ୍ରା କରିପାରିବେ। ଏହି ଅସନ୍ତୁଳିତ ସ୍ଥିତି ଯୋଗୁ ଆମେରିକା ଦ୍ୱାଦଶ ସ୍ଥାନକୁ ଖସିଆସିଛି। ଅନ୍ୟପକ୍ଷେ ମାତ୍ର ୨୪ ଦେଶକୁ ଭିଜାମୁକ୍ତ ଯାତ୍ରା ଅନୁମତି ଥିବା ଆଫ୍‌ଗାନିସ୍ତାନ ଉକ୍ତ ତାଲିକାର ସବୁଠୁ ତଳେ ରହିଛି। ଆଫ୍‌ଗାନ ପାସ୍‌ପୋର୍ଟର ସାମାନ୍ୟ ଉପରେ ସିରିଆ(୨୬ ଦେଶ) ଓ ଇରାକ୍(୨୯ ଦେଶ) ରହିଛନ୍ତି।

## ଭାଜପାରୁ ଜୟ,...
ବିଜେଡି ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେବ ବୋଲି ପ୍ରଥମେ ଭାବିଥିଲା। ହେଲେ ପରବର୍ତ୍ତୀ ସମୟରେ ଜୟ ଭାଜପାରେ ଯୋଗଦେଇଥିଲେ। ଏହାପରେ ବିଜେଡି କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ନାନା ଆଲୋଚନା ଲାଗି ରହିଥିଲା। କେତେଜଣ ସ୍ଥାନୀୟ ନେତାଙ୍କ ନାଁକୁ ନେଇ ଦଳ ପ୍ରାର୍ଥୀ କରିବା କଥା ଚିନ୍ତା କରୁଥିବା ଶୁଣାଯାଉଥିଲା। ହେଲେ ସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପକାଇ ନବୀନ ଦଳର ରାଜ୍ୟ ମହିଳା ସଭାପତିଙ୍କ ଉପରେ ଭରସା କରିଛନ୍ତି। ବରଗଡ଼ ଜିଲାର ଅତାବିରା ବିଧାନସଭା ଆସନରୁ ୨୦୨୪ରେ ନିର୍ବାଚନ ଲଢ଼ି ସ୍ନେହାଙ୍ଗିନୀ ପରାଜିତ ହୋଇଥିଲେ। ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିତ୍ୱ ଘୋଷଣା ସମୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି, ସ୍ନେହାଙ୍ଗିନୀ ଛୁରିଆ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ, ଯିଏ ବିଗତ ଦିନରେ ବିଜେଡି ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଦଳର ବହୁ ପଦପଦବୀରେ ରହି ଅନେକ ଗୁରୁତ୍ୱ ପ୍ରସଙ୍ଗ ଉଠାଇଛନ୍ତି। ସେ ଦଳର ସମ୍ପତ୍ତି। ଜଣେ ମହିଳା ନେତ୍ରୀ। ସେ ରାଜ୍ୟର ଲୋକମାନଙ୍କ ପାଇଁ ବହୁ କାମ କରିଛନ୍ତି। ବିଶେଷକରି ଗରିବ ଏବଂ ମହିଳାମାନଙ୍କ ପାଇଁ ସେ ବହୁ ଭଲ କାର୍ଯ୍ୟ କରିଛନ୍ତି। ଉପନିର୍ବାଚନ ସମୟରେ ନୂଆପଡ଼ାକୁ ପ୍ରଚାରରେ ଯିବେ ବୋଲି ନବୀନ କହିଛନ୍ତି। ସୂଚନାଯୋଗ୍ୟ, ଜୟ ଭାଜପାରେ ଯୋଗଦେବା ପରେ ବିଜେଡିର ବହୁ ବରିଷ୍ଠ ନେତା ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଗସ୍ତ କରିଥିଲେ। ସେଠାରେ ଦଳର ନେତା ଓ କର୍ମୀମାନଙ୍କ ସହ ଏକାଧିକ ବୈଠକ କରିବା ପରେ ସମସ୍ତେ ମଙ୍ଗଳବାର ରାତି ସୁଦ୍ଧା ଫେରି ଆସିଥିଲେ। ଏହାପରେ ବୁଧବାର ନବୀନ ନିବାସରେ ୨ଥରରୁ ଅଧିକ ବୈଠକ ବସିଥିଲା। ଶେଷରେ ସ୍ନେହାଙ୍ଗିନୀଙ୍କ ନାଁ ଘୋଷଣା କରାଯାଇଥିଲା। ମହିଳା ଏବଂ ଆଦିବାସୀ କାର୍ଡ ବିଜେଡି ଖେଳିଥିବା କୁହାଯାଉଛି। ଆସନ୍ତା ୧୯ରେ ବିଜେଡି ପ୍ରାର୍ଥୀ ତାଙ୍କ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି।

ଅନ୍ୟପଟେ ଜୟ ଢୋଲକିଆ ଗୁରୁବାର ତାଙ୍କ ନାମାଙ୍କନପତ୍ର ଦାଖଲ କରିବେ। ସକାଳ ୧୦.୩୦ରେ ନୂଆପଡ଼ାସ୍ଥିତ 'ଗୋତମା' ଏୟାରଷ୍ଟ୍ରିପ୍‌ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ଏଥିରେ ବିଜେଡି ଓ କଂଗ୍ରେସର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଏବଂ ସମର୍ଥକମାନେ ସାମିଲହେବେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ଢୋଲକିଆ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲକରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

## ଭାରତର ବାଣିଜ୍ୟିକ ...
ଆଲୋଚନା ଚାଲିଛି। ଆଲୋଚନା ଆଗକୁ ବଢ଼ାଇବା ପାଇଁ ଭାରତର ଏକ ପ୍ରତିନିଧି ଦଳ ୱାଶିଂଟନ୍ ଗସ୍ତରେ ରହିଛି। ରପ୍ତାନିକାରୀମାନେ ଟାରିଫ୍ ଚ୍ୟାଲେଞ୍ଜକୁ ସାମ୍ନା କରି ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଆମେରିକାକୁ କରାଯାଉଥିବା ପ୍ରାୟ ୫୫% ଭାରତୀୟ ରପ୍ତାନି ଆମେରିକୀୟ ଟାରିଫ୍ ଯୋଗୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ସେପ୍ଟେମ୍ବର ପରଠାରୁ ଏହି ଶୁଳ୍କର ପ୍ରଭାବ ଅନୁଭୂତ ହେବ। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଭାରତର ସାମଗ୍ରୀ ରପ୍ତାନି ପୂର୍ବବର୍ଷର ୨୧୩.୬୮ ବିଲିୟନ୍ ଡଲାରରୁ ୨୨୦.୧୨ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଛି। କିନ୍ତୁ ଏହି ଅବଧିରେ ଆମଦାନୀ ୩୫୮.୮୫ ବିଲିୟନ୍ ଡଲାରରୁ ୩୭୫.୧୧ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିବାରୁ ବାଣିଜ୍ୟିକ ନିଅଣ୍ଟର ବ୍ୟବଧାନ ବଢ଼ିଥିବା କୁହାଯାଉଛି। ଗତ ମାସରେ ସୁନା ଆମଦାନୀ ୯.୬ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା, ଯାହାକି ଅଗଷ୍ଟରେ ୫.୪ ବିଲିୟନ୍ ଡଲାର ରହିଥିଲା। ସେହିପରି ତୈଳ ଆମଦାନୀ ପୂର୍ବମାସରେ ୧୩.୨ ବିଲିୟନ୍ ଡଲାର ଥିବାବେଳେ ସେପ୍ଟେମ୍ବରରେ ୧୪ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା। ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବାରେ ଲାଗିଥିବାରୁ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୯ ଟଙ୍କାର ନିକଟତର ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିଜା ନକ୍ଷତ୍ରର ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ପିଲାଙ୍କୁ ନେଇ ଚିନ୍ତିତ ରହିବେ। ଭାଇ, ପଡ଼ୋଶୀ କିମ୍ବା ସମ୍ପର୍କୀୟ ବିରୋଧାତ୍ମକ କଥା କହିପାରନ୍ତି। ଠିକ୍ ସମୟରେ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ। ପରିବହନ, ବ୍ୟବସାୟିକ ସ୍ଥିତି, କର୍ମକ୍ଷେତ୍ର ପ୍ରାୟତଃ ହାଲୁକା ରହିବ ଓ ଲାଭବାନ୍ ମଧ୍ୟ ହେବେ।

**ବୃଷ** ଦୀର୍ଘଦିନ ହେଲା ଯେମିତି, ଯାହା ଚାହୁଁଛନ୍ତି ତାହା ନିଶ୍ଚିତ ପାଇବେ। ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ପରିବହନ କ୍ଷେତ୍ରରେ ସମସ୍ୟା, କର୍ମପରିସର ମଧ୍ୟରେ କଚ୍ଛପଗତି ହେତୁ ଚିନ୍ତା କରିପାରନ୍ତି। ରୋହିଣୀ ନକ୍ଷତ୍ରର ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ମିଥୁନ** ଘରେ, ବାହାରେ ସବୁଠି ଆଦର, ସ୍ନେହ ପାଇବେ। ଫେରି ଯାଇଥିବା ବନ୍ଧୁଟି ପୁଣି ଲେଉଟି ଆସିବେ ଏଣୁ ମନରେ ସରସତା ରହିବ ନାହିଁ। ବାକି ଥିବା ଲୋକଟିଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନା ମୂଳକ ହୋଇପାରେ। ପୁନର୍ବସୁର ଛାତି କିମ୍ବା ବେକରେ, ଆଣ୍ଠୁ କିମ୍ବା ଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**କର୍କଟ** ବନ୍ଧୁମାନଙ୍କର ବେଖାତିର ମନୋଭାବ ହେତୁ ଟିକିଏ ଟିକିଏ କଥାରେ ରାଗିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅଶ୍ଳେଷା ନକ୍ଷତ୍ରର ପୁରୁଣା ଘର, ଗାଡ଼ି, ମୋଟର ମରାମତି କରିବା ପାଇଁ ମନସ୍ଥ କରିବେ।

**ସିଂହ** ସକାଳୁ ବନ୍ଧୁଙ୍କ ସାକ୍ଷାତ୍ ଓ ସହଯୋଗରୁ ଉପକୃତ ହୋଇପାରନ୍ତି। ମଘା ନକ୍ଷତ୍ରର ବିବାହ ପ୍ରସ୍ତାବ ନେଇ ଜଣେ ବ୍ୟକ୍ତି ହଠାତ୍ ଆସିବେ। ହଜି ଯାଇଥିବା ଟଙ୍କା କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇ ପାରନ୍ତି। ପାରିବାରିକ କ୍ଷେତ୍ର କ୍ରମଶଃ ସୁଧୁରିଯିବ ଯାହା ଫଳରେ ଛୋଟ କଥାରେ କଳହ ଭିତରକୁ ଟାଣି ହୋଇପାରନ୍ତି।

**କନ୍ୟା** ଆକସ୍ମିକ ଭାବରେ ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ଚିତ୍ରା ନକ୍ଷତ୍ର କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସ୍ପର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ସମସ୍ୟାକୁ ଦ୍ୱିଗୁଣିତ କରିବାରେ ସହାୟକ ହେବ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତି ଲାଗି ରହିବ।

**ତୁଳା** କାମଗୁଡ଼ିକ ସୁବିଧାରେ ନ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗାଡ଼ିକିଣିବା ପାଇଁ ମନ ବଳାଇଛନ୍ତି କିନ୍ତୁ ଆଉ କେତେଦିନ ଅପେକ୍ଷା କରନ୍ତୁ। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯିବ। ବିଶାଖା ନକ୍ଷତ୍ର ବ୍ୟକ୍ତିମାନଙ୍କ ସକାଶେ ଆଜିର ଦିନଟି ବହୁତ ଶୁଭ ହେବ।

**ବିଛା** ଗୁରୁତ୍ୱପୂର୍ଣ୍ଣ କାମଟିକୁ ହେଳା କରି ମରୀଚିକା ପଛରେ ଦୌଡ଼ି ପାରନ୍ତି। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଅନୁରାଧା ନକ୍ଷତ୍ର ସକାଶେ ଅଡୁଆ ପରିସ୍ଥିତି ସୃଷ୍ଟି ହେବ।

**ଧନୁ** ବନ୍ଧୁମାନଙ୍କ ସହ ଆଲୋଚନା କିମ୍ବା ସଭାସମିତିରେ ଶେଷ ସମୟରେ ଅର୍ଥ ସମ୍ପର୍କିତ ଟଣା ଓଟରା ଲାଗିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆବେଗକୁ ସହକର୍ମୀଟି ବୁଝିପାରିବ ନାହିଁ। ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ ମାତ୍ର ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ।

**ମକର** ଆଜି ଅର୍ଥ ଲାଭ ଓ ବନ୍ଧୁମିଳନରୁ ମନ ଖୁସି ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ଶ୍ରବଣା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଅନିଶ୍ଚିତତା ମଧ୍ୟରେ ଗତି କରି ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** ନିଜର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଧନିଷ୍ଠା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଉତ୍ତରଭାଦ୍ରପଦ ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଭଲ ସମ୍ପର୍କ ନ ଥିବା ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, କାର୍ତ୍ତିକ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ଗୁରୁବାର। ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର ଦିବା ଘ.୧୨.୪୩ ଗତେ ମଘା/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୫ ଗତେ ଘ.୦୭.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୨.୫୮ ଗତେ ଘ.୦୨.୨୫ ମଧ୍ୟେ ରାହୁ କାଳ।

**ରାଶନକାର୍ଡ ହିତାଧିକାରୀଙ୍କୁ ମିଳିପାରେ ଅଧିକ ୫ କେଜି ଚାଉଳ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ରାଶନକାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ହିତାଧିକାରୀଙ୍କ ମୁଣ୍ଡ ପିଛା ବଢ଼ିପାରେ ଚାଉଳ ପରିମାଣ। ୫ କେଜୋ ଜାଗାରେ ଅଧିକ ଆଉ ୫ କିଲୋ ଚାଉଳ ଦେବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ରାଶନକାର୍ଡରେ ଥିବା ପ୍ରାୟ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କୁ ଏହି ଅଧିକ ଚାଉଳ ମିଳିବ। ଏନେଇ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେବେ। ଅନେକ ଗରିବ ହିତାଧିକାରୀଙ୍କୁ ୫ କିଲୋ ଚାଉଳ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏନେଇ ସରକାର ଚିନ୍ତା କରୁଥିବା ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଫାଇଲ ପଠାଯିବ। ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସେ ସୂଚନା ଦେଇଛନ୍ତି।

**ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି**

# ୩୦୦ ପଦବୀ ପାଇଁ ଡିଲ୍ ଚର୍ଚ୍ଚା

## ୧୮୬ ଆଶାୟୀ ଟ୍ରେନ୍‌ରେ ଯାଇଥିଲେ

ଭୁବନେଶ୍ୱର,୧୫।୧୦
(ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବାବେଳେ ଦିନକୁଦିନ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏହି ଜାଲିଆତିରେ ୩୦୦ ଏସ୍‌ଆଇ ପଦବୀ ଡିଲ୍ ହୋଇଥିଲା ବୋଲି ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି। ଦୁଇ ଜଣ ମଧ୍ୟସ୍ଥ ଓ ୧୧୪ ପରୀକ୍ଷାର୍ଥୀ ବସ୍‌ରେ ଯାଉଥିବାବେଳେ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ତେବେ ପ୍ରଶ୍ନପତ୍ର ପାଇବାକୁ ଟ୍ରେନ୍‌ରେ ମଧ୍ୟ ଅନ୍ୟ ୧୮୬ଜଣ ଆଶାୟୀ ସମାନ ସ୍ଥାନକୁ ମଧ୍ୟସ୍ଥଙ୍କ ଜରିଆରେ ଯାଉଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ପରୀକ୍ଷାର୍ଥୀମାନଙ୍କ ଅସଲ ସାର୍ଟିଫିକେଟ ମଧ୍ୟସ୍ଥଙ୍କ ପାଖରେ ରହିଯାଇଥିବା ଜଣାପଡ଼ିଛି। ଏପଟେ ୧୧୪ ଜଣ ଗିରଫ ହେବା ଖବର ପଦାକୁ ଆସିବା ପରେ ଅନ୍ୟ ୧୮୬ ଜଣ ଆଶାୟୀ ଫେରାର ହୋଇଯାଇଥିଲେ। ସେମାନେ କିଏ କିଏ ଥିଲେ ସେନେଇ କ୍ରାଇମବ୍ରାଞ୍ଚ ତଥ୍ୟ ହାସଲ କରିବାରେ ଲାଗିପଡ଼ିଛି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଏହି ଘଟଣାରେ ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପୃଷ୍ଟି ଫେରାର ହୋଇଯାଇଥିବାବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ଟିମ୍ ତାଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛନ୍ତି। ତେବେ ଶଙ୍କର ତାଙ୍କ ପତ୍ନୀ ଦିପ୍ତୀମୟୀ ସାହୁଙ୍କୁ ଧରି ଦୁବାଇ ଫେରାର ହୋଇଯାଇଥିବା ଶୁଣିବାକୁ ମିଳୁଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ପଞ୍ଚସଫ୍ଟକୁ ଦେଇଥିଲା। ଏନେଇ ଓପିଆର୍‌ବି ଅବଗତ ଥିଲା ବୋଲି ଜଣାପଡିଛି। ତେଣୁ ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଥିବାବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ଚର୍ଚ୍ଚା ହେଉଛି।

## ହାଇକୋର୍ଟରେ ଫେରାର ଶଙ୍କରଙ୍କ ସମେତ ୫ଜଣଙ୍କ ଆଗୁଆ ଜାମିନ ଆବେଦନ

କଟକ,୧୫।୧୦(କାର୍ତ୍ତିକ ସାହୁ)

ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ଫେରାର ଶଙ୍କର ପୃଷ୍ଟିଙ୍କ ସମେତ ୫ଜଣ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଶଙ୍କରଙ୍କ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ମାମଲାରେ ଶଙ୍କରଙ୍କ ଆବେଦନ ଗତ ୮ ତାରିଖରେ ଦାଏର ହୋଇଥିଲା। ତେବେ ୨ ଦିନ ପରେ ଅର୍ଥାତ୍ ୧୦ ତାରିଖରେ ଆବେଦନ ଆଧାରରେ ମାମଲା ରୁଜୁ ହୋଇଛି। ହେଲେ ହାଇକୋର୍ଟରେ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇ ନ ଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ପ୍ରଥମେ ୧୧୭ଜଣଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୧୧୪ ନିଯୁକ୍ତି ଆଶାୟୀ ଥିବାବେଳେ ୩ଜଣ ଦଲାଲ ରହିଥିଲେ। ପରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ଆଉ ୨ଜଣ ଦଲାଲଙ୍କୁ ଗିରଫ କରିବା ପରେ ଗିରଫଦାରି ସଂଖ୍ୟା ୧୧୯ରେ ପହଞ୍ଚିଛି। ହେଲେ ମଧ୍ୟସ୍ଥ ସାଜିଥିବା ଆଉ ୨ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟି ଅଦ୍ୟାବଧି ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚ ସମସ୍ତ ପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ବି ୨ ଅଭିଯୁକ୍ତଙ୍କୁ ଖୋଜି ପାଇବାରେ ବିଫଳ ହୋଇଛି। ଏପରି କି ପ୍ରାୟ ୭ ରାଜ୍ୟରେ ତନାଘନା କରିବା ପରେ ବି ରାଜ୍ୟ ବାହାରେ ଦୁହିଁଙ୍କୁ ପାଇପାରିନାହିଁ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି, ଅଭିଯୁକ୍ତ ଦ୍ୱୟ ଦେଶ ଛାଡ଼ି ପଳାଇ ଯାଇପାରନ୍ତି। ଫଳରେ ଅଭିଯୁକ୍ତ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଲୁକ୍ ଆଉଟ୍ ସର୍କୁଲାର ସୋମବାର ଜାରି କରିଛି। ଏହାଦ୍ୱାରା ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସେମାନେ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ। ସେଭଳି କୌଣସି ପରିସ୍ଥିତି ଉପୁଜିଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଅଦ୍ୟାବଧି ମଧ୍ୟସ୍ଥ ସାଜିଥିବା ୨ ଫେରାର ଅଭିଯୁକ୍ତଙ୍କ ସମେତ ମୋଟ ୮ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଛି। ସେଥିରେ ଥିବା ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାକୁ ମଧ୍ୟ ଜବତ କରାଯାଇଛି। ମାତ୍ର ଏଯାବତ୍ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ମିଳିପାରିନାହିଁ।

# ୧୮ରୁ ଖୋଲିବ ଶିମିଳିପାଳ

ବାରିପଦା,୧୫।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ ପରିଚିତ ମୟୂରଭଞ୍ଜ ଜିଲାର ଶିମିଳିପାଳ ଜାତୀୟ ଉଦ୍ୟାନ ଅକ୍ଟୋବର ୧୮ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନିଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସବୁଜ ବନାନୀରେ ଭରପୂର ଶିମିଳିପାଳ ଜାତୀୟ ଉଦ୍ୟାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ। ମହାବଳ ବାଘ, କଳାବାଘ, ଏସୀୟ ହାତୀ ଓ ଗୟଳ ପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ଅତି ନିକଟରୁ ଦେଖିବା ପାଇଁ ଏଠାରେ ସୁଯୋଗ ମିଳିଥାଏ। ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ସଫାରି ବ୍ୟବସ୍ଥା ପ୍ରଚଳନ କରାଯାଇଛି। କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଚାରି ଚକିଆ ଯାନ ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡ଼ିକୁ ମିଶାଇ ମୋଟ ୬୦ଟି ଗାଡ଼ି ଦୈନିକ ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି। ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡ଼ିଆଠାରୁ ସକାଳ ୫ଟା୩୦ ଓ ଅପରାହ୍ଣ ୩ଟାରେ ୩୫ଟି ଖୋଲା ଜିପ୍ ବା ସଫାରି ଗାଡ଼ିରେ ୫ଘଣ୍ଟା ଲେଖାଏ ବୁଲିବାର ପର୍ଯ୍ୟଟକମାନେ ମଜା ନେଇପାରିବେ। ଉକ୍ତ ୨ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ।

# ଜଳିଗଲା ୪ ମହଲା ଷ୍ଟେଶନେରି ମଲ୍



ବାଲେଶ୍ୱର,୧୫।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ ସିନେମା ଛକ ନିକଟରେ ଥିବା ଏକ ୪ ମହଲା ବିଶିଷ୍ଟ ବନଜା ଷ୍ଟେଶନେରି ମଲ୍‌ରେ ବୁଧବାର ଭୋର୍ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ବହୁ କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଏପରି ଭୟାବହ ଥିଲା ଯେ, ଅଗ୍ନିଶମ ବିଭାଗ ୮ ଘଣ୍ଟା ଧରି ଉଦ୍ୟମ କରିବା ପରେ ସ୍ଥିତି ଆୟତ୍ତ ହୋଇଥିଲା। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

ବାଲେଶ୍ୱର ସହରର ପଦ୍ମାବତୀ ସେନାପତି ଓ ଧନଞ୍ଜୟ ସେନାପତିଙ୍କ ନାମରେ ରହିଛି ଏହି ଷ୍ଟେଶନେରି ମଲ୍। ରାତି ପ୍ରାୟ ୩ଟା ୩୦ମିନିଟ୍‌ରେ କୋଠାରେ ନିଆଁ ଲାଗିଥିଲା। ପଡ଼ୋଶୀ ଲୋକେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବାଲେଶ୍ୱର ଦମକଳ କେନ୍ଦ୍ରରୁ ୪ଟି ଓ ରେମୁଣାରୁ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ନିଆଁ ଲିଭାଇବା ପାଇଁ ୩ଜଣ ଅଫିସର ଓ ୨୨ଜଣ କର୍ମଚାରୀ ନିୟୋଜିତ ଥିଲେ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

# ପରଲୋକରେ ପୂର୍ବତନ ବିଧାୟକ ହେମେନ୍ଦ୍ର

ଲହୁଣୀପଡା,୧୫।୧୦(ଦାଶରଥି ପଣ୍ଡା)



ହେମେନ୍ଦ୍ର ପ୍ରସାଦ ମହାପାତ୍ର

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ନୂଆଡ଼ିହି ଗ୍ରାମ ସ୍ଥିତ ବାସଭବନରେ ବୁଧବାର ସକାଳେ ବଣେଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର(୯୨)ଙ୍କ ପରଲୋକ ଘଟିଛି। ଖବର ପ୍ରଚାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ହେମେନ୍ଦ୍ର ୧୯୬୧ରୁ ୧୯୭୩ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓ ଗଣପରିଷଦରୁ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ତାଙ୍କ ଆମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତି ସଭାପତି, ସବୁ ସଦସ୍ୟ ନିଲମ୍ବିତ

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ବ୍ୟାଙ୍କ ଅନିୟମିତତା ବିରୋଧରେ ସମବାୟ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଯୁକ୍ତି ପ୍ରଦାନରେ ଅନିୟମିତତା, ବ୍ୟାଙ୍କର ନିୟମ, ଅଧିନିୟମ ଓ ମାର୍ଗଦର୍ଶିକାକୁ ଅତିକ୍ରମ କରି କାର୍ଯ୍ୟକରିବା, ଋଣ ପ୍ରଦାନରେ ବେନିୟମ ଆଦି ବିଭିନ୍ନ ଅଭିଯୋଗରେ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଓ ସମସ୍ତ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଓଡ଼ିଶା ସମବାୟ ସମିତି ଆଇନ-୧୯୬୨(ସେକ୍ସନ-୩୨, ସବ୍-ସେକ୍ସନ-୭) ଅନୁସାରେ ସମବାୟ ସମିତିସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ କେନ୍ଦୁଝର ଜିଲାପାଳ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନାର ପ୍ରଶାସକ ଭାବେ କାର୍ଯ୍ୟ କରିବେ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ବ୍ୟାଙ୍କ ପରିଚାଳନା ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।












ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। **–ଶ୍ରୀଅରବିନ୍ଦ**



# କାଞ୍ଚିର ଅଶ୍ୱାରୋହୀ



ଦେବଦତ୍ତ ପଟ୍ଟନାୟକ

କାଞ୍ଚିର ବରଦରାଜ ପେରୁମଲ ମନ୍ଦିର (କିମ୍ବା କାଞ୍ଚିପୁରମ୍)ରେ ଗୋଟିଏ ଅଜବ ଅଶ୍ୱାରୋହୀଙ୍କ ମୂର୍ତ୍ତି ରହିଛି। ଗୋଟିଏପଟୁ ଏହା ଦକ୍ଷିଣ ଭାରତର ନାୟକ ରାଜା ଭଳି ଦେଖାଯାଏ ଏବଂ ଅନ୍ୟପାଖରୁ ଟ୍ରାଉଜର ଓ ଟ୍ୟୁନିକ ପରିଧାନ କରିଥିବା ଜଣେ ବିଦେଶୀଙ୍କ ଭଳି ଲାଗେ। ସେ ଜଣେ ବିଦେଶୀ ମନ୍ଦିରରକ୍ଷକ ନା ଜଣେ ପର୍ତ୍ତୁଗୀଜ୍ କିମ୍ବା ତୁର୍କୀର ସୈନିକ। ଅଶ୍ୱାରୋହୀମାନେ ତାମିଲନାଡୁରେ ରବୁତାନ ଭାବେ ଜଣାଶୁଣା, ଯାହା ରାଜପୁତଙ୍କ ଶବ୍ଦ ଯଥା ରାଓ୍ୱତ ଓ ରାଉତରୁ ଆସିଛି। ପଥର ଉପରେ ଖୋଦେଇ ହୋଇଥିବା ଏଭଳି ରକ୍ଷକ ମୂର୍ତ୍ତିଗୁଡ଼ିକ ବିଶେଷକରି ଆର୍କୋଟ ଓ ମହୀଶୂର ଅଞ୍ଚଳର ମନ୍ଦିରଗୁଡ଼ିକରେ ଦେଖିବାକୁ ମିଳେ। ଏଥିରୁ ସମ୍ଭବତଃ 'ହର୍ସ ଡ୍ୟାନ୍ସ ବା ଘୋଡ଼ାନାଚ' ସାମ୍ନାକୁ ଆସିଛି, ଯାହା 'ପୋଇକ୍କଲ କୁଥିରାଇ ଅଟ୍ଟମ' ଭାବେ ଜଣାଶୁଣା। ଏହା ସହ ଟେରାକୋଟା ଘୋଡ଼ା ମୂର୍ତ୍ତିଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଦେବୀ ଆୟାନାରଙ୍କୁ ସନ୍ତୁଷ୍ଟ କରିବାକୁ କରାଯାଇଛି।

ସପ୍ତଦଶ ଶତାବ୍ଦୀରେ ନାୟକ ବଂଶର ରାଜାମାନେ କରିଥିବା ପଥର ଖୋଦେଇ କଳାକୃତି ଆମକୁ ସ୍ମରଣ କରାଇଦିଏ ଯେ, ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କେନ୍ଦ୍ର ଏସିଆ, ପର୍ସିଆ ଏବଂ ଆରବ ଦେଶଗୁଡ଼ିକରୁ ଅତ୍ୟଧିକ ସଂଖ୍ୟକ ଘୋଡ଼ା ଭାରତ ଆମଦାନୀ କରୁଥିଲା। ତୁର୍କୀର ବିଲାୟତି (ବିଦେଶୀ) ଘୋଡ଼ା ଉତ୍ତରାଞ୍ଚଳରେ ଥିବା ମାର୍କେଟଗୁଡ଼ିକରୁ ସ୍ଥଳ ପଥ ଦେଇ ଭାରତକୁ ଆସିଥିଲା। ଉତ୍ତର ଭାରତର ରାଜାମାନେ ଦକ୍ଷିଣର ବିନ୍ଧ୍ୟ ପର୍ବତମାଳା ପାଦଦେଶରେ ଥିବା ଶତ୍ରୁ ରାଜାମାନଙ୍କୁ ଘୋଡ଼ା ଦେବାକୁ ମନା କରୁଥିଲେ। ଏଣୁ ଦକ୍ଷିଣର ରାଜାମାନେ 'ବାହାରି' ଆରବୀୟ ଘୋଡ଼ା ସମୁଦ୍ର ପଥରେ (ଆରବିକ ଶବ୍ଦ 'ବାହା'ର ଅର୍ଥ ସମୁଦ୍ର) ଆମଦାନୀ କରୁଥିଲେ। ୩,୦୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତକୁ ଘୋଡ଼ା ଆମଦାନୀ ହେଉଥିଲା। ରାଜ୍ୟ ଶାସନ ପାଇଁ ଏସବୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେମାନଙ୍କର ଚାହିଦା ମଧ୍ୟ ରହିଥିଲା। ଏହା ଜଣାଶୁଣା ଯେ, ଆମ ଦେଶରେ ଘୋଡ଼ା ପ୍ରଜନନ କଷ୍ଟକର ଏବଂ ଏଥିରୁ ବୁଝାପଡୁଛି ଯେ, ପ୍ରତିବର୍ଷ ଘୋଡ଼ା ଆମଦାନୀ କରିବା ଆବଶ୍ୟକ ହେଉଥିଲା। ତେବେ ୮୦୦ ବର୍ଷ ପୂର୍ବେ ଗୁଜରାଟ ଓ ରାଜସ୍ଥାନର କେତେକ ଅଞ୍ଚଳରେ ଘୋଡ଼ା ପ୍ରଜନନ ଆରମ୍ଭ ହୋଇଥିଲା। ମଙ୍ଗୋଲୀୟଙ୍କ ଆକ୍ରମଣ ପରେ କେନ୍ଦ୍ର ଏସିଆରୁ ଘୋଡ଼ା ଆମଦାନୀ ବନ୍ଦ ହେବା ପରେ ଦିଲ୍ଲୀର ସୁଲତାନମାନଙ୍କ ଚାହିଦା ପୂରଣ କରିବା ସକାଶେ ଏହା କରାଯାଇଥିଲା। ତେବେ ତୁର୍କୀ ଓ ତାଜିକସ୍ତାନର ବିଦେଶୀ ଘୋଡ଼ା ତୁଳନାରେ ସ୍ଥାନୀୟ ପ୍ରଜାତିର ଘୋଡ଼ା (ଯଥା ଟାଟୁ) ନିରସ ଥିଲା। ଘୋଡ଼ା ପ୍ରଜନନ କରାଯାଉଥିବା ଅନେକ ଅଞ୍ଚଳ ମଧ୍ୟରେ କାଠିଆୱାଡ଼ା ଥିଲା ଗୋଟିଏ, ଯେଉଁଠି ବିଦେଶୀ ପ୍ରଜାତିର ଘୋଡ଼ା ପ୍ରଜନନ ସଫଳ ହୋଇପାରିଥିଲା।



ଋକ୍‌ବେଦରେ ଘୋଡ଼ା ସମ୍ପର୍କରେ କିଛି ପଂକ୍ତି ରହିଛି, ଯାହା ବିଶ୍ୱରେ ସର୍ବପୁରାତନ। ୨୦୦ ଥର ଘୋଡ଼ା ବିଷୟରେ ସୂଚିତ କରାଯାଇଛି। ଏହା ଦର୍ଶାଉଛି ଯେ, କବିମାନେ ଦୂରଦୂରାନ୍ତ ଦେଶଗୁଡ଼ିକରୁ ଭାରତୀୟ ଉପମହାଦେଶକୁ ଆମଦାନୀ କରାଯାଉଥିବା ଏହି ବିଦେଶୀ ପ୍ରାଣୀଙ୍କ ସମ୍ବନ୍ଧରେ ଭଲ ଭାବେ ଅବଗତ ଥିଲେ। ହରପ୍ପାର ସହରଗୁଡ଼ିକରେ ଘୋଡ଼ା ନ ଥିଲେ, କାରଣ ଏହିସବୁ ସହର ଯେତେବେଳେ ଗଢ଼ି ଉଠିଥିଲା, ସେତେବେଳେ ସେଠାରେ ଘୋଡ଼ା ପାଳନ କରାଯାଉ ନ ଥିଲା। ତାମ୍ରଯୁଗରେ ଇଜିପ୍ଟ, ମେସୋପୋଟାମିଆ, ଚାଇନା କିମ୍ବା ଭାରତର ହରପ୍ପା ସଭ୍ୟତାରେ ଆମେ ଘୋଡ଼ା ଦେଖିବାକୁ ପାଇନାହୁଁ। ତେବେ ଲୌହଯୁଗରେ ଘୋଡ଼ାଟଣା ରଥଗୁଡ଼ିକ ସବୁଠି ଦେଖିବାକୁ ମିଳିଥିଲା, ଯାହା ପୁରାତନ ଇଜିପ୍ଟ, ପୁରାତନ ଗ୍ରୀସ୍ ଏବଂ ଚାଇନାର ସମାଧି ସ୍ଥଳଗୁଡ଼ିକରେ ଥିବା କଳାକୃତିଗୁଡ଼ିକରୁ ସୂଚନା ମିଳେ। ଘୋଡ଼ା ଯେତେବେଳେ ଭାରତକୁ ଆସିଲା, ସେତେବେଳେ ସେମାନଙ୍କ ସମ୍ପର୍କରେ ବୈଦିକ ସ୍ତୋତ୍ରଗୁଡ଼ିକରେ ଉଲ୍ଲେଖ କରାଯାଇଥିଲା।

ଏବେ ଜେନେଟିକ୍ ବା ଆନୁବଂଶିକ ପ୍ରମାଣରୁ ଜଣାପଡ଼େ ଯେ, ଖ୍ରୀଷ୍ଟପୂର୍ବ ୨୦୦୦ରେ କୃଷ୍ଣ ସାଗରର ଉତ୍ତର ଭାଗରେ ଘୋଡ଼ା ପାଳନ କରାଯାଉଥିଲା। ଏମାନଙ୍କ ଆକାର ଅତି ଛୋଟ ଥିଲା ଏବଂ ତା' ଉପରେ ବସି ଯାତାୟାତ କରିବା ସମ୍ଭବ ନ ଥିଲା। ସେମାନେ ମଧ୍ୟ ଓଜନିଆ ଗାଡ଼ି ଟାଣି ପାରୁ ନ ଥିଲେ। ଏଣୁ ଏହା ହାଲୁକା ରଥ ଆବିଷ୍କାର କରିବା ପାଇଁ ବାଟ ଦେଖାଇଲା। ଏହି କ୍ରମରେ ରଥୀ ଓ ସାରଥି ଦୁଇ ଜଣ ବସି ପାରୁଥିବା ହାଲୁକା ସ୍ପୋକ୍‌ଲଗା ଚକଯୁକ୍ତ ରଥ ତିଆରି ହୋଇପାରିଲା। ଏହା ଥିଲା ସେ ସମୟର ସବୁଠୁ ବଡ଼ ମିଲିଟାରୀ ଉଦ୍ଭାବନ। ମହାଭାରତରେ ଏଭଳି ରଥ ସ୍ମରଣୀୟ ହୋଇ ରହିଛି। କୁରୁକ୍ଷେତ୍ରରେ ୪ଟି ଘୋଡ଼ା ଟାଣୁଥିବା ରଥରେ କୃଷ୍ଣ ଓ ଗାଣ୍ଡିବ ଧନୁର୍ଦ୍ଧାରୀ ଅର୍ଜୁନ ବସିଥିବା ଦେଖିବାକୁ ପାଉଛୁ।

ଖ୍ରୀଷ୍ଟପୂର୍ବ ୭୦୦ ପାଖାପାଖି ଘୋଡ଼ା ଟାଣୁଥିବା ରଥାରୋହୀ ଧାରାରେ ପରିବର୍ତ୍ତନ ଆସି ଅଶ୍ୱାରୋହୀ ଟ୍ରେଣ୍ଡ ପ୍ରବେଶ କରିଥିଲା। ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୧ରେ ରଥ ଉପରେ ବସି ଯୁଦ୍ଧ କରୁଥିବା ପାରସ୍ୟର ସମ୍ରାଟ୍‌ଙ୍କୁ ଅଶ୍ୱାରୋହୀ ଆଲେକ୍‌ଜାଣ୍ଡର ପରାସ୍ତ କରିବା ପରେ ଅଶ୍ୱାରୋହଣ ସାଧାରଣ ଭାବେ ଗ୍ରହଣୀୟ ହୋଇଗଲା। ଖ୍ରୀଷ୍ଟପୂର୍ବ ୨୦୦ରୁ ଖ୍ରୀଷ୍ଟାବ୍ଦ ୨୦୦ ମଧ୍ୟରେ ଇଣ୍ଡୋ-ଗ୍ରୀକ୍ (ଯବନ), ସାକ-ପଲଭ (ସ୍କିଥିଆନ୍- ପାର୍ଥିଆନ୍) ଏବଂ କୁଶାଣ (ୟୁଜେହି)ମାନେ ଘୋଡ଼ା ବ୍ୟବସାୟକୁ ନିୟନ୍ତ୍ରଣ କରୁଥିଲେ। ମୌର୍ଯ୍ୟ ବଂଶର ରାଜାମାନେ ଘୋଡ଼ା ଆମଦାନୀ କରିବା ସହ ହାତୀ ରପ୍ତାନି କରୁଥିଲେ। ରାଜକୁମାର ସିଦ୍ଧାର୍ଥ ଘୋଡ଼ା ଚଢ଼ି ରାଜପ୍ରାସାଦ ଛାଡ଼ି ଚାଲିଯାଇଥିଲେ। କିନ୍ତୁ ମହାଭାରତ ଓ ରାମାୟଣରେ କୌଣସି ଅଶ୍ୱାରୋହୀ ନାହାନ୍ତି, ଯାହା ସୂଚିତ କରେ ଯେ ଏହି କାବ୍ୟ ହେଉଛି ଅତି ପୁରୁଣା କାହାଣୀଗୁଡ଼ିକର ସମାହାର, ଯଦିଓ ଏହାର ବହୁ ପୂର୍ବରୁ ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକ ଲେଖାଯାଇଥିଲା।

ଯଦି କେହି ସାଞ୍ଚି ଓ ଭାରହୁତ ଯାତ୍ରା କରନ୍ତି, ତେବେ ସେଠାକାର ବୌଦ୍ଧ ସ୍ଥଳଗୁଡ଼ିକରେ ପୁରୁଷମାନେ ଘୋଡ଼ା ଚଢୁଥିବାର ମୂର୍ତ୍ତିଗୁଡ଼ିକ ଦେଖିବାକୁ ପାଇବେ। ସେମାନେ ସାଡଲ ଏବଂ ଉଦ୍ଦିଷ୍ଟ ଫୁଟ୍ ଷ୍ଟିରୁପ (ପାଦ ରଖିବା ପାଇଁ ଲୌହ ଫନ୍ଦା) ନ ଥାଇ ଘୋଡ଼ା ଉପରେ ବସି ଯାଉଥିଲେ, ଯାହା ଆମେ ବରଦରାଜ ପେରୁମଲ ମନ୍ଦିରରେ ଥିବା ଅଶ୍ୱାରୋହୀଙ୍କ ମୂର୍ତ୍ତିରେ ଦେଖିବାକୁ ପାଉ। କିନ୍ତୁ ଏହି ଅଶ୍ୱାରୋହୀମାନେ ଟୋ-ଷ୍ଟିରୁପ ବା ଅଙ୍ଗୁଳି ରଖିବା ପାଇଁ ଫନ୍ଦା ବ୍ୟବହାର କରୁଥିଲେ। ଏହା ପରବର୍ତ୍ତୀ ସମୟରେ ଲୌହ ନିର୍ମିତ ଷ୍ଟିରୁପ ଏବଂ କାଠ ତିଆରି ସାଡଲ ଉଦ୍ଭାବନ କରାଯାଇଥିଲା, ଯାହାକୁ ଖ୍ରୀଷ୍ଟାବ୍ଦ ୧୦୦୦ ପରେ ତୁର୍କମାନେ ଭାରତକୁ ଆଣିଥିଲେ।

ବୋଧଗୟା ଭଳି ବୌଦ୍ଧସ୍ଥଳୀରେ ସୂର୍ଯ୍ୟ ଦେବତା ୪ଟି ଘୋଡ଼ା ଟାଣୁଥିବା ରଥରେ ବସିଥିବା ପ୍ରଥମେ ଦେଖିବାକୁ ମିଳିଥିଲା। ଏହା ଗ୍ରୀକ୍‌ର ସୂର୍ଯ୍ୟ ଦେବତାଙ୍କୁ ଅନୁସରଣ କରାଯାଇ ତିଆରି କରାଯାଇଥିଲା। ପୁରୁଣା ବୈଦିକ ଲେଖା (ଖ୍ରୀଷ୍ଟପୂର୍ବ ୧୦୦୦)ରେ ବର୍ଣ୍ଣିତ ୭ଟି ଘୋଡ଼ାଟଣା ରଥରେ ସୂର୍ଯ୍ୟ ଦେବତା ବସିଥିବାର ଛବିଗୁଡ଼ିକ ଥିବାବେଳେ ସେଥିରେ ସେ ବୁଟ୍ ପିନ୍ଧିଥିବା ଦେଖାଯାଏ, ଯାହା କୁଶାଣଙ୍କ ପ୍ରଭାବ (ଖ୍ରୀଷ୍ଟାବ୍ଦ ୨୦୦)କୁ ସୂଚିତ କରେ। ସୂର୍ଯ୍ୟଙ୍କ ପୁତ୍ର ରେବନ୍ତଙ୍କୁ ସବୁବେଳେ ଜଣେ ଅଶ୍ୱାରୋହୀ ରୂପରେ ଦେଖିବାକୁ ମିଳେ, ଯାହାଙ୍କ ସହିତ ଗୋଟିଏ କୁକୁର ଓ ଶିକାରୀ ବାର୍‌ହାମାନେ ରହିଥାଆନ୍ତି। ତାଙ୍କ ମୂର୍ତ୍ତି ଛବିଗୁଡ଼ିକରେ ଲୌହ ଷ୍ଟିରୁପ ନାହିଁ। ଏଥିରୁ ବୁଝାପଡୁଛି ଯେ, ଏହିସବୁ ମୂର୍ତ୍ତିଗୁଡ଼ିକୁ ଖ୍ରୀଷ୍ଟାବ୍ଦ ୧୦୦୦ ପୂର୍ବେ ନିର୍ମାଣ କରାଯାଇଥିଲା। ବରଦରାଜ ପେରୁମଲ ମନ୍ଦିରରେ ମଧ୍ୟ ଲୌହ ଷ୍ଟିରୁପ ଦେଖିବାକୁ ପାଉ। ଏହିଭଳି ଆମେ ଘୋଡ଼ା କଳାର ଭାରତୀୟ ଇତିହାସ ଉପରେ ବିଦେଶୀ ପ୍ରଭାବ ପ୍ରସଙ୍ଗକୁ ପ୍ରକାଶ କରେ, ଯାହାକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କରାଯିବା ଦରକାର।

–devduttofficial@gmail.com

# ପୋଷଣ ନିରାପତ୍ତା



ପ୍ର. ଦେବବ୍ରତ ପାଣିଗ୍ରାହୀ

ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରାଯାଏ। ଏହି ଦିବସ ସମଗ୍ର ବିଶ୍ୱ ଏବଂ ସର୍ବୋପରି ଭାରତ ପାଇଁ ଏକ ଆହ୍ୱାନର ଦିନ। ଖାଦ୍ୟ ଉତ୍ପାଦନ ଓ ତା'ର ନିରାପତ୍ତା ଆଜିର ସମସ୍ୟା ନୁହେଁ। କେଉଁ କାଳରୁ ଏ ସମସ୍ୟା ଉଭୟ ପରିମାଣ, ଗୁଣବତ୍ତା ରୂପରେ ରହିଆସିଛି। କିନ୍ତୁ ଏ ଦୁଇଟି ସମସ୍ୟା ବିଷୟରେ ବିଶ୍ୱବାସୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅର୍ଥାତ୍ ୧୯୪୫ରେ ଅନୁଭବ କରିଥିଲେ। ସେହି ବର୍ଷ ବିଶ୍ୱ ନେତୃବୃନ୍ଦ କାନାଡ଼ାରେ ଏକତ୍ର ହୋଇଥିଲେ ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ 'ଖାଦ୍ୟ ଓ କୃଷି ସଂଗଠନ' (ଏଫ୍‌ଏଓ) ପ୍ରତିଷ୍ଠା ହେଲା। ସମୟ କ୍ରମେ ଖାଦ୍ୟ ନିରାପତ୍ତା ବିଶ୍ୱବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ରୂପେ ସ୍ଥାନ ପାଇଲା। ୧୯୭୩ରେ ଏହି ସଂଗଠନ ଦ୍ୱାରା ଆହୂତ ସମ୍ମିଳନୀରେ ସାରା ବିଶ୍ୱରୁ କ୍ଷୁଧା ମୁକ୍ତି ପାଇଁ ବିଶ୍ୱସ୍ତରୀୟ ବୁଝାମଣା ସ୍ୱାକ୍ଷର ହେଲା। ଏହି ପ୍ରତିଶ୍ରୁତିବଦ୍ଧତାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ସଙ୍ଗଠନର ୧୯୭୯ ସମ୍ମିଳନୀରେ ଅକ୍ଟୋବର ୧୬କୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିବାକୁ ସ୍ଥିର କରାଗଲା। ତେବେ ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଉତ୍ତମ ଖାଦ୍ୟ, ଉନ୍ନତ ଭବିଷ୍ୟତ ପାଇଁ ପରସ୍ପର ମଧ୍ୟରେ ହାତ

## ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ

ମିଳାଇବା'। ଏହି ପ୍ରସଙ୍ଗକୁ ବିଶ୍ଳେଷଣ କଲେ ଜଣାଯାଏ ବିଶ୍ୱସ୍ତରରେ ଅନାହାରରେ ଥିବା ୬୭.୩ କୋଟି ଜନତାଙ୍କୁ କ୍ଷୁଧାମୁକ୍ତ କରିବା ପାଇଁ ଉଭୟ ବ୍ୟକ୍ତି, ବିଭିନ୍ନ ସଂସ୍ଥା, ଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ଏବଂ ସହଯୋଗ ସ୍ଥାପନ କରି ଭବିଷ୍ୟତ ପାଇଁ ଏକ ଶାନ୍ତିପୂର୍ଣ୍ଣ, ଚିରନ୍ତନ, ସମୃଦ୍ଧ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୃଷ୍ଟି କରିବା।

ଚିରନ୍ତନ ଓ ପୋଷଣ ନିରାପତ୍ତା ପାଇଁ ଖାଦ୍ୟ ନିରାପତ୍ତାର ତିନୋଟି ଦିଗ ଯଥା ଖାଦ୍ୟ ଉତ୍ପାଦନ, ବିତରଣ ଏବଂ ଗ୍ରହଣକୁ ଠିକ୍ ରୂପେ ନିର୍ବାହ କରିବାକୁ ପଡ଼ିବ। କୃଷିର ବ୍ୟବସାୟୀକରଣ,ଏହାକୁ ଶିଳ୍ପର ମାନ୍ୟତା ପ୍ରଦାନ, କୃଷିରେ ଆବଶ୍ୟକ ପୁଞ୍ଜି ବିନିଯୋଗ କରି ଆୟ ଦ୍ୱିଗୁଣିତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଆବଶ୍ୟକ। ଏଥିପାଇଁ ଜନତା-ଘରୋଇ-ଭାଗୀଦାରି ଶୈଳୀରେ କାର୍ଯ୍ୟ କରିବା, ଚୁକ୍ତିଭିତ୍ତିକ ଚାଷକୁ ପ୍ରାଧାନ୍ୟ, ସମବାୟର ସୁଦୃଢ଼ୀକରଣ, କୃଷିରେ ଅଧିକ ଅର୍ଥ ବିନିଯୋଗ, ଗ୍ରାମାଞ୍ଚଳରେ ଜଳସମ୍ପଦ, ଶକ୍ତି, ଗମନାଗମନ, ସୂଚନା ଓ ଯୋଗାଯୋଗ ଆଦି କୃଷି ଭିତ୍ତିଭୂମିର ଉନ୍ନତି, ଚିରନ୍ତନ କୃଷିକୁ ଆଦରିବା ପାଇଁ ସଚେତନତା ସୃଷ୍ଟି, କେତେକ ସ୍ୱତନ୍ତ୍ର ଓ ଅଦିନିଆ ପନିପରିବାକୁ ଜୈବିକ ଉପାୟରେ ଚାଷ କରିବା ଏବଂ ଖାଦ୍ୟଶସ୍ୟର ମାନ ନିର୍ଦ୍ଧାରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେବା ଜରୁରୀ। ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ନୂତନ ଫସଲ ଖସଡ଼ା ପ୍ରସ୍ତୁତି, ବିଲ, ଫଳ ଓ ପନିପରିବା ଫସଲରେ ଉପଯୁକ୍ତ କିସମର ବ୍ୟବହାର, ମୃତ୍ତିକାର ଉର୍ବରତା ରକ୍ଷା ପାଇଁ ମାଟିକୁ ସମସ୍ତ ଖାଦ୍ୟ ଉପାଦାନ ଯୋଗାଣ, ପରିବେଶ ପ୍ରଦୂଷଣକୁ ରୋକିବା ଏବଂ ଉପଯୁକ୍ତ ଅନିଷ୍ଟକ ନାଶକର ଠିକ୍ ପରିମାଣ, ସମୟ ଏବଂ ପ୍ରଣାଳୀରେ ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଆମ କୃଷି ଉତ୍ପାଦରେ ବିଷାକ୍ତ ନକଲି ରଙ୍ଗ, ଫଳ ପଚାଇବା ପାଇଁ ବିଷାକ୍ତ ପଦାର୍ଥ ଓ ଅତ୍ୟଧିକ ହରମୋନ୍ ବ୍ୟବହାର ବର୍ଜନ କରିବା ଦରକାର। ଫଳ ଓ ପନିପରିବା ସମେତ ସମସ୍ତ କୃଷି ଉତ୍ପାଦକୁ ଉପଯୁକ୍ତ ଉପାୟରେ ସଂରକ୍ଷଣ କରିବା, ଏଥିରୁ ମୂଲ୍ୟଯୁକ୍ତ ପଦାର୍ଥ ସୃଷ୍ଟି ଓ ରପ୍ତାନିଯୁକ୍ତ କୃଷି ଉତ୍ପାଦର ପରିମାଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ଉଚିତ୍। ଗୋପାଳନର ବ୍ୟବସାୟୀକରଣ, ଦେଶୀ ଗାଈ କିସମଙ୍କର ସଂରକ୍ଷଣ, ଅଣ୍ଡା ଉତ୍ପାଦନ ପାଇଁ ଅଣ୍ଡାଦେବା କୁକୁଡ଼ା ପାଳନ ଉପରେ ଗୁରୁତ୍ୱ, ଛେଳି ମେଣ୍ଢା ଓ ଘୁଷୁରି ପାଳନ, ଉପଯୁକ୍ତ ପରିବେଶ ଓ ଖାଦ୍ୟ ଯୋଗାଇବା ଉପରେ ଗୁରୁତ୍ୱାରୋପ, ପକ୍ଷୀ ପାଳନ ସମ୍ବନ୍ଧୀୟ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଏହାର ଉପଯୋଗ କରିବା ବାଞ୍ଛନୀୟ। ମାଛ ଉତ୍ପାଦନ ବଢ଼ାଇବାକୁ ବିଭିନ୍ନ ଉପାୟ ଅବଲମ୍ବନ ସହ ଉପଯୁକ୍ତ ପୋଷଣ ପାଇଁ ମାଛ ଖାଇବାକୁ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ଘରେ, ବାହାଘର ଭୋଜି, ହୋଟେଲ ଓ ରେଷ୍ଟୁରାଣ୍ଟରେ କୌଣସି ପରିସ୍ଥିତିରେ ଖାଦ୍ୟ ନଷ୍ଟ କରିବା ଉଚିତ ନୁହେଁ। ଉପଯୁକ୍ତ ପରିମାଣର ଗୁଣ ଏବଂ ପୋଷଣଯୁକ୍ତ ଖାଦ୍ୟଗ୍ରହଣ ପ୍ରତ୍ୟେକ ନାଗରିକଙ୍କ ଅଧିକାର ହୋଇଥିବାରୁ ଏହାକୁ ପାଇବା ପାଇଁ ଜନସାଧାରଣ, ବ୍ୟକ୍ତିଗତ, ଗୋଷ୍ଠୀଗତ ଏବଂ ପ୍ରତ୍ୟେକ ଦେଶର ସରକାର ଶପଥନେବା ଆଜିର ଦିବସର ବଡ଼ ଆହ୍ୱାନ।

ମୋ:୯୪୩୭୨୭୨୦୦୯

## ଏଇ ଭାରତରେ

ଜୈବିକ ପଦ୍ଧତିରେ ହଳଦୀ ଏବଂ ଧାନ ଚାଷ କରିବା ସହ ବିହନ ସଂରକ୍ଷଣ କରୁଛନ୍ତି ଜଣେ ପୂର୍ବତନ ସୀମା ସଶସ୍ତ୍ରବଳ(ଏସ୍‌ଏସ୍‌ବି) ଅଧିକାରୀ ଉତ୍କୃଷ ପାଣ୍ଡେ। ସେ ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ରହି ସେଠାରେ ଜୈବିକ ପଦ୍ଧତିରେ ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନାମକ ବାସ୍ନାଧାନ ଚାଷ କରୁଛନ୍ତି। ସେ ଏସ୍‌ଏସ୍‌ବିରୁ ଅବସର ନେବାପରେ ଗାଁକୁ ଫେରି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ସେ ଜୈବିକ ଚାଷକୁ ପସନ୍ଦ କରିଥିଲେ। ପାଣ୍ଡେ ଏବେ ୭ ଏକର ପରିମିତ ଫାର୍ମରେ ଚାଷ କରୁଛନ୍ତି। ଏହାର ନାମ ଦେଇଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ତାଙ୍କ ଫାର୍ମରେ ବିଶେଷକରି କଳା ହଳଦୀ ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଗୋପାଳନ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ଏହାବ୍ୟତୀତ ସେ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ ରୋପଣ କରିଛନ୍ତି ଏବଂ 'ହର୍ ଘର୍ ଚନ୍ଦନ' ଅଭିଯାନ ଚଳାଇଛନ୍ତି। ନର୍ସରୀରେ ୫୦,୦୦୦ ଚାରା ଉତ୍ତାରି ସେ ଲୋକମାନଙ୍କୁ ଚନ୍ଦନ ଚାରା ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ହଳଦୀ ଚାଷ ପାଇଁ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ଅକ୍ଟୋବର ୧୯୭୬**

- ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପଠାଇବା ଲାଗି ରାଜ୍ୟ ସରକାରଙ୍କ ଅନୁରୋଧ।
- ଜିମ୍ବାୱେ-ବନତାର ମୁକ୍ତି ସଂଗ୍ରାମରେ ଯଥାସମ୍ଭବ ସବୁପ୍ରକାର ସହାୟତା ଦେବା ନିମନ୍ତେ ଭାରତ ଓ ତାଞ୍ଜାନିଆ ପକ୍ଷରୁ ଦୃଢ଼ ପ୍ରତିଶ୍ରୁତି ଘୋଷଣା।
- ଦକ୍ଷିଣ ଆଫ୍ରିକା ଗଣସଙ୍ଗଠନର ନାମ୍ବିଆ ଜାତୀୟତାବାଦୀମାନଙ୍କୁ ଆଫ୍ରିକାର ଦେଶଗୁଡ଼ିକ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ଜାତିସଂଘର ନିରାପତ୍ତା ପରିଷଦରେ ଜଣାଇ ଦିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 7 | |
| 7 | 4 | | | | 9 | | | |
| | | 8 | | | 1 | | | 5 |
| | | | | 5 | 2 | | | |
| 9 | | 5 | | | 3 | | | |
| | 8 | | | | | 1 | | |
| | | | 4 | | | | | |
| | | | | 8 | | 2 | 4 | 3 |
| 5 | | | | 2 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 7 | 5 | 3 | 8 | 2 | 4 | 6 |
| 8 | 3 | 6 | 1 | 2 | 4 | 7 | 9 | 5 |
| 2 | 5 | 4 | 9 | 6 | 7 | 3 | 1 | 8 |
| 4 | 8 | 1 | 3 | 5 | 9 | 6 | 2 | 7 |
| 5 | 2 | 3 | 7 | 1 | 6 | 9 | 8 | 4 |
| 7 | 6 | 9 | 4 | 8 | 2 | 5 | 3 | 1 |
| 3 | 7 | 5 | 8 | 9 | 1 | 4 | 6 | 2 |
| 1 | 4 | 2 | 6 | 7 | 3 | 8 | 5 | 9 |
| 6 | 9 | 8 | 2 | 4 | 5 | 1 | 7 | 3 |

ଗତକାଲିର ଉତ୍ତର

# ଶାସନ ବ୍ୟବସ୍ଥାରେ ଅନାସ୍ଥା



ହରେକୃଷ୍ଣ ପଣ୍ଡା

ଭାରତୀୟ ମୂଳ ସମ୍ବିଧାନରେ ଅନାସ୍ଥା ବ୍ୟବସ୍ଥା ଭଳି ଏକ ବ୍ୟବସ୍ଥା ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଲୋକ ସଭାରେ ପାସ୍ କରାଯାଇ ଆଇନରେ ପରିଣତ କରାଯାଇଛି। ସେତେବେଳେ ଏହାର ଆଭିମୁଖ୍ୟ ଯାହା ଥିଲା ପରବର୍ତ୍ତୀ ସମୟରେ ଏହାର ମୂଲ୍ୟବୋଧ ସମ୍ପର୍କରେ ଅଦ୍ୟାବଧି ସମୀକ୍ଷା ହୋଇ ନ ଥିବା ଦେଖାଯାଏ। ଏବେ ଯଦି ଏହାର ପୁନଃ ମୂଲ୍ୟାୟନ କରାଯାଇପାରନ୍ତା ତେବେ ଅଶାନ୍ତ ରାଜନୈତିକ ବାତାବରଣ ପ୍ରଶମିତ ହୋଇପାରନ୍ତା। ଆମେ ଯଦି ଅନାସ୍ଥା ପ୍ରସଙ୍ଗ ଏବଂ ଦେଶ ବା ଜନତାଙ୍କ ସ୍ୱାର୍ଥକୁ ମିଶ୍ରିତ ଭାବେ ଦେଖିବା ତେବେ ଅତୀତରେ ଯାହା ନ ଥିଲା ତାହା ଏବେ ଦୃଶ୍ୟମାନ। ତାହା ହେଉଛି ମୁନାଫା,କଳାବଜାରି ଓ ବିରୋଧୀ ଶକ୍ତି ମିଶିଯାଇ ଏକ ମହାଶକ୍ତିରେ ପରିଣତ ହୋଇପାରୁଛନ୍ତି। ବିରୋଧୀ ଦଳ ମଧ୍ୟରୁ କିଣାବିକା ନୂଆକଥା ନୁହଁ। ଅନାସ୍ଥା ପାଇଁ ଏକ ସ୍ୱତନ୍ତ୍ର ବିଚାର ରହିଛି। ଯେତେବେଳେ ଦାୟିତ୍ୱରେ ଥିବା ସରକାର ବା ପରିଚାଳନା ବ୍ୟକ୍ତି ତା'ର ସାମର୍ଥ୍ୟ ହରାଇ ଥାଏ କିମ୍ବା ତା'ର ଦକ୍ଷତା ନ ଥିବା ଜଣାପଡ଼େ ଏବଂ ଉପୁଜୁଥିବା କୌଣସି ସମସ୍ୟାର ନିଷ୍ପତ୍ତି ନେଇ ନ ପାରେ ସେତେବେଳେ ଅନାସ୍ଥା ପ୍ରସ୍ତାବ ଆଣିବାର ଆବଶ୍ୟକତା ଦେଖାଯାଏ। ଏହି ପ୍ରସ୍ତାବ ଜାତୀୟ ସ୍ୱାର୍ଥ ଓ ଲୋକଙ୍କ ମତକୁ ପାଥେୟ କରି ପ୍ରସଙ୍ଗଟିକୁ ଉପସ୍ଥାପନ କରାଯାଇଥାଏ। ଏଥିରେ ନିଜ ଦଳୀୟ ସ୍ଥିତି ବା ପ୍ରତିପତି ପ୍ରଦର୍ଶନ ପାଇଁ ଆଦୌ ନୁହେଁ। ସରକାରଙ୍କ ବିଲ୍ ଯେତେବେଳେ ଲୋକ ସଭାରେ ପାସ୍ ନ ହୋଇ ପାରେ ସେତେବେଳେ ଅନାସ୍ଥା ଆସିବାର ନିୟମ ରହିଛି। ସଂଖ୍ୟା ଗରିଷ୍ଠତାକୁ ଭିତ୍ତି କରି ବିରୋଧୀ ଦଳର ଏକ ପ୍ରଚେଷ୍ଟା ବୋଲି କୁହାଯାଏ। ନିୟମ ୧୮୪/ଏ ଅନୁସାରେ ସରକାର ନିଜର ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ନ ପାରିଲେ ବାଚସ୍ପତି ପଦକ୍ଷେପ ନିଅନ୍ତି। ସରକାରଙ୍କୁ ଏ କ୍ଷେତ୍ରରେ ଇସ୍ତଫା ଦେବାକୁ ପଡ଼େ ନଚେତ ଗୃହ ଭଙ୍ଗ କରିଦିଅନ୍ତି। ଜନସାଧାରଣ ଏଇଠି ପ୍ରଶ୍ନ ଉଠାନ୍ତି ଆମେ ତ ମତଦାନ କରି ସରକାର ଗଠନ କଲୁ, କିନ୍ତୁ ଆମ୍ଭମାନଙ୍କ ମତ ନ ନେଇ ସରକାର ଭାଙ୍ଗିଲା କେମିତି? ଗଣତନ୍ତ୍ର କୁହେ ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ, ଲୋକମାନଙ୍କର, କିନ୍ତୁ ଏଠି ବ୍ୟତିକ୍ରମ ହେଲା କିପରି? ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କର ଅକାର୍ଯ୍ୟ ପାଇଁ ଫେରାଇ ଆଣିବା ଅଧିକାର ଯଦି ସମ୍ବିଧାନ ଲୋକଙ୍କୁ ଦେଇଥାଆନ୍ତା ତେବେ ଅନାସ୍ଥାର ଆବଶ୍ୟକତା ବୋଧହୁଏ ପଡି ନ ଥାଆନ୍ତା। କିନ୍ତୁ ଅନାସ୍ଥା ଯେତେବେଳେ ଆଇନରେ ପରିଣତ ହୋଇଯାଇଛି ତାକୁ ମାନିବାକୁ ପଡ଼ିବ ଏ ସମ୍ପର୍କରେ ଅଧିକାଂଶ ଲୋକମାନେ ଏବେ ବି ଜାଣି ନାହାନ୍ତି।

ତେବେ ଆସନ୍ତୁ ଜାଣିବା ଦେଶରେ ଅନାସ୍ଥାର ଇତିହାସ। ଭାରତରେ ପ୍ରଥମେ ପ୍ରଜା ସୋସାଲିଷ୍ଟ ପାର୍ଟିର ଲୋକ ସଭା ସଦସ୍ୟା ଆଚାର୍ଯ୍ୟ କୃପାଳିନୀ ୧୯୬୩ରେ ଭାରତ ଚାଇନା ଯୁଦ୍ଧ ପରେ ନେହେରୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୧୯୮୧-୮୨ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବହୁଥର ଅନାସ୍ଥାର ସମ୍ମୁଖୀନ ହୋଇଥିଲେ। ୧୯୬୪ରେ ସ୍ୱାଧୀନ ସଦସ୍ୟ ଏନ୍‌ସି ଚାଟାର୍ଜି ଓ ଅନ୍ୟମାନେ ଲାଲବାହାଦୁର ଶାସ୍ତ୍ରୀଙ୍କ ବିରୋଧରେ ୩ ଥର ଏବଂ ୧୯୯୯ରେ ଯଶୋବନ୍ତ ସିଂହ ଓ ଅନ୍ୟମାନେ ନରସିଂହ ରାଓଙ୍କ ବିରୋଧରେ ୩ ଥର, ୧୯୭୯ରେ ୱାଇ.ବି. ଚୌହାନ ମୋରାରଜୀ ଦେଶାଇଙ୍କ ବିରୋଧରେ ୨ ଥର, ୧୯୮୭ରେ ରାଜୀବ ଗାନ୍ଧୀ, ୨୦୦୩ରେ ସୋନିଆ ଗାନ୍ଧୀ ଅଟଳବିହାରୀ ବାଜପେୟୀଙ୍କ ବିରୋଧରେ ଏବଂ ନରେନ୍ଦ୍ର ମୋଦି ଥରେ ଲେଖାଏ ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ଏହିସବୁ ଅନାସ୍ଥା କାଟ ଖାଇଥିବା ବେଳେ ୧୨ ଜୁଲାଇ ୧୯୭୯ରେ ମୋରାରଜୀ ଦେଶାଇ ଇସ୍ତଫା ଦେଇଥିଲେ। ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ମିଳିତ ମନ୍ତ୍ରିମଣ୍ଡଳରେ ଥିବା ଯୋଗୁ ଆସ୍ଥା ଭୋଟରେ ଜିତି ନ ପାରି ଗୃହକୁ ଭଙ୍ଗ କରିଥିଲେ। ତେବେ ଏହି ଅନାସ୍ଥା ପ୍ରସଙ୍ଗଟି ଭାରତର ନୁହେଁ, ଏହା ପ୍ରଥମେ ସୃଷ୍ଟି ହୋଇଥିବା ଜର୍ମାନୀ ଦେଶରୁ ଆସିଛି। ଏହା ଏବେ ସ୍ପେନ, ହଙ୍ଗେରୀ, ଇସ୍ରାଏଲ, ପୋଲାଣ୍ଡ, ବେଲଜିୟମରେ ପ୍ରବର୍ତ୍ତିତ ହେବା ପରେ ଭାରତକୁ ଆସିଥିଲା। ଆମ ଭାରତୀୟ ସମ୍ବିଧାନରେ ପ୍ରଥମେ ଅନାସ୍ଥା ନିୟମ ନ ଥିଲା। ସମ୍ବିଧାନର ଧାରା ୭୫ରେ କେବଳ ସ୍ପଷ୍ଟୀକରଣ ଦିଆଯାଇଥିଲା ମନ୍ତ୍ରୀମାନେ ଲୋକ ସଭାରେ ପରସ୍ପର ଦାୟୀ ରହିବେ। ଏଭଳି ଆଇନକୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଦୂରଦୃଷ୍ଟି ସହ ୨୦୦୩ରେ ଏକ ମନ୍ତବ୍ୟ ଦେଇ କହିଥିଲେ, ରାଜନୈତିକ ଅସ୍ଥିରତା ଦୂର କରିବା ପାଇଁ ଭାରତରେ ସବୁବେଳେ ମିଳିତ ମନ୍ତ୍ରିମଣ୍ଡଳ ହେବା ଦରକାର। ସଂଖ୍ୟା ଗରିଷ୍ଠ ଦଳର ନେତା ପ୍ରଧାନମନ୍ତ୍ରୀ ହେବେ, ସେ ଅନ୍ୟମନ୍ତ୍ରୀମାନଙ୍କୁ ବିଭିନ୍ନ ଦଳରୁ ବାଛିବେ। ତାଙ୍କର ଏଭଳି ପ୍ରସ୍ତାବକୁ କେହି ଆଲୋଚନା କଲେ ନାହିଁ। ଏବେ ଓଡ଼ିଶା ବିଧାନସଭାରେ ସେହି ଅନାସ୍ଥାକୁ ନେଇ ଯେଉଁ ଯେଉଁ ତୁମ୍ବିତୋଫାନ ଦେଖାଗଲା ତାହା ଆପେଆପେ ଅଗ୍ରାହ୍ୟ ହୋଇଗଲା। ଓଡ଼ିଶା ବିଧାନସଭାରେ ମଧ୍ୟ ଦେଖାଯାଇଛି ପ୍ରଥମ ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କ ବିରୋଧରେ ୨ଟି, ୩ୟ ବିଧାନସଭାରେ ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ୩ଟି, ଚତୁର୍ଥ ବିଧାନସଭାରେ ୧୯୬୪ରେ ବୀରେନ ମିତ୍ରଙ୍କ ବିରୋଧରେ ୩ ଟି, ୧୯୭୦ରେ ଆର୍.ଏନ୍. ସିଂଦେଓଙ୍କ ବିରୋଧରେ ଗୋଟିଏ, ୧୯୭୯ରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ବିରୋଧରେ ଗୋଟିଏ, ୧୯୮୩ରେ ଜାନକୀ ପଟ୍ଟନାୟକଙ୍କ ବିରୋଧରେ ଦୁଇଟି, ୨୦୦୧ରେ ନବୀନ ପଟ୍ଟନାୟକଙ୍କ ବିରୋଧରେ ଦୁଇଥର ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ବିଧାନସଭାରେ ସବୁବେଳେ ଅନାସ୍ଥା କାଟ ଖାଇଛି। ତେବେ ଦେଶ ତଥା ରାଜ୍ୟରେ ଯେତେଗୁଡ଼ିଏ ଅନାସ୍ଥା ପ୍ରସ୍ତାବ ଆସିଛି ତାହାଦ୍ୱାରା ଦେଶ ବା ରାଜ୍ୟର କି ଉନ୍ନତି ଘଟିଛି? ଦେଖାଯାଇଛି ଦଳୀୟ ଆସ୍ଥା ପ୍ରକଟ ପାଇଁ, କେତେବେଳେ ଦୁଇଦଳ ମିଶି ନିଜର ଏକତା ସୃଷ୍ଟି, ଦୁର୍ନୀତି, ଅନୀତି ବିରୋଧରେ କଠୋର ଆଇନର ନମନୀୟତା, ସରକାରୀ ଦଳକୁ ଶ୍ରେୟ ନ ଦେବା, କ୍ଷମତାର ଲାଳସା ପାଇଁ ବିରୋଧୀ ଦଳ ପଞ୍ଜିପତି, ଶିଳ୍ପପତି ଓ କଳାବଜାରକାରୀଙ୍କ ଆବେଦନକ୍ରମେ ଏହିସବୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଗୃହର ଅଯଥା ସମୟ, ଅର୍ଥ, ଶକ୍ତି ବ୍ୟୟ ହେଉଥିବା ଦେଖିବାକୁ ମିଳୁଛି। ତେବେ ଆଇନ ବିଶାରଦ, ରାଜନୀତିଜ୍ଞ, ସମ୍ବିଧାନ ସମୀକ୍ଷକମାନେ ଏହି ଆଇନର ପୁନର୍ମୂଲ୍ୟାୟନ କରିବାର ଯଥାର୍ଥତା ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ।



**ସୟେଦପୁର, ଯାଜପୁର**
**ମୋ: ୯୪୩୭୩୧୫୬୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଜାମ୍ ହେଉଛି

ମହାଶୟ,

ରାସ୍ତାଜାମ୍ ବ୍ରହ୍ମପୁରର ଏକ ନିତିଦିନିଆ ସମସ୍ୟା। ସାଧାରଣତଃ ଜନସଚେତନତା ଅଭାବରୁ ହିଁ ଏପରି ଅବସ୍ଥା ଦେଖାଯାଇଥାଏ। ପୂର୍ବରୁ ଯେତେବେଳେ ସହରରେ ଦଶଟି ସିନେମା ହଲ୍ ଥିଲା, ମ୍ୟାଟିନ୍ ଓ ଫାଷ୍ଟ ଶୋ' ସରିବା ପରେ ଉତ୍କଳ ଏସ୍‌ଏସ୍‌ଭିଟି, ଲିଙ୍ଗରାଜ, ଶିବା ଓ ଶକ୍ତି ଅଞ୍ଚଳ ଜନଗହଳି ହେଉଥିଲା, ସମ୍ପ୍ରତି ଏସବୁ ଆଉ ନାହିଁ। ଆଜିକାଲି ଗେଟ୍‌ବଜାର ଛକ, ସିଟି ହସ୍ପିଟାଲ ଛକ, ୱାନ୍‌ୱେ ଟ୍ରାଫିକ୍ ରୋଡ୍, କମାପଲ୍ଲୀ ଛକ, ଟାଟା ବେଞ୍ଜିରୋଡ୍, ଫରେଷ୍ଟ ଗେଟ୍, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, ଯାନ୍ତ୍ରିକ ମାର୍ଗ ଛକ ପ୍ରଭୃତିରେ ଅବଶ୍ୟ ଟ୍ରାଫିକ୍ ପୋଲିସ ରହୁଛନ୍ତି। ମାତ୍ର କେତେକ ସ୍କୁଲ କଲେଜ ସରିବା ବେଳେ ଏକାଧିକ ଯାନବାହନ ଚଳାଚଳ ଯୋଗୁ ସାମୟିକ ଭାବେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହେଉଛି। କେହି ଆପତ୍ତି ବା ଅଭିଯୋଗ କରନ୍ତି ନାହିଁ। ବ୍ରହ୍ମପୁର ଏକଦା ମହୁରୀ ଜମିଦାରଙ୍କ ଅଧୀନରେ ଥିଲା। ସେତେବେଳେ ସମ୍ଭ୍ରାନ୍ତ ଲୋକେ ଘୋଡ଼ା ବ୍ୟବହାର କରୁଥିଲେ। ସେଥିପାଇଁ ସହରରେ ଅନେକ ଗଳି ରାସ୍ତା ରହିଛି। ଏ ପତ୍ର ପ୍ରେରକ ଗତମାସରେ ଆଙ୍କୋଲୀ ଓ କାଞ୍ଜିପଲ୍ଲୀ ମଧ୍ୟରେ ଏପରି ରାସ୍ତା ଜାମ୍‌କୁ ଅଙ୍ଗେ ଅଙ୍ଗେ ଅନୁଭବ କରିଛି। ମନୁଷ୍ୟକୃତ ରାସ୍ତା ଅବରୋଧ ଯୋଗୁ ରୋଗୀକୁ ନେଇ ଡାକ୍ତରଖାନା ଯାଉଥିବା ଆମ୍ବୁଲାନ୍ସ ପ୍ରତି ବିପଦ ରହିଛି।

**–ପ୍ରତାପ ଚନ୍ଦ୍ର ପାଢ଼ୀ, କିଶନ୍ ନଗର, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ।**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାହିଁ ମୋ ବାସନା ଡାକିବାକୁ ତିଳେ
ଆସ ପାଶେ ବୋଲି ପ୍ରିୟେ ଚାରୁଶୀଳେ !
ଲଭିବାକୁ ତବ ଦେହ ମନ ଭାଷା
ନାହିଁ ମୁଁ ଭାବନା କରି
ଚମ୍ପକହାସ ହସିଯାଅ ଖାଲି
ଆଗୋ ଗୋରଚନା-ଗୋରୀ !

–(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଝାରପଡ଼ା ଜେଲରେ ମାଓବାଦୀ ନେତା ଆଜାଦ୍‌ଙ୍କ ଆମରଣ ଅନଶନ

## ଶୀଘ୍ର ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ ଦାବି

- ୧୫ବର୍ଷ ହେବ ଜେଲରେ ଅଛନ୍ତି ଆଜାଦ୍
- ରାଜ୍ୟ ସରକାରଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ


ଆଜାଦ୍

ଭୁବନେଶ୍ୱର,୧୫।୧୦ (ସତ୍ୟଜିତ ରାଉତ)

୧୫ ବର୍ଷ ଧରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା ମାଓବାଦୀ ନେତା ଦୁନା କେଶବ ରାଓ ଓରଫ ଆଜାଦ୍ ବୁଧବାର ଆମରଣ ଅନଶନରେ ବସିଛନ୍ତି। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଶୀଘ୍ର ବିଚାର ପ୍ରକ୍ରିୟା ଶେଷ କରିବାକୁ ସେ ଦାବି କରିଛନ୍ତି। ଏନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଥିବାବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି କର୍ଣ୍ଣପାତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ଘଟଣାକୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ମଧ୍ୟ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ହୋଇଥିବା ଏକ ପିଟିଶନ୍‌ର ଶୁଣାଣି କରି ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ରିପୋର୍ଟ ତଲବ କରିଛନ୍ତି। ଅକ୍ଟୋବର ୩୧ ସୁଦ୍ଧା ଏ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ଗୃହ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଆଜାଦ୍‌ଙ୍କ ବିରୋଧରେ ଓଡ଼ିଶାରେ ୪୩ଟି ମାମଲା ଏବଂ ଆନ୍ଧ୍ରପ୍ରଦେଶରେ ୧୬ଟି ମାମଲା ରହିଥିବା ଜଣାପଡ଼ିଛି। ୨୦୧୧ ମେ ୧୮ରେ ଆନ୍ଧ୍ରପ୍ରଦେଶ ପୋଲିସ ନିକଟରେ ଆଜାଦ୍ ଆତ୍ମସମର୍ପଣ କରିଥିଲେ। ସେହି ସମୟରେ ସେ ସିପିଆଇ ଦଳର ଓଡ଼ିଶା ରାଜ୍ୟ ପରିଚାଳନା କମିଟି (ଓଆରଓସି)ର ସଦସ୍ୟ ଥିଲେ। ଏଥିସହ ଦକ୍ଷିଣାଞ୍ଚଳ ଜୋନ୍‌ର ମାଓବାଦୀ କମାଣ୍ଡର ମଧ୍ୟ ଥିଲେ। ଆତ୍ମସମର୍ପଣବେଳେ ତାଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆତ୍ମସମର୍ପଣର ୧୦ଦିନ ପରେ ମେ ୨୯ରେ ଓଡ଼ିଶା ପୋଲିସ ତାଙ୍କୁ ନିଜ ହେପାଜତକୁ ଆଣି ଜୁନ ୨ରେ ଗିରଫ ଦର୍ଶାଇଥିଲା। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ଓ ତାଙ୍କୁ ରାଜନୈତିକ କଏଦୀ ଦର୍ଶାଇବାକୁ ଦାବି କରି ପୂର୍ବରୁ ଏକାଧିକ ଥର ସେ ଅନଶନରେ ବସିଥିଲେ। ଓଡ଼ିଶାରେ ଥିବା ତାଙ୍କ ବିରୋଧରେ କିଛି ମାମଲାରେ ଶୁଣାଣି ସରିଥିବାବେଳେ ଆଉ କେତେକ ମାମଲାର ଶୁଣାଣି ମଧ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ତେବେ ଏନେଇ ଆଜାଦ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ଚତୁର୍ଥ ସପ୍ତାହରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର କୋର୍ଟରେ ଆଜାଦ୍‌ଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ସେପ୍ଟେମ୍ବରରୁ ଶୁଣାଣି ଆରମ୍ଭ କରି ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଥିଲା। ହେଲେ ଏଯାଏ ଶୁଣାଣି ପ୍ରକ୍ରିୟାର ଅଗ୍ରଗତି ହୋଇ ନ ଥିବାରୁ ଆଜାଦ୍ ଜେଲରେ ଧାରଣା ଦେଇଥିବା ଜଣାପଡ଼ିଛି।

# ରାଜା ଚକ୍ରଙ୍କୁ ଜେଲରେ ଜେରା କରିବ ଇଡି

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା

ଭୁବନେଶ୍ୱର,୧୫।୧୦(ସତ୍ୟଜିତ ରାଉତ)

କେନ୍ଦୁଝରର ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟ କୋ-ଅପରେଟିଭ୍ ସୋସାଇଟି ଲିଭରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଦ୍ୱାରା ଗିରଫ ହୋଇ ଜେଲରେ ଥିବା ରାଜା ଚକ୍ରଙ୍କ ଅସୁଖା ବଢ଼ିବାରେ ଲାଗିଛି। ଏହି ଘଟଣାରେ ରାଜାଙ୍କ ଜେଆଇନ ଅର୍ଥ କାରବାରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅଧିକ ଛାନ୍‌ଭିନ୍ କରାଯାଉଛି। ତେବେ ରାଜାଙ୍କୁ ଜେଲ ଭିତରେ ଜେରା କରିବାକୁ ଇଡି ପକ୍ଷରୁ ବାଲେଶ୍ୱର ଓପିଆଇଡି କୋର୍ଟରେ ଆବେଦନ କରାଯାଇଛି। ଏହି ପିଟିଶନ୍ ଉପରେ ଶୁଣାଣି ଶେଷ ହୋଇଥିବାବେଳେ ରାୟ ସଂରକ୍ଷିତ ରହିଥିବା ଜଣାପଡ଼ିଛି। ଅନୁମତି ମିଳିଯାଉଛି ଇଡି ବିଭିନ୍ନ ଆର୍ଥିକ କାରବାର ଦିଗକୁ ନେଇ ରାଜାଙ୍କୁ ଜେରା କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହାପୂର୍ବରୁ ଇଡି ରାଜାଙ୍କ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ, ସମବାୟ ସମିତିର ସଭାପତି, ସମ୍ପାଦକ ପ୍ରମୁଖଙ୍କ ହାତ ବାରିଶି କରି ରାଜା ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ରାଜା ଏହି ଟଙ୍କାରେ ନିଜ ସମ୍ପତ୍ତି ସାମ୍ରାଜ୍ୟ ବିସ୍ତାର କରିଥିଲେ। ଏହି ମାମଲାରେ ପୂର୍ବରୁ ରାଜାଙ୍କ ସମେତ ତାଙ୍କ ସହଯୋଗୀ ପ୍ରଶାନ୍ତ ସାମଲ, ସଂସ୍ଥାର ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

# ୫ ଅଭିଯୁକ୍ତ ଗିରଫ, ୨ ପିସ୍ତଲ ଜବତ

## ଚାଲାଣବେଳେ ୩୫୦ କେଜି ଗଞ୍ଜେଇ ଜବତକଲା ପୋଲିସ


ଖଇରପଦାଠା ସମ୍ମିଳନୀରେ ଏସ୍‌ପି ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ଜୟପୁର/ ନନ୍ଦପୁର/ପାଡୁଆ, ୧୫।୧୦, (ପବନ ପାଣିଗ୍ରାହୀ/ ଦୁଷ୍ମନ କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲାରେ ଆଣ୍ଟି କ୍ରାଇମ ଡ୍ରାଇଭ ଜାରି ରହିଛି। ଗଞ୍ଜେଇ ଚାଲାଣବେଳେ କୋରାପୁଟ ଜିଲା ପାଡୁଆ ଥାନା ପୋଲିସ ଏକ ଗାଡ଼ିରୁ ୩୫୦ କେଜି ଗଞ୍ଜେଇ ସହ କାର୍ ଜବତକରି ୫ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଜୟପୁର ସଦର ଥାନା କୁସୁମପୁରର ଲାଲ ବାହାଦୁର ଦର୍ଜି(୩୪), ମାଛକୁଣ୍ଡ ବାଲେଲ୍ ଗ୍ରାମର ତ୍ରିନାଥ ଖରା (୩୦), ସୁରେଶ ବେଷାୟୀ(୨୨), ସଞ୍ଜୟ ଖରା (୧୯) ଓ ଗାଡ଼ି ଡ୍ରାଇଭର ଯୋଗେଶ ଖରା (୨୦)। ସେମାନଙ୍କଠାରୁ ୨ଟି ପିସ୍ତଲ ଜବତ କରାଯାଇଥିବା ବୁଧବାର କୋରାପୁଟ ଏସ୍‌ପି ରୋହିତ ବର୍ମା ଖଇରପଦାଠା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲାଲ ବାହାଦୁର ଜଣେ ଦୁର୍ଦ୍ଧାନ୍ତ ଅପରାଧୀ। ତାଙ୍କ ନାମରେ ୨୦ଟି ଆପରାଧିକ ମାମଲା ରହିଛି। ବହୁ ମାମଲାରେ ସେ ପଳାତକ ଥିଲେ। ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ୱାରେଣ୍ଟ ଜାରି କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ମଙ୍ଗଳବାର ଏକ କାର୍ (ଓଆର୍-୧୦ଏଚ୍-୦୮୩୭)ରେ ଦୋକାନପୁଟ ଅଞ୍ଚଳରୁ ପଟାଙ୍ଗିକୁ ଗଞ୍ଜେଇ ଚାଲାଣ ହେଉଥିବା ପାଡୁଆ ପୋଲିସ ଖବର ପାଇଥିଲା। ପାଡୁଆ ଏସ୍‌ଆଇ ସୁରେନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ମଲି ସୁକଲାର ଛକରେ ଜଗି ରହିଥିଲା। ଗାଡ଼ିକୁ ଅଟକାଇବାରୁ ଡ୍ରାଇଭର ତୁରନ୍ତରେ ଅର୍ଲାଭପୁଟ ପଟେ ନେଇଥିଲେ। ପିଛା କରିବାରୁ ଚାଲାଣକାରୀମାନେ ପୋଲିସକୁ ପିସ୍ତଲ ଦେଖାଇ ଗାଡ଼ି ଛାଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ତଥାପି ମଧ୍ୟ ପୋଲିସ ୫ ଜଣଙ୍କୁ କାବୁକରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନଙ୍କଠାରୁ ଜବତ ବନ୍ଧୁକ ମଧ୍ୟରୁ ଗୋଟିଏରେ ଅଟୋ ଡିଷ୍ଟାଲ ମେଡ଼ ଇନ୍ ୟୁଏସ୍‌ଏ ଲେଖାଯାଇଛି। ଏହା ବ୍ୟତୀତ ୨ଟି ମାଗାଜିନ, ୪ଟି ଜୀବନ୍ତ ଗୁଳି ଜବତ ହୋଇଛି। ଚାଲାଣକାରୀଙ୍କ ବିହାର ମାଫିଆଙ୍କ ସହ ଗଞ୍ଜେଇ କରବାର ରହିଥିବା ଜାଣିବା ପରେ ଏକ ଟିମ୍ ବିହାର ଗସ୍ତ କରିଛି। ୧୬ ପ୍ୟାକେଟ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ପାଡୁଆ ଥାନା କେସ୍ ନଂ ୧୧୪/୨୫ରେ ମାମଲା ରୁଜୁକରାଯାଇଛି। ଉକ୍ତ ଖଇରପଦାଠା ସମ୍ମିଳନୀରେ ଏସ୍‌ଡିପିଓ ପାର୍ଥ କଶ୍ୟପ, ଜୟପୁର ସଦର ଥାନାଧିକାରୀ ସଚ୍ଚିଦ୍ର ପ୍ରଧାନ, ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୩୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୫।୧୦ (ସୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ଦମନ ଅଭିଯାନ ଜୋରଦାର ହେବା ପରେ ଏକାଉଣ୍ଟରରେ ବହୁ ଟପ୍ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ମୁଖ୍ୟ ନେତାଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନ ଦୁର୍ବଳ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଗତ ୬ ମାସ ମଧ୍ୟରେ ବହୁ ସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳୁଛି। ଗତ ୨୪ ଘଣ୍ଟା ମଧ୍ୟରେ ଛତିଶଗଡ଼ର ସୁକ୍‌ମା, କାଙ୍କେର ଓ ଗଡ଼ଚିରୋଲି ଜିଲାରେ ମୋଟ ୧୩୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଗଡଚିରୋଲିରେ ୬୧, ସୁକ୍‌ମାରେ ୨୭ ଓ କାଙ୍କେରରେ ୫୦ମାଓବାଦୀଆତ୍ମସମର୍ପଣକରିଛନ୍ତି।

# ଭଡ଼ାଘରେ ବ୍ଲକ୍ କୃଷି ଅଧିକାରିଣୀଙ୍କ ଝୁଲନ୍ତା ମୃତଦେହ

ବାସୁଦେବପୁର,୧୫।୧୦ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ କାର୍ଯ୍ୟରତ କୃଷି ଅଧିକାରିଣୀ ନିହାରିକା ଦଲେଇ(୩୭)ଙ୍କ ଝୁଲନ୍ତା ମୃତଦେହ ବୁଧବାର ମଧ୍ୟାହ୍ନରେ ସେ ରହୁଥିବା ଭଡ଼ାଘରୁ ଜବତ କରାଯାଇଛି। ଗତ କିଛି ମାସ ହେବ ନିହାରିକା ବାଲିନଗର ଗ୍ରାମର ଭଡ଼ାଘରେ ରହି ଆସୁଥିଲେ। ଗତ ୨ ଦିନ ଧରି ସେ ଅଫିସକୁ ଆସୁ ନ ଥିଲେ। ବୁଧବାର ସକାଳେ ସେ ନିଜ ଶିଶୁକନ୍ୟାଙ୍କୁ ବୁକ୍‌ରୋଡ଼ରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଛାଡ଼ିବାକୁ ଆସିଥିଲେ। କିନ୍ତୁ ମଧ୍ୟାହ୍ନ ପରେ ସେ ଶିଶୁକନ୍ୟାଙ୍କୁ ସ୍କୁଲରୁ ନେବାକୁ ଆସି ନ ଥିଲେ। ବ୍ଲକ୍ କୃଷି କାର୍ଯ୍ୟାଳୟର କେତେଜଣ କର୍ମଚାରୀ ତାଙ୍କ ଭଡ଼ାଘରକୁ ଯାଇ ନିହାରିକାଙ୍କୁ ଖୋଜିଥିବା ବେଳେ ଘରର କବାଟ ଭିତର ପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକମାନେ କୃଷି ବିଭାଗ କର୍ମଚାରୀମାନେ ବାସୁଦେବପୁର ପୋଲିସକୁ ସୂଚନା ଦେଇଥିଲେ। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ମୃତା ନିହାରିକାଙ୍କର ୮ ବର୍ଷୀୟା ଶିଶୁକନ୍ୟାଙ୍କୁ ବ୍ଲକ୍ କୃଷି କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଆଇଆଇସି ସେଠାରେ ପହଞ୍ଚି ଶିଶୁର ଦେଖାଶୁଣା କରିଛନ୍ତି। ନିହାରିକାଙ୍କ ଘର ଭଦ୍ରକ ବଙ୍କସାହିରେ ବୋଲି ଜଣାପଡ଼ିଥିବା ବେଳେ ତାଙ୍କ ସ୍ୱାମୀ ସତ୍ୟସମିତ ପାଢ଼ୀ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ତାଙ୍କ ସ୍ୱାମୀଙ୍କ ଘର କଟକ ଜିଲା ଚୌଦ୍ୱାରରେ। ତେବେ ଏହା ଏକ ଆତ୍ମହତ୍ୟାଜନିତ ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରାହ୍ନ ୪ଟା ବେଳେ ମୃତ ନିହାରିକାଙ୍କ ସ୍ୱାମୀ ସତ୍ୟସମିତ ଓ ତାଙ୍କ ବାପା ଅନିରୁଦ୍ଧ ଦଲେଇ ବାସୁଦେବପୁରରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ମୃତଦେହ ଝୁଲନ୍ତା ଅବସ୍ଥାରେ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନା ପଠାଯାଇଛି। ମୃତ ନିହାରିକାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେଲେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଆଇଆଇସି କହିଛନ୍ତି।

# ପ୍ଲେ ସ୍କୁଲ ମାଲିକ ଗିରଫ

## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ

ଅନୁଗୋଳ,୧୫।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରରେ ଥିବା ଏକ ପ୍ଲେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖୁଥିଲେ। କିଛିଦିନ ଧରି ଏପରି ସମ୍ପର୍କ ପରେ ଆଉ ଧରାଛୁଆଁ ଦେଉନି ପ୍ଲେ ସ୍କୁଲ ମାଲିକ। ଶେଷରେ ପ୍ରତାରଣାର ଶିକାର ଶିକ୍ଷୟିତ୍ରୀ ଜଣକ ଏ ନେଇ ଅନୁଗୋଳ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ପ୍ଲେ ସ୍କୁଲ ମାଲିକଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜେଲ ହାଜତକୁ ପଠାଯାଇଛି।

# ଶୀଘ୍ର ଖୋଲିବ ପୀତବାସ ପଣ୍ଡା ହତ୍ୟା ରହସ୍ୟ

ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ତଥା ଭାଜପା କର୍ମୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ୧୦ ଦିନ ପୂରିଛି। ବିହାରୀ ବନ୍ଧୁକର ପୀତବାସଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଛି। ଏ ଦିଗରେ ଏବେ ପୋଲିସ ଜୋରସୋର୍ ତଦନ୍ତ ଚଳାଇଛି। ଅପରାଧ ଘଟାଇବା ପରେ ହତ୍ୟାକାରୀ କିଛି ସୁରାକ୍ ଛାଡ଼ିଯାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ପ୍ରମାଣ ମଧ୍ୟ ପୋଲିସ ହାତରେ ଲାଗିଛି। ସିସିଟିଭି ଫୁଟେଜ୍ ସହ ତଥ୍ୟ ତାଗ ଆନାଲିସିସ୍ କରିଆରେ ହତ୍ୟାକାରୀ(ଶୁଟର) ପୋଲିସ କବ୍‌ଜାରେ ଥିବା ଜଣାପଡ଼ିଛି। ପୂର୍ବରୁ ଏହି ଜିଲାରେ ହୋଇଥିବା ଏକ ହତ୍ୟାକାଣ୍ଡରେ ଜଣେ ଯୁବକଙ୍କ ସମ୍ପୃକ୍ତି ରହିଥିଲା। ଅଭିଯୁକ୍ତ ସେହି ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ପୀତବାସ ସେହି ମାମଲାର ଓକିଲ ଥିଲେ। ସନ୍ଦିଗ୍ଧ ଯୁବକ ପୀତବାସଙ୍କ ହତ୍ୟାକାଣ୍ଡର କିଛିଦିନ ପୂର୍ବରୁ ତାଙ୍କ ଘର ପାଖ ଓ ସହର ଭିତରେ ତାଙ୍କୁ ପିଛା କରୁଥିବା ସିସିଟିଭିରୁ ଦେଖିବା ପରେ ପୋଲିସର ସନ୍ଦେହ ବଢ଼ିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ନୂଆ ଟିମ୍ ଗଢ଼ାଯାଇଥିଲା। ଏହି ଟିମ୍‌କୁ ଆନ୍ଧ୍ରପ୍ରଦେଶରୁ ସଫଳତା ମିଳିଥିବା ଶୁଣାଯାଉଛି। ଅନ୍ୟପଟେ ବିହାରରୁ ବନ୍ଧୁକ ଆଣି ପୀତବାସଙ୍କୁ ହତ୍ୟା କରିଯାଇଥିବା ଚର୍ଚ୍ଚା ହେଉଛି। ହତ୍ୟାକାଣ୍ଡର ୧୦ ଦିନ ପରେ ମଧ୍ୟ ତଦନ୍ତରେ ବାଧାହେବା ଦୃଷ୍ଟିରୁ ପୋଲିସ ମୁହଁ ଖୋଲୁ ନ ଥିବା ବେଳେ ଶୀଘ୍ର ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡର ପର୍ଦ୍ଦାଫାସ ହେବ ବୋଲି ସୂଚନା ମିଳୁଛି।

# ଦୁଇଗୋଷ୍ଠୀ ଗଣ୍ଡଗୋଳ: ୨ ଅଟକ

ନୀଳଗିରି, ୧୫।୧୦(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିରେ ବୁଧବାର ଅପରାହ୍ନରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଗୋଟିଏ ଗୋଷ୍ଠୀର ଧାଡ଼ୁଆ ଅସ୍ତ୍ର ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରଶମନ ପାଇଁ ନୀଳଗିରି ପୋଲିସ ୨ଜଣଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ନୀଳଗିରି ଦୈନିକ ମାର୍କେଟରେ ମନୱାର ଜୁବେନ ଶାହା ମାଂସ ଦୋକାନ କରିଛନ୍ତି। ଅପରାହ୍ନରେ ହଠାତ୍ ୩ଜଣ ଯୁବକ ସେଠାରେ ପହଞ୍ଚି ପରିସ୍ଥିତି କରିଥିଲେ। ପରେ ପିରୋଜ ଶାହା ଓ ମନୱାର ଜୁବେନ ଶାହା ଏକ ଧାଡ଼ୁଆ ଅସ୍ତ୍ରରେ ରେମୁଣା ମଙ୍ଗଳପୁର ଗ୍ରାମରଚିତରେ କେତେଜଣ ଓ ଗୋଳଙ୍କୁ ସାଙ୍ଗ ମନୋଜ ଗୁଙ୍କୁ ଆକ୍ରମଣ କରିଥିଲେ।

# ବ୍ୟାସନଗର ସହରରେ ଫୁଟିଲା ଗୁଳି

ଯାଜପୁରରୋଡ୍,୧୫।୧୦(ପବିତ୍ର ରଞ୍ଜନ ମହାନ୍ତି)

ଦିନ କେଇଟା ପରେ ଯାଜପୁର ଜିଲାର ବ୍ୟାସନଗର ସହରର ଗଣପର୍ବ କାଳୀପୂଜା ଅନୁଷ୍ଠିତ ହେବା ମାତ୍ର ଏହା ପୂର୍ବରୁ ବୁଧବାର ସନ୍ଧ୍ୟାରେ ସହରରେ ଗୁଳି ଫୁଟିଛି। ସହରର ଗୋପବନ୍ଧୁ ନଗର ରାସ୍ତାର ଓଏମ୍ କମ୍ୟୁନିକେସନ ଦୋକାନ ଉପରେ ଗୁଳିମାଡ଼ ହୋଇଛି। ଗୁଳିଟି ଦୋକାନର କାଚ ଝରକାରେ ବାଜିବା ପରେ ଖୋକା ତଳେ ପଡ଼ିଛି। ଏହି ସମୟରେ ଦୋକାନ ମାଲିକ ଦେବଦତ୍ତ ପଣ୍ଡା କୌଣସି କାର୍ଯ୍ୟରେ ବଜାରକୁ ଯାଇଥିଲେ ଓ ଭିତରେ କେହି ନ ଥିଲେ। ତେଣୁ କାହାରି କ୍ଷତି ହୋଇନାହିଁ। ଘଟଣା ଘଟାଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଖବର ପାଇ ଯାଜପୁରରୋଡ୍ ଥାନାଧିକାରୀ ଆଶିଷ କୁମାର ସାହୁ ଓ ଏସ୍‌ଡିପିଓ ଲକ୍ଷ୍ମୀକାନ୍ତ ନାୟକ ପହଞ୍ଚି ଓ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଦୁର୍ବୃତ୍ତଙ୍କ ସମ୍ପର୍କରେ ପଚରାଉଚରା ଚଳାଇଛନ୍ତି। ଏଥିସହିତ ଘଟଣା ସ୍ଥଳରୁ ଖୋକା ଜବତ କରିଛନ୍ତି। ତଦନ୍ତ ପାଇଁ ପୋଲିସ ସାଇଣ୍ଟିଫିକ ଟିମର ସହାୟତା ନେଉଛି। ସନ୍ଧ୍ୟା ୭ଟା୩୦ରେ ଜଣେ ଯୁବକ ମଦ୍ୟପାନ କରିଥିବା ଭଳି ଗାଳିଗୁଲଜ କରି ଗୋପବନ୍ଧୁ ଛକ ଆଡ଼ୁ ଚାଲିଚାଲି ଆସି ଦୋକାନକୁ ଗୁଳିମାଡ଼ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ଅନ୍ୟ ଜଣେ ବାଇକ ଚାଳକ ସହ ବସି ନକ୍ସା ଗୋଲେଇ ଛକ ଆଡ଼କୁ ଫେରାରହୋଇଯାଇଥିଲେ। ଏନେଇ ଦୋକାନ ମାଲିକଙ୍କ ପଚାରିବାରେ ତାଙ୍କର କାହା ସହ ଶତ୍ରୁତା ନ ଥିବା ସେ କହିଛନ୍ତି। ତେବେ କିଏ କାହିଁକି ଗୁଳିମାଡ଼ କଲା ତାହା ଜଣାପଡ଼ିନାହିଁ।

# ଆକ୍ରମଣରେ ଗୁରୁତର ଭିଶୋଇଙ୍କ ମୃତ୍ୟୁ, ୨ ଗିରଫ

ଛେଣ୍ଡିପଦା,୧୫।୧୦ (ଅଜିତ ଧଳ)

ସମ୍ପର୍କୀୟ ଶାଳକଙ୍କ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଭିଣୋଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ଜରପଡ଼ା ଥାନା ନାଉପଦା ଗାଁର ଅଜୟ ନାଏକ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ବୁଧବାର ଅଭିଯୁକ୍ତ ବାଲିପଦା ଗାଁର ସମ୍ପର୍କୀୟ ଶାଳକ ବନି ନାଏକ ଏବଂ ସହଯୋଗୀ ଦାଶରଥୀ ନାଏକଙ୍କୁ ଗିରଫ କରିଛି। ଅଭିଯୋଗରୁ ପ୍ରକାଶ, ଗତ ସୋମବାର ବାଲିପଦା ଗ୍ରାମର ବନି ଓ ଦାଶରଥୀ ଯାତ୍ରା ଦେଖିଯିବାକୁ କହି ଭିଣୋଇ ଅଜୟଙ୍କୁ ସାଙ୍ଗରେ ନେଇଥିଲେ। ହେଲେ ଅଜୟ ମଙ୍ଗଳବାର ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଘରଠାରୁ ୨ କିଲୋମିଟର ଦୂର ଶିବ ମନ୍ଦିର କେନାଲରୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅଜୟଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଅଜୟଙ୍କ ପରିବାର ଲୋକେ ଛେଣ୍ଡିପଦା ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ବାଲିପଦା ଗାଁକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତ ବନି ଏବଂ ସହଯୋଗୀ ଦାଶରଥୀଙ୍କୁ ଗିରଫ କରିଛି।

# ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା, ଜଣେ ଗୁରୁତର

ବିଷମକଟକ,୧୫।୧୦(ପ୍ରଦୀପ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଭାଟଗୁଡ଼ା ଗ୍ରାମରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ହୋଇଛି। ସାମାନ୍ୟ ବଚସାରୁ ଜଣେ ଶ୍ରମିକ ତାଙ୍କ ସହଯୋଗୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ବିଷମକଟକସ୍ଥିତ କ୍ରିଶ୍ଚିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳର ରିଙ୍କା ଲୋଗୋନା। ବୁଧବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବିଷମକଟକ ବ୍ଲକ୍ ଭାଟଗୁଡ଼ା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଲାଞ୍ଜିଗଡ଼ ଅଞ୍ଚଳର ଶ୍ରମିକମାନେ ସେଠାରେ ରହିନିର୍ମାଣ କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ସେମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଜଣେ ଶ୍ରମିକ କୁନାଲ ଲୋହୋରା ଉତ୍ତେଜିତ ହୋଇ ଏକ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କ ସହଯୋଗୀ ରିଙ୍କା ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଆକ୍ରମଣରେ ଗୁରୁତର ହୋଇଥିବା ଲଳିତ ମାଝିଙ୍କୁ କ୍ରିଶ୍ଚିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଆହତଙ୍କୁ ଉଦ୍ଧାରକରି ମେଡିକାଲକୁ ପଠାଇବା ପରେ ମୃତଦେହ ଜବତ କରିଛି। ଅଭିଯୁକ୍ତ କୁନାଲଙ୍କୁ ପୋଲିସ ଅଟକ ରଖିଥିବା ବିଷମକଟକ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ତରଫରୁ ଡେପୁଟି ଚିଫ୍ ଇଞ୍ଜିନିୟର ... ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ ... ଟେଣ୍ଡର ଫର୍ମ ଓ ଆନୁସଙ୍ଗିକ ବିବରଣୀ ପାଇଁ www.ireps.gov.in ... www.ireps.gov.in ରେ ଉପଲବ୍ଧ (PR-727)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED (Govt. of Jharkhand Undertaking)**
JUIDCO BHAWAN, KUTCHERY ROAD, RANCHI-834001, JHARKHAND.
Ph No.: +91-651-2225878, CIN: U45200JH2013SGC001752,
e-mail Id-pdt.juidco@gmail.com,juidcolimited@gmail.com

**Tender Cancellation Notice**

NIT No – JUIDCO Ltd/NIT/DPR-PMC/SWM/HC/25/657
Tender ID – 2025_UDD_102016_1
PR No. – 354878

Project Title – "Request for Proposal (RFP) for selection of Consultant for providing Consultancy service for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharganj"
The tender having details as mentioned above is cancelled due to unavoidable reasons. All bidders are therefore requested to wait for future correspondence regarding fresh tender.

Sd/-
Project Director (Tech)
JUIDCO Ltd.

PR 364183 (Urban Development and Housing) 25-26 (D)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED (Govt. of Jharkhand Undertaking)**
JUIDCO BHAWAN, KUTCHERY ROAD, RANCHI, JHARKHAND
Ph. No.:+91-651-2225878, Mob. No.: +91 9471006062
E-mail Id-juidcolimited@gmail.com
CIN: U45200JH2013SGC001752

**Notice Inviting Tender**
3rd Tender Call
NIT No.: JUIDCO/ NIT/DPR-PMC/SWM/HC/25/ 668
Dated:15.10.2025

| | | |
|---|---|---|
| 1. | Name of the work | "Request for Proposal (RFP) for selection of Consultant for providing Consultancy services for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharganj." |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Tender Fee and Earnest Money to be submitted online | Tender document fee: Rs 10,000/- (Rupees Ten Thousand)only – Non-Refundable. Bid Security : Rs. 2,00,000/- (Rupees Two lakh only), to be paid online. |
| 4. | Date / Time of Publication of Tender on Website | 15.10.2025; 17.00hrs |
| 6. | Last Date / Time of Bid Submission | 29.10.2025; 17.00hrs |
| 7. | Date/Time of Bid Opening | 30.10.2025; 17.00hrs |
| 8. | Name and Address of office inviting Tender. | Jharkhand Urban Infrastructure Development Company Ltd, JUIDCO Bhawan, Kutchery Chowk, Ranchi-834001 |
| 9. | Helpline No. of e-Procurement Cell | +91 651 2225878 |

Note: Only e-tenders will be accepted.
Further details are available on Jharkhand Government e-procurement website http://jharkhandtenders.gov.in

PR 364215 Urban Development and Housing(25-26).D

Sd/-
Project Director (Tech.)
JUIDCO Ltd., Ranchi

**ୟୁନିୟନ ବ୍ୟାଙ୍କ Union Bank of India**
**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧୯, ସିଭିଲ୍ ଟାଉନ୍, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ... ସମ୍ପତ୍ତିର ଦଖଲ ନେଇଛନ୍ତି ...

| ଶାଖା / ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ / କୋ-ଓବ୍ଲିଗାଣ୍ଟ / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଭୁବନେଶ୍ୱର ମୁଖ୍ୟ ଶାଖା / ୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର ... | ଟ.୧୯,୯୮,୨୫୯.୧୫ + ସେବାକର ସୁଧ | ୧୪.୦୭.୨୦୨୫ / ୧୪.୧୦.୨୦୨୫ | ଶ୍ରୀମତୀ ମହେଶ୍ୱେତା ମହାପାତ୍ର ... |
| ଓଏମ୍‌ସି କ୍ୟାମ୍ପସ୍ ଶାଖା / ୧) ଋଣଗ୍ରହୀତା: ମେସର୍ସ ଜଗଦ୍ଦୁର୍ଗା ଟ୍ରାନ୍ସପୋର୍ଟ ... | ଟ.୫୫,୦୫,୧୯୯.୫୬ + ସେବାକର ସୁଧ | ୨୧.୦୭.୨୦୨୫ / ୧୪.୧୦.୨୦୨୫ | ଶ୍ରୀ ଶୁଭେନ୍ଦୁ କୁମାର ଦାସଙ୍କ ନାମରେ ... |
| ବସୁଲଙ୍ଗ ଶାଖା / ୧) ଋଣଗ୍ରହୀତା/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା ... | ଟ.୧୯,୫୫,୨୩୭.୧୨ + ସେବାକର ସୁଧ | ୦୧.୦୮.୨୦୨୫ / ୧୪.୧୦.୨୦୨୫ | ଶ୍ରୀ ବିରଞ୍ଚି ନାରାୟଣ ବେହେରା ଏବଂ ... |
| ପୁରଣାଗାନ ଶାଖା / ୧) ଋଣଗ୍ରହୀତା: ଶ୍ରୀ ଦଧାଗତ ଭଦ୍ରନ, ... | ଟ.୧୭,୬୨,୦୮୮.୫୫ + ସେବାକର ସୁଧ | ୨୮.୦୭.୨୦୨୫ / ୧୪.୧୦.୨୦୨୫ | ... |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୫.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୫।୧୦।୨୦୨୫

| | |
|---|---|
| ୫,୫୧,୨୬୬ ଟଙ୍କା | |
| ସୁନା | ୮.୯୦୦ ଗ୍ରାମ୍ |
| ରୁପା | ୪.୯୦୦ ଗ୍ରାମ୍ |

## ସଂକ୍ଷେପରେ

### ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ କାର୍ତ୍ତିକ ଅବକାଶ

**ଯୋଗେଶ୍ୱରପୁର,୧୫।୧୦(ରଶ୍ମିରଞ୍ଜନ ସାହୁ):** ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମକ୍ଷେତ୍ର ପରିସରରେ ୮ ତାରିଖରୁ ମହାକାର୍ତ୍ତିକ ଅବକାଶ ପଠନ ଆଶ୍ରମର ମୁଖ୍ୟ ବାବାଜି ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା। ଭୋର ୪ଟାରୁ ଶ୍ରୀକୃଷ୍ଣ ନାଟମଣ୍ଡପରେ ଭକ୍ତମାନେ ଏକତ୍ରିତ ହୋଇ ମା' ଶ୍ୟାମାକାଳୀ, ଦୁର୍ଗା ମାଧବ, କଳ୍କି ରାମ, ଗୋଷ୍ଠଚନ୍ଦ୍ରମା, ମା' ରାଧାରାଣୀ, ମା' ଚର୍ଚ୍ଚିକା, ମା' ବିମଳା, ମା' ବିରଜା, ମା' ମଙ୍ଗଳା, ଭଗବାନ୍ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ରଚିତ ଭଜନ କାର୍ତ୍ତିକ ଅବକାଶ ପଠନଗୁଡ଼ିକ ସେବିକା ସବିତା ଦାସ, ଅନୁମା, ବାସନ୍ତୀ ମା', ଶାନ୍ତି ମା', ଶୁକ ମା', ଅନୁ ମା' ପ୍ରମୁଖ ଉପସ୍ଥିତ ଥିଲେ। ଆଶ୍ରମରେ ଥିବା ୧୫ଟି ମନ୍ଦିରରେ ମଙ୍ଗଳ ଆଳତି ବାବାଜି ଅକ୍ଷୟ କୁମାର ଦାସ କଲା ପରେ ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ଦିନ ପରି ବିଶ୍ୱର ମଙ୍ଗଳ ପାଇଁ ସମୂହ ବିଶ୍ୱଶାନ୍ତି ପ୍ରାର୍ଥନା ହୋଇଥିବା ଜଣାପଡ଼ିଛି। ଏହି ପବିତ୍ର କାର୍ତ୍ତିକରେ ଏଠାରେ କେବଳ ଖଇ ଓ ଦହି ଭୋଗ ଲାଗି ହେବା ପ୍ରଥା ଅଛି ବୋଲି ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଛନ୍ତି।

### ନୟାହାଟ କଲେଜରେ ନୂତନ ଅଧ୍ୟକ୍ଷ

**ଯୋଗେଶ୍ୱରପୁର,୧୫।୧୦(ରଶ୍ମି ରଞ୍ଜନ ସାହୁ):** ନୟାହାଟ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଅର୍ଥନୀତି ଅଧ୍ୟାପକ ଜୟରାମ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଅଧ୍ୟକ୍ଷ ଭୋଳାନାଥ ପାତ୍ର ଚାକିରିରୁ ସେପ୍ଟେମ୍ବର ୩୦ରେ ଅବସର ନେଲା ପରେ ପଦବୀ ଖାଲି ପଡ଼ିଥିଲା। ତାଙ୍କ ସ୍ଥାନରେ ନୂତନ ଅଧ୍ୟକ୍ଷ ସ୍ୱାଇଁ ଆମ ପ୍ରତିନିଧିଙ୍କୁ କହିଛନ୍ତି, ନୟାହାଟ କଲେଜରେ ଅନେକ ସମସ୍ୟା ଅଛି। ତାହା ଅଦ୍ୟାବଧି ପୂରଣ ହୋଇପାରି ନାହିଁ। ନୟାହାଟ କଲେଜ ଚତୁର୍ପାର୍ଶ୍ୱରେ ପାଚେରି ନ ଥିବାରୁ ରାତିରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ଯଦି କଲେଜ ଚାରିପାଖ ପାଚେରି ହୁଅନ୍ତା, ତେବେ ବାହାର ପିଲା ପ୍ରବେଶ କରିପାରିବେ ନାହିଁ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। କଲେଜରେ ଅଧ୍ୟାପକ ପଦବୀ ଖାଲିଥିବାରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି। କଲେଜକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଅଧ୍ୟକ୍ଷ ଜୟରାମ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।

# ତାଗିଦା ପରେ ବି ସୁଧୁରୁନି ଇସ୍କନ୍

- ଇସ୍କନ୍ ପକ୍ଷରୁ ପୁଣି ଅଦିନିଆ ରଥଯାତ୍ରା ଆୟୋଜିତ
- ଗତ ୭ରେ ଋଷିକେଶ, ୧୨ରେ ୟୁକ୍ରେନ୍‌ରେ ହୋଇଥିଲା

**ପୁରୀ୧୫।୧୦( ଅଜିତ୍ କୁମାର ମହାନ୍ତି)**

କିଛି ଦିନର ବିରତି ପରେ ଇସ୍କନର ପୁଣି ମନମାନି ଦେଖିବାକୁ ମିଳିଛି। ଇସ୍କନର ଏପରି ବାରମ୍ବାର ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି କୁଠାରାଘାତକୁ ନେଇ ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରିବା ଘଟଣାକୁ ନାପସନ୍ଦ କରି ପୂର୍ବରୁ ଗଜପତି ମହାରାଜ ଜଣାଇବା ପରେ ମଧ୍ୟ ଇସ୍କନ ଏପରି କାର୍ଯ୍ୟରୁ ବିରତ ରହୁନାହିଁ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏଥର ୟୁକ୍ରେନ୍ ସହ ଭାରତର ଋଷିକେଶଠାରେ ଏପରି ଘଟଣା ଘଟିଥିବା ଜଣାପଡ଼ିଛି। ନୀତି ନିୟମକୁ ଅଣଦେଖା କରି ଇସ୍କନ ପକ୍ଷରୁ ଉତ୍ତରାଖଣ୍ଡର ଋଷିକେଶରେ ଅଦିନିଆ ରଥଯାତ୍ରା କରାଯାଇଥିବା ଜଣାପଡ଼ିଛି। ଇସ୍କନ ଗତ ୭ରେ ଋଷିକେଶରେ ଏହି ଅଦିନିଆ ରଥଯାତ୍ରା ପାଳନ କରିଥିଲା। ବିଧି ପରମ୍ପରା ଭାଙ୍ଗି ଇସ୍କନ ବାରମ୍ବାର ଅଦିନିଆ ରଥଯାତ୍ରା କରୁଥିବା ବେଳେ ଚଳିତମାସରେ ମଧୁବନ ଆଶ୍ରମ ଋଷିକେଷ ଦ୍ୱାରା ୨୮ତମ ଶ୍ରୀଜଗନ୍ନାଥ ରଥଯାତ୍ରାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏକ ଚାରିଚକିଆ ଗାଡ଼ିରେ ବସି ଯାଉଥିବା ଦେଖିବାକୁ ମିଳିଛି, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୟୁକ୍ରେନ୍‌ରେ ଅଦିନିଆ ରଥଯାତ୍ରା ଗତ ୧୨ ତାରିଖ ପାଳନ ହୋଇଥିବା ଜଣାପଡ଼ିଛି, ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଇସ୍କନ ପକ୍ଷରୁ ଭାରତ ଏବଂ ଭାରତ ବାହାରେ ଅଦିନିଆ ରଥଯାତ୍ରା କରାଯାଇଥିବାରୁ ଏହାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାଜ୍ୟ ସରକାର ଏନେଇ ପଦକ୍ଷେପ ନେବାକୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି। ଜଣେ ଭକ୍ତ କହିଛନ୍ତି, ଅଦିନିଆ ରଥଯାତ୍ରା ଆୟୋଜନ ସମ୍ପୂର୍ଣ୍ଣ ଭୁଲ୍। ମହାପ୍ରଭୁଙ୍କ ପରମ୍ପରା ପାଳନ କରିବାକୁ ପଡ଼ିବ। ସାରା ବିଶ୍ୱରେ ଗୋଟିଏ ସମୟରେ ବିଧି ଅନୁଯାୟୀ ରଥଯାତ୍ରା ଆୟୋଜନ ହେବା ଉଚିତ। ଅଦିନିଆ ରଥଯାତ୍ରା ଆୟୋଜନ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ପ୍ରତିକ୍ରିୟାରେ କହିଛନ୍ତି, ବିଧି ଅନୁଯାୟୀ ମହାପ୍ରଭୁଙ୍କ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଜଗନ୍ନାଥପ୍ରେମୀ ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳନ କରନ୍ତି। ଅଦିନିଆ ରଥଯାତ୍ରା ସମ୍ପୂର୍ଣ୍ଣ ପରମ୍ପରା ବିରୋଧୀ। ବାରମ୍ବାର ବାରଣ ସତ୍ତ୍ୱେ ଏହାକୁ ଇସ୍କନ ନ ମାନି ଅଦିନିଆ ରଥଯାତ୍ରା ଆୟୋଜନ କରିବା ଦୁଃଖର କଥା। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଅଦିନିଆ ରଥଯାତ୍ରା ପାଳନ ନ କରିବା ପାଇଁ ଇସ୍କନକୁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଯଦି ସେ ଏହା ଉଲ୍ଲଂଘନ କରୁଛି ତାହା ଉଦ୍‌ବେଗର କଥା। ଏନେଇ ମୁଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇବି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଇସ୍କନର ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ପ୍ରସଙ୍ଗରେ ସେପ୍ଟେମ୍ବର ୬ରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ନୀତି ବିରୋଧୀ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୦୦ ପୃଷ୍ଠାର ଏକ ପୂର୍ଣ୍ଣାଙ୍ଗ ଉତ୍ତର ଇସ୍କନକୁ ପ୍ରଦାନ କରାଯାଇଥିଲା। ନୀତି ଓ ପରମ୍ପରାକୁ ନ ମାନିଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତିଙ୍କ ଦ୍ୱାରା ଇସ୍କନକୁ ଚିଠି ଲେଖାଯାଇଥିଲା। ମାତ୍ର ଏକମାସ ପରେ ଇସ୍କନ ପୁନର୍ବାର ତାର ମନମାନି ଜାରି ରଖି ଅଦିନିଆ ରଥଯାତ୍ରା ଆୟୋଜନ କରିଛି। ଇସ୍କନ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି।

# ୨ଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଘାଟିତ



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗର ରାଷ୍ଟ୍ରୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗ ଦ୍ୱାରା ଆୟୋଜିତ 'ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗ ବିଜ୍ଞାନ' ଶୀର୍ଷକ ୨ଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ ବୁଧବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ କୁମାର ପାତ୍ର ଯୋଗଦେଇ ଯୋଗ ବିଜ୍ଞାନ ସମ୍ବନ୍ଧୀୟ ବହୁ ବୈଜ୍ଞାନିକ ତତ୍ତ୍ୱ ବ୍ୟାଖ୍ୟା କରିଥିଲେ। ମୁଖ୍ୟବକ୍ତା ଭାବେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର ଯୋଗଦେଇ ଯୋଗଶାସ୍ତ୍ରକୁ ସରଳ ଭାବରେ ବ୍ୟାଖ୍ୟା କରିଥିଲେ।

ସମ୍ମାନିତ ବକ୍ତା ଭାବେ ବିଶ୍ୱଭାରତୀ ଶାନ୍ତି ନିକେତନର ସଂସ୍କୃତ ପାଲି ଓ ପ୍ରାକୃତ ବିଭାଗର ଆଚାର୍ଯ୍ୟ ନରୋତ୍ତମ ସେନାପତି, ସମ୍ମାନିତ ଅତିଥି ଭାବେ ବିଶ୍ୱଭାରତୀ ଶାନ୍ତିନିକେତନର ଶିକ୍ଷାଶାସ୍ତ୍ର ବିଭାଗ ମୁଖ୍ୟ ସନତ୍ କୁମାର ରଥ, ସାରସ୍ୱତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ସଚିବ ରମାକାନ୍ତ ନାୟକ ଯୋଗଶାସ୍ତ୍ର ବର୍ତ୍ତମାନ କିଭଳି ଭାବେ ନିଜର ପ୍ରଭାବ ବିସ୍ତାର କରିସାରିଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସାହିତ୍ୟ ବିଭାଗ ଅଧ୍ୟକ୍ଷ ବସନ୍ତ କୁମାର ମିଶ୍ର ନିଜର ସଭାପତିତ୍ୱ ଭାଷଣ ପ୍ରଦାନ କରି ସମସ୍ତଙ୍କୁ ଯୋଗପଥରେ ଗମନ କରିବାକୁ ଉପଦେଶ ଦେଇଥିଲେ। ସର୍ବଦର୍ଶନ ବିଭାଗ ଅଧ୍ୟକ୍ଷ ତଥା ଚର୍ଚ୍ଚାସତ୍ରର ଉପଦେଷ୍ଟା ଡ. ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବଦର୍ଶନ ବିଭାଗର ଆଚାର୍ଯ୍ୟା ଡ. ସସ୍ମିତା ବନ୍ଦର ନାୟକ ସଂଗୋଷ୍ଠୀର ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବଦର୍ଶନ ବିଭାଗର ଆଚାର୍ଯ୍ୟ ଡ. ଅଜୟ କୁମାର ପାଣ୍ଡେ ସଭା ପରିଚାଳନା କରିଥିଲେ। ବ୍ୟାକରଣ ବିଭାଗର ଆଚାର୍ଯ୍ୟ ଡ. ଅଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ବେଦ ବିଭାଗର ଆଚାର୍ଯ୍ୟ ଡ. ଚନ୍ଦନ କୁମାର ମିଶ୍ର ବେଦପାଠ କରିଥିଲେ।

# ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ନେଇ ବିଜ୍ଞାପନ

**ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)**

କିଛିଦିନର ବ୍ୟବଧାନ ପରେ ଅନ୍‌ଲାଇନ ମାଧ୍ୟମରେ ମହାପ୍ରସାଦ ବିକ୍ରି ନେଇ ସୂଚନା ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି, ଯାହା କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରଘାତ କରିଛି। ଅନ୍‌ଲାଇନ ମାଧ୍ୟମରେ ଅନ୍ନପ୍ରସାଦ ମିଳିବା ନେଇ ସ୍ୱିଗିରେ ବିଜ୍ଞାପନ ଦେଖିବାକୁ ମିଳିଛି। ଖାଇବା ଆପ୍ଲିକେଶନ ସ୍ୱିଗିରେ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ଅନ୍ନପ୍ରସାଦ ବା ଅବଢ଼ା, ମା' ତାରିଣୀଙ୍କ ଅନ୍ନପ୍ରସାଦ, ବାବା ଆଖଣ୍ଡଳମଣିଙ୍କ ଅନ୍ନପ୍ରସାଦ ଓ ପ୍ରସାଦମ୍ ଟେମ୍ପୁଲ ଅନ୍ନପ୍ରସାଦ ମାତ୍ର ୪୯ଟଙ୍କାରେ ଉପଲବ୍ଧ ବୋଲି କୁହାଯାଇଛି। ମହାଧାର୍ମିକ ମାସ କାର୍ତ୍ତିକ ମାସ ସାରା ମାତ୍ର ୪୯ଟଙ୍କାରେ ଏହି ସୁବିଧା ସ୍ୱିଗିରେ ମିଳିପାରିବ ବୋଲି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ପ୍ରଘଟ ହେଉଛି। ତେବେ ୪୯ଟଙ୍କା ଦେଇ ସ୍ୱିଗି ଆପ୍ଲିକେସନରେ ଅର୍ଡର କଲେ ଆପଣଙ୍କ ଘରେ ଏହି ୪ଟି ମନ୍ଦିରର ଅନ୍ନପ୍ରସାଦ ପହଞ୍ଚିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି 'ମୋ ଆହାର' ନାମକ ଏକ ଅନ୍‌ଲାଇନ ସଂସ୍ଥା ମହାପ୍ରସାଦ ବିକ୍ରି କରିବା ନେଇ ସୂଚନା ମିଳିଛି। ଶ୍ରୀଜଗନ୍ନାଥ ମନ୍ଦିର ଥାଳି ନାଁରେ ଅରୁଆ ଅନ୍ନ, ଡାଲି, ବେସର ୧୫୫ ଟଙ୍କାରେ ବିକ୍ରି କରୁଛି। ସେହିପରି ୨୯୦ ଟଙ୍କାରେ ଜଣଙ୍କ ପିଛା ୨୯୦ ଟଙ୍କାରେ ଅରୁଆ ଅନ୍ନ, ଡାଲମା, ବେସର ଓ ଖଟା ଅନ୍‌ଲାଇନରେ ବିକ୍ରି ନେଇ ବିଜ୍ଞାପନ ଦେଇଛି। ତେବେ ଦୁଇଟି ସଂସ୍ଥା ଏପରି ତଥ୍ୟ ଦେଇ ଜଗନ୍ନାଥପ୍ରେମୀଙ୍କୁ ଭାବାବେଗକୁ ଆଘାତ ଦେଉଛି। ତେବେ ପୂର୍ବରୁ ଶ୍ରୀମନ୍ଦିରର ଅବଢ଼ା ଅନ୍‌ଲାଇନ ମାଧ୍ୟମରେ ବିକ୍ରି ଏବଂ ପୂଜାକୁ ନେଇ ସବୁରି ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରୀମନ୍ଦିରରେ ଅନ୍‌ଲାଇନ ମାଧ୍ୟମରେ ଏଭଳି କୌଣସି ବ୍ୟବସ୍ଥା ନାହିଁ ବୋଲି ସେମାନେ ସୂଚନା ଦେଇଥିଲେ। ଭକ୍ତମାନେ ଠକେଇର ଶିକାର ହେଉଥିବାରୁ ଶ୍ରୀମନ୍ଦିର, ଜିଲା ଓ ପୁଲିସ ପ୍ରଶାସନ ଏଭଳି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେବାୟତମାନେ ଦାବି କରିଛନ୍ତି। ମହାପ୍ରସାଦକୁ ଅନଲାଇନରେ ହୋମ ଡେଲିଭରି କଲେ ମହାପ୍ରସାଦର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ ବୋଲି ସେବାୟତମାନେ ମତ ରଖିଛନ୍ତି। ଏହା ଗ୍ରହଣୀୟ ନୁହେଁ। ଏଭଳି ବେଆଇନ କାର୍ଯ୍ୟ କରୁଥିବା ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ।

# ପୋଷଣ କାର୍ଯ୍ୟକ୍ରମରେ ପୁରୀ ଜିଲା ଶ୍ରେଷ୍ଠ ବିବେଚିତ



ପୋଷଣ କାର୍ଯ୍ୟକ୍ରମରେ ପୁରୀକୁ ପୁରସ୍କୃତ କରାଯାଉଛି।

**ପୁରୀ,୧୫।୧୦ (ଅଜିତ୍ କୁମାର ମହାନ୍ତି)**

ଉପଯୁକ୍ତ ପୋଷଣ ଶିଶୁକୁ ସୁସ୍ଥ ଓ ନୀରୋଗ ରଖିବା ସହ ତାହାର ମାନସିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ। ସେଥିପାଇଁ ପ୍ରତିବର୍ଷ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ପୋଷଣ ମାସର ଆୟୋଜନ କରାଯାଇଥାଏ। ଏହା ଦ୍ୱାରା ଉପଯୁକ୍ତ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାକୁ ଯେପରି ଲୋକାଭିମୁଖୀ କରାଯିବ, ସେଥିପ୍ରତି ବ୍ୟବସ୍ଥା କରାଯାଇଥାଏ। ବ୍ଲକସ୍ତରରୁ ଜିଲାସ୍ତର ଓ ଜିଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପୋଷଣର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। କନ୍‌ଭରଜେଣ୍ଟ ଆକ୍ସନ ଓ ଡିଜିଟାଇଜେଶନ, ଏର୍ଲି ଚାଇଲ୍ଡହୁଡ୍ କେଆର ଓ ଏଜୁକେଶନ, ଇନ୍‌ଫ୍ୟାଣ୍ଟ ଓ ୟଙ୍ଗ ଚାଇଲ୍ଡ ଫିଡ୍ ପ୍ରାକ୍ଟିସ, ମେନ ଷ୍ଟ୍ରିମିଂ, ଆଡ୍ରେସ୍ ଓବେସିଟି ଓ ଭୋକାଲ ଫର୍ ଲୋକାଲ ଏହିଭଳି ୬ଟି ବିନ୍ଦୁକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ କାର୍ଯ୍ୟକ୍ରମରେ ବିଭିନ୍ନ ପୋଷଣ କାର୍ଯ୍ୟକଳାପରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରୀ ଜିଲାକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି ଏବଂ ରାଜ୍ୟ ମଧ୍ୟରେ ପୋଷଣର ମୁଖ ଚିହ୍ନଟ ପ୍ରଣାଳୀରେ ମଧ୍ୟ ପୁରୀ ଜିଲା ପ୍ରଥମ ସ୍ଥାନ ହାସଲ କରିଛି। ଭୁବନେଶ୍ୱର ଲୋକ ସଭା ଭବନରେ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ନିର୍ଦ୍ଦେଶକ ମନୀଷା ବାନାର୍ଜୀଙ୍କଠାରୁ ଏହି ପୁରସ୍କାରକୁ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଓ ପୋଷଣର ଜିଲା ସଂଯୋଜକ ସସ୍ମିତା କର୍ମକାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମାଜ କଲ୍ୟାଣ ଅଧିକାରୀ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ସଫଳତାକୁ ପାଥେୟ କରି ଆଗକୁ ଆହୁରି ଅଧିକ କାର୍ଯ୍ୟକରି ଜିଲାର ସୁନାମ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପ୍ରତିଷ୍ଠାତାଙ୍କ ଦେହାନ୍ତ

- ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଗୋପ,୧୫।୧୦(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକ ଶିମିଳି ପଞ୍ଚାୟତସ୍ଥିତ ନୂଆଗାଁଠାରେ ୧୯୯୯ ମସିହାରେ ଗ୍ରାମାଞ୍ଚଳରେ ଥିବା ଛାତ୍ରୀଛାତ୍ରଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଇ ଖୋଲିଥିବା ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରତିଷ୍ଠାତା କାର୍ତ୍ତିକେଶ୍ୱର ସାହୁଙ୍କ ୯୯ ବର୍ଷରେ ଦେହାନ୍ତ ହୋଇଛି। ଏହି ବିଶିଷ୍ଟ ଓ ପରୋପକାରୀ ବ୍ୟକ୍ତି ଜଣଙ୍କ ଗୋପ ବ୍ଲକ ଅଞ୍ଚଳରେ ଜଣେ ଭଲ ମଣିଷ ଭାବେ ନିଜର ପରିଚୟ ସୃଷ୍ଟି କରିଥିବାବେଳେ ବିଭିନ୍ନ ସଂଗଠନ ସହିତ ଜଡ଼ିତ ହୋଇ ରହିଥିଲେ। ବୁଧବାର ଅପରାହ୍ନରେ ତାଙ୍କ ଶରୀର ଅସୁସ୍ଥ ଲାଗିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଘରେ ଚିକିତ୍ସା କରାଯାଇଥିଲା। ମାତ୍ର ଅପରାହ୍ନ ୪ଟାରେ ତାଙ୍କର ଏରବଙ୍ଗ ପଞ୍ଚାୟତସ୍ଥିତ ବୟାଳିଶବାଟି ନିଜସ୍ୱ ବାସଭବନରେ ଦେହାନ୍ତ ହୋଇଥିଲା। ଦେହାନ୍ତ ସମୟରେ ତାଙ୍କର ତିନି ପୁଅ ବିପିନି ବିହାରୀ, ନିରଞ୍ଜନ ଓ କୃଷ୍ଣଚନ୍ଦ୍ର ସହିତ ତିନି ବୋହୂଙ୍କ ସହିତ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ଦେହାନ୍ତ ଖବର ଜଣାପଡ଼ିବା ପରେ ବିଭିନ୍ନ ସଂଗଠନ, ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍କୁଲ ପ୍ରତିଷ୍ଠାତାଙ୍କ ଦେହାନ୍ତ ଯୋଗୁ ଗୁରୁବାର ସ୍କୁଲ ବନ୍ଦ ରହିବା ସହ ଏକ ସ୍ୱତନ୍ତ୍ର ଭାବେ ଶୋକସଭା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ପରିବାର ପକ୍ଷରୁ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରଠାରେ ଦାହ କରାଯାଇଥିବା ଜଣାପଡ଼ିଛି।



# କୋଣାର୍କରୁ ଅପହରଣ, ପାରାଦୀପରୁ ଉଦ୍ଧାର

**କୋଣାର୍କ,୧୫।୧୦(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଥାନା ଅନ୍ତର୍ଗତ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ବନାଖଣ୍ଡି ଠାରେ ଥିବା ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଏକ କାର୍‌କୁ ଅଟକାଇ ୭ଜଣ ଯୁବକ ଜୟ ଚକ୍ରବର୍ତ୍ତୀ ନାମକ ଜଣେ ଯୁବକଙ୍କୁ ଅପହରଣ କରିଥିଲେ। ଅପହରଣର ୩୬ ଘଣ୍ଟା ପରେ ପୋଲିସ ତାଙ୍କୁ ପାରାଦୀପ ସ୍ଥିତ ଏକ ବନ୍ଦ କୋଠରୀରୁ ଉଦ୍ଧାର କରିବା ସହ ୪ ଅପହରଣକାରୀଙ୍କୁ ଚନ୍ଦ୍ରଭାଗା ମେରାଇନ୍ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଜୟ ଚକ୍ରବର୍ତ୍ତୀଙ୍କ ସାଙ୍ଗ ଭୁବନେଶ୍ୱର ଖଣ୍ଡଗିରି ଥାନା ସରକନ୍ତରା ଗ୍ରାମର ଅଶୋକ କୁମାର ସାହୁଙ୍କ ଅଭିଯୋଗ ଅନୁଯାୟୀ, ୧୪ ତାରିଖରେ କାର୍ ଯୋଗେ ୨ ସାଙ୍ଗ ଭୁବନେଶ୍ୱରରୁ ବାହାରି ପୁରୀ ଓ କୋଣାର୍କ ବୁଲି ଭୁବନେଶ୍ୱର ଫେରୁଥିଲେ। ବନାଖଣ୍ଡି ପେଟ୍ରୋଲ ପମ୍ପ ନିକଟରେ ଠିଆ ହୋଇଥିବା ବେଳେ ୨ ଯୁବକ ବୁଲେଟ୍‌ରେ ଆସି ତାଙ୍କ ଗାଡ଼ି ଅଟକାଇ ଜୟଙ୍କୁ ବାହାରକୁ ଡାକିଥିଲେ। ଜୟ ବାହାରକୁ ନ ଆସିବାରୁ ନିକଟରେ ଥିବା ଏକ ନାଲି କାର୍ ଭିତରୁ ୨ ଯୁବକ ତାଙ୍କୁ କାରରୁ ବାହାରକୁ ଭିଡ଼ି ଆଣି ନାଲି କାର୍‌ରେ ବସାଇ କୋଣାର୍କ ଅଭିମୁଖେ ନେଇଥିଲେ। ଅଶୋକଙ୍କ ଅଭିଯୋଗକ୍ରମେ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଓ କୋଣାର୍କ ପୋଲିସ ଘଟଣାର ତଦନ୍ତ କରିବା ସହ ନିକଟରେ ଓ ରାସ୍ତାରେ ଥିବା ବିଭିନ୍ନ ସିସି କ୍ୟାମେରା ଯାଞ୍ଚ କରି ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅପହୃତ ଯୁବକଙ୍କୁ ଉଦ୍ଧାର ଓ ଅପହରଣକାରୀଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରି ରାଜ୍ୟ ଓ ରାଜ୍ୟ ବାହାରକୁ ଗସ୍ତ କରିଛନ୍ତି ବୋଲି କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି। ଘଟଣା ଦିନ ମଧ୍ୟ ଚଞ୍ଚଳ ଜେନା ଜୟଙ୍କ ଭଉଣୀକୁ ଫୋନ୍ କରି ଟଙ୍କା ମାଗୁଥିଲେ ବୋଲି ଅଶୋକ ପୋଲିସକୁ କହିଛନ୍ତି। ଟଙ୍କା କାରବାରକୁ ନେଇ ଜୟଙ୍କୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଅପହରଣ ପଛରେ ଚଞ୍ଚଳ ଜେନା ନାମକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥାଇପାରେ ବୋଲି ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ କେସ୍ ନଂ. ୨୦୫/୨୫, ବିଏନ୍‌ଏସ୨୦୨୩ ଧାରା ୧୪୦(୩), /୩(୫) ରେ ମାମଲା ରୁଜୁ କରିଛି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଅସ୍ତରଙ୍ଗ, ୧୫।୧୦(ମମତା ଜେନା)**

କାକଟପୁର ମଣ୍ଡଳ ଶିକ୍ଷା ବିଭାଗ ଅଧୀନ ବୀରଭଦ୍ର ବିଦ୍ୟାପୀଠରେ ବୁଧବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି (୨୦୨୫) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାଙ୍ଗୁରିଗାଁ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ(୬)ଟି ପ୍ରାଥମିକବିଦ୍ୟାଳୟ, (୩)ଟିଉଚ୍ଚପ୍ରାଥମିକ ବିଦ୍ୟାଳୟ (୩)ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଜେନା ସଭାପତିତ୍ୱ ଓ ସିଆରସିସି ରାଜକିଶୋର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପଡ଼ୋଶୀ ଶ୍ରୀଚନ୍ଦନପୁର କ୍ଲଷ୍ଟରର ସିଆରସିସି ହିରଣ୍ୟକଶିପୁ ଓଝା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ।

# ଲୋକଙ୍କ ସାମାଜିକ, ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ବଦ୍ଧପରିକର

**୧୮୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ, ୧୮୬ ଜଣଙ୍କୁ ଭତ୍ତା ଓ ୨୦୦ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ**

**ସାକ୍ଷୀଗୋପାଳ,୧୫।୧୦ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟାଦେଶ ପତ୍ର ଓ ଭତ୍ତା ବଣ୍ଟନ ଶିବିର ବିଡିଓ ଦେବାଶିଷ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୮୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପକ୍କା ଘର କାର୍ଯ୍ୟାଦେଶ ପତ୍ର ଓ ୧୮୬ ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବା ମା'ମାନଙ୍କୁ ଭତ୍ତା, ୨୦୦ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗ, ଅନ୍ୟତମ ଅତିଥି ଭାବେ ବ୍ଲକ ଅତିରିକ୍ତ ବିଡିଓ ସୁମିତ୍ରା ଜେନା, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଓ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏବେ ସରକାର ସାଧାରଣ ଜନତାଙ୍କ ମଙ୍ଗଳ ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ଦିଗରେ ଉନ୍ନତି ପାଇଁ ପୂର୍ଣ୍ଣ ଭାବେ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ମୁଖ୍ୟ ଅତିଥି ପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଉକ୍ତ ଲୋକ କଲ୍ୟାଣ ଯୋଜନାକୁ ସତ୍ୟବାଦୀ ବ୍ଲକ ସଂଯୋଜକ ଦେବାଶିଷ ପତ୍ରୀ, ସତ୍ୟବାଦୀ ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ମୋନିକା ଦାଶ, ବ୍ଲକ ଯୋଗାଣ ଅଧିକାରୀ ଦିବ୍ୟଜ୍ୟୋତି ଦାଶ ପ୍ରମୁଖ ନିଜ ନିଜ ବିଭାଗର ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ପ୍ରଦାନ କରୁଛନ୍ତି ଅତିଥି।

# ଡିସେମ୍ବର ୧୩ରୁ କୋଣାର୍କରେ ଇକୋ ରିଟ୍ରିଟ୍

**ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ**

**ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)**

କୋଣାର୍କ ମେରାଇନ୍ ଡ୍ରାଇଭ୍‌ଠାରେ ଇକୋ ରିଟ୍ରିଟ୍ ଚଳିତବର୍ଷ ଡିସେମ୍ବର ୧୩ ତାରିଖରୁ ଆରମ୍ଭ ହେବ। ସମସ୍ତ ବିଭାଗ ସେମାନଙ୍କୁ ନ୍ୟସ୍ତ ଦାୟିତ୍ୱକୁ ତ୍ୱରାନ୍ୱିତ କରି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ସର୍କିଟ ହାଉସ୍‌ଠାରେ ଜିଲାପାଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସହଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଜିଲା ପ୍ରଶାସନ ଓ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଇକୋ ରିଟ୍ରିଟ୍ ଚଳିତବର୍ଷ ଡିସେମ୍ବର ୧୩ରୁ ୯୦ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଲକ୍‌ଜରୀ ଟେଣ୍ଟ ବ୍ୟବସ୍ଥା କରାଯିବ, ଯେଉଁଥିରେ ତାରକା ହୋଟେଲ ପରି ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇନ୍‌ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳଯୋଗାଣ, ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ୍ ନେଟ୍‌ୱର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଟ୍ରାଫିକ୍ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ୨୪ ଘଣ୍ଟିଆ ଲାଇଫ୍ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ ବୋଲି ସ୍ଥିର ହୋଇଛି। ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ, ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଡିଏଫ୍‌ଓ ମଗର ଧନଜ ରାଓସୋ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ଓ୍ୱାଟ୍‌କୋ ଜେନେରାଲ ମ୍ୟାନେଜର ବିକ୍ରମ ରାଉତ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ଅନ୍ୟାନ୍ୟ ବିଭାଗ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଓ ଇକୋ ରିଟ୍ରିଟ୍‌ର ଆୟୋଜନ କରୁଥିବା ଇ-ଫାକ୍ଟରର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।



ଇକୋ ରିଟ୍ରିଟ୍ ପ୍ରସ୍ତୁତି ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଅନ୍ୟ ଅଧିକାରୀମାନେ।

**ମୋରମ ଖଣିରେ ଚଢ଼ାଉ: ୨ ଗିରଫ**

ଯାଁଳା,(ବୁଲା ବାରିକ): ଇନ୍‌ଫୋସିଭ୍ୟାଲି ଥାନା ପୋଲିସ ଅଲକର ଅଞ୍ଚଳରେ ଥିବା ଏକ ମୋରମ ଖଣିରେ ଚଢ଼ାଉ କରି ୨ଜଣ ଗାଡ଼ିଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଜଟଣୀ ଗୋପିନାଥପୁରର ତପନ କୁମାର ବରାଳ ଓ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଚମ୍ପାଝରର ଗୋବିନ୍ଦଚନ୍ଦ୍ର ବେହେରା। ଚଢ଼ାଉ ବେଳେ ବେଆଇନ ଭାବେ ଚାଲାଣ ପାଇଁ ମୋରମ ବୋଝେଇ ହୋଇଥିବା ଗୋଟିଏ ହାଇୱା ଓ ଗୋଟିଏ ଜେସିବି ଜବତ କରାଯାଇଛି।

## ସଂକ୍ଷେପରେ

### କାର୍‌କୁ ଧକ୍କା ଦେଲା ଆମ ବସ୍, ବସ୍‌ଚାଳକ ଅଟକ

ତ୍ରିଶୂଳିଆ,୧୫।୧୦(ତୁଷାରକାନ୍ତ ବେହେରା)

ବାଙ୍କୀ –ବାରଙ୍ଗ ମୁଖ୍ୟ ରାସ୍ତା ଗୋବିନ୍ଦପୁର ଛକ ନିକଟରେ ବୁଧବାର ଏକ କାରକୁ ଆମ ବସ୍ ଧକ୍କା ଦେଇଛି। ଫଳରେ କାର୍‌ଚାଳକ ବର୍ତ୍ତି ଯାଇଥିବା ବେଳେ କାର୍‌ଟି କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୋମ୍ୟଶ୍ରୀ ଆଶୁତୋଷ ପାଣି ତାଙ୍କ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ବସକୁ ଫାଣ୍ଡିକୁ ଆଣିବା ସହ ବସ୍ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଏଥିସହ ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌ରେ ଥିବା ଯାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ବଡ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ଖବର ଅନୁଯାୟୀ, ୮୯ନମ୍ବର ଆମ ବସ୍ ଓ କାର ଆଗ ପଛ ହୋଇ କଟକ ଅଭିମୁଖେ ଯାଉଥିଲେ। ଗୋବିନ୍ଦପୁର ଛକ ନିକଟରେ ଆମ ବସ କାର୍‌କୁ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଆମ ବସ କାର୍‌କୁ ଧକ୍କା ଦେଇ ଫେରାର ହୋଇଯିବାକୁ ଚେଷ୍ଟା କରିଥିଲା। ସ୍ଥାନୀୟ ଲୋକେ ଆମ ବସକୁ ପିଛା କରି ସିଆଇଏସଏଫ ଛକ ନିକଟରେ ବସଟିକୁ ଅଟକାଇ ଟେକା ପଥର ମାଡ଼ ମାରି ଗାଡ଼ିର କାଚ ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର, ବୃଦ୍ଧ ଗିରଫ

ଭୁବନେଶ୍ୱର,୧୫।୧୦(ସତ୍ୟଜିତ ରାଉତ)

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ମୈତ୍ରୀ ବିହାର ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ସାଲିଆସାହି ନୀଳଚକ୍ରନଗରରେ ରହୁଥିବା ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଣପୁରର ଭ୍ରମରବର ପଣ୍ଡା ଓରଫ ସରୋଜ(୫୬)। ପୀଡ଼ିତାଙ୍କ ମା'ଙ୍କ ପକ୍ଷରୁ ଏତଲାକ୍ରମେ ମଙ୍ଗଳବାର ମାମଲା ଥାନା ପକ୍ଷରୁ ପୋକ୍ସୋ ଆକ୍ଟ ସମେତ ଅନ୍ୟାନ୍ୟ ଦଫାରେ ମାମଲା (ନଂ.୪୨୪/୨୦୨୫) ରୁଜୁ କରାଯାଇଥିଲା। କୋର୍ଟ ଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ତାଙ୍କ ସ୍ୱାମୀ ଏବଂ ୩ ଝିଅଙ୍କ ସହିତ ଭୁବନେଶ୍ୱର ସାଲିଆ ସାହିରେ ରୁହନ୍ତି। ସୋମବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ସେ ବଡ଼ ଝିଅଙ୍କ ସହ କାଳୀ ପୂଜା ପାଇଁ ସାମଗ୍ରୀ କିଣିବାକୁ ବଜାରକୁ ଯାଇଥିଲେ। ଘରେ ସାନ ଝିଅ ଏବଂ ତାଙ୍କର ଜଣେ ସାଙ୍ଗ ଘରେ ଥିବାବେଳେ ରାତି ପ୍ରାୟ ୯ଟା ବେଳେ ଭ୍ରମରବର ଘରକୁ ଆସିଥିଲେ। ସାଙ୍ଗଙ୍କ ବାପା ଡାକୁଥିବା ଭ୍ରମରବର କହିଥିଲେ। ଏହାଶୁଣି ପୀଡ଼ିତାଙ୍କ ସାଙ୍ଗ ତାଙ୍କ ଘରକୁ ଚାଲିଯାଇଥିଲେ। ପରେ ଭ୍ରମରବର କବାଟ ବନ୍ଦ କରି ନାବାଳିକାଙ୍କୁ ଭୟଭୀତ କରି ବଳାତ୍କାର କରିଥିଲେ। ଘଟଣା ପ୍ରକାଶ ନ କରିବାକୁ ନାନା ଧମକ ଦେଇଥିଲେ।

### ଖୋର୍ଦ୍ଧା ମଣ୍ଡଳ ସମବାୟ ବିଭାଗ ପକ୍ଷରୁ କର୍ମଶାଳା

ବାଲିଅନ୍ତା,୧୫।୧୦(ନୀଳମାଧବ ସାହୁ)

ସମବାୟ ବିଭାଗ ଡିଆରସିଏସ୍ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ବୁଧବାର ଭୁବନେଶ୍ୱରର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି କାର୍ଯ୍ୟାଳୟର ସମବାୟ ଭବନ ପରିସରରେ ଏଗ୍ରି ମାର୍କେଟିଙ୍ଗ ଓ ଏନ୍ ସିଡିସି ଲୋନ ଆଓରନେସ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିବନ୍ଧକ ଅଲକା ନନ୍ଦ ଜେନା, ଏଆରସିଏସ ଭାଗବତ ମାରାଣ୍ଡି ଓ ରୋଜାଲିନ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଜଟଣୀ ଓ ବାଲୁଗାଁ ଆରଏମସିର ଅଧିକାରୀ ଓ ଭୁବନେଶ୍ୱର ଓ ଖୋର୍ଦ୍ଧା ସର୍କଲ ଅଧିନ ବିଭିନ୍ନ ସମବାୟ ସମିତିର ସମ୍ପାଦକମାନେ ଯୋଗଦେଇଥିଲେ। ଏସଆରସିଏସ ତପନ କୁମାର ଦାସ ପରିଚାଳନା କରିଥିଲେ।

# ଚଳନ୍ତା ସ୍କୁଟିରେ ବାଣ ବିସ୍ଫୋରଣ

## ବାପ, ଝିଅଙ୍କ ସମେତ ୩ ଗୁରୁତର

ଭୁବନେଶ୍ୱର,୧୫।୧୦(ସତ୍ୟଜିତ ରାଉତ)

ଦୀପାବଳି ପାଇଁ ବାଣ ନେଇ ଆସୁଥିବା ବେଳେ ରାଜଧାନୀରେ ଚଳନ୍ତା ସ୍କୁଟିରେ ଭୟଙ୍କର ବିସ୍ଫୋରଣ ହୋଇଛି। ୧୬ ନଂ ଜାତୀୟ ରାଜପଥର ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ବୁଧବାର ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଛି। ଏହି ଅଘଟଣରେ ସ୍କୁଟିରେ ଥିବା ବାପ, ଝିଅ ଏବଂ ଅନ୍ୟ ଜଣେ କାର ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ବାପା ପର୍ଶୁରାମ ଲେଙ୍କା ଓ ତାଙ୍କ ୧୦ବର୍ଷୀୟା ଝିଅ ସ୍ନେହାରାଣୀଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଅପରପକ୍ଷରେ କାର୍ ଚାଳକ ଜଣକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ,


ବାଣ ବିସ୍ଫୋରଣରେ ଜଳୁଥିବା ସ୍କୁଟି।

ଟଙ୍କାପାଣୀ ରୋଡ ତାରିଣୀ ବସ୍ତିରେ ରହୁଥିବା ପର୍ଶୁରାମ ଓ ଝିଅ ସ୍ନେହାରାଣୀ ଖୋର୍ଦ୍ଧା ଜିଲା ବାଘମାରୀସ୍ଥିତ ଗାଁକୁ ଯାଇଥିଲେ। (ଓଡି୦୨–ବିକ୍ୟୁ–୫୬୪୨) ନମ୍ବର ବିଶିଷ୍ଟ ସ୍କୁଟିରେ ଭୁବନେଶ୍ୱର ଫେରୁଥିଲେ। ଦୀପାବଳି ପାଇଁ ସ୍କୁଟି ଡିକିରେ ବାଣ ଭର୍ତ୍ତି କରି ଭୁବନେଶ୍ୱର ଫେରୁଥିଲେ। ଆଚାର୍ଯ୍ୟବିହାର ଓଭର ବ୍ରିଜ୍ ଉପରେ ହଠାତ୍ ସ୍କୁଟିରେ ଥିବା ବାଣଗୁଡ଼ିକ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ସ୍କୁଟିର ପାର୍ଟଗୁଡ଼ିକ ଖଣ୍ଡଖଣ୍ଡ ହୋଇ ରାସ୍ତାରେ ବିଛୁଡି ହୋଇପଡ଼ିଥିଲା। ଏହି ସମୟରେ ପାଖରେ ଯାଉଥିବା ଏକ କାର୍‌ର ବନେଟ୍ ଫାଟିଯାଇଥିବାବେଳେ ଏହାର ଡ୍ରାଇଭର ଆହତ ହୋଇଥିଲେ। ଗାଡ଼ିଟି ହୁତୁହୁତୁ ହୋଇ ବ୍ରିଜ୍ କଡ଼ରେ ଜଳୁଥିବାବେଳେ ଏଥିପାଇଁ ଖୋର୍ଦ୍ଧାରୁ ରସୁଲଗଡ଼ ରାସ୍ତା ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ ହୋଇଥିଲା। ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ସ୍ୱତନ୍ତ୍ର କର୍ଡନ କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ପରେ ସେମାନଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଓଡ଼ିଶା ଗସ୍ତରେ ହରିଆଣାର ବିଧାନସଭା ପ୍ରତିନିଧିମଣ୍ଡଳୀ


ଉପବାଚସ୍ପତି ଭବାନୀଶଙ୍କର ଭୋଇ ହରିଆଣା ପ୍ରତିନିଧି ମଣ୍ଡଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

## ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୁଇ ରାଜ୍ୟର ଭଲ ଯୋଜନା ଆପଣାଇବାକୁ ସହମତି

ଓଡ଼ିଶା ଗସ୍ତରେ ହରିଆଣା ବିଧାନସଭାର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସବ୍‌କମିଟି ଅଧକ୍ଷ ରାମ କୁମାର କାଶ୍ୟପଙ୍କ ଅଧକ୍ଷତାରେ ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଏହି ପ୍ରତିନିଧିମଣ୍ଡଳୀ ଯୋଗଦେଇ ବିଧାନସଭା ଷ୍ଟାଣ୍ଡିଂ କମିଟି–୪ର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାନସଭା ଷ୍ଟାଣ୍ଡିଂ କମିଟି–୫ର ଅଧକ୍ଷ ବିଭୂତି ଭୂଷଣ ପ୍ରଧାନ, ସଦସ୍ୟ ଗଣେଶ୍ୱର ବେହେରା, ବଦ୍ରିନାରାୟଣ ପାତ୍ର, ରୂପେଶ କୁମାର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସେଠୀ, ଉମାଚରଣ ମଲ୍ଲିକ, ଡ. ଫକୀର ନାୟକ, ବିଜୟ କୁମାର ଦଳବେହେରା ଓ ସୀମାରାଣୀ ନାୟକଙ୍କ ସହ ଓଡ଼ିଶା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହରିଆଣା ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେମାନେ କହିଥିଲେ। ସେହିପରି ଓଡ଼ିଶା ବିଧାନସଭାର ସଦସ୍ୟମାନେ ମଧ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବହୁ ଯୋଜନା ବାବଦରେ ସୂଚନା ଦେଇଥିଲେ। ଉଭୟ ରାଜ୍ୟ ଶିକ୍ଷା କ୍ଷେତ୍ରରେ ଲାଗୁ ହେଉଥିବା ଭଲ ଯୋଜନା ଆପଣାଇବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗସ୍ତ ସମୟରେ ହରିଆଣା ପ୍ରତିନିଧିମଣ୍ଡଳୀ ପୁରୀ, କୋଣାର୍କ, ଚିଲିକା, ସାତପଡ଼ା ଓ ଓଡ଼ିଶାର ଅନ୍ୟ ଦର୍ଶନୀୟ ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି।

# ୟୁନିଟ–୮ ଡିଏଭିରେ ବିଜ୍ଞାନ ସମ୍ମିଳନୀ 'ଟେକ୍ ଟୋପିଆ ୧.୦'

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ବିଜ୍ଞାନ ପ୍ରତି ରୁଚି ଅଭିବୃଦ୍ଧି, ନବସୃଜନକୁ ପ୍ରୋତ୍ସାହନ, ଅଭିଜ୍ଞ ବୈଜ୍ଞାନିକଙ୍କଠାରୁ ନୂତନ ଜ୍ଞାନକୌଶଳ ଗ୍ରହଣ ଆଦି ଉଦ୍ଦେଶ୍ୟରେ ଡ. ଏ.ପି.ଜେ ଅବଦୁଲ କଲାମଙ୍କ ଜନ୍ମ ଦିନ ଉପଲକ୍ଷେ ବିଜ୍ଞାନ ସମ୍ମିଳନୀ 'ଟେକ ଟୋପିଆ ୧.୦' ବୁଧବାର ୟୁନିଟ୍–୮ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିପିୟୁଟିର ପୂର୍ବତନ ଉପକୁଳପତି ପ୍ରଫେସର ଡ. ଓମ୍‌କାର ନାଥ ମହାନ୍ତି ଭାବେ ଯୋଗଦେଇ କଲାମଙ୍କ ଜୀବନୀ ଓ ବୈଜ୍ଞାନିକ ମନୋବୃତ୍ତି ବିଷୟରେ କହିବା ସହ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ୍ ହେବାକୁ ଆହ୍ୱାନ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡ. ସୁଧାଂଶୁ ତ୍ରିପାଠୀ ପରିବେଶ ସୁରକ୍ଷା ପାଇଁ ସବୁଜ ଉଦ୍ୟାନର ଆବଶ୍ୟକତା ଉପରେ କହିଥିଲେ। କେନ୍ଦ୍ରୀୟ ମଧୁର ଜଳ କୃଷି ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଡ. ସରୋଜ ସ୍ୱାଇଁ ଯୋଗଦେଇ ସମୃଦ୍ଧ ଭବିଷ୍ୟତ ପାଇଁ ଜଳଜୀବଙ୍କ ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦିଗରେ ସଭିଏଁ ଚେଷ୍ଟିତ ହେବାକୁ ଆହ୍ୱାନ ଦେଇଥିଲେ।

ପଠାଣି ସାମନ୍ତ ପ୍ଲାନେଟାରିୟମର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ରହସ୍ୟମୟ ଅନ୍ତରୀକ୍ଷରେ ଗ୍ରହ ଓ ଉପଗ୍ରହଙ୍କ ଚଳନ ବିଷୟରେ କହିଥିଲେ। ପ୍ରକୃତି ସୁରକ୍ଷା ପ୍ରତିଷ୍ଠାନର ମୁଖ୍ୟ ଡ. ଗୀଥା ରାମସ୍ୱାମୀ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ଶିକ୍ଷା ଅଧିକାରୀ ହିମାଂଶୁ ଶତପଥୀ ଓ ବର୍ତ୍ତମାନର ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତାକୁ ବିଭିନ୍ନ ପ୍ରକଳ୍ପ ଓ ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହି ସଚେତନତାଧର୍ମୀ ସମ୍ମିଳନୀ ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି ବିଦ୍ୟାଳୟ ଅଧକ୍ଷା ଇପ୍ସିତା ଦାସ ମତବ୍ୟକ୍ତ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ଚର୍ଚ୍ଚା**

ବାରଙ୍ଗ,୧୫।୧୦(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ନନ୍ଦୁର୍ଗା ମନ୍ଦିର ନିକଟ ଏକ ଫାର୍ମ ହାଉସରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ବୁଧବାର ଜବତ ହୋଇଛି। ମୃତକ ହେଲେ ଢେଙ୍କାନାଳ ଗନ୍ଧିଆ ଅଞ୍ଚଳର ଭରତ ଦେହୁରୀ(୩୦)। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ଏକ ସାଇଣ୍ଟିଫିକ ଟିମ୍ ଧରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ ୪୦/୨୫)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହିତ ଘଟଣାସ୍ଥଳରୁ ପୋଲିସ ଏକ ମଦ ବୋତଲ ଓ ମୋବାଇଲ ଫୋନ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଭରତ ଦାରୁଠେଙ୍ଗ ଗାଁ ପାଖରେ ଥିବା ରେଡିମିକ୍ସ କମ୍ପାନୀରେ କାମ କରୁଥିଲେ। ସେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିବାରୁ ଯୁବତୀ ଜଣଙ୍କ ଭରତଙ୍କ ସହ କଥା ହୋଇ ନ ଥିଲେ। ଭରତ ଯୁବତୀଙ୍କ ସହ କଥା ହେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏହାପରେ ଯୁବତୀ କଥା ନ ହେଲେ ସେ ମରିଯିବେ ବୋଲି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ଦୁଇ ଅଭିଯୁକ୍ତ ଗିରଫ, ୩ ମୋବାଇଲ ଜବତ

ଭୁବନେଶ୍ୱର,୧୫।୧୦(ସତ୍ୟଜିତ ରାଉତ)

ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଦ୍ଧ ନଗରର ଅର୍ଜୁନ ପ୍ରଧାନ ଓ କଦଳୀ ଗୋଦାମ ବସ୍ତିର ସୁନିଲ ନାୟକ। ସେମାନଙ୍କଠାରୁ ୩ଟି ଚୋରା ମୋବାଇଲ ଜବତ ହୋଇଛି। କୋର୍ଟ ଚାଲାଣ ପରେ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ରାୟଗଡ଼ାର ଦୂତିଚନ୍ଦ୍ର ଏକ ସରକାରୀ କାମ ପାଇଁ ଟ୍ରେନ ଯୋଗେ ଭୁବନେଶ୍ୱର ଆସିଥିଲେ। ସେ ସୋମବାର ଭୋର ସମୟରେ ୬ ନମ୍ବର ପ୍ଲାଟଫର୍ମରେ ଓହ୍ଲାଇ ଚାଲିଚାଲି ଆସୁଥିବାବେଳେ ଲୁଟେରାଦ୍ୱୟ ତାଙ୍କୁ ଟାର୍ଗେଟ କରିଥିଲେ। ଅଭିଯୁକ୍ତଦ୍ୱୟ ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍ କରି ନେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଦେବୋତ୍ତର ଜମିକୁ ସୁରକ୍ଷା ଦିଅ: ଏକାମ୍ର ଜନ ଜାଗରଣ ମଞ୍ଚ

ପୁରୁଣା ଭୁବନେଶ୍ୱର, ୧୫।୧୦
(ସୁବାସ ଚନ୍ଦ୍ର ପ୍ରଧାନ)

ଦେବୋତ୍ତର ଜମିର ସୁରକ୍ଷା ପାଇଁ ସମ୍ବିଧାନରେ ସ୍ୱତନ୍ତ୍ର ପ୍ରାବଧାନ ରହିଛି। ଦେବୋତ୍ତର ଆୟୁକ୍ତ ତଥା ସମ୍ପୃକ୍ତ ପରିଚାଳନା କମିଟିର ବିନା ଅନୁମତିରେ ଦେବୋତ୍ତର ଜମିର ସ୍ୱତ୍ୱ ପରିବର୍ତ୍ତନ କିମ୍ବା ଏହାକୁ କେହି ନେଇପାରିବେ ନାହିଁ ବୋଲି ନିୟମ ରହିଛି। ହେଲେ ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଟାଉନ ପ୍ଲାନିଂ(ଟିପି) ସ୍କିମ୍‌ରେ ଦେବୋତ୍ତର ଆଇନକୁ ଜଳାଞ୍ଜଳି ଦେଇ ବେଆଇନ ଭାବେ ଠାକୁରଙ୍କ ଜମିକୁ ଅନଧିକୃତ ଭାବେ ହଡ଼ପ କରି ନିଆଯାଉଥିବା ଅଭିଯୋଗ ହୋଇଛି। ଦେବୋତ୍ତର ଭୂସମ୍ପତ୍ତିକୁ ସୁରକ୍ଷିତ ଏବଂ ସଂରକ୍ଷିତ କରିବା ଦାବିରେ ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ମିଳିଥିବା ତଥ୍ୟ ଅନୁସାରେ, ରାଜଧାନୀ ଉପକଣ୍ଠ ନାରଗୋଦା, ସିଜିପୁଟ୍ଟ, ସହଜପୁର, ପାଇକରାପୁର, ତମାଣ୍ଡୋ ଆଦି ଅଞ୍ଚଳରେ ଟିପି ସ୍କିମ୍ ପ୍ରକଳ୍ପ ଚାଲିଛି। ଏଠାରେ ୭୫୬ ଏକର ବିଶିଷ୍ଟ ଜମିକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଧିକାର କରି ସେଠାରେ ଟାଉନ ପ୍ଲାନିଂ ସ୍କିମ୍ ଚଳାଇଛି। ଏହି ରାଜସ୍ୱ ଗ୍ରାମଗୁଡ଼ିକରେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀକପିଳେଶ୍ୱରଙ୍କ ସମେତ ଅନେକ ଦେବଦେବୀଙ୍କ ସେବାସ୍ୱତ୍ୱ ଜମି ଆବହମାନ କାଳରୁ ରହି ଆସିଛି। ଏହିସବୁ ଜମି ଦେବୋତ୍ତର ଆଇନ ଦ୍ୱାରା ସଂରକ୍ଷିତ। ହେଲେ ଦେବୋତ୍ତର କମିଶନଙ୍କ ବିନା ଅନୁମତିରେ ବିଡିଏ ବହୁ ଜମି ନେଇଯାଇଛି। ଏହା ତହସିଲର ରେକର୍ଡରେ ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି, ଯାହାକି ଏକ ବେଆଇନ କାର୍ଯ୍ୟ। ବିଡିଏର ଏହି କାର୍ଯ୍ୟକଳାପ ଉପରେ ତୁରନ୍ତ ରୋକ ଲଗାଇବାକୁ ଏକାମ୍ର ଜନ ଜାଗରଣ ମଞ୍ଚ ଭୁବନେଶ୍ୱର ଉପ ଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏଥିରେ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ, ଗଣେଶ ଚନ୍ଦ୍ର ପାଲ, ଶୁଭ୍ରାଂଶୁ ଶେଖର ଜେନା, ଅଶୋକ ବଡ଼ପଣ୍ଡା, ଭୂପେଶ ନାୟକ, ନାରାୟଣ ଜେନା, ସୌମ୍ୟ ରଞ୍ଜନ ପଣ୍ଡା, ବିଜୟ ଭଟ୍ଟାଚାର୍ଯ୍ୟ, ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନର ଠିକ୍ ପରିଚାଳନା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣେ


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିମାନେ ପରିଷଦର ବାର୍ଷିକ ପତ୍ରିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୫।୧୦ (ସୌମ୍ୟରଞ୍ଜନ ରାଉତ)

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ବିଜ୍ଞାନର ଠିକ୍ ଉପଯୋଗିତା ଦ୍ୱାରା ମାନବ ସମାଜର କଲ୍ୟାଣ ହୋଇଥାଏ।

ଏହାର ଠିକ୍ ପରିଚାଳନା ହିଁ ସମାଜରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ଜାତିର ପ୍ରଗତି ପାଇଁ ବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ସହ କଳା, ସାହିତ୍ୟ, ସଂସ୍କୃତିର ବିକାଶ ଓ ପରିପ୍ରକାଶ ଏକାନ୍ତ ଅପରିହାର୍ଯ୍ୟ। ଏକ ମୂଲ୍ୟବୋଧ ଭିତ୍ତିକ ସୁରୁଚିସମ୍ପନ୍ନ ସମାଜ ଗଢ଼ିବାରେ ବିଜ୍ଞାନ ଯଥେଷ୍ଟ ସହାୟକ ହୁଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା କହିଲେ, ମଣିଷର କର୍ମ ହିଁ ଜୀବନାଦର୍ଶର ମାର୍ଗ ଉନ୍ମୁକ୍ତ କରିଥାଏ। ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ କଳା, ସଂସ୍କୃତିର ଲୁକ୍କାୟିତ ପ୍ରତିଭା ଲୁଚି ରହିଛି ଏବଂ ଏଭଳି କାର୍ଯ୍ୟକ୍ରମ ଏହାକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଥିଲେ। ଏହି ଅବସରରେ ପରିଷଦର ବାର୍ଷିକ ପତ୍ରିକା 'ବିଜ୍ଞାନ କଳିକା' ଉନ୍ମୋଚନ ହୋଇଥିଲା। ଏଥିସହ ନାଟକ 'ସଳିତା' ପରିବେଷିତ ହୋଇଥିଲା। ନାଟ୍ୟକାର ଜଷ୍ଟିସ ଅରୁଣ ପରିଛା, ନିର୍ଦ୍ଦେଶକ ଅବିନାଶ ଦଣ୍ଡପାଟ, ସହ ନିର୍ଦ୍ଦେଶକ ଅଭିଷେକ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବିନୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସଭାପତି ଶିବାନୀ ମହାନ୍ତି ସ୍ୱାଗତ ଭାଷଣ ଓ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ପଦ୍ମଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦର ଉପସଭାପତି ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ୍ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ

ବାଲିପାଟଣା, ୧୫।୧୦(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୂଞିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ, ସିସି ପ୍ରଭାତ କୁମାର୍ ଜେନା, ବରିଷ୍ଠ ନାଗରିକ ସଂଘ ସଭାପତି ସୁରେନ୍ଦ୍ର ନାଥ ସେଠୀ, ଉପସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ଟହଲି ଭୋଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ଅଧିକାର ମଜଭୁତ କରିବାରେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ରହିଛି ବୋଲି ବକ୍ତାମାନେ ମତ ଦେଇଥିଲେ। ଏଥିସହ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନ ପକ୍ଷରୁ ଉତ୍ତରୀୟ ଓ ଗୋଲାପ ଫୁଲ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ସଂଗ୍ରାମ କେଶରୀ ଦାସ ଓ ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ସଭାରେ ଉପସ୍ଥିତ ଥିଲେ।

# ନୂଆ ଶିକ୍ଷାନୀତି ଛାତ୍ରୀଛାତ୍ରଙ୍କୁ ଶିଖରକୁ ଯିବାର ସୁଯୋଗ ଦେଉଛି

## ଓୟୁଟିଆରରେ ଡ. ଅତୁଲ କୋଠାରୀଙ୍କ ବ୍ୟାଖ୍ୟାନ

ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ 'ଭାରତୀୟ ଜ୍ଞାନ ପରମ୍ପରା ଏବଂ ନୂତନ ଶିକ୍ଷା ନୀତି – ୨୦୨୦' ବିଷୟ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଶିକ୍ଷା ନୀତି ସଂଯୋଜକ ଡ. ଅତୁଲ କୋଠାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଚିନ୍ତାଧାରା ଓ ଅଭିଜ୍ଞତା ଅଭିବ୍ୟକ୍ତ କରିଥିଲେ। ସେ କହିଲେ, ନୂତନ ଶିକ୍ଷା ନୀତି (ଏନଇପି ୨୦୨୦) ଏକ ସମଗ୍ର ଦୃଷ୍ଟିକୋଣରେ ଗଠିତ, ଯାହା ଛାତ୍ରୀଛାତ୍ରଙ୍କୁ ତାଙ୍କ ପ୍ରତିଭା ଓ ଆଗ୍ରହ


ଆଲୋଚନାଚକ୍ରରେ କେନ୍ଦ୍ରୀୟ ଶିକ୍ଷା ନୀତି ସଂଯୋଜକ ଡ. ଅତୁଲ କୋଠାରୀଙ୍କ ସହ ଅନ୍ୟମାନେ।

ଅନୁଯାୟୀ ଉଚ୍ଚ ଶିଖରକୁ ନେଇଯିବାର ସୁଯୋଗ ଦେଉଛି। ଏହି ନୀତିରେ ୩୨ ପ୍ରକାର ଶିକ୍ଷଣ ପ୍ରଣାଳୀ ଅନ୍ତର୍ଭୁକ୍ତ ହୋଇଛି, ଯାହା ନୂତନ ଜ୍ଞାନ, ନୂତନ ଅନୁଭବ ଓ ନୂତନ ଆରମ୍ଭର ମାଧ୍ୟମରେ ଛାତ୍ରମାନଙ୍କର ଶିକ୍ଷାପ୍ରତି ଉତ୍ସାହକୁ ବୃଦ୍ଧି କରିବ। ପ୍ରଥମ ଶିକ୍ଷା ନୀତି ୧୯୬୮ରେ ଆସିଥିଲା, ପରେ ୧୯୮୮ ଓ ପୁଣି ୨୦୨୦ରେ ଏହାର ନୂତନ ଆକାର ଦିଆଯାଇଛି। ଛାତ୍ରୀଛାତ୍ର ଷ୍ଟାର୍ଟଅପ୍ ଆନ୍ଦୋଳନକୁ ଜୋର ଦେବା ଆବଶ୍ୟକ। ବିଶ୍ୱବିଦ୍ୟାଳୟର କୁଳପତି ଡ. ବିଭୁତି ଭୂଷଣ ବିଶ୍ୱାଳ, ରାଜ୍ୟ ସଂଯୋଜକ ଶିକ୍ଷାନୀତି ଡ. ହେମନ୍ତ ଜେନା, ଡିନ୍ (ପିଜିଏସଆର୍) ଡ. ଅରୁଣା ତ୍ରିପାଠୀ ଓ ଡିନ (ଏକାଡେମିକ୍ ଆଫାୟର୍ସ) ଡ. ଏ. ଏନ. ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସମୃଦ୍ଧ ରାଷ୍ଟ୍ର ପାଇଁ ମହିଳା କୃଷକ ସଶକ୍ତ ହେବା ଜରୁରୀ

ଭୁବନେଶ୍ୱର,୧୫।୧୦
(ଅନୁରାଧା ମହାରଣା)

## ଆଇସିଏଆର୍–ସିୱା ପାଳିଲା ରାଷ୍ଟ୍ରୀୟ ମହିଳା କୃଷକ ଦିବସ

ଭରତପୁରସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ(ଆଇସିଏଆର୍–ସିୱା) ଠାରେ ବୁଧବାର ରାଷ୍ଟ୍ରୀୟ ମହିଳା କୃଷକ ଦିବସ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସମ୍ପ୍ରସାରଣ ବିଭାଗ ଏବଂ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହଯୋଗରେ ଅନୁଷ୍ଠିତ ଏହି ଦିବସର ବିଷୟବସ୍ତୁ ଥିଲା 'ସମୃଦ୍ଧ ରାଷ୍ଟ୍ର ପାଇଁ ମହିଳା କୃଷକଙ୍କୁ ସଶକ୍ତ କରିବା'। କାର୍ଯ୍ୟକ୍ରମରେ

କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଭାସୀ ମାଧ୍ୟମରେ ଯୋଗଦେଇ ଜାତୀୟ ଖାଦ୍ୟ ଏବଂ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇସିଏଆର–ସିୱା ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀ ସ୍ୱାଗତ ଭାଷଣରେ ସାରା ଦେଶରେ ମହିଳା ଚାଷୀଙ୍କ ପାଇଁ ଲିଙ୍ଗ ସମାବେଶୀ ପ୍ରଯୁକ୍ତିବିଦ୍ୟା, କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଏବଂ ଜୀବିକା ମଡେଲ ବିକାଶରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇସିଏଆରର କୃଷି ସମ୍ପ୍ରସାରଣ ବିଭାଗର ଉପମହାନିର୍ଦ୍ଦେଶକ ଡ. ରାଜବୀର ସିଂହ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ନୂଆଦିଲ୍ଲୀସ୍ଥିତ ଆଇସିଏଆର୍‌ର ପୂର୍ବତନ ଏଡିଜି ଡ. ବିମଳେଶ ମାନ ଏବଂ ଭାରତର ମିଲେଟ ରାଣୀ ରାଇମତୀ ଘିଉରିଆ ଉପସ୍ଥିତ ଥିଲେ। ଏହି ଅବସରରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନେକ ମହିଳା କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ବୈଜ୍ଞାନିକ ପଦ୍ଧତିରେ ଫସଲ ଉତ୍ପାଦନ ଓ ପଶୁପାଳନ ଅଭ୍ୟାସ, ପ୍ରାକୃତିକ କୃଷିର ନୀତି ଓ ଅଭ୍ୟାସ, କୃଷକମାନଙ୍କୁ ଜିଏସ୍‌ଟି ହ୍ରାସ ଲାଭ ଏବଂ କୃଷକଙ୍କ କଲ୍ୟାଣ ପାଇଁ ଯୋଜନା ଭଳି ପ୍ରମୁଖ ବିଷୟଗୁଡ଼ିକ ଉପରେ ବୈଜ୍ଞାନିକ–କୃଷକ ଆଲୋଚନା ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିସହ 'କୃଷିରେ ମହିଳା ଶକ୍ତି' ବିଷୟବସ୍ତୁ ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ମହିଳା ଚାଷୀ, ଉଦ୍ୟୋଗୀ, ଏଫ୍‌ପିଓ ଏବଂ ଏସଏଚଜି ସଦସ୍ୟ, ଜନପ୍ରତିନିଧି, ଛାତ୍ର ଏବଂ ପ୍ରତିଷ୍ଠାନର କର୍ମଚାରୀ ଯୋଗଦେଇଥିଲେ।

# ରାସ୍ତା ଉଭୟ ପାର୍ଶ୍ୱରେ କୁଢ଼କୁଢ଼ ଆବର୍ଜନା

ଟିଗିରିଆ,୧୫।୧୦( ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ହସ୍ତତନ୍ତ ଗ୍ରାମ ନୂଆପାଟଣା ଓ ଜେମାଦେଇପୁର ପଞ୍ଚାୟତରେ ଦିନକୁଦିନ ପରିମଳ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଏଥିପ୍ରତି ସ୍ଥାନୀୟ ସରପଞ୍ଚ କିମ୍ବା ସରକାରୀ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ନୂଆପାଟଣା ପଞ୍ଚାୟତର ଚନ୍ଦନ ପୋଖରୀ, ସାପ୍ତାହିକ ହାଟ, କଟକ-ନରସିଂହପୁର ରାସ୍ତାର ନୂଆପାଟଣା ବଜାରଠାରୁ ବଡ ସାହିକୁ ଯାଇଥିବା ସନେଇ କନ୍ଧି


ଜେମାଦେଇପୁର ପଞ୍ଚାୟତର ସାନପଟଣା ରାସ୍ତା କଡର ଆବର୍ଜନା।

ରାସ୍ତାର ଉଭୟ ପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା ମାସ ମାସ ଗଦା ହୋଇ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସେହିପରି ଜେମାଦେଇପୁର ପଞ୍ଚାୟତର ସାନପଟଣା ଗୋଦାମ ଛକଠାରୁ ଗ୍ରାମ ମଧକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ଆବର୍ଜନା ଗଦା ହୋଇ ରହିଛି। ଏ ନେଇ ଜେମାଦେଇପୁର ପଞ୍ଚାୟତର ପିଇଓ ମାଗୁଣି ମଣ୍ଡଳଙ୍କୁ ପଚାରିବାରେ ପଞ୍ଚାୟତ ପକ୍ଷରୁ ଖୁବ୍‌ଶୀଘ୍ର ସଫେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି ନୂଆପାଟଣା ସରପଞ୍ଚ ସୋମନାଥ ଦାସଙ୍କୁ ପଚାରିବାରେ ପଞ୍ଚାୟତ ତରଫରୁ ସଫେଇ ପାଇଁ ଯେଉଁ ଅର୍ଥ ଆସୁଛି ସେଥିରେ ସଫେଇ କରାଯାଉଛି। ହେଲେ ବ୍ୟବସାୟ ପ୍ରତିଷ୍ଠାନ ଓ ସାପ୍ତାହିକ ହାଟରୁ ଯେଉଁ ବର୍ଜ୍ୟବାସ୍ତୁ ବାହାରୁଛି ତାକୁ ସଫେଇ କରିବା ପଞ୍ଚାୟତ ପକ୍ଷରୁ ସମ୍ଭବ ହେଉନାହିଁ ବୋଲି କହିଛନ୍ତି।

# ଟିଗିରିଆରେ କଂଗ୍ରେସ ପକ୍ଷରୁ ଭୋଟ ଚୋରି ସ୍ୱାକ୍ଷର ଅଭିଯାନ

ଟିଗିରିଆ,୧୫।୧୦(ଜାଫର ଖାଁ):

ଦେଶରେ ଶାସନ କରୁଥିବା ଭାଜପା ସରକାର ପକ୍ଷରୁ ଇଭିଏମ୍ ମେଶିନରେ ଜାଲିଆତି କରି ଭୋଟ ଚୋରି କରି ଶାସନକୁ ଆସିଥିବା ବିରୋଧରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମଗ୍ର ଦେଶରେ କଂଗ୍ରେସ ପକ୍ଷରୁ ଭୋଟ ଚୋରି ସ୍ୱାକ୍ଷର ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। ଉକ୍ତ ଆହ୍ୱାନକ୍ରମେ ବୁଧବାର ଟିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ଏକ ସ୍ୱାକ୍ଷର ଅଭିଯାନ ବ୍ଲକର ନିଜିଗଡଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ଉପସଭାପତି ତଥା ବରିଷ୍ଠ ନେତା ଗିରିଜା ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକର ନିଜିଗଡ଼ ପଞ୍ଚାୟତସ୍ଥିତ ମହାବୀର ବଜାରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଟକ ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଓ ପୂର୍ବତନ


ସ୍ୱାକ୍ଷର ଅଭିଯାନରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ।

ବିଧାୟକ ତଥା ପୂର୍ବତନ ଜିଲା ସଭାପତି ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ସମସ୍ତ ନେତା ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ଓ କଂଗ୍ରେସ କର୍ମୀଙ୍କଠାରୁ ସ୍ୱାକ୍ଷର ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ତଥା ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ଜେନା, ପୂର୍ବତନ ସମିତି ସଭ୍ୟ ବିଭୂତି ଭୂଷଣ ବେହେରା, ମୃଣ୍ମୟ ଦାଶ, ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଷେକ ପଟ୍ଟନାୟକ, ଉମେଶ ଚୌଧୁରୀ, ନିରଞ୍ଜନ ସାମଲ, ମାୟାଧର ସାହୁ, ଅମିନ କୁମାର ରଣା, ସୁଧାଂଶୁ ପାଲ, ପ୍ରତାପ କୁମାର ରଣା, ସାଗର ନାୟକ, କୁଳମଣି ଜେନାଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେମିକଙ୍କୁ ଲୋକ ଲଗାଇ ମାଡ଼ମାରିବା ଘଟଣା: ପ୍ରେମିକା କୋର୍ଟ ଚାଲାଣ

ତ୍ରିଶୂଳିଆ, ୧୫।୧୦(ତୁଷାରକାନ୍ତ ବେହେରା):

ପ୍ରେମକୁ ନେଇ ରୋଚକ ଘଟଣା ସାମ୍ନାକୁ ଆସିଛି। ନରାଜ ବ୍ୟାରେଜ ନିକଟରେ ଗତ ୩ତାରିଖରେ ଜଣେ ପ୍ରେମିକଙ୍କୁ ଲୋକ ଲଗାଇ ମାଡ଼ ମାରି ଉଲଗ୍ନ କରିଥିଲେ ପ୍ରେମିକା। ଏହି ଘଟଣାରେ ବୁଧବାର ପୋଲିସ ସମ୍ପୃକ୍ତ ପ୍ରେମିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ରାଜକନିକା ଥାନା ଅନ୍ତର୍ଗତ ହାଟସାହିର ସ୍ନେହଲତା ମଲ୍ଲିକ। ଏନେଇ ପୋଲିସ ଏକ ମାମଲା (ନଂ ୫୪୮/୨୫) ରୁଜୁ କରିଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ହାଟସାହିର ପ୍ରେମିକ କାଳାଚାନ୍ଦ ବେଉରିଆ ଓ ପ୍ରେମିକା ସ୍ନେହଲତା ମଲ୍ଲିକଙ୍କ ମଧ୍ୟରେ ୨୦୧୧ରୁ ପ୍ରେମ ସମ୍ପର୍କ ରହିଥିଲା। ଅକ୍ଟୋବର ୩ରେ ସ୍ନେହଲତା ତାଙ୍କ ପ୍ରେମିକ କାଳାଚାନ୍ଦଙ୍କୁ ନରାଜ ବ୍ୟାରେଜ ନିକଟକୁ ଦେଖାକରିବା ପାଇଁ ଡାକିଥିଲେ। କାଳାଚାନ୍ଦ ରାତି ପ୍ରାୟ ସାଢେ ୮ଟାରେ ଆସି ସେଠାରେ ପହଞ୍ଚିଥିଲେ। ଏହି ସମୟରେ ସ୍ନେହଲତା କାଳାଚାନ୍ଦକୁ ନଦୀ କୂଳର ଏକ ନିରଳା ସ୍ଥାନରେ ଥିବା ପାହାଚ ନିକଟକୁ ଡାକିନେଇଥିଲେ। ଏହାପରେ ଉଭୟେ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ପରେ ସ୍ନେହଲତା ସାଙ୍ଗରେ ଆଣିଥିବା ନିଶା ଦ୍ରବ୍ୟ ମିଶା ରନ୍ଧା ଖାଦ୍ୟ କାଳାଚାନ୍ଦଙ୍କୁ ଖାଇବାକୁ ଦେଇଥିଲେ। ମାତ୍ର କାଳାଚାନ୍ଦ ଏହାକୁ ଖାଇବାକୁ ମନା କରିବାରୁ ସ୍ନେହଲତା କୌଶଳ କରି ତାଙ୍କୁ ସେ ଖାଦ୍ୟ ଖୁଆଇଥିଲେ। ଫଳରେ କିଛି ସମୟ ପରେ କାଳାଚାନ୍ଦ ବେହୋସ ହୋଇଯାଇଥିଲେ। ଏହାର ସୁଯୋଗ ନେଇ ସ୍ନେହଲତା ପୂର୍ବ ଯୋଜନା ମୁତାବକ ତାଙ୍କ ପୁରୁଷ ବନ୍ଧୁ ବା ସହଯୋଗୀଙ୍କ ସହ ମିଶି କାଳାଚାନ୍ଦଙ୍କୁ ମାଡ଼ ମାରିବା ସହ ଉଲଗ୍ନକରି ନଦୀ କୂଳରେ ଫିଙ୍ଗିଦେଇଥିଲେ। ଏହାପରେ ଉଭୟେ କାଳାଚାନ୍ଦଙ୍କ ଲାପ୍‌ଟପ୍ ଓ ମୋବାଇଲ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ କାଳାଚାନ୍ଦ ଉଲଗ୍ନ ଅବସ୍ଥାରେ ଉପରକୁ ଆସିଥିଲେ। ଖବର ପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣି ଘଟଣାସ୍ଥଳରେ ପହଞ୍ଚି କାଳାଚାନ୍ଦଙ୍କୁ ଉଦ୍ଧାର କରି ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କାଳାଚାନ୍ଦ ଘଟଣା ସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ଏକ ଚା ଦୋକାନ ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ସ୍ନେହଲତାଙ୍କୁ ଗିରଫ କରିଛି।


ଡମପଡ଼ା ବ୍ଲକ ପାଥପୁର ପଞ୍ଚାୟତର କଟକ-ବାଙ୍କୀ ମୁଖ୍ୟ ରାସ୍ତାରେ ବୁଧବାର ସକାଳେ ହାତୀ ଯାଉଥିବା ଦେଖି ଜନସାଧାରଣ ଭୟଭୀତ।

# ପାଥପୁରରେ ହାତୀ ଉପଦ୍ରବ: ଧାନ ଫସଲ କ୍ଷତିଗ୍ରସ୍ତ

ବାଙ୍କୀ,୧୫।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତର କଟକ-ବାଙ୍କୀ ମୁଖ୍ୟ ରାସ୍ତାରେ ବୁଧବାର ସକାଳେ ହାତୀ ଯାଉଥିବା ଦୃଶ୍ୟ ଦେଖି ଜନସାଧାରଣ ଭୟଭୀତ ହୋଇଯାଇଥିଲେ। ରାତିରେ ପାଥପୁର, କୁସୁପଙ୍ଗି, ଭଗିପୁର ଆଦି ଅଞ୍ଚଳର ଧାନ ଫସଲ ବ୍ୟାପକ ଭାବେ ନଷ୍ଟ କରି ଦେଇଛନ୍ତି। ଲୋକମାନେ ହାତୀ ଦେଖି ଅତଙ୍କିତ ହୋଇ ପଡିଛନ୍ତି। ତୁରନ୍ତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କ କିପରି ଧାନ ଫସଲ ନଷ୍ଟ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# କାର୍‌କୁ ଧକ୍କାଦେଲା ଆମ ବସ୍, ବସ୍‌ଚାଳକ ଅଟକ

ତ୍ରିଶୂଳିଆ,୧୫।୧୦ (ତୁଷାରକାନ୍ତ ବେହେରା):

ବାଙ୍କୀ -ବାରଙ୍ଗ ମୁଖ୍ୟ ରାସ୍ତା ଗୋବିନ୍ଦପୁର ଛକ ନିକଟରେ ବୁଧବାର ଏକ କାରକୁ ଆମ ବସ୍ ଧକ୍କା ଦେଇଛି। ଫଳରେ କାର୍‌ଚାଳକ ବର୍ତ୍ତି ଯାଇଥିବା ବେଳେ କାର୍‌ଟି କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୋମ୍ୟଶ୍ରୀ ଆଶୁତୋଷ ପାଣି ତାଙ୍କ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ବସକୁ ଫାଣ୍ଡିକୁ ଆଣିବା ସହ ବସ୍ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଏଥିସହ ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌ରେ ଥିବା ଯାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ବଡ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

ଖବର ଅନୁଯାୟୀ, ୮୯ନମ୍ବର ଆମ ବସ୍ ଓ କାର ଆଗ ପଛ ହୋଇ କଟକ ଅଭିମୁଖେ ଯାଉଥିଲେ। ଗୋବିନ୍ଦପୁର ଛକ ନିକଟରେ ଆମ ବସ କାର୍‌କୁ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଆମ ବସ କାର୍‌କୁ ଧକ୍କା ଦେଇ ଫେରାର ହୋଇଯିବାକୁ ଚେଷ୍ଟା କରିଥିଲା। ସ୍ଥାନୀୟ ଲୋକେ ଆମ ବସକୁ ପିଛା କରି ସିଆଇଏସଏଫ ଛକ ନିକଟରେ ବସଟିକୁ ଅଟକାଇ ଟେକା ପଥର ମାଡ଼ ମାରି ଗାଡ଼ିର କାଚ ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

ଟିଗିରିଆ,୧୫।୧୦(ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ରାଜବାଟିଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨ଦିନ ଧରି ଚାଲିଥିବା ବିଜ୍ଞାନ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ପ୍ରଥମ ଦିବସରେ ବିଦ୍ୟାମନ୍ଦିରର ପ୍ରାରମ୍ଭ, ବୋଧ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ର ଏହି ମେଳାରେ ଭାଗ ନେଇଥିଲେ। ପ୍ରଥମଦିନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଥମଦିନରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ତଥା ଟିଗିରିଆ ଯୁବ କଳା ବିକାଶ ପରିଷଦର ସଭାପତି ଜୟନ୍ତ କୁମାର ସିଂହ ଯୋଗଦେଇ ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବୁଧବାର ବିଦ୍ୟାମନ୍ଦିରର ଅବଶିଷ୍ଟ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅନ୍ତିମ ଦିବସରେ ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକ ତଥା ଶାନ୍ତି କମିଟିର ସଦସ୍ୟ ଲୁଟୁ ଗୁରୁ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଜ୍ଞାନ ଓ ବିଜ୍ଞାନ ମେଳାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କୋଷାଧ୍ୟକ୍ଷ ବିମଳ ପଟ୍ଟନାୟକ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ମା’ଚର୍ଚ୍ଚିକା କମନ୍ ସେଣ୍ଟର ସଂଘର ପ୍ରଥମ ବାର୍ଷିକ ଉତ୍ସବ



ବାଙ୍କୀ,୧୫।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ଏନ୍‌ଏସିଅନ୍ତର୍ଗତ କମଳାମଣ୍ଡପଠାରେ ବୁଧବାର ମା’ଚର୍ଚ୍ଚିକା କମନ୍ ସେଣ୍ଟର ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟ ମଦନ ମୋହନ ରାଉତ, କଟକ ଜିଲା ଜୋନାଲ ମୁଖ୍ୟ ଜ୍ୟୋତି ମୋହନ ଗଡ଼ନାୟକ, ବାଙ୍କୀ ବିକାଶ ମଞ୍ଚର ସଭାପତି ଶୁଭ୍ରାଂଶୁ ମୋହନ ପାଢୀ ଯୋଗଦେଇ ଜନସେବା କେନ୍ଦ୍ର ସାଧାରଣ ଲୋକଙ୍କ ସେବାରେ ଲାଗିବା ଦରକାର। ପ୍ରତ୍ୟେକ ଗରିବ ଲୋକଙ୍କୁ ଜନସେବା କେନ୍ଦ୍ରର କର୍ମଚାରୀମାନେ ଉତ୍ତମ ସେବା ଯୋଗାଇ ଦେବାକୁ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ। ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ କରିବାରେ ସହାୟକ ହେବାକୁ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଇଣ୍ଡିଆ ୱାଚ୍ ମେନ ମୁଖ୍ୟ ସମ୍ପାଦକ ଅରବିନ୍ଦ ହରିଚନ୍ଦନ ଯୋଗଦେଇଥିବାବେଳେ ସଭାରେ ସଭାପତି ଭାବେ କମନ୍ ସେଣ୍ଟର ସଂଘର ସଭାପତି ସଂଗ୍ରାମ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ଉପଖଣ୍ଡର ସମସ୍ତ ଜନସେବା କେନ୍ଦ୍ରର ଏଜେଣ୍ଟମାନେ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ପ୍ରେମିକା କଥା ନ ହେଲେ ଆତ୍ମହତ୍ୟା କରିବେ ବୋଲି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ**

ବାରଙ୍ଗ,୧୫।୧୦ (ଲିଙ୍ଗରାଜ ରାଉତ):

ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ନନ୍ଦୁର୍ଗା ମନ୍ଦିର ନିକଟ ଏକ ଫାର୍ମ ହାଉସରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ବୁଧବାର ଜବତ ହୋଇଛି। ମୃତକ ହେଲେ ଢେଙ୍କାନାଳ ଗନ୍ଦିଆ ଅଞ୍ଚଳର ଭରତ ଦେହୁରୀ(୩୦)। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ଏକ ସାଇଣ୍ଟିଫିକ ଟିମ୍ ଧରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ ୪୦/୨୫)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହିତ ଘଟଣାସ୍ଥଳରୁ ପୋଲିସ ଏକ ମଦ ବୋତଲ ଓ ମୋବାଇଲ ଫୋନ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଭରତ ଦାରୁଠେଙ୍ଗ ଗାଁ ପାଖରେ ଥିବା ରେଡିମିକ୍ସ କମ୍ପାନୀରେ କାମ କରୁଥିଲେ। ସେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିବାରୁ ଯୁବତୀ ଜଣଙ୍କ ଭରତଙ୍କ ସହ କଥା ହୋଇ ନ ଥିଲେ। ଭରତ ଯୁବତୀଙ୍କ ସହ କଥା ହେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏହାପରେ ଯୁବତୀ କଥା ନ ହେଲେ ସେ ମରିଯିବେ ବୋଲି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ପାଠ ସହ ନୈତିକ, ଆଧ୍ୟାତ୍ମିକ ଶିକ୍ଷା ପ୍ରତି ଦୃଷ୍ଟି ଦିଅ

**ଦୁଲଣାପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ବାଙ୍କୀ,୧୫।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ସରକାରୀ ବିଦ୍ୟାଳୟରେ ଦୁଲଣାପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ, କୁଇଜ୍, ଏକକ ଅଭିନୟରେ ଭାଗନେଇ ନିଜର ପ୍ରତିଭାକୁ ଦେଖାଇ ଥିଲେ। ଏହି କାର୍ଯ୍ୟାଳୟକୁ ତାଳବସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁମିତ୍ରା ସାହୁ, ନାଏବ ସରପଞ୍ଚ ଗଦାଧର ବସ୍ତି, ଦୁଲଣାପୁର ସରପଞ୍ଚ ସବିତା


ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ସାହୁ, ପ୍ରଧାନ ଶିକ୍ଷକ ଶିବ ପ୍ରସନ୍ନ ସାହୁ, ଦୁଲଣାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାପାତ୍ର, ସାଧନାକେନ୍ଦ୍ରର ସଂଯୋଜକ ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ପିଲା, ଅଭିଭାବକମାନଙ୍କୁ ପାଠ ସହିତ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ତାଳବସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଫର୍ମାସିଷ୍ଟ ଛବିନ୍ଦ୍ର ବେହେରା, ସାମାଜିକ କର୍ମୀ ସୁବ୍ରତ କୁମାର ନାୟକ, ଦୁଲଣାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେଉରା, କୁସୁନ୍ଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସାପତ୍ର ସହ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଗଗନ ବିହାରୀ ମଞ୍ଜ ପରିଚାଳନା କରିଥିଲେ।

# ଜନାର୍ଦ୍ଦନପୁରରେ ମା’ ଗଜଲକ୍ଷ୍ମୀଙ୍କ ବିସର୍ଜନ

ସାଲେପୁର,୧୫।୧୦(ଅରବିନ୍ଦ ଭୂୟାଁ)

ଜନାର୍ଦ୍ଦନପୁର ଚିତ୍ରୋତ୍ପଳା ନଦୀତଟ ପୂଜା ମଣ୍ଡପରେ ମା’ ଗଜଲକ୍ଷ୍ମୀଙ୍କର ପୂଜା ପାଳିତ ହୋଇଯାଇଛି। ମଙ୍ଗଳବାର ଚିତ୍ରୋତ୍ପଳା ନଦୀରେ ମା’ଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ଲକ୍ଷ୍ମୀପୂଜା କମିଟି ମୁଖ୍ୟ ଅନନ୍ତ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ୩ ଜଣ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ପ୍ରଧାନ, ବଂଶୀଧର ବେହେରା, ଦେବେନ୍ଦ୍ର ନାଥ ମାଝୀ, ସରପଞ୍ଚ ବିଶ୍ୱ ଭୂଷଣ ନାୟକ, ଆଇନଜୀବୀ ପ୍ରଦୀପ୍ତ କିଶୋର ଷଡ଼ଙ୍ଗୀ, ଖବରଦାତା ଅଭୟ ଜେନା, ଅକ୍ଷୟ ଦାଶ, ଅବସରପ୍ରାପ୍ତ ସେନା କର୍ମଚାରୀ ବୈରାଗୀ ଚରଣ ଦଳେଇ, ପ୍ରମୋଦ ନାୟକ, ସଙ୍ଗଠକ ଅନନ୍ତ ଚରଣ ସାମଲ, ଦ୍ୱିଜେନ୍ଦ୍ର ସାମଲ, ଯଦୁମଣି ମଲ୍ଲିକ ପ୍ରମୁଖଙ୍କୁ ସମ୍ମାନିତ କାରାଯାଇଥିଲା। ଏହି ଉତ୍ସବ ପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

ଫଟୋରେ ଖବର


ବାଲିଯାତ୍ରା ପ୍ରସ୍ତୁତି: ବାଲିଯାତ୍ରା ତଳପଡ଼ିଆରେ ଓରମାସ୍ ପକ୍ଷରୁ ଷ୍ଟଲ ନିର୍ମାଣ କାର୍ଯ୍ୟ ଚାଲିଛି।


ତଳପଡ଼ିଆରେ ପାଣି ପାଇପ ବିଛା ଚାଲିଛି।

# ଭିଜିଲାନ୍ସ ଜାଲରେ ବେଗୁନିଆ ତହସିଲ ଅଫିସ୍ ଡିଇଓ

## ବାସଭବନ ଓ ଶ୍ୱଶୁର ଘରେ ଚଢ଼ାଉ

ବେଗୁନିଆ,୧୫।୧୦
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ସ୍ମୃତି ଜୟସିଂହ ବୁଧବାର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜମିବାଡ଼ି କିସମ ପରିବର୍ତ୍ତନ କରାଇଦେବାକୁ ସ୍ମୃତି ଜଣେ ବ୍ୟକ୍ତିଙ୍କଠାରୁ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଅପରପକ୍ଷରେ ସ୍ମୃତିଙ୍କ ଆୟବହିର୍ଭୂତ ସମ୍ପତ୍ତି ତଦାରଖ ପାଇଁ ତାଙ୍କ କାର୍ଯ୍ୟାଳୟ ସମେତ ଦୁଇଟି ବାସଭବନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି।

ସୂଚନା ଅନୁଯାୟୀ, ବେଗୁନିଆ ବ୍ଲକ ଅଧୀନ ଗଡ଼ମାଣତିର ଗ୍ରାମର ଶିଶିର କୁମାର ମଙ୍ଗରାଜ ଜମିବାଡ଼ି କିସମ ପରିବର୍ତ୍ତନ କରିବାକୁ ଦୀର୍ଘଦିନ ହେଲା ତହସିଲ କାର୍ଯ୍ୟାଳୟକୁ ଦୌଡୁଥିଲେ। କାମ କରିଦେବାକୁ ସ୍ମୃତି ତାଙ୍କୁ ଲାଞ୍ଚ ମାଗିଥିଲେ। ଉଭୟଙ୍କ ମଧ୍ୟରେ ମୂଲଚାଲ ହୋଇଥିଲା। ଶେଷରେ ସ୍ମୃତି ୮ହଜାର ଟଙ୍କା ନେବେ ବୋଲି ସ୍ଥିର ହୋଇଥିଲା। ଏ ନେଇ ଶିଶିର ୧୪ ତାରିଖରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୩/୨୦୨୫) ରୁଜୁ କରି ଭିଜିଲାନ୍ସ ଅଧିକାରୀମାନେ ରଙ୍ଗବୋଳା ଟଙ୍କା ଶିଶିରଙ୍କୁ ଦେଇଥିଲେ।



ସ୍ମୃତି ଜୟସିଂହ

ପରେ ବୁଧବାର ପୂର୍ବାହ୍ନରେ ଶିଶିର ବେଗୁନିଆ ତହସିଲ କାର୍ଯ୍ୟାଳୟକୁ ଆସି ପୂର୍ବ ପ୍ରସ୍ତୁତି ଅନୁସାରେ ସ୍ମୃତିଙ୍କ ହାତରେ ସେହି ୮ହଜାର ଟଙ୍କା ଦେଇଥିଲେ। ଯୋଜନା ଅନୁଯାୟୀ, ପୂର୍ବରୁ ସେଠାରେ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଏହି ସମୟରେ ସ୍ମୃତିଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିଥିଲେ। ପରେ ଭିଜିଲାନ୍ସ ଟିମ୍ ସ୍ମୃତିଙ୍କ ବେଗୁନିଆ ନୂଆସାହିସ୍ଥିତ ନିଜ ବାସଭବନ ଏବଂ କୁଞ୍ଜୁରି ପଞ୍ଚାୟତର ବରପଦା ଗ୍ରାମସ୍ଥିତ ଶ୍ୱଶୁର ଘରେ ଚଢ଼ାଉ କରି ଆୟ ବହିର୍ଭୂତ ସମ୍ପତ୍ତି ଯାଞ୍ଚ କରିଥିବାବେଳେ ନଗଦ ୧ ଲକ୍ଷ ୭୨ ହଜାର ଟଙ୍କା ସମେତ ୨୪୦ ଗ୍ରାମ୍ ସୁନା ଜବତ କରିଛନ୍ତି। ଚଢ଼ାଉରେ ୩ ଡିଏସ୍‌ପି ଏବଂ ୨ ଜଣ ଆଇଆଇସି ର୍ୟାଙ୍କର ଅଧିକାରୀ ସାମିଲ ଥିଲେ। ଉଲ୍ଲେଖ ଥାଉକି, ୨୦୨୦ରେ ତତ୍କାଳୀନ ବେଗୁନିଆ ଅତିରିକ୍ତ ତହସିଲଦାର ବିବେକାନନ୍ଦ ପରିଡ଼ା ୫ହଜାର ଏବଂ ୨୦୨୨ରେ ତତ୍କାଳୀନ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ୪୬ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

## ସଂକ୍ଷେପରେ

### ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ଦାବି

#### କେରଳରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟଣା

ଟାଙ୍ଗୀ,୧୫।୧୦(ରଘୁନାଥ ସାହୁ)

କେରଳର କର୍ନୁର ଜିଲାରେ ଗତ ୧୦ ତାରିଖରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣାରେ ମୃତ୍ୟୁବରଣ କରିଥିବା ୨ଜଣଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ବୁଧବାର ସ୍ଥାନୀୟ ଲୋକପ୍ରତିନିଧିମାନେ ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କୁ ଭେଟି ଦାବି ଜଣାଇଛନ୍ତି। ସୂଚନାଯୋଗ୍ୟ, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ଗ୍ରାମର ସୁବାସ ବେହେରା, ନିଗମ ବେହେରା ଓ ଶିବ ବେହେରା ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣାରେ ଗୁରୁତର ହୋଇ କର୍ନୁର ସରକାରୀ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିଲେ। ଇତିମଧ୍ୟରେ ସୁବାସ ଓ ନିଗମଙ୍କ ମୃତ୍ୟୁ ହୋଇଯାଇଛି। ଉଭୟଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବାଲିପାଟପୁର ସରପଞ୍ଚ ଓ ଜିଲାପରିଷଦ ସଭ୍ୟ ଧିରେନ କୁମାର ବେହେରାଙ୍କ ସମେତ ୧୦ ଜଣ ବ୍ୟକ୍ତି ଟାଙ୍ଗୀ ତହସିଲଦାରଙ୍କୁ ଭେଟି ଆଲୋଚନା କରିଥିଲେ।

### ୨ ନିଶା ବେପାରୀ ଗିରଫ

ଜଟଣୀ,୧୫।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଅବକାରୀ ଥାନା ପକ୍ଷରୁ ବୁଧବାର ଦୁଇଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଟଣୀ ଥାନା ଅଧୀନ ନିରଞ୍ଜନପୁର ଗ୍ରାମର ସନାତନ ସୁନ୍ଦରାୟ ଏବଂ ଜାମୁକୋଲି ଉପରସାହିର କୈଳାସ ବେହେରା। ଉଭୟଙ୍କଠାରୁ ୯୫ ବୋତଲ ଦେଶୀମଦ ଜବତ ହୋଇଛି। ଏହି ଘଟଣାରେ ଜଟଣୀ ଅବକାରୀ ଥାନା ୧୦୬/୨୫ ଏବଂ ୧୦୭/୨୫ ରେ ମାମଲା ରୁଜୁ କରିଛି। ସୂଚନା ମୁତାବକ, ଅବକାରୀ ଥାନାର ଏକ ପାଟ୍ରୋଲିଂ ଦଳ ଜଟଣୀ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢାଉ କରିଥିଲା। ସେମାନଙ୍କଠାରୁ ୯୦ ବୋତଲ ଦେଶୀ ମଦ ଜବତ ହୋଇଥିଲା।

### ହୋମଗାର୍ଡ କିଶୋର ମହାପାତ୍ରଙ୍କ ପରଲୋକ

ବୋଲଗଡ଼,୧୫।୧୦(ଦେବବ୍ରତ ହୋତା)



ବୋଲଗଡ଼ ଥାନାରେ କାର୍ଯ୍ୟରତ ହୋମଗାର୍ଡ କିଶୋର ଚନ୍ଦ୍ର ମହାପାତ୍ର (୫୨)ଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କ ଘର ବୋଲଗଡ଼ ମଠସାହିରେ ଏବଂ ସେ କିଛି ଦିନ ହେବ ଅସୁସ୍ଥ ଥାଇ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ଥାନା ପରିସରକୁ ନିଆଯାଇଥିଲା। ସେଠାରେ ଡ ଥାନା ଅଧିକାରିଣୀ ସ୍ୱିଗ୍ଧାମୟୀ ବରାଳ, ଇନ୍ସପେକ୍ଟର ଲିଲି ପାଢ଼ୀ ଏବଂ ଅନ୍ୟ କର୍ମଚାରୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିପରି ତାଙ୍କ ପଡ଼ୋଶୀ ଆଡଭୋକେଟ ଗୌରୀ ଦେବୀ ଓ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ତୃତୀୟାପଡ଼ା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ଦୁଇପୁଅ ଉପସ୍ଥିତ ଥିଲେ।

# ସୁରଭିରେ ଭାଗନେଲେ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ



ଅତିଥିଙ୍କ ସହ ସୁରଭିରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

କୃଷ୍ଣପ୍ରସାଦ,୧୫।୧୦(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧିନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଜଗତେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆଣ୍ଡି ପରିସରରେ ଗୋପାଳପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସିଆର୍‌ସିସି ସତ୍ୟବାଦୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସିଆଣ୍ଡି ଗ୍ରାମ୍ୟ କମିଟି ସଭାପତି ସୁରେଶ ଚନ୍ଦ୍ର ପଲେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ତରାଇ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପଦ୍ମଚରଣ ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିନ କୁମାର ତରାଇ, ପ୍ରଧାନ ଶିକ୍ଷକ ବିଦ୍ୟାଧର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଝୁନୁଲତା ତରାଇ, ସୁନନ୍ଦା ସାମଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ୯ଟି ବିଦ୍ୟାଳୟରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବ୍ଲକସ୍ତରୀୟ ସୁରଭିରେ ଭାଗ ନେବା ପାଇଁ କୃତୀ ପ୍ରତିଯୋଗମାନେ ମନୋନୀତ ହୋଇଥିଲେ। ରାଜେନ୍ଦ୍ର ପ୍ରସାଦ ତରାଇ, ନିରଞ୍ଜନ ବେହେରା, କୃଷ୍ଣଚନ୍ଦ୍ର ପାଇକରାୟ, ରମାକାନ୍ତ ତରାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଗିଳିନାସି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି।

## ଡିସେମ୍ବର ୧୮ରୁ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍

ଟାଙ୍ଗୀ,୧୫।୧୦(ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥଲେଟିକ ଆସୋସିଏଶନ୍ ପକ୍ଷରୁ ଆସନ୍ତା ଡିସେମ୍ବର ୧୮ରୁ ୨୮ ପର୍ଯ୍ୟନ୍ତ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ନାମେଣ୍ଟ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଆସୋସିଏଶନ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇନଜୀବୀ ହୃଷୀକେଶ ପ୍ରଧାନ ସଭାପତିତ୍ୱ କରିଥିଲେ। ଆସୋସିଏଶନ ସମ୍ପାଦକ ମନୋଜ କୁମାର ମାନସିଂହ ଟୁର୍ନାମେଣ୍ଟ କିଭଳି ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରାଯିବ, ନୂଆ ସଦସ୍ୟଙ୍କୁ ସାମିଲ କରିବା, ବିଭିନ୍ନ ଟିମ୍ ସହ ଯୋଗାଯୋଗ ଆଦି ବିଷୟରେ ଆଲୋଚନା କରିଥିଲେ। ଉପସଭାପତି ରାଜକିଶୋର ବୈରିଗଞ୍ଜନ, ସହସମ୍ପାଦକ ରମେଶ ଚନ୍ଦ୍ର ନାଇଡୁ, କୋଷାଧ୍ୟକ୍ଷ ତ୍ରିନାଥ ପାତ୍ର, ଶ୍ରୀବତ୍ସ ପରିଡ଼ା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ଆନନ୍ଦ ରାଓ, ସଚ୍ଚିଦାନନ୍ଦ ପ୍ରଧାନ, ରତ୍ନାକର ସାମନ୍ତରାୟ, ବିପିନ ଉଦୟସିଂହ, ହେମନ୍ତ ଜେନା, ହରିବନ୍ଧୁ ସାମନ୍ତରାୟ, କେଦାର ପାତାଳସିଂହ, ବିଭୂତି ଚମ୍ପତି, ଚନ୍ଦ୍ରଶେଖର ଆଚାର୍ଯ୍ୟ, କୋଟିରାମ ନାଇଡୁ ଏବଂ ଲକ୍ଷ୍ମୀଧର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ରେ ଗୋପୀନାଥ ଦେବଙ୍କ ପୀଠରେ ବାଦୀପାଲା

ବେଗୁନିଆ,୧୫।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମର ଆରାଧ୍ୟ ଦେବତା ଗୋପିନାଥ ଦେବଙ୍କ ପୀଠରେ ଚଳିତ ମାସ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ବାଦିପାଲା ଅନୁଷ୍ଠିତ ହେବ। ଏ ନେଇ ମଲିପଦର, ବାସୁଦେବପୁର ଓ କାନପୁର ଗ୍ରାମର ଆୟୋଜକମାନେ ସୂଚନା ଦେଇଛନ୍ତି। ପୁରୀ ଜିଲାର ଯୁବ ଗାୟକ ଡ. ଶିଶିର କୁମାର ପାଢ଼ୀ ଓ କଟକ ଜିଲାର ଶରତ କୁମାର ଦଳେଇ ଯୋଗଦେଇ ପାଲା ପରିବେଷଣ କରିବେ ବୋଲି ସ୍ଥିର ହୋଇଛି।

# ଗାଁ ରାସ୍ତାରେ ହାତୀ, ଲୋକେ ଭୟଭୀତ



ନିରାକାରପୁର,୧୫।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ହାତୀପଲ ଖାଦ୍ୟ ସନ୍ଧାନରେ ଗାଁ ମୁହାଁ ହେଉଛନ୍ତି। ଫଳରେ କେତେବେଳେ ହାତୀର ତ ଆଉ କେବେ ମଣିଷର ଜୀବନ ଯାଉଛି। ହାତୀପଲଙ୍କୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହେଉଛି। ଟାଙ୍ଗୀ ବନାଞ୍ଚଳ ଅଧୀନ ଟାଙ୍କୋଳ ପଞ୍ଚାୟତରେ ବୁଧବାର ଅପରାହ୍ନରେ ଏକ ହାତୀ ରାସ୍ତାରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଲୋକେ ରୁଣ୍ଡହୋଇ ହୋହାଲ୍ଲା କରିବାରୁ ହାତୀଟି ସେଠାରେ ଥିବା ମା' ତରଦେବୀଙ୍କ ମନ୍ଦିର ପଛପାଖରେ ଲୁଚିରହିଥିଲା। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି, ଏବେ ୧୮ଟି ହାତୀ ଟାଙ୍ଗୀ ବନାଞ୍ଚଳରେ ରହିଛନ୍ତି। ନାଲସିଂହ ଅଞ୍ଚଳରେ ୧୭ଟି ହାତୀ ଥିବାବେଳେ ଟାଙ୍କୋଳରେ ଗୋଟିଏ ହାତୀ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

# ଚଳନ୍ତା ସ୍କୁଟିରେ ଭୟଙ୍କର ବାଣ ବିସ୍ଫୋରଣ

## ବାପ, ଝିଅଙ୍କ ସମେତ ୩ ଗୁରୁତର



ଭୁବନେଶ୍ୱର,୧୫।୧୦(ସତ୍ୟଜିତ ରାଉତ)

ଦୀପାବଳି ପାଇଁ ବାଣ ନେଇ ଆସୁଥିବା ବେଳେ ରାଜଧାନୀରେ ଚଳନ୍ତା ସ୍କୁଟିରେ ଭୟଙ୍କର ବିସ୍ଫୋରଣ ହୋଇଛି। ୧୬ ନଂ ଜାତୀୟ ରାଜପଥର ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ବୁଧବାର ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଛି। ଏହି ଅଘଟଣରେ ସ୍କୁଟିରେ ଥିବା ବାପ, ଝିଅ ଏବଂ ଅନ୍ୟ ଜଣେ କାର୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ବାପା ପର୍ଶୁରାମ ଲେଙ୍କା ଓ ତାଙ୍କ ୧୦ବର୍ଷୀୟା ଝିଅ ସ୍ନେହାରାଣୀଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଅପରପକ୍ଷରେ କାର୍ ଚାଳକ ଜଣକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଟଙ୍କପାଣି ରୋଡ୍ ତାରିଣୀ ବସ୍ତିରେ ରହୁଥିବା ପର୍ଶୁରାମ ଓ ଝିଅ ସ୍ନେହାରାଣୀ ଖୋର୍ଦ୍ଧା ଜିଲା ବାଘମାରୀସ୍ଥିତ ଗାଁକୁ ଯାଇଥିଲେ। (ଓଡି୦୨-ବିକ୍ୟୁ-୫୬୪୨) ନମ୍ବର ବିଶିଷ୍ଟ ସ୍କୁଟିରେ ଭୁବନେଶ୍ୱର ଫେରୁଥିଲେ। ଦୀପାବଳି ପାଇଁ ସ୍କୁଟି ଡିକିରେ ବାଣ ଭର୍ତ୍ତି କରି ଭୁବନେଶ୍ୱର ଫେରୁଥିଲେ। ଆଚାର୍ଯ୍ୟବିହାର ଓଭର ବ୍ରିଜ୍ ଉପରେ ହଠାତ୍ ସ୍କୁଟିରେ ଥିବା ବାଣଗୁଡ଼ିକ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ସ୍କୁଟିର ପାର୍ଟଗୁଡ଼ିକ ଖଣ୍ଡଖଣ୍ଡ ହୋଇ ରାସ୍ତାରେ ବିଛାଡି ହୋଇପଡ଼ିଥିଲା। ଏହି ସମୟରେ ପାଖରେ ଯାଉଥିବା ଏକ କାର୍‌ର ବନେଟ୍ ଫାଟିଯାଇଥିବାବେଳେ ଏହାର ଡ୍ରାଇଭର ଆହତ ହୋଇଥିଲେ। ଗାଡ଼ିଟି ହୁତୁହୁତୁ ହୋଇ ବ୍ରିଜ୍ କଡ଼ରେ ଜଳୁଥିବାବେଳେ ଏଥିପାଇଁ ଖୋର୍ଦ୍ଧାରୁ ରସୁଲଗଡ଼ ରାସ୍ତା ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ହୋଇଥିଲା। ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ସ୍ୱତନ୍ତ୍ର କର୍ଡନ କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ପରେ ସେମାନଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଯୁବକଙ୍କ ମାଡ଼ରେ ବୃଦ୍ଧାଙ୍କ ମୃତ୍ୟୁ, ଜଣେ ଗୁରୁତର

ନିରାକାରପୁର,୧୫।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ପିଲାଙ୍କ ମଧ୍ୟରେ କମେଣ୍ଟମରାକୁ କେନ୍ଦ୍ରକରି ଜଣେ ଯୁବକଙ୍କ କାଠଫାଳିଆ ମାଡ଼ରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତା ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ବୃନ୍ଦାବନପୁର(ଖୋଲଗାଁ)ର ହେମଲତା ସ୍ୱାଇଁ। (୬୨)। ସେହିପରି ଗୁରୁତର ମହିଳା ଜଣଙ୍କ ହେଲେ ସୁଜାତା ସ୍ୱାଇଁ। ମୃତା ହେମଲତାଙ୍କ ବୋହୂ ସୁକାନ୍ତି ସ୍ୱାଇଁ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ହେମଲତାଙ୍କ ପୁଅ ଓ ଘଟଣା ଘଟାଇଥିବା ଯୁବକଙ୍କ ପୁତୁରାଙ୍କ ମଧ୍ୟରେ କମେଣ୍ଟ ମରାମରି ହୋଇଥିଲା। ଏହି ଘଟଣାକୁ ନେଇ ସମ୍ପୃକ୍ତ ଯୁବକ ହେମଲତାଙ୍କ ପୁଅକୁ ଧମକଚମକ ଦେଇଥିଲେ। ଏହାକୁ ହେମଲତା ବିରୋଧ କରିବାରୁ ସମ୍ପୃକ୍ତ ଯୁବକ ବ୍ୟକ୍ତି ଉତ୍‌କ୍ଷିପ୍ତ ହୋଇ କାଠଫାଳିଆରେ ତାଙ୍କୁ ପିଟିଥିଲେ। ଫଳରେ ହେମଲତାଙ୍କର ଘଟଣାସ୍ଥଳରେ ଜୀବନ ଚାଲିଯାଇଥିଲା। ଏହି ସମୟରେ ପଡ଼ୋଶୀ ସୁଜାତା ଆସି ବିରୋଧ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସେ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ମୃତା ହେମଲତାଙ୍କ ମୃତଦେହ ନୟାଗଡ଼ ଜିଲା ଚାନ୍ଦପୁରସ୍ଥିତ ବସନ୍ତମଞ୍ଜରୀ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଯୁବକ ଫେରାର ଥିବା ବେଳେ ପୋଲିସ ପହଞ୍ଚି ଏକ ମାମଲା(ନଂ.୨୭୩/୨୫) ରୁଜୁକରି ତଦନ୍ତ ଜାରି ରଖିଛି ବୋଲି ସ୍ଥାନୀୟ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ

ନିରାକାରପୁର,୧୫।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ବୁଧବାର ଡିଆ ପଞ୍ଚାୟତ ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସିଆର୍‌ସିସି ମଳୟ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ସାମାଜିକ କର୍ମୀ ଶରତ ଚନ୍ଦ୍ର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ କୁମାର ଦାଶ, ଲେଣ୍ଡୋ ହାଇସ୍କୁଲ ପ୍ରଧାନଶିକ୍ଷକ ନିମନ୍ତ ମାଝୀ, ଲେଣ୍ଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ବେହେରା, ନାଏବ ସରପଞ୍ଚ ପୁଷ୍ପଲତା ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା ଅତିଥି ପରିଚୟ ପ୍ରଦାନ ସହ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବତନ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ଦାଶ ଓ ଶିକ୍ଷକ ସୁଶାନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ କ୍ଲଷ୍ଟର ଅଧୀନରେ ଥିବା ୭ଟି ପ୍ରାଇମେରି, ୫ଟି ଅପର ପ୍ରାଇମେରି ଓ ଗୋଟିଏ ହାଇସ୍କୁଲର ୧ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ ନୃତ୍ୟ ଓ ଅଭିନୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରେଙ୍ଗଟା ସ୍କୁଲ ପ୍ରଧାନଶିକ୍ଷକ ଅମର କୁମାର ଜୟସିଂହ ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ରାମେଶ୍ୱର କ୍ଲଷ୍ଟରରେ ସିଆର୍‌ସିସି ସୁଶାନ୍ତ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଭୂଷଣ୍ଡପୁର କ୍ଲଷ୍ଟର ସ୍ଥାନୀୟ ରିଫ୍ୟୁଜ୍ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ଅମ୍ଳାନ୍ ପ୍ରହରାଜ, ଧୁଶାସନ ସେଠୀ, ସିଆର୍‌ସିସି ସପନ ସର୍ଦ୍ଦାରଙ୍କ ସହିତ ପରିଚାଳନା କମିଟି ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଠିକାଦାର କାଟିଦେଲେ ସୀମାବନ୍ଧ, ବାଣପୁରକୁ ବନ୍ୟା ବିପଦ

## ପ୍ରଶାସନ ଚୁପ୍, କାର୍ଯ୍ୟାନୁଷ୍ଠାନ ଦାବି ତେଜିଲା



ବାଣପୁର,୧୫।୧୦(ଦିଲ୍ଲୀପ କୁମାର ସ୍ୱାଇଁ)

ଏକ ନିର୍ମାଣ କାର୍ଯ୍ୟ ଲାଗି ନିଜ ସାମଗ୍ରୀର ପରିବହନ ସୁବିଧା ପାଇଁ ଜଣେ ଠିକାଦାର ବାଣପୁରର ସୁରକ୍ଷା କବଚ ସୀମାବନ୍ଧକୁ କାଟି ଦେବାରୁ ବାଣପୁରକୁ ଶାଳିଆ ନଦୀର ପାଣି ପଶିବା ଆଶଙ୍କା ଦେଖାଦେଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଠିକାଦାରଙ୍କ ଏହି ମନୋମୁଖି କାର୍ଯ୍ୟକୁ ନାପସନ୍ଦ କରାଯାଇଛି। ସୂଚନା ଅନୁଯାୟୀ, ଶାଳିଆ ନଦୀର ବନ୍ୟାପାଣି ବାଣପୁର ସହର ଭିତରକୁ ନ ପଶିବା ପାଇଁ ପ୍ରାୟ ୫୦ବର୍ଷ ପୂର୍ବେ ଏକ ପରିକଳ୍ପନା କରାଯାଇ ଶାଳିଆ ନଦୀ ପାର୍ଶ୍ୱରେ ସୀମା ବନ୍ଧ ନିର୍ମାଣ କରାଯାଇଥିଲା। ପରେ ବିଶ୍ୱ ବ୍ୟାଙ୍କ ସହାୟତାରେ ୧୯୯୦ ମସିହାରେ ଏହାର ଉନ୍ନତୀକରଣ ସହ ଉଭୟ ପାର୍ଶ୍ୱରେ ପଥର ପ୍ୟାକିଙ୍ଗ କରାଯାଇ ସୀମାବନ୍ଧ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ବାଣପୁର ସହରକୁ ଟ୍ରାଫିକ ସମସ୍ୟାରୁ ମୁକ୍ତ କରିବା ଏବଂ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ମନ୍ଦିରକୁ ଯିବା ପାଇଁ ଏହି ସୀମାବନ୍ଧକୁ ଚଉଡ଼ା କରାଯାଇ ବିକଳ୍ପ ରାସ୍ତା ନିର୍ମାଣ ପ୍ରସ୍ତାବ ନେଇ ପ୍ରସ୍ତୁତ କରାଯାଇଥିବା ଡିପିଆର୍ ଏବେ ସରକାରଙ୍କ ବିଚାରାଧୀନ ରହିଛି। କିଛି ଦିନ ତଳେ ଉକ୍ତ ଠିକାଦାର ଜଣକ ନିଜ ସୁବିଧା ପାଇଁ ନଦୀ ସୀମାବନ୍ଧକୁ ରଙ୍କନାଥ ଦେବଙ୍କ ମନ୍ଦିର ପଛପଟ ଦୁଇଟି ସ୍ଥାନରେ ପ୍ରାୟ ୫୦ ଫୁଟ କାଟିଦେବାରୁ ଶାଳିଆ ବନ୍ୟା ଜଳ ସହରକୁ ପ୍ରବେଶ କରିବା ଆଶଙ୍କା ରହିଛି। ଏ ସମ୍ପର୍କରେ ସୀମାବନ୍ଧ ଦାୟିତ୍ୱରେ ଥିବା ଶାଳିଆ ଜଳସେଚନ ବିଭାଗ ଉପଖଣ୍ଡ ଯନ୍ତ୍ରୀ ସୁରେନ୍ଦ୍ର ସାହୁଙ୍କୁ ପଚାରିବାରେ କହିଛନ୍ତି, ସୀମାବନ୍ଧ କଟାଯିବା ସମ୍ପର୍କରେ ସେ ଅବଗତ ଅଛନ୍ତି। ସେ ଏବଂ ଶାଳିଆ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ ସାହୁ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ବିନା ଅନୁମତିରେ ସରକାରୀ ସମ୍ପତ୍ତିକୁ କ୍ଷତି ପହଞ୍ଚାଇ ସୀମାବନ୍ଧ କାଟିଦେବା ଅଭିଯୋଗରେ ଅତିଶୀଘ୍ର ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫଳରେ ଭବିଷ୍ୟତରେ କେହି ସୀମା ବନ୍ଧକୁ କ୍ଷତି ପହଞ୍ଚାଇବା ପାଇଁ ସାହସ କରିବେ ନାହିଁ।

### ଏମାନେ ଯାହା କୁହନ୍ତି...



ଅଞ୍ଚଳବାସୀ ଓ ସେବାୟତଙ୍କ ଦାବି ଅନୁଯାୟୀ ଭଗବତୀଙ୍କ ମନ୍ଦିର ପଛପଟୁ ଉକ୍ତ ସୀମାବନ୍ଧକୁ ଓସାର କରି ବାଣପୁର ବିଶରପାଟଣା ପର୍ଯ୍ୟନ୍ତ ଏକ ରାସ୍ତା କରାଗଲେ ପର୍ଯ୍ୟଟନର ବିକାଶ ହୋଇପାରନ୍ତା ଏବଂ ଏଥିଲାଗି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିକଟରେ ଦାବି ରଖାଯାଇଛି। ସେ ଏହାର ଉନ୍ନତୀକରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ନିଜ ସ୍ୱାର୍ଥ ପାଇଁ ଠିକାଦାର ଜଣକ ସୀମାବନ୍ଧ କାଟିଦେଇ ବାଣପୁରକୁ ବିପଦ ମୁହଁକୁ ଠେଲିଦେବା ଘଟଣାର ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

**– ଭାସ୍କର ନାୟକ, ଭଗବତୀଙ୍କ ଅଙ୍ଗଲାଗି ସେବାୟତ**



ଶାଳିଆ ନଦୀର ବନ୍ୟାରୁ ବାଣପୁରକୁ ସୁରକ୍ଷା ଦେବା ପାଇଁ କାହିଁ କେତେ ବର୍ଷ ତଳୁ ଉକ୍ତ ସୀମାବନ୍ଧ ନିର୍ମାଣ କରାଯାଇଥିଲା। କିନ୍ତୁ ଠିକାଦାର ଜଣକ କେଉଁ ସାହସରେ ପ୍ରଶାସନକୁ ବେଖାତିର କରି ବେଆଇନ ଭାବେ ଉକ୍ତ ସୀମାବନ୍ଧକୁ କାଟିଦେଲେ ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଉକ୍ତ ଘଟଣାର ନିନ୍ଦା କରୁଛି। ଶାଳିଆ ଜଳସେଚନ ବିଭାଗ ଏସ୍‌ଡିଓ କାହିଁକି ସବୁ ଜାଣି ଚୁପ୍ ରହିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କାହିଁକି ମାମଲା ରୁଜୁ କରାଯାଇନାହିଁ ବୋଲି ପ୍ରଶ୍ନ ଉଠୁଛି।

**– ଗୟାଚାନ୍ଦ ଜଗଦୀଶ ପଟ୍ଟନାୟକ, ବାଣପୁର ଓକିଲ ସଂଘ ସମ୍ପାଦକ**

# ଦୃଷ୍ଟିବାଧିତଙ୍କ ପାଇଁ ପ୍ରତିଷ୍ଠାହେବ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ

## ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ଧଳାବାଡ଼ି ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିପାରିଛି। ଜଣେ ଦୃଷ୍ଟିବାଧିତ ଯେପରି ସମାନତାର ଅଧିକାର ପାଇପାରିବେ ଓ ସାଧାରଣ ଲୋକଙ୍କ ପରି କାମ କରିପାରିବେ, ସେଥିପାଇଁ ଧଳାବାଡ଼ି ସେମାନଙ୍କ ଆତ୍ମବିଶ୍ୱାସକୁ ଜାଗ୍ରତ କରିଥାଏ। ତେବେ ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାକରିବା ପାଇଁ ପ୍ରୟାସ କରୁଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟୱାରି କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍ଆଇଏସ୍ଇଆର୍)ଠାରେ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟୱାରି ଏକ ଅନ୍ତର୍ନିବେଶୀ ସମାଜ ଗଠନରେ ଧଳାବାଡ଼ି ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ଏବଂ ଭୀମ ଭୋଇ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ କୁମାର ମହାନ୍ତି ଯୋଗଦେଇ ଧଳାବାଡ଼ି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ପଟୱାରି ଧଳାବାଡ଼ି ଦିବସ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହ ସେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଧଳାବାଡ଼ି ବିତରଣ କରିବା ସହ ସେମାନଙ୍କ ସଙ୍ଗେ ବାର୍ତ୍ତାଳାପ କରିଥିଲେ। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଲାନୋ, ଉନ୍ନୟନ ଅଧିକାରୀ ସେଖ ଇକ୍ବାଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଲୁଇ ବ୍ରେଲ୍ ଦୃଷ୍ଟିବାଧିତ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଡ୍ରମ୍, ତୁରୀ, ଝାଞ୍ଜ ଓ ଝୁମୁକା ଆଦି ବଦ୍ୟଯନ୍ତ୍ର ପରିବେଷଣ କରିଥିଲେ। ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀମାନେ ପଥପ୍ରାନ୍ତ ନାଟକ 'ଶ୍ୱେତସାଥୀ' ପରିବେଷଣ କରିଥିଲେ। ପ୍ରତିଷ୍ଠାନର ଓମ୍ ପ୍ରକାଶ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟୱାରି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ସାଇବର ସୁରକ୍ଷା ସଚେତନତା ବ୍ୟାପକ ହେବ: ମୁଖ୍ୟ ସଚିବ



ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ବିଭାଗୀୟ ଅଧିକାରୀମାନେ।

## ୧ ମାସ ଧରି ବୁଲିବ ସାଇବର ରଥ

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

ରାଜ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନକୁ ବ୍ୟାପକ କରାଯିବ। ଆସନ୍ତା ୧୮ ତାରିଖରୁ ନଭେମ୍ବର ୧୭ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆବଶ୍ୟକସ୍ଥଳେ ବର୍ଷସାରା ବିଭିନ୍ନ ସମୟରେ ବିଭିନ୍ନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖାଯିବ। ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସାଇବର ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷିତ ରଖିବା, ନିବେଶ କ୍ଷେତ୍ରରେ ଜାଲିଆତିରୁ ସୁରକ୍ଷିତ ରହିବା, ଅପରାଧୀ କେହି ବ୍ୟକ୍ତିଙ୍କର ନିଜସ୍ୱ କିମ୍ବା ଗୋପନ ଫଟୋ, ଭିଡିଓ କିମ୍ବା ଚାଟ୍ ଦେଖାଇ କିମ୍ବା ଧମକ ଦେଇ ଟଙ୍କା ବା ଅନ୍ୟ କିଛି ସୁବିଧା ଚାହିଁବା, ବେଆଇନ ବ୍ୟାଙ୍କ ଆକାଉଣ୍ଟ ଏବଂ ସିମ୍ ବିକ୍ରି କରିବା, ହୋଟେଲ ବୁକିଂରେ ସ୍କାମ୍, ଡିଜିଟାଲ ଆରେଷ୍ଟ, ସୁରକ୍ଷିତ ସାମାଜିକ ଗଣମାଧ୍ୟମର ବ୍ୟବହାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ହୋଇଛି। ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଓ ହଷ୍ଟେଲରେ ସଚେତନତା ସହ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ରାଜ୍ୟ ଓ ଜିଲାସ୍ତରରେ ପ୍ରଚାର ପ୍ରସାର କରାଯିବା ସହିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଜନପ୍ରତିନିଧିମାନଙ୍କ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ହେବ। ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଏହି ଅଭିଯାନରେ ସାମିଲ ହେବେ। ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ ମାଧ୍ୟମରେ ସଚେତନ କରାଯିବ। କୁଇଜ୍ ପ୍ରତିଯୋଗିତା, ଗଣଦୌଡ଼, ପଦଯାତ୍ରା, ସଚେତନତା ସମ୍ମିଳନୀ, ଟିଭି, ରେଡିଓ, ସିନେମା ହଲ୍ ସମେତ ବିଭିନ୍ନ ଗଣମାଧ୍ୟମରେ ସଚେତନତା ବ୍ୟାପକ କରାଯିବ। ଅଭିଯାନରେ ସାଇବର ସୁରକ୍ଷା ରଥ ରାଜ୍ୟସାରା ବୁଲିବ। ସାଇବର-ଅପରାଧ ସମ୍ପର୍କିତ ହେଲ୍ପଲାଇନ୍-ନମ୍ବର ୭୦୩୦ କାର୍ଯ୍ୟକାରୀ ହେଉଛି ଏବଂ ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ରହିଛି। ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତକରି ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଡିଜିପି ୱାଇ.ବି. ଖୁରାନିଆ ଓ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଦମୁକ୍ତ ଭାରତ ନେଇ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋନାର ପ୍ରତିନିଧି

ଭୁବନେଶ୍ୱର,୧୫। ୧୦ (ସୌମ୍ୟରଞ୍ଜନ ରାଉତ)

ମଦମୁକ୍ତ ଭାରତ ଅଭିଯାନର ଆବାହକ ଓ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ପଦ୍ମ ଚରଣ ନାୟକଙ୍କ ନେତୃତ୍ୱରେ ନିଶା ନିବାରଣ କର୍ମୀଙ୍କ ୬ଜଣିଆ ପ୍ରତିନିଧି ଦଳ ବୁଧବାର ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ଏହି ଅବସରରେ ପରିବାର ଓ ସମାଜ ଉପରେ ନିଶାଦ୍ରବ୍ୟର ବିନାଶକାରୀ ପ୍ରଭାବ ବିଷୟରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ମଦ ନିଶା ସମଗ୍ର ଭାରତରେ ଘରୋଇ ହିଂସା, ଅପରାଧ, ଦାରିଦ୍ର୍ୟ, ସ୍ୱାସ୍ଥ୍ୟହାନୀ ଏବଂ ନୈତିକ ଅବକ୍ଷୟର ଏକ ପ୍ରମୁଖ କାରଣ ପାଲଟିଛି ବୋଲି ତଥ୍ୟ ଉପସ୍ଥାପନ କରିଥିଲେ। ସେମାନେ କହିଥିଲେ, ଜାତୀୟ ସମନ୍ୱୟ ବିନା ରାଜ୍ୟସ୍ତରୀୟ ନିଶା ନିବାରଣ ନୀତି ସଫଳ ହୋଇପାରୁ ନାହିଁ, କାରଣ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ମଦ ଅନୁପ୍ରବେଶ ସମସ୍ତ ପ୍ରୟାସକୁ ଦୁର୍ବଳ କରିଦେଉଛି। ସମ୍ବିଧାନର ସର୍ବୋଚ୍ଚ ସଂରକ୍ଷକ ଭାବରେ ମହାମହିମ ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରି ମଦ ପ୍ରସାର ପରିବର୍ତ୍ତେ ଏହାର ପୂର୍ଣ୍ଣ ନିଷେଧକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। ରାଷ୍ଟ୍ରପତି ଦେଶବ୍ୟାପୀ ମଦ ପ୍ରସାର ଯୋଗୁ ବୃଦ୍ଧି ପାଉଥିବା ନୈତିକ ମୂଲ୍ୟର ଅବକ୍ଷୟ ଏବଂ ସାମାଜିକ-ଆର୍ଥିକ ଓ ସାଂସ୍କୃତିକ ବିପର୍ଯ୍ୟୟ ଉପରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ଜନସାଧାରଣଙ୍କ ସ୍ୱାର୍ଥରେ ନିଶା ଦ୍ରବ୍ୟର ପୂର୍ଣ୍ଣ ନିଷେଧ ପାଇଁ ଗମ୍ଭୀରତାର ସହ ବିଚାର କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ପରାମର୍ଶ ଦେବେ ବୋଲି ପ୍ରତିନିଧିଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମୋନାର ସଭାପତି ପଦ୍ମଚରଙ୍କ ସମେତ ୟୁପିରୁ ସୁଲ୍‌ତାନ୍ ସିଂ, ପଶ୍ଚିମବଙ୍ଗର କଲ୍ୟାଣୀ ପାଲୁଇ, ଦିଲ୍ଲୀରୁ ରବିନ୍ଦର ସିଂ, ଓଡ଼ିଶାରୁ ଗୀତାଞ୍ଜଳୀ ସ୍ୱାଇଁ, ସୋନାର କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ।


ପଦ୍ମ ଚରଣ ନାୟକଙ୍କ ନେତୃତ୍ୱରେ ୬ଜଣିଆ ପ୍ରତିନିଧି ଦଳ ବୁଧବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ମଦମୁକ୍ତ ଭାରତ ନେଇ ଆଲୋଚନା କରୁଛନ୍ତି।

# ରାଜ୍ୟକୁ ଆଗକୁ ନେବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



ସାରଳା ଭବନରେ 'ସମାଜ'ର ୧୦୬ତମ ପ୍ରତିଷ୍ଠା ଦିବସ ପକ୍ଷ ପୂର୍ତ୍ତି ଉତ୍ସବରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥି।

## 'ସମାଜ'ର ୧୦୬ତମ ସ୍ୱନକ୍ଷତ୍ର ଦିବସ ପକ୍ଷ ପୂର୍ତ୍ତି ଉତ୍ସବ

କଟକ,୧୫।୧୦(କାର୍ତ୍ତିକ ସାହୁ)

ଗଣମାଧ୍ୟମ ଓ ସରକାରଙ୍କ ଗୋଟିଏ ଲକ୍ଷ୍ୟ ଜନକଲ୍ୟାଣ। କାର୍ଯ୍ୟ ପ୍ରଣାଳୀରେ ପାର୍ଥକ୍ୟ ରହିଥିଲେ ମଧ୍ୟ ଉଭୟ ଅନୁଷ୍ଠାନ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିଥାନ୍ତି। ସାମୂହିକ ବିକାଶ କ୍ଷେତ୍ରରେ ସରକାର ସବୁ ସ୍ଥାନରେ ପହଞ୍ଚି ପାରି ନ ଥାନ୍ତି। ସେଠାରେ ଗଣମାଧ୍ୟମ ସରକାରଙ୍କୁ ଜାଗ୍ରତ ପ୍ରହରୀ ପରି ବାଟ ଦେଖାଇଥାନ୍ତି। ତେଣୁ ରାଜ୍ୟକୁ ଆଗକୁ ନେବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କଟକ ସାରଳା ଭବନଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସମାଜ ଖବରକାଗଜର ୧୦୬ତମ ସ୍ୱନକ୍ଷତ୍ର ଦିବସ ପକ୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇ ଉତ୍କଳମଣିଙ୍କ ଭଳି ଜଣେ ପୁଣ୍ୟାତ୍ମାଙ୍କ ଦ୍ୱାରା ସୃଷ୍ଟ ଏହି ଖବରକାଗଜ ଓଡ଼ିଶାବାସୀଙ୍କୁ ଦେଶ ସେବା ପାଇଁ ପ୍ରେରଣା ଦେଇଆସିଥିବା ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଅନ୍ୟତମ ସମ୍ମାନିତ ଅତିଥି ପ୍ରାଧ୍ୟାପକ ଡ. ବୈଷ୍ଣବ ଚରଣ ସାମଲ କହିଲେ, କେବଳ ଦୂରଦୃଷ୍ଟି ଥିବା ବ୍ୟକ୍ତି ସାମ୍ବାଦିକ ହୋଇପାରିବେ। ଲୋକ ସେବକ ମଣ୍ଡଳ ସଭାପତି ରାଜ କୁମାର ଅଧ୍ୟକ୍ଷତା କରି କହିଲେ, ବିଚାରର ଆଦାନ ପ୍ରଦାନ, ଜନ ଜାଗରଣ, ସଂସ୍କୃତି ସହ ସାମାଜିକ ସଂସ୍କାରକୁ ସବୁବେଳେ ସମାଜ ପ୍ରାଥମିକତା ଦେଇ ଆସିଛି। ଲୋକ ସେବକ ମଣ୍ଡଳ ଉପସଭାପତି ଦୀପକ ମାଲବୀୟ ଲୋକଙ୍କ ଗ୍ରହଣୀୟତା ଥିବା ପର୍ଯ୍ୟନ୍ତ ଖବର କାଗଜ ସଂସ୍ଥା ବଞ୍ଚିରହି ପାରିବ ବୋଲି କହିଛନ୍ତି। ସମାଜର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ତଥା କାର୍ଯ୍ୟବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱାତୀ ଆର୍ ପରାଡକର 'ଲିଜ୍ଜତ ପାପଡ'ର ସଭାପତି

ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)

ଶ୍ରୀ ମହିଳା ଗୃହ ଉଦ୍ୟୋଗ 'ଲିଜ୍ଜତ ପାପଡ'ର ପରିଚାଳନା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର ନୂଆ କର୍ମକର୍ତ୍ତା ଚୟନ କରାଯାଇଛି। ସ୍ୱାତୀ ଆର ପରାଡକର ସଭାପତି ହୋଇଥିବାବେଳେ ଉପସଭାପତି ଭାବେ ଲକ୍ଷ୍ମୀ ସି ସୁବର୍ଣ୍ଣ, ସମ୍ପାଦକ ଭାବେ ପ୍ରିୟଙ୍କା ଜି ରେଡକର ଓ ବସୁଧା ଆର୍ ସାରଙ୍ଗ ମନୋନୀତ ହୋଇଛନ୍ତି। ସାକ୍ଷୀ ଏସ୍ ପଲବ ଏବଂ ସୁହାସିନୀ ଏସ୍ ମାନେ କୋଷାଧ୍ୟକ୍ଷ ହୋଇଛନ୍ତି।


ସ୍ୱାତୀ ଆର ପରାଡକର

# ଏଜୁକେସନ ୱାର୍ଲ୍ଡ-ଇଣ୍ଡିଆ ସ୍କୁଲ ର‌୍ୟାଙ୍କିଙ୍ଗ୍‌ରେ ଓଡିଏମ୍‌ର ସଫଳତା




ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)

ଏଜୁକେଶନ ୱାର୍ଲ୍ଡ-ଇଣ୍ଡିଆ ସ୍କୁଲ ରାଙ୍କିଙ୍ଗ୍ ୨୦୨୫-୨୬ରେ ଭୁବନେଶ୍ୱରର ଓଡିଏମ ପବ୍ଲିକ ସ୍କୁଲ ଏବଂ ଝାଡ଼ଖଣ୍ଡ ରାଞ୍ଚିର ଓଡିଏମ୍ ସାଫାୟାର ଗ୍ଲୋବାଲ ଲ' ସ୍କୁଲ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଓଡିଏମ ଶିକ୍ଷା ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଓ ପ୍ରତିଷ୍ଠାତ୍ରୀ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଦିଲ୍ଲୀରେ ଆୟୋଜିତ ଭବ୍ୟ ସମାବେଶରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ସୂଚନା ଥାଉକି, ସମଗ୍ର ଭାରତରେ ଭୁବନେଶ୍ୱରର ଓଡିଏମ୍ ପବ୍ଲିକ ସ୍କୁଲ ଶ୍ରେଷ୍ଠ ୧୦ ଗ୍ଲୋବାଲ ସ୍କୁଲ ଓ ରାଞ୍ଚି ୨୦ ମଧ୍ୟରେ ସ୍ଥାନ ପାଇଛନ୍ତି। ଡ. ମୀନକେତନ କହିଛନ୍ତି, ଏହି ମାନ୍ୟତା – ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସକୁ ପ୍ରମାଣିତ କରେ। ଏହି ରାଙ୍କିଙ୍ଗ୍ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଛାତ୍ରୀଛାତ୍ରମାନଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ ବରଂ ସର୍ବାଙ୍ଗୀନ ସମ୍ପୂର୍ଣ୍ଣ ସଫଳ ଜୀବନ ପାଇଁ ପ୍ରସ୍ତୁତ କରେ।

# ମିଶିପାରିଲେନି ତୁଳସୀ ମାଲିକ ଅନନ୍ତ

## ଗାନ୍ଧୀଙ୍କ ନୀତି ଆଦର୍ଶ ଦଳରେ ଡ୍ରାମାବାଜିର ସ୍ଥାନ ନାହିଁ: ଭକ୍ତ

### କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ହାଇଡ୍ରାମା

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

କଂଗ୍ରେସରେ ମିଶିବା ପାଇଁ ବଡ଼ଚଣାରୁ ଶତାଧିକ ସମର୍ଥକଙ୍କ ଗହଣରେ ଆସିଥିବା ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ(ନାଣ୍ଟୁବାବୁ) ବୁଧବାର ନିରାଶ ହୋଇଛନ୍ତି। କଂଗ୍ରେସ ଭବନରେ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ପୂରାଇ ଦିଆଯାଇ ନ ଥିବାବେଳେ ଏହାକୁ ନେଇ କଂଗ୍ରେସ ଭବନ ସମ୍ମୁଖରେ କିଛି ସମୟ ଧରି ହାଇଡ୍ରାମା ଦେଖିବାକୁ ମିଳିଛି। ଗୋଟିଏ ପଟେ ଅନନ୍ତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଟାର୍ଗେଟ୍ କରିଥିବାବେଳେ ଅନ୍ୟପଟେ ଭକ୍ତ ଏହାର କଡ଼ା ଜବାବ ରଖିଛନ୍ତି। ତେବେ କଂଗ୍ରେସରେ ମିଶିବାକୁ ଅନନ୍ତଙ୍କ ଏଭଳି ପଟୁଆରକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

ବୁଧବାର ପୂର୍ବାହ୍ନରେ ଅନନ୍ତ ଶତାଧିକ ସମର୍ଥକଙ୍କ ଗହଣରେ ବାଜା ବଜାଇ କଂଗ୍ରେସରେ ମିଶିବା ପାଇଁ ପହଞ୍ଚିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ରାସ୍ତାଘାଟ ଜାମ୍ ହୋଇଯାଇଥିଲା। ହେଲେ କଂଗ୍ରେସ କାର୍ଯ୍ୟାଳୟ ଫାଟକ ତାଙ୍କ ପାଇଁ ବନ୍ଦ ହେବା ପରେ ଅନନ୍ତ କହିଛନ୍ତି, ପିସିସି ସଭାପତିଙ୍କ ସହ ଦଳରେ ମିଶିବା ଲାଗି କଥା ହୋଇଥିଲି। ଆଜି ୧୦ ହଜାରରୁ ଅଧିକ ସମର୍ଥକଙ୍କୁ ନେଇ ଆସିଥିଲି। ହେଲେ ସଭାପତି ସମୟ ଦେଲେ ନାହିଁ। ଯଦି ତାଙ୍କ ପାଖରେ ସମୟ ନ ଥିଲା ତେବେ ସେ ଅନ୍ୟ ନେତୃବୃନ୍ଦଙ୍କ ମାଧ୍ୟମରେ ମୋତେ ଦଳରେ ମିଶାଇ ପାରିଥାନ୍ତେ। ମାତ୍ର ସେ କଂଗ୍ରେସକୁ ରାଜ୍ୟରେ ଆଗକୁ ବଢ଼ିବାକୁ ଚାହୁଁ ନାହାନ୍ତି।

ଏହାକୁ ନେଇ ଭକ୍ତ କହିଛନ୍ତି ଯେ, ଅନନ୍ତ ବାବୁ ଜଣେ ବିବାଦୀୟ ବ୍ୟକ୍ତି ବୋଲି ରିପୋର୍ଟ ଆସିଛି। ଏହାବାଦ୍ ଆଜି ମୁଁ ନୂଆପଡା ନିର୍ବାଚନରେ ବ୍ୟସ୍ତ ଥିବାରୁ ଅନୁପସ୍ଥିତ ରହିବି ବୋଲି ସ୍ଥାନୀୟ ଜିଲା ସଭାପତି ତାଙ୍କୁ ଅବଗତ କରାଇଛନ୍ତି। ଏହାସତ୍ତ୍ୱେ ସେ ହଜାର ହଜାର ସମର୍ଥକଙ୍କୁ ଧରି କଂଗ୍ରେସ କାର୍ଯ୍ୟାଳୟକୁ ଆସିଥିଲେ। ଏଥିରୁ ତାଙ୍କର ଶୃଙ୍ଖଳିତ ଆଚରଣ କେତେ ତାହା ସ୍ପଷ୍ଟ ବାରି ହେଉଛି। କଂଗ୍ରେସ ହେଉଛି ଏକ ଶୃଙ୍ଖଳିତ ଦଳ। ଏହା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ। ଏଠାରେ କୌଣସି ଡ୍ରାମାବାଜି ଚଳିବ ନାହିଁ। ଏହା ପଛରେ ଷଡଯନ୍ତ୍ର ଲୁଚି ରହିଛି ବୋଲି ସେ କହିଛନ୍ତି।

ସନ୍ଧ୍ୟାରେ ଅନନ୍ତ ପୁନର୍ବାର ଗଣମାଧ୍ୟମକୁ କହିଛନ୍ତି ଯେ, କଂଗ୍ରେସ ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରାରେ ଅଣୁପ୍ରାଣିତ। ଏଠି ତାଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଗ୍ରହଣ ନ କଲେ ନାହିଁ। ସେ ସିଧା ଦିଲ୍ଲୀ ଯାଇ କଂଗ୍ରେସରେ ମିଶି ଓଡ଼ିଶା ଆସିବେ। ଏହାକୁ ନେଇ ପିସିସି ସଭାପତି କହିଛନ୍ତି ଯେ, ଯଦି ସେ ରାହୁଲଙ୍କ ପାଖକୁ ଯାଇ ପାରିବେ ଯାଆନ୍ତୁ। ଏଥିରେ ଆମର କୌଣସି ଆପତ୍ତି ନାହିଁ। ତେବେ କଂଗ୍ରେସରେ ମିଶିବାପାଇଁ ଆଜି ଅନନ୍ତ ଓ ଭକ୍ତଙ୍କ ଏହି ବାକ୍ ବିତଣ୍ଡାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି।


ଅନନ୍ତ ନାରାୟଣ ଧଳ

# 'ସକ୍ଷମ', 'ଟ୍ୟୁନ୍ ଅଫ୍ ଲାଇଫ୍', 'କଜିସ୍ କଚିଁ' ଶ୍ରେଷ୍ଠ ଚଳଚ୍ଚିତ୍ର

ଭୁବନେଶ୍ୱର, ୧୫।୧୦(ସୌମ୍ୟରଞ୍ଜନ ରାଉତ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆଇନା ଅନୁଷ୍ଠାନ ସହଯୋଗରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଚାଲିଥିବା ୨ଦିନିଆ ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବ ୧୦ମ 'ଧ୍ୱନି ଫିଲ୍ମୋତ୍ସବ' ବୁଧବାର ଶେଷ ହୋଇଛି। ଏହି ଅବସରରେ ପ୍ରତିଯୋଗିତାରେ ପ୍ରଦର୍ଶିତ ଚଳଚ୍ଚିତ୍ରଗୁଡ଼ିକର ଫଳାଫଳ

## ୧୦ମ 'ଧ୍ୱନି ଫିଲ୍ମୋତ୍ସବ'

ଘୋଷଣା ହୋଇଛି। ୧ ମିନିଟ୍ ବର୍ଗରେ ଅନନ୍ୟ କାନୁନ୍‌ଗୋଙ୍କ ଚଳଚ୍ଚିତ୍ର 'ସକ୍ଷମ' ସର୍ବଶ୍ରେଷ୍ଠ ବିବେଚିତ ହୋଇ 'ଡ. ଶରତ ପୂଜାରୀ ସ୍ମାରକୀ ପୁରସ୍କାର' ଲାଭ କରିଥିବାବେଳେ ୫ ମିନିଟ୍ ବର୍ଗରେ ଆକାଶ ମନୋହର ଫୁଙ୍କଙ୍କ ନିର୍ଦ୍ଦେଶିତ 'ଟ୍ୟୁନ୍ ଅଫ୍ ଲାଇଫ୍' ଏବଂ ୩୦ ମିନିଟ୍ ବର୍ଗରେ ଆଦିତ୍ୟ ଯାଦବଙ୍କ 'କଜିସ୍ କଚିଁ' ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ପୁରସ୍କୃତ ହୋଇଛି। ସେହିପରି ୧ ମିନିଟ୍ ବର୍ଗରେ ଅଭିନନ୍ଦନ ଶତପଥୀଙ୍କ 'ସାଇଲେନ୍ସ ଭିଜନ', ୫ ମିନିଟ୍ ବର୍ଗରେ ସୁରେଶ କୁମାରଙ୍କ 'ବେଉଲା' ସହ ସାମିଲ ରାଜ୍‌ଙ୍କ 'ଇସାଇ', ଶୁଭ୍ରାଂଶୁ ସାହୁଙ୍କ 'ରି ଥିଙ୍କ୍', ସୁଶ୍ରୀ ସହେଲି ସାନ୍ୟାଲଙ୍କ 'ବିୟଣ୍ଡ ଲେବଲ୍‌ସ' ଏବଂ ୩୦ ମିନିଟ୍ ବର୍ଗରେ ଡରିଆ ଚାପାନୋଭାଙ୍କ 'ଦ ୱେ ଉଇ ଆର୍' ଓ ରିଦ୍ଧିବେଶ୍ ଭଟ୍ଟାଚାର୍ଯ୍ୟଙ୍କ 'ଅଶ୍ରୁତ' ଶ୍ରେଷ୍ଠ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଛି। ଉତ୍ସବ କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଯୋଗଦେଇ କହିଲେ, ଅସମାନତା ହେଉଛି ମାନବିକତାର ସବୁଠୁ ବଡ଼ ଆହ୍ୱାନ। ଏନେଇ ସାଧାରଣ ଲୋକଙ୍କୁ ସଚେତନ ସହ ପ୍ରଭାବିତ କରିବା ପାଇଁ ଏଭଳି ଦୃଷ୍ଟାନ୍ତମୂଳକ ଚଳଚ୍ଚିତ୍ର ନିର୍ମାଣର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଲେ, ଭିନ୍ନକ୍ଷମ ପିଲାଙ୍କ ସାମ୍ନାରେ ଅନେକ ସୁଯୋଗ ରହିଛି। ସେମାନଙ୍କ ମାତାପିତା ପରଦାରେ ନିଜକୁ ଦେଖିବା ସହ ପିଲାଙ୍କ ପାଇଁ ଆଗକୁ ଆସିବା ଉଚିତ ବୋଲି ସେ କହିଥିଲେ। ଧ୍ୱନିର ଅଧ୍ୟକ୍ଷ ଜିତେନ୍ଦ୍ର କହିଲେ, ବହୁତ ନୀତି ବର୍ତ୍ତମାନ ପରିବର୍ତ୍ତନ ହେଉଛି, ଅନେକ ସୁଯୋଗ ପାଇଁ ବୈଷୟିକତାର ଆବଶ୍ୟକ ହେଉଛି। ଉତ୍ସବ ମାଧ୍ୟମରେ ସେମାନଙ୍କ ଅଭାବ ଓ ଦକ୍ଷତା ଦେଖାଇବାକୁ ଚାହୁଁଥିଲୁ। ଚଳିତବର୍ଷ ପ୍ରତିଯୋଗିତାରେ ଫିଲ୍ମ ସଂଖ୍ୟା ବୃଦ୍ଧି ପାଇବା ଏହାର ଲୋକପ୍ରିୟତାର ପ୍ରମାଣ ବୋଲି ସେ କହିଥିଲେ। ରାଜ୍ୟ ଭିନ୍ନକ୍ଷମ କମିଶନର ଅଧ୍ୟକ୍ଷା ବ୍ରତତୀ ହରିଚନ୍ଦନ, ଫିକି ଫ୍ଲୋ ଅଧ୍ୟକ୍ଷା ଡ. ପ୍ରଜ୍ଞାପାରମିତା ମିଶ୍ର, ଅଭିଷେକ ଗିରି, ପ୍ରଫେସର ମୃଣାଳ ଚାଟାର୍ଜୀ, ଲଳିତା ମିଶାଲ, ଡ. ଅଦିତି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି ନମ୍ରତା ଚହଲଙ୍କ ଅଧ୍ୟକ୍ଷତାରେ କୃତ୍ରିମ ବୁଦ୍ଧିମତ୍ତା ଓ ଭିନ୍ନକ୍ଷମ ଶୀର୍ଷକ ଆଲୋଚନାଚକ୍ରରେ ମନୀଷ ପାଣ୍ଡେ, ମାନସ ପଟ୍ଟନାୟକ, ପଞ୍ଚମୀ ମାନୁ ଉକିଲ, ରଶ୍ମିରଞ୍ଜନ ମହାନ୍ତି ଏବଂ ସାଗରିକା ରାୟ ପ୍ରମୁଖ ଯୋଗଦେଇଥିଲେ। ଧ୍ୱନିର କାର୍ଯ୍ୟକ୍ରମ ସଂଯୋଜିକା ଫୁଲରୀ ଚକ୍ରମା ଧନ୍ୟବାଦ ଦେଇଥିଲେ।


ଧ୍ୱନି ଫିଲ୍ମୋତ୍ସବରେ ଉପସ୍ଥିତ ଅତିଥି ଓ ଏକ ଚଳଚ୍ଚିତ୍ରକୁ ପୁରସ୍କାର ପ୍ରଦାନ କରାଯାଉଛି।

# ନିରାକାରପୁର ରେଲଓଭରବ୍ରିଜ୍ ନିର୍ମାଣ ବାଟ ଫିଟିଲା

## ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ ହେବ: ଜିଲାପାଳ

ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)

ପୁରୀ-ନୂଆ ଜଗନ୍ନାଥ ସଡ଼କର ନିରାକାରପୁର ଠାରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି। ଅର୍ଥ ମଞ୍ଜୁର ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ମନ୍ଥରତା ନେଇ ଅସନ୍ତୋଷ ବଢ଼ୁଛି। ଜମି ଅଧିଗ୍ରହଣ ପ୍ରକ୍ରିୟାରେ ମନ୍ଥରତା ଯୋଗୁ ନିର୍ମାଣ କାର୍ଯ୍ୟ ଦୀର୍ଘବର୍ଷ ଧରି ଅଟକି ରହିଛି। ମଙ୍ଗଳବାର ଜିଲାପାଳ ଅମ୍ରିତ ଋତୁରାଜ ରାଜସ୍ୱ, ପୂର୍ତ୍ତ ଓ ରେଳ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଖୁବଶୀଘ୍ର ଆବଶ୍ୟକ ଜମି ଅଧିଗ୍ରହଣ ଶେଷ କରି ଓଭରବ୍ରିଜ ନିର୍ମାଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଭରବ୍ରିଜ ଉଭୟ ପାର୍ଶ୍ୱ ରାସ୍ତା ସଂପ୍ରସାରଣ ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି। ଏହି ଆଲୋଚନାବେଳେ ନିରାକାରପୁର ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନେ ବିଭିନ୍ନ ପ୍ରସଙ୍ଗରେ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଓଭରବ୍ରିଜ ନିର୍ମାଣ ହେଲେ ଟ୍ରାଫିକ ନିୟନ୍ତ୍ରଣ ସହ ପୁରୀକୁ ଯାତାୟତ ସରଳ ହେବ।

ପ୍ରକାଶ ଯେ, ଶରଣକୁଳ-ପୁରୀକୁ ସଂଯୋଗ କରୁଥିବା ଏହି ନୂଆ ଜଗନ୍ନାଥ ସଡ଼କ ନିରାକାରପୁର ବଜାର ମଧ୍ୟଦେଇ ଯାଇଛି। ପୂର୍ବତଟ ରେଳପଥ ବିଭାଗର ୨୧୯ନଂ ରେଲ ଲାଇନ ପାର୍ଶ୍ୱରେ ରେଳଫାଟକ ରହିଛି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଯାନ ଯାତାୟାତ କରୁଛି। ନିରାକାରପୁରରେ ହାଟବଜାର, ଡାକ୍ତରଖାନା, ବିଦ୍ୟାଳୟ, ମହାବିଦ୍ୟାଳୟ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଛି । ଫଳରେ ଲୋକେ ଯାତାୟାତ ବେଳେ ହଇରାଣ ହେଉଛନ୍ତି। ଏ ରାସ୍ତା ପୁରୀକୁ ସଂଯୋଗ କରୁଥିବାରୁ ବ୍ରହ୍ମପୁର ଦିଗରୁ ଆସୁଥିବା ଭକ୍ତ ଏହି ରାସ୍ତାଦେଇ ଯାତାୟାତ କରନ୍ତି। ରାସ୍ତା ସର୍ବଦା ଜନଗହଳି ରହୁଛି। ଏହା ୧୫ଟି ଗ୍ରାମର ଲୋକଙ୍କ ନିର୍ଭରଯୋଗ୍ୟ ରାସ୍ତା ନିରାକାରପୁର କଲେଜକୁ ଯାତାୟତ କରୁଥିବା ଛାତ୍ରୀଛାତ୍ର ପ୍ରତ୍ୟେକ ଦିନ ଏହି ରେଲଲାଇନ୍ ଦେଇ ପାରି ହେଉଛନ୍ତି। ପ୍ରତ୍ୟେକ ୧୦ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଯାତାୟାତ ଯୋଗୁ ରେଳ ଫାଟକ ବନ୍ଦ ରହୁଛି। ଫଳରେ ରାସ୍ତା ଉଭୟ ପାର୍ଶ୍ୱରେ ୧ କିମି ବ୍ୟାପି ଯାନବାହାନ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି। ତେଣୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏହି ସମୟରେ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଅଟକି ରହୁଛି । ଏପରିକି ଗର୍ଭବତୀ ମହିଳା ପ୍ରସବ ଜନିତ ବେଦନାରେ ଛଟପଟ ହେଉଥିବା ମଧ ଦେଖିବାକୁ ମିଳିଛି। ରେଳଫାଟକ ଉଭୟ ପାର୍ଶ୍ୱରେ ଦୋକାନ ବଜାର ଗଢି ଉଠିଛି । ଦୈନିକ ନିରାକାରପୁର ବଜାର ଉପରେ ନିର୍ଭର କରୁଥିବା ଲୋକେ ଏହି ଟ୍ରାଫିକ୍ ଜାମ୍‌ରେ ଫସୁଛନ୍ତି। ଏପରିକି ଅନେକ ସମୟରେ ଧନଜୀବନ ହାନି ଘଟୁଛି ।

ଏହି ସମସ୍ୟାର ସମାଧାନ ଲାଗି ସ୍ଥାନୀୟ ଲୋକେ ରେଲଲାଇନ୍ ଉପରେ ଏକ ଓଭରବ୍ରିଜ୍ ନିର୍ମାଣ କରିବା ଲାଗି ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି । ଲୋକଙ୍କ ଦାବି ମୁତାବକ ପୂର୍ବ ରାଜ୍ୟ ସରକାର ଏଠାରେ ଓଭରବ୍ରିଜ୍ ନିର୍ମାଣ ଲାଗି ୫୮କୋଟି ଟଙ୍କା ମଞ୍ଜୁର କରିଥିଲେ ପୂର୍ତ୍ତ ବିଭାଗ ଏବଂ ରେଳ ବିଭାଗ ମିଳିତ ଭାବେ ଏହି ସ୍ଥାନ ନିରୀକ୍ଷଣ ସହ ଏଠାରେ ଆପ୍ରୋଚ୍ ରୋଡ ନିର୍ମାଣ ଲାଗି ନିଷ୍ପତ୍ତି ନେଇଥିଲେ। ଏଥିସହ ସୀମା ନିର୍ଦ୍ଧାରଣ ଚିହ୍ନଟ ସରିଛି। ରାଜସ୍ୱ ବିଭାଗ ପକ୍ଷରୁ ଏହାର ନକ୍ସା ପ୍ରସ୍ତୁତ କରାଯାଇ ଜିଲା ପ୍ରଶାସନକୁ ଦିଆଯାଇଛି । ରେଳ ବିଭାଗ ପକ୍ଷରୁ ଓଭରବ୍ରିଜ୍ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ ଘଟୁଛି। ଗତ ବିଧାନସଭା ଅଧିବେଶନରେ ସ୍ଥାନୀୟ ବିଧାୟକ ଏହି ପ୍ରସଙ୍ଗ ଉଠାଇଥିଲେ । ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ମାତ୍ର ଜମି ଅଧିଗ୍ରହଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ସ୍ଥାନୀୟ ବାସିନ୍ଦାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ତୁରନ୍ତ ଶେଷ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗକୁ ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ କିଶୋର କୁମାର ପଣ୍ଡା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବଲାଲ ସାହୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ, ନିରାକାରପୁରର ଖବରଦାତା ରାମନାରାୟଣ ଦାଶ, ସାମାଜିକ କର୍ମୀ ଆଲୋକ ରଞ୍ଜନ ଛୋଟରାୟ, ମୃତ୍ୟୁଞ୍ଜୟ ପ୍ରଧାନ, ସୁଶିଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଅମ୍ରିତ ଋତୁରାଜ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଏବିଭିପି ପିଏନ୍ କ୍ୟାମ୍ପସ ୟୁନିଟ୍ ଗଠିତ




ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଖୋର୍ଦ୍ଧା ଶାଖା ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବୁଧବାର ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ୟୁକ୍ତ୩ କ୍ୟାମ୍ପସ୍ ୟୁନିଟ ଗଠିତ ହୋଇଯାଇଛି। ଅନୁରାଗ ଅଗସ୍ତି କ୍ୟାମ୍ପସ ୟୁନିଟ ସଭାପତି ଏବଂ ସୁଶ୍ରୀ ଶୁଭସ୍ମିତାଙ୍କୁ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ଏଥିସହ ପ୍ରଦୀପ ବେହେରା, ଶ୍ରେୟାଂଶ ପାତ୍ର, ଅଦିଶ ପଟ୍ଟନାୟକ, ମନୋଜ କୁମାର, ସୁବ୍ରତ ରଞ୍ଜନ, ସୌମ୍ୟ ପ୍ରଧାନ, ରାଜେଶ ବେହେରା, ଆୟୁଷ ମହାନ୍ତି, ଆଦିତ୍ୟ ନାରାୟଣ ମହାପାତ୍ର, ଶୁଭଙ୍କର ରାଉତ, ସଞ୍ଜୟ ନାୟକ, କିଶୋର କୁମାର, ଅଶ୍ୱିନୀ ସାହୁ ଏବଂ ଅମ୍ଳାନ ପ୍ରିୟଦର୍ଶୀ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ନୂତନ ଶିକ୍ଷା ୟୁନିଟ ଶିକ୍ଷାଗତ ଉତ୍କର୍ଷ, ସାଂସ୍କୃତିକ ବିକାଶ ଏବଂ କ୍ୟାମ୍ପସରେ ବିଦ୍ୟାର୍ଥୀଙ୍କ ସମସ୍ୟା ସମାଧାନ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି। ଏବିଭିପିର ସାମଗ୍ରିକ ଛାତ୍ର ବିକାଶ ଓ ରାଷ୍ଟ୍ର ନିର୍ମାଣ ଦିଗରେ କାର୍ଯ୍ୟ କରିବ ବୋଲି ଜିଲା ସହସଂଯୋଜକ ଦଧିବାମନ ଦାଶ ସୂଚନା ଦେଇଛନ୍ତି।

# ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଟାଙ୍ଗୀ,୧୫।୧୦(ରଘୁନାଥ ସାହୁ)

ଶିକ୍ଷାନୁଷ୍ଠାନଗୁଡ଼ିକରେ ଯେଭଳି ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ସେଥିପାଇଁ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନକୁ ର୍ୟାଗିଂମୁକ୍ତ ରଖିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ତରଫରୁ ଚମ୍ପାଗଡ଼ ବ୍ଲୁ ହୁଇଲ ନର୍ସିଂ କଲେଜରେ ନୂତନ ଭାରତୀୟ ଆଇନ ସଂହିତା ସହ ଆଣ୍ଟି ର୍ୟାଗିଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ବିଷ୍ଣୁପ୍ରିୟା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚାନ୍ଦପୁର ଥାନା ଆଇଆଇସି ଦିଲୀପ ଚନ୍ଦ୍ର ସ୍ୱାଇଁ ଓ ସବ୍‌ଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳି ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଶିକ୍ଷାନୁଷ୍ଠାନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଅବା ଛାତ୍ରୀଛାତ୍ରଙ୍କୁ କେହି ଶାରୀରିକ ଓ ମାନସିକ ଶୋଷଣ କଲେ ପୋଲିସର ସହଯୋଗ ନେବା ପାଇଁ ଅଧିକାରୀ ଦ୍ୱୟ ପରାମର୍ଶ ଦେଇଥିଲେ। ରାସ୍ତାଘାଟ, ବଜାର ଓ ଗାଁ ଗହଳିରେ ଛାତ୍ରୀଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କଲେ ପୋଲିସ ସହାୟତା ନେବାକୁ ମଧ ସେମାନେ ସଚେତନ କରାଇଥିଲେ। ନୂତନ ଭାରତୀୟ ନ୍ୟାୟ ସଂହିତାରେ କିଶୋର କିଶୋରୀଙ୍କୁ ସହାୟତା ପାଇଁ ଯେଉଁଭଳି ଆଇନ ବ୍ୟବସ୍ଥା ରହିଛି, ସେ ସମ୍ପର୍କରେ ପୋଲିସ ଅଧିକାରୀ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବ୍ଲୁ ହୁଇଲ ନର୍ସିଂ କଲେଜର ପ୍ରଶାସନିକ ଅଧିକାରୀ କେ. ଓମନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ରାସ୍ତା ଉନ୍ନତୀକରଣ ସହ ଡ୍ରେନେଜ୍ ବ୍ୟବସ୍ଥା ହେବ

## ବ୍ରହ୍ମଗିରି ବିଧାୟିକା ଦେଲେ ପ୍ରତିଶ୍ରୁତି

କୃଷ୍ଣପ୍ରସାଦ, ୧୫।୧୦
(କୈଳାଶ ଚନ୍ଦ୍ର ପଟ୍ଟନାୟକ )

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ରାଜାବଜାର ଠାରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଆଣ୍ଠୁଏ ଜଳ ଉକ୍ତ ରାସ୍ତାରେ ଜମି ରହି କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। ଲୋକେ ଯାତାୟତରେ ହଇରାଣ ହେଉଛନ୍ତି। ବିଶେଷକରି ମାଲୁଦ ମୁସଲିମ ବସ୍ତିର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ମୋଟର ଲଗାଇ ବସ୍ତିରୁ ବର୍ଷାଜଳ ନିଷ୍କାସନ କରିଥାନ୍ତି। ଅବହେଳିତ ଅବସ୍ଥାରେ ଥିବା ଉକ୍ତ ରାସ୍ତାର ପୁନରୁଦ୍ଧାର ଓ ଡ୍ରେନେଜ ବ୍ୟବସ୍ଥା ଦିଗରେ ଗ୍ରାମବାସୀ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକା ଏହାକୁ ଗୁରୁତ୍ୱ ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ବୁଧବାର ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସହଯୋଗୀ ନୂଆପଡ଼ା ପଞ୍ଚାୟତ ଭାଜପା ନେତା ସରୋଜ କୁମାର ଜେନା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ଧ୍ୟାରାଣୀ ବେହେରା, ବିଭାଗୀୟ କର୍ମଚାରୀ ରଘୁନାଥ ସାହୁଙ୍କ ସମେତ ମୁସଲିମ ବସ୍ତି ନେତୃମଣ୍ଡଳୀ ଏବଂ ସ୍ଥାନୀୟ ବାସିନ୍ଦା ଉକ୍ତ ରାସ୍ତା ଏବଂ ଡ୍ରେନେଜ ବ୍ୟବସ୍ଥା ବୁଲି ଦେଖିବା ସହ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରିଥିଲେ। ପ୍ରକଳ୍ପ ନବୀକରଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଯାଏ ପରିଶ୍ରମ କର'


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ନାରଣଗଡ଼ସ୍ଥିତ ସରକାରୀ ଉପ୍ରା ବିଦ୍ୟାଳୟ,ଜଗନ୍ନାଥପୁରରେ ବୁଧବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ରାଜୀବ ଚରଣ ମହାପାତ୍ର, ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଦାସ, ଯୁଧିଷ୍ଠିର ହରିଚନ୍ଦନ, ପରିଚାଳନା କମିଟି ସଭ୍ୟ ଶରତ ଚନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଶିଶୁ ମହୋତ୍ସବ ସୁରଭିର ଉପାଦେୟତାକୁ ପ୍ରଶଂସା କରିଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ୩୦ରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ବାଜପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ବାଜପୁର ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲଷ୍ଟର୍‌ର ୧୨ଟି ବିଦ୍ୟାଳୟରୁ ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍ଥାନୀୟ ସରପଞ୍ଚ କେଦାରେଶ୍ୱର ପୁଷ୍ଟି, ସିଆର୍‌ସିସି ସନ୍ଧ୍ୟାବତୀ ଲେଙ୍କା, ହେମନ୍ତ କୁମାର ସେଠୀ, ବିଭାସ ନାରାୟଣ ପଟ୍ଟନାୟକ ଅତିଥି ରୂପେ ଯୋଗଦେଇଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପିଲାମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ଦଳାଇ, ସମ୍ମାନିତ ଅତିଥି ରୂପେ ନନ୍ଦପୁର ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ ଏବଂ ସମିତିସଭ୍ୟ ଇଂ. ଦ୍ୱାରିକାନାଥ ମହାନ୍ତି ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରେ ସୁରଭି

ଟାଙ୍ଗୀ,୧୫।୧୦(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ଉ.ପ୍ରା. ବିଦ୍ୟାଳୟରେ ଅଚ୍ୟୁତପୁର କ୍ଲଷ୍ଟର ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୁଧବାର ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟତ୍ରୀ ନମିତା ନାୟକ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ସରପଞ୍ଚ ସୋନାଲି ମହାପାତ୍ର, ସିଆର୍‌ସିସି ବିଜୟ କୁମାର ମାନସିଂହ, ସମାଜସେବୀ ଟଙ୍କଧର ମହାପାତ୍ର, ଏସ୍‌ଏମସି ଅଜୟ କୁମାର ନାୟକ ଓ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଉଦଯାପନୀ ଉତ୍ସବରେ ଅତିଥି ଭାବେ କମାଗୁରୁ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଚମ୍ପତି, ସମିତି ସଭ୍ୟଙ୍କ ପ୍ରତିନିଧି ସନ୍ତୋଷ କୁମାର ଦାମ୍ବଳ, ସହଯୋଗ ପରିବାର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ଶିକ୍ଷକ ସୋମନାଥ ବେହେରା, ସତ୍ୟ ନାରାୟଣ ବ୍ରହ୍ମା ମହାପାତ୍ର, ଜ୍ଞାନ ରଞ୍ଜନ ମହାନ୍ତି, ବିରଞ୍ଚି ନାରାୟଣ ନିଶଙ୍କ, ସୁକାନ୍ତ କୁମାର ନାୟକ, ଶିକ୍ଷୟିତ୍ରୀ ସୁନୀତାବାଳା ଶ୍ରୀଚନ୍ଦନ, ପ୍ରଭାତୀ ଜେନା ଓ ହର୍ଷମଣି ଦେଇ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରୀ ପୁରସ୍କାର ବିତରଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ମୀନକେତନ ଦାସ, ବାସନ୍ତୀ ବେହେରା, ସୌଦାମିନୀ ଗୁମାନସିଂ, ସସ୍ମିତା ପ୍ରଧାନ, ଅମିୟ ସିଂହ, ଅଧିକାରୀ ସାହୁ, ଅନୁଷୟା ଛୋଟରାୟ, ଆଶାମଣୀ ଦେଇ, ଜୟନ୍ତୀ ମାଟି, ଲକ୍ଷ୍ମୀଧର ସାହୁ, ରତ୍ନାକର ବେହେରା, ପ୍ରଶାନ୍ତ କୁମାର ସାମନ୍ତସିଂହାର, ବେବିନା ପ୍ରଧାନ, ବାବୁଲ ନାୟକ, ମୃତ୍ୟୁଞ୍ଜୟ ଜୟସିଂହ, ସୌଭାଗିନି ଦାଶ ଓ ତନ୍ମୟୀ ମହାପାତ୍ର ମୂଲ୍ୟାୟନ କରିଥିଲେ। ମଞ୍ଚକୁ ନିଳାଦ୍ରୀ କୁମାର ସିଂ ପରିଚାଳନା କରିଥିଲେ। ଦୋଳଗୋବିନ୍ଦ ବାରିଶଲ୍ ଧନ୍ୟବାଦ ଦେଇଥିଲେ।

# ବକ୍ତୃତା ପ୍ରତିଯୋଗିତା



ଜଟଣୀ,୧୫।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ନେଇ ଭାରତ ସରକାଙ୍କ ଶିଶୁ ବିକାଶ ବିଭାଗ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ସିଡିପିଓ ସଞ୍ଜୁଲତା ନାୟକ ଏବଂ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଅର୍ଚ୍ଚନା ସାହୁ ପ୍ରଥମ, ସାଇ ସ୍ମରଣିକା ସାହୁ ଦ୍ୱିତୀୟ ଏବଂ କୀର୍ତ୍ତିମଞ୍ଜରୀ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ।

# ମୋରମ ଖଣିରେ ଚଢ଼ାଉ: ୨ ଗିରଫ

## ଜେସିବି ଓ ହାଇୱା ଜବତ

ଯାଁଲା,୧୫।୧୦(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ଅଲକର ଅଞ୍ଚଳରେ ଥିବା ଏକ ମୋରମ ଖଣିରେ ଚଢ଼ାଉ କରି ୨ଜଣ ଗାଡ଼ିଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଜଟଣୀ ଗୋପିନାଥପୁରର ତପନ କୁମାର ବରାଳ ଓ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଚମ୍ପାଝରର ଗୋବିନ୍ଦଚନ୍ଦ୍ର ବେହେରା। ଚଢ଼ାଉ ବେଳେ ବେଆଇନ ଭାବେ ଚାଲାଣ ପାଇଁ ମୋରମ ବୋଝେଇ ହୋଇଥିବା ଗୋଟିଏ ହାଇୱା ଓ ଗୋଟିଏ ଜେସିବି ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିଲା। ସେହି ସମୟରେ ଅଲକର ଅଞ୍ଚଳରେ ଏକ ଖଣିରେ ଚୋରା ମୋରମ ଚାଲଣ ହେଉଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ତୁରନ୍ତ ଖଣିରେ ଚଢାଉ କରିଥିଲା। ମୋରମ ଖୋଳୁଥିବା ଗୋଟିଏ ଜେସିବି ମେଶିନ ଓ ଚୋରା ମୋରମ ଚାଲାଣ କରୁଥିବା ଏକ ହାଇୱାକୁ ଜବତ କରିବା ସହ ଦୁଇ ଚାଳକଙ୍କୁ ଗିରଫ କରାଯାଇଥିଲା। ସୂଚନା ଥାଉକି, ଦୀର୍ଘଦିନ ହେବ ଉକ୍ତ ଅଞ୍ଚଳରେ ଚୋରା ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଏନେଇ ପୋଲିସ କିମ୍ବା ଲଘୁଖଣିଜ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ସରକାରୀ ଜମିରୁ ଦୋକାନ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ଧାରଣା



ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

ବେଗୁନିଆ,୧୫।୧୦(ସନ୍ଧ୍ୟାରାଣୀ ମିଶ୍ର/ ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମର ଧନେଶ୍ୱର ପ୍ରଧାନଙ୍କ ସମେତ ଗ୍ରାମବାସୀ ସରକାରୀ ଜମିରୁ ଦୋକାନ ଘର ଜବରଦଖଲ ଉଚ୍ଛେଦ ପାଇଁ ବୁଧବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଲିଖିତ ଅଭିଯୋଗ ଅନୁଯାୟୀ, କୋଟପଲା ଗ୍ରାମର ଜଣେ ବ୍ୟକ୍ତି ସରକାରୀ ଜମରେ ଦୋକାନ ଘର କରି ବ୍ୟବସାୟ କରୁଛନ୍ତି। ଫଳରେ ଓସ୍ତପୁର ବସ ରହଣିସ୍ଥଳ ଓ ନଳକୂପ ଅବରୋଧ ହୋଇଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗତ ଜୁନ ୧୨ରେ ସେ କୁରାଢିଲୋ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ତହସିଲଦାର ତାପସ ବିଶି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତଶ୍ରୁତି ଦେବାରୁ ସେମାନେ ଧାରଣା ପ୍ରତ୍ୟାହାର କରିଥିଲେ।

# ଲୁକ୍କାୟିତ ପ୍ରତିଭା ବିକାଶର ମାଧମ ସୁରଭି

ଟାଙ୍ଗୀ, ୧୫।୧୦(ରଘୁନାଥ ସାହୁ)

ସାନକୁସୁମୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବୁଧବାର ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନଶିକ୍ଷକ ବଳରାମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ମୁଖ୍ୟବକ୍ତା ସରପଞ୍ଚ କିଶୋର କୁମାର ବେହେରା, ସମ୍ମାନିତ ଅତିଥି ପଦ୍ମନାଭ ବିଶ୍ୱାଳ, ସିଆର୍‌ସିସି ଦେବାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି କହିଥିଲେ। ପ୍ରବନ୍ଧରେ ଆଦ୍ୟାଶା ମହାରଣା, ବିତର୍କରେ ଭାଗ୍ୟଲକ୍ଷ୍ମୀ ପାତ୍ର, କୁଇଜ୍‌ରେ ବୈଶ୍ୱ ବିସ୍ମୟୀ ନାୟକ, ଅଭିଲିପ୍ସା ରାଉତ, ସୃଜନଶୀଳ ଲିଖନରେ ନର୍ମଦା ସାହୁ, ଓଡ଼ିଆ ହସ୍ତାକ୍ଷରରେ ସତ୍ୟପ୍ରକାଶ ବେହେରା, ଚିତ୍ରାଙ୍କନରେ ରଦେଶ କୁମାର ବିଶ୍ୱାଳ, ବକ୍ତୃତାରେ ଶୁଭସ୍ମିତା ଭୁଜବଳ ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ବଡ଼ପାରୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଭୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୃନ୍ଦାବନ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସିଆର୍‌ସିସି ଦୁଃଶାସନ ପ୍ରଧାନ, ବଳରାମ ପ୍ରଧାନ, ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। କୁହୁଡ଼ି ଲକ୍ଷ୍ମୀଧରପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଜନତା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ମୋ ସ୍କୁଲ ସଭାପତି ଶ୍ରୀବତ୍ସ ପରିଡ଼ା, ପୁରାତନ ଛାତ୍ର ସଂଘ ସଭାପତି ମନୋଜ କୁମାର ମାନସିଂହ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ପୂଜା ସମାପନ ଉପରେ ଗୁରୁତ୍ୱ

**ସିଏମ୍‌ସିର କାଳୀପୂଜା, ଭସାଣି ପ୍ରସ୍ତୁତି ବୈଠକ**

- କାଳୀପୂଜା, ଭସାଣି ପାଇଁ ସିଏମ୍‌ସି କରିବ ୱାର୍ଡସ୍ତରୀୟ ବୈଠକ
- ୩ ଦିନରେ ୭ ୱାର୍ଡରେ ହେବ ବୈଠକ



ଶହୀଦ ଭବନରେ କଟକ ମହାନଗର ନିଗମ ପକ୍ଷରୁ କାଳୀପୂଜା ଓ ଭସାଣି ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମେୟର ସୁବାସ ସିଂ ବକ୍ତବ୍ୟ ରଖୁଛନ୍ତି।

କଟକ,୧୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି ପକ୍ଷରୁ ଶହୀଦ ଭବନରେ ବୁଧବାର କାଳୀପୂଜା ଓ ଭସାଣି ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ଏଭଳିସ୍ଥିତି ପରେ ଯେପରି ଶାନ୍ତିଶୃଙ୍ଖଳାର ସହ ପୂଜା କରାଯିବ ସେ ନେଇ ସିଏମ୍‌ସି ପକ୍ଷରୁ ଏକ ପ୍ରୟାସ କରାଯାଇଛି। ପ୍ରଥମ କରି ପୂଜା ଓ ଭସାଣି ପାଇଁ ୱାର୍ଡସ୍ତରୀୟ ବୈଠକ କରାଯିବ। ସମସ୍ତ ୱାର୍ଡର କର୍ପୋରେଟର, ତହସିଲଦାର, ମେୟର, କମିଶନର, ସ୍ଥାନୀୟ ଥାନା ଅଧିକାରୀ ରହି କିପରି ପୂଜାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମାପନ କରିବେ ସେ ନେଇ ଆଲୋଚନା କରାଯିବ। ଏହି ଅଭିଯାନ ୧୬ରୁ ୧୮ତାରିଖ ଯାଏଁ ୩ଦିନ ଧରି ୱାର୍ଡ ନଂ.୨୭, ୨୩, ୧୮, ୨୨, ୧୭, ୩୨, ୨୫ରେ କରାଯିବ ବୋଲି ସିଂ କହିଛନ୍ତି। ବୈଠକରେ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ କାଳୀପୂଜା ଓ ଭସାଣି ସଂକ୍ରାନ୍ତୀୟ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଆସନ୍ତା ୨୦ ମହାକାଳୀଙ୍କ ପୂଜା, ୨୧ ଦୀପାବଳି, ୨୨ ଓ ୨୩ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ୨୪ (ଶୁକ୍ରବାର) ଭସାଣି ହେବ। ବୈଠକରେ ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଭାଜପା ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ବିଜେଡି ଜିଲା ସଭାପତି ପ୍ରଫୁଲ୍ଲ ସିଂ, କଂଗ୍ରେସ ନେତା ସୁରେଶ ମହାପାତ୍ର, ବିଜେଡି ନେତା ମଧୁସୂଦନ ସାହୁ, ସିପିଆଇ ନେତା ଅମରେନ୍ଦ୍ର ମହାନ୍ତି ଓ ସିପିଆଇ (ଏମ୍) ନେତା ବଦ୍ରିନାରାୟଣ ଦାସ, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସଭାପତି ବିଜୟ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ଶ୍ରୀମନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ସିଂ, ବିଜୟ କୁମାର ନାୟକ, ନୀଳକଣ୍ଠ ମହାନ୍ତି, ଧର୍ମେଶ ନାୟକଙ୍କ ସମେତ ସମସ୍ତ କର୍ପୋରେଟର ଓ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ରୁଟ୍ ବଦଳାଇବାକୁ ଶାନ୍ତି କମିଟି ପକ୍ଷରୁ ବିରୋଧ

ସିଏମ୍‌ସି ପକ୍ଷରୁ ଆୟୋଜିତ କାଳୀପୂଜା ଓ ଭସାଣି ଯାତ୍ରା ବୈଠକରେ ଖବରଦାତାଙ୍କ ପ୍ରଶ୍ନରେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ପ୍ରଶାସନ କାଳୀ ଭସାଣି ଯାତ୍ରାରେ ରୁଟ୍ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲା, ତାହାକୁ କମିଟି ପକ୍ଷରୁ ବିରୋଧ କରାଯାଇଛି। ରୁଟ୍ ବଦଳାଇବା ଅନ୍ୟ ଏକ ଚିନ୍ତା ସୃଷ୍ଟି କରାଇବ ବା ଏକ ବୁମେରାଂ ସ୍ଥିତି ହେବ। ଭସାଣି ଯାତ୍ରାରେ ଯେଉଁ ରୁଟ୍‌ରେ ଅଘଟଣ ଘଟିଛି, ସେହି ସ୍ଥାନରେ ଏବେଠାରୁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ସମସ୍ତ ପୂଜା କମିଟିକୁ ଦିଆଯିବ, ଏହାସହ ଉକ୍ତ ସ୍ଥାନରେ ସମସ୍ତ ନେତୃବୃନ୍ଦ ଉପସ୍ଥିତ ରହି ଉକ୍ତ ସ୍ଥାନରେ ସମସ୍ତ ମେଢ଼କୁ ଅତିକ୍ରମ କରାଇବା ଦାୟିତ୍ୱ ନେବୁ। ବୈଠକ ପୂର୍ବରୁ ମଧ୍ୟ କଟକ ମହାନଗର ଶାନ୍ତି କମିଟିର ବୈଠକ କରାଯାଇଛି ଏବଂ ଆଗାମୀ ଦିନରେ ହେବାକୁ ଥିବା ପୂଜା ଓ ଭସାଣି ପାଇଁ ସମସ୍ତ ପ୍ରସ୍ତୁତି କରିଛୁ। କଟକର ଗର୍ବ ଗୌରବ ଯେପରି ନଷ୍ଟ ନ ହେବ ସେଥିପ୍ରତି ବେଶ୍ ଗୁରୁତ୍ୱ ଦିଆଯିବ ବୋଲି ତ୍ରିପାଠୀ କହିଛନ୍ତି।

## ଏମ୍‌କେସିଜିରେ ଛାତ୍ରଙ୍କୁ ଆକ୍ରମଣ ଘଟଣାର ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବି

କଟକ,୧୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ହୋଇଥିବା ଆକ୍ରମଣ ଘଟଣାରେ ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ନିନ୍ଦା କରାଯାଇଛି। ଏସ୍‌ସିବିରୁ ୧୫୦ରୁ ଅଧିକ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବାବେଳେ ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ୫୦୦ରୁ ଅଧିକ ଛାତ୍ରୀଛାତ୍ର ସଂଘବଦ୍ଧ ଭାବେ ଲୁହା ରଡ୍, ବାଡି ଧରି ବସ୍‌ର କାଚକୁ ଭଙ୍ଗାରୁଜା କରି ଢେଲା ମାଡ କରିବା, ଏପରି କି ବସ୍‌ରେ ଥିବା ଅଗ୍ନିନିର୍ବାପକ ଉପକରଣରୁ ବସ୍ ଭିତରେ ସ୍ପ୍ରେ କରିବା ଫଳରେ ଅନେକ ଛାତ୍ରୀଛାତ୍ର ଶ୍ୱାସରୁଦ୍ଧ ଅନୁଭବ କରିବା କାର୍ଯ୍ୟ ଏକ ଅପରାଧ, ଏହି ଘଟଣାକୁ ଛାତ୍ର ସଂସଦ ପକ୍ଷରୁ ନିନ୍ଦା କରାଯିବା ସହ ଘଟଣାର ତଦନ୍ତ ଦାବି କରାଯାଇଛି। ଏଥିସହ ଏଥିରେ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯିବା ସହ ଏଭଳି ଅସୁରକ୍ଷିତ ସ୍ଥାନରେ ଭବିଷ୍ୟତରେ କୌଣସି କାର୍ଯ୍ୟକ୍ରମ ଆୟୋଜନ ନ କରିବାକୁ ଏକ ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଖଣ୍ଡାଗର ନାଟ୍ୟ ମଞ୍ଚର ହେବ ଉନ୍ନତୀକରଣ



ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଫୁଲନଖରା,୧୫।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

**ନାଟ୍ୟ ମହୋତ୍ସବ ଉଦ୍‌ଯାପିତ**

କଟକ ସଦର ଥାନା ଅନ୍ତର୍ଗତ ମହିଧରପଡାସ୍ଥିତ ଖଣ୍ଡାଗର ନାଚ ମଞ୍ଚରେ ମା' ମଙ୍ଗଳା ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ୨ଦିନ ଧରି ଚାଲିଥିବା ନାଟ୍ୟ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ମଣ୍ଡଳ ସଭାପତି ଅଶ୍ୱିନୀ କାଣ୍ଡି, ପ୍ରଶାନ୍ତ କୁମାର ଦାଶ, ସୁରେଶ ଚନ୍ଦ୍ର ରଥ, ନିରୋଦ କୁମାର ବେହେରା, ପ୍ରଦୀପ୍ତ ସୁନ୍ଦରାୟ, ଟ୍ୱିନ ସିଟି ପ୍ରେସ କ୍ଲବ ସଭାପତି ଅମିତ କୁମାର ପରିଜା ପ୍ରମୁଖ ଯୋଗଦେଇଥିବା ବେଳେ ଲକ୍ଷ୍ମୀଧର ବାରିକ, ସୁବୋଧ କୁମାର ଦାସ, କାଳନ୍ଦୀ ଭୋଇଙ୍କ ସମେତ ଖଣ୍ଡାଗର ଗ୍ରାମବାସୀ ସହଯୋଗ କରିଥିଲେ। ଉକ୍ତ ନାଚ ମଞ୍ଚକୁ ବିଧାୟକ ଉନ୍ନୟନ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇ ଉନ୍ନତୀକରଣ କରାଯିବ ବୋଲି ବିଧାୟକ ଘୋଷଣା କରିଥିଲେ। କଟକ ସଦର ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଖବରଦାତା ଲଳିତ କୁମାର ଦାଶ ଦୁଇଦିନିଆ ମହୋତ୍ସବରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, କଟକ ସଦର ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ସଭାପତି ଲଳିତ କୁମାର ଦାଶ, ସଦର ଥାନା ଅତିରିକ୍ତ ଅଧିକାରୀ ରାମହରି ସେଠୀ, ଏସ୍‌ଆଇ ବିଚିତ୍ରାନନ୍ଦ ବିଶ୍ୱାଳ ଓ ଚିତ୍ତରଞ୍ଜନ ସାହୁ, ଖଣ୍ଡାଗର ଗ୍ରାମର ମୁରବି ଲକ୍ଷ୍ମୀଧର ମୁଦୁଲି ଓ ଗୋପୀନାଥ ଯାଦବ, ଦୁର୍ଗା ପ୍ରସାଦ ମହାପାତ୍ର, ନାଗବାଲି ଡ୍ରାମାଟିକ କ୍ଲବ ସଭାପତି ଅନିଲ କୁମାର ବେହେରା, ବରିଷ୍ଠ ଖବରଦାତା ଧୀରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ସରସ୍ୱତୀ କଳା ପରିଷଦ ସଦସ୍ୟଙ୍କୁ ଶ୍ରଦ୍ଧାସୁମନ

କଟକ ସଦର,୧୫।୧୦(ସୁଶାନ୍ତ କୁମାର ଜେନା)

କନ୍ଦରପୁରଠାରେ ସାଂସ୍କୃତିକ ତଥା ସାମାଜିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ ସଦସ୍ୟ ଚକ୍ରବର୍ତ୍ତୀ ଓତାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦ କୋଷାଧ୍ୟକ୍ଷ ଇଂ. ଶ୍ରୀକାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ଶୋକସଭାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପରିଷଦ ସମ୍ପାଦକ ଅଶୋକ ପଟ୍ଟନାୟକ, ଇଂ.ଅଶୋକ ବିଶ୍ୱାଳ, ହୃଷୀକେଶ ଜେନା, ସମୀର ପଣ୍ଡା, ପ୍ରଭାତ ମଲ୍ଲିକ, ଯୋଗେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ଦୀପକ ସାହୁ, ସରସ୍ୱତୀ ସଙ୍ଗୀତ ବିଦ୍ୟାଳୟର ବିଦ୍ୟାର୍ଥୀ, ଅଭିଭାବକ ଅଭିଭାବିକା, ଉପସ୍ଥିତ ରହି ସ୍ୱର୍ଗତ ଓତାଙ୍କ ସ୍ମୃତି ଚାରଣ କରିଥିଲେ।

### ବିଶ୍ୱ ପାଲ୍ଲିଏଟିଭ କେୟାର ଦିବସ ପାଳିତ

କଟକ,୧୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ ସମାଜସେବୀ ସଂଗଠନ କ୍ରିୟା ଫାଉଣ୍ଡେଶନର ମିଳିତ ଉଦ୍ୟମରେ ବିଶ୍ୱ ପାଲ୍ଲିଏଟିଭ କେୟାର ଦିବସ ପାଳନ ହୋଇଯାଇଛି। ପ୍ରତିଶ୍ରୁତି ହାସଲ କରିବା, ପାଲ୍ଲିଏଟିଭ କେୟାରକୁ ସାର୍ବଜନୀନ କରିବା ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡା. ଦୀପକ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ରବି ନାରାୟଣ ବେହେରା ଯୋଗଦେଇଥିଲେ। ବିଭାଗ ମୁଖ୍ୟ ପ୍ରଫେସର ଡା.ସୁମିତା ମହାନ୍ତି ଉକ୍ତ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ରାଜ୍ୟକୁ ଆଗକୁ ନେବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



ସାରଳା ଭବନରେ 'ସମାଜ'ର ୧୦୬ତମ ପ୍ରତିଷ୍ଠା ଦିବସ ପକ୍ଷ ପୂର୍ତ୍ତି ଉତ୍ସବରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥି।

କଟକ,୧୫।୧୦(କାର୍ତ୍ତିକ ସାହୁ)

**'ସମାଜ'ର ୧୦୬ତମ ସ୍ୱନକ୍ଷତ୍ର ଦିବସ ପକ୍ଷ ପୂର୍ତ୍ତି ଉତ୍ସବ**

ଗଣମାଧ୍ୟମ ଓ ସରକାରଙ୍କ ଗୋଟିଏ ଲକ୍ଷ୍ୟ ଜନକଲ୍ୟାଣ। କାର୍ଯ୍ୟ ପ୍ରଣାଳୀରେ ପାର୍ଥକ୍ୟ ରହିଥିଲେ ମଧ୍ୟ ଉଭୟ ଅନୁଷ୍ଠାନ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିଥାନ୍ତି। ସାମୂହିକ ବିକାଶ କ୍ଷେତ୍ରରେ ସରକାର ସବୁ ସ୍ଥାନରେ ପହଞ୍ଚି ପାରି ନ ଥାନ୍ତି। ସେଠାରେ ଗଣମାଧ୍ୟମ ସରକାରଙ୍କୁ ଜାଗ୍ରତ ପ୍ରହରୀ ପରି ବାଟ ଦେଖାଇଥାନ୍ତି। ତେଣୁ ରାଜ୍ୟକୁ ଆଗକୁ ନେବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କଟକ ସାରଳା ଭବନଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସମାଜ ଖବରକାଗଜର ୧୦୬ତମ ସ୍ୱନକ୍ଷତ୍ର ଦିବସ ପକ୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇ ଉତ୍କଳମଣିଙ୍କ ଭଳି ଜଣେ ପୁଣ୍ୟାତ୍ମାଙ୍କ ଦ୍ୱାରା ସୃଷ୍ଟ ଏହି ଖବରକାଗଜ ଓଡ଼ିଶାବାସୀଙ୍କୁ ଦେଶ ସେବା ପାଇଁ ପ୍ରେରଣା ଦେଇଆସିଥିବା ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଅନ୍ୟତମ ସମ୍ମାନିତ ଅତିଥି ପ୍ରାଧ୍ୟାପକ ଡ. ବୈଷ୍ଣବ ଚରଣ ସାମଲ କହିଲେ, କେବଳ ଦୂରଦୃଷ୍ଟି ଥିବା ବ୍ୟକ୍ତି ସାମ୍ବାଦିକ ହୋଇପାରିବେ। ଲୋକ ସେବକ ମଣ୍ଡଳ ସଭାପତି ରାଜ କୁମାର ଅଧ୍ୟକ୍ଷତା କରି କହିଲେ, ବିଚାରର ଆଦାନ ପ୍ରଦାନ, ଜନ ଜାଗରଣ, ସଂସ୍କୃତି ସହ ସାମାଜିକ ସଂସ୍କାରକୁ ସବୁବେଳେ ସମାଜ ପ୍ରାଥମିକତା ଦେଇ ଆସିଛି। ଲୋକ ସେବକ ମଣ୍ଡଳ ଉପସଭାପତି ଦୀପକ ମାଳବୀୟ ଲୋକଙ୍କ ଗ୍ରହଣୀୟତା ଥିବା ପର୍ଯ୍ୟନ୍ତ ଖବର କାଗଜ ସଂସ୍ଥା ବଞ୍ଚିରହି ପାରିବ ବୋଲି କହିଛନ୍ତି। ସମାଜର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ତଥା କାର୍ଯ୍ୟବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସାମୂହିକ ଉଦ୍ୟମ କଲେ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବ

**ଆଞ୍ଚଳିକ ପେସାଦାର ସାମ୍ବାଦିକ ସଂଘର ସ୍ୱନକ୍ଷତ୍ର ଉତ୍ସବ**

ଚୌଦ୍ୱାର,୧୫।୧୦(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଆଞ୍ଚଳିକ ପେସାଦାର ସାମ୍ବାଦିକ ସଂଘର ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ଏକ ଆଲୋଚନାଚକ୍ର ବୁଧବାର ସ୍ଥାନୀୟ ଆର୍‌ଡି ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୀପକ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଲେ, ସମସ୍ତେ ସଙ୍ଗଠିତ ହୋଇ ବ୍ୟବସ୍ଥା ଭିତରେ ରହି ସମସ୍ୟାର ସମାଧାନ କରିବାକୁ ସାମୂହିକ ଉଦ୍ୟମ କଲେ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇପାରିବ। ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଖବରଦାତା ଜ୍ଞାନରଞ୍ଜନ ସାମନ୍ତରାୟ, ଅଖିଳେଶ ମହାନ୍ତି, ଦିବ୍ୟଜ୍ୟୋତି ପାଣି ପ୍ରମୁଖ ଯୋଗଦେଇ ସମାଜର ବିକାଶରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସଂଘର ବାର୍ଷିକ ମୁଖପତ୍ର 'ଫୁଲ ବଉଳବେଣି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରବୀନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସୁଧାକର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଚୌଦ୍ୱାର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଖବରଦାତା, ସାମାଜିକ କର୍ମୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଅବଦୁଲ କଲାମଙ୍କ ଜୟନ୍ତୀ



ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳନ ଅବସରରେ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତା।

କଟକ,୧୫।୧୦(କାର୍ତ୍ତିକ ସାହୁ)

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ବକ୍ସିବଜାରଠାରେ ବୁଧବାର ପାଳିତ ହୋଇଯାଇଛି। ସଂଘ କର୍ମକର୍ତ୍ତାମାନେ ଅବଦୁଲ କଲାମଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅବଦୁଲ କଲାମ ରେଳଷ୍ଟେଶନରେ ପେପର ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଥିଲେ। ଏଥିସହ ଭାରତର ରାଷ୍ଟ୍ରପତି ମଧ ହୋଇଥିଲେ। ତାଙ୍କର ଜୀବନ ସଂଘର୍ଷମୟ ଥିଲା ବୋଲି ବକ୍ତାମାନେ କହିଥିଲେ। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ ଅଧକ୍ଷ ପ୍ରଭାସ ପ୍ରଧାନ, ସଭ୍ୟ କେ. ବେଣୁ ରାଓ, ହାଡିବନ୍ଧୁ ବେହେରା, ଦୀପ୍ତି ରଞ୍ଜନ ପଟ୍ଟନାୟକ, ଶିବୁ ନାୟକ, ଦୁର୍ଗା ପ୍ରସାଦ ଛାଟୋଇ, ହେମନ୍ତ ପଟ୍ଟନାୟକ, ସନ୍ତୋଷ ଦତ୍ତ, ବିଜୟ ସାହୁ ଓ ଯାମିନୀ ଘୋଷ ପ୍ରମୁଖ ଯୋଗ ଦେଇଥିଲେ।

## ଜନ ଶିକ୍ଷଣ ସଂସ୍ଥାନରେ ଉଦ୍ୟୋଗୀ ତାଲିମ ଶିବିର

କଟକ,୧୫।୧୦(କାର୍ତ୍ତିକ ସାହୁ)

ଭାରତ ସରକାରଙ୍କ ଦକ୍ଷତା ବିକାଶ ଅନୁଷ୍ଠାନ ଜନଶିକ୍ଷଣ ସଂସ୍ଥାନ ଓ ଜିଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସଂସ୍ଥାନର ପରିସରରେ ଦୁଇ ସପ୍ତାହ ଧରି ହେବାକୁ ଉଦ୍ୟୋଗୀ ଭିତ୍ତିକ ତାଲିମ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ସଂସ୍ଥାନର ନିର୍ଦ୍ଦେଶକା ଅନିମା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ତରୁଣକାନ୍ତ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ରର ଆସିଷ୍ଟାଣ୍ଟ ଇଣ୍ଡଷ୍ଟ୍ରି ଅଫିସର୍ ମନୋଜ କୁମାର ମହାପାତ୍ର ଓ ୟୁକୋ ବ୍ୟାଙ୍କ ଫାଇନାନ୍ସିଆଲ ଲିଟରାସି ଟ୍ରେନର ସତ୍ୟ ନାରାୟଣ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଶିକ୍ଷାର୍ଥୀମାନେ ସଫଳ ଉଦ୍ୟୋଗୀ ହେବା ପାଇଁ ଉଦ୍ୟୋଗୀ ବିକାଶ ତାଲିମର ଗୁରୁତ୍ୱ ଓ ସରକାରଙ୍କ ପକ୍ଷରୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଦିଆଯାଉଥିବା ସବସିଡି ଋଣର ଯୋଜନା ସମ୍ପର୍କରେ ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ। ତାଲିମ ଶିବିରରେ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ବିଷୟରେ ତାଲିମ ଦିଆଯିବ। ସଂସ୍ଥାନର ପ୍ରୋଗ୍ରାମ ଅଫିସର୍ ସମ୍ବିଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର୍ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ତାଲିମ ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀ ଓ ଅତିଥିବୃନ୍ଦ।

## ଆସୁଛି ଦୀପାବଳି: ପାରମ୍ପରିକ ଚିନି ମିଠାର ଚାହିଦା ବଢୁଛି

- ଖାନନଗରରେ ପ୍ରସ୍ତୁତ ହେଉଛି ୨୦ କୁଇଣ୍ଟାଲର ମିଠା
- ଡିମାଣ୍ଡରେ ହାତୀ, ବାଘ, ଘୋଡ଼ା ଓ ମୟୂର ଆକୃତିର ମିଠା

କଟକ,୧୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଚଳଚଞ୍ଚଳ ହୋଇ ପଡିଛି ଗାଁଠୁ ସହର। ଦୀପାବଳିରେ ବଡବଡୁଆ ପୂଜାର ଏକ ସ୍ୱତନ୍ତ୍ରତା ରହିଆସିଛି। ପୂଜାରେ ବ୍ୟବହାର କରାଯାଉଥିବା ହାତୀ, ଘୋଡା, ମୟୂର ପରି ୧୨ରୁ ୧୪ ପ୍ରକାରର ବିଭିନ୍ନ ଆକୃତିର ଚିନିରେ ତିଆରି ସାମଗ୍ରୀକୁ ଆଜି ବି କଟକର ଖାନ୍‌ନଗର ଅଞ୍ଚଳରେ ପ୍ରସ୍ତୁତ କରାଯାଉଛି। ଖାନନଗର ଅଞ୍ଚଳର ଦିଲୀପ ସାହୁ ଓ ତାଙ୍କ ପରିବାର ଏହି ଚିନି ମିଠାକୁ ତିଆରି କରୁଛନ୍ତି। ଆଜକୁ ୧୫ ଦିନ ହେବ ଏହାର ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ଦୀପାବଳି ପାଇଁ ୨୦ କୁଇଣ୍ଟାଲରୁ ଅଧିକ ଚିନିରେ ତିଆରି ଏହି ମିଠା ପ୍ରସ୍ତୁତ କରାଯାଇଛି। କଟକ ସମେତ ବାହାର ଅଞ୍ଚଳରୁ ଏହି ମିଠା ପାଇଁ ବେଶ୍ ଅର୍ଡର ଆସିଛି। ଏ ନେଇ ଦିଲୀପ କହିଛନ୍ତି, ତିନି ପିଢ଼ି ହେବ ଏହି ମିଠା ପ୍ରସ୍ତୁତ କରିଆସୁଛୁ। ଖାନ୍‌ନଗରଠାରେ ନାଥ ସାହୁ ସୁଇଟ୍ସ ଷ୍ଟଲରେ ଏହା ବିକ୍ରି କରାଯିବ। ଏହି ମିଠା କିଲୋ ପିଛା ୧୨୦ ଟଙ୍କା ଦର ରହିଛି। ତେବେ ଏହି ମିଠା ପୂଜା କରିବା ପରମ୍ପରା ରହିଥିବାବେଳେ ଏହାର ଚାହିଦା ବେଶ୍ ରହିଛି। ଅନ୍ୟପଟେ ଦୀପାବଳି ପାଇଁ କଟକ ନୟାସଡକ, ଚୌଧୁରୀ ବଜାର ଅଞ୍ଚଳରେ ଦୀପ ଓ ବିଭିନ୍ନ ପୂଜା ସାମଗ୍ରୀ କିଣିବା ପାଇଁ ଲୋକଙ୍କ ବେଶ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି।



ଖାନ୍‌ନଗର ଅଞ୍ଚଳର ଦିଲୀପ ସାହୁ ଓ ତାଙ୍କ ପରିବାର ମିଠା ପ୍ରସ୍ତୁତି କରୁଛନ୍ତି।

# ୨୧ ନୁହେଁ, ୨୦ରେ ଦୀପାବଳି

## ଦ୍ୱନ୍ଦ୍ୱ ଦୂର କଲା ମୁକ୍ତି ମଣ୍ଡପ ପଣ୍ଡିତ ସଭା

**ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)**

ଚଳିତ ବର୍ଷ ଅକ୍ଟୋବର ୨୦ ଓ ୨୧ ତାରିଖ ଦୁଇଦିନ ଅମାବାସ୍ୟା ଥିବାରୁ କେଉଁଦିନ ଦୀପାବଳି ବା ପୟାଶ୍ରାଦ୍ଧ ପାଳନ କରାଯିବ ତାହାକୁ ନେଇ କିଛିଦିନ ହେବ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ରାଧାରମଣ ପ୍ରେସ ପଞ୍ଜିକା ଆଦି ମୁକ୍ତିମଣ୍ଡପ ସ୍ୱୀକୃତ ପଞ୍ଜିକାରେ ଅକ୍ଟୋବର ୨୦ ତାରିଖ ଉଲ୍ଲେଖ ରହିଥିବା ବେଳେ ୨୧ରେ ପାଳନ ପାଇଁ ଅନ୍ୟ ପଞ୍ଜିକାରେ ଉଲ୍ଲେଖ ରହିଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଯାଇଥିଲା। ବୁଧବାର ମୁକ୍ତିମଣ୍ଡପ ସଭା ଶ୍ରୀଜଗନ୍ନାଥ ମନ୍ଦିରର ସଦସ୍ୟ ଓ ପଞ୍ଜିକାର ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ଆସନ୍ତା ୨୦ ତାରିଖ ସୋମବାର ସନ୍ଧ୍ୟାରେ ଲୋକମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ପାଳନ କରିବା ସହିତ ଦୀପାବଳି ପର୍ବ ମଧ୍ୟ ପାଳନ କରିବେ ବୋଲି ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ ଓ ପଞ୍ଜିକାରମାନେ ସୂଚନା ଦେଇଛନ୍ତି। ମୁକ୍ତିମଣ୍ଡପ ପଣ୍ଡିତ ସଭା କାର୍ଯ୍ୟକାରୀ ସଭାପତି, ସମ୍ପାଦକ ଓ ଅନ୍ୟମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସୋମବାର ୨୦ ତାରିଖ ଅପରାହ୍ନ ୩ଟା ୨୩ ମିନିଟ୍‌ରୁ ଅମାବାସ୍ୟା ପ୍ରବେଶ କରୁଛି। ଏହା ପରଦିନ ଅର୍ଥାତ ମଙ୍ଗଳବାର ୨୧ ତାରିଖ ଅପରାହ୍ନ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ରହିବ। ପୟାଶ୍ରାଦ୍ଧ ରାତ୍ରକାଳୀନ ପର୍ବ ହୋଇଥିବାରୁ ସୋମବାର ସନ୍ଧ୍ୟାରେ ପୟାଶ୍ରାଦ୍ଧ ପାଳନ ହେବ। ଆସନ୍ତା ୨୧ ତାରିଖରେ ଦୀପାବଳି ସହିତ ପୟାଶ୍ରାଦ୍ଧ ପାଳନ ନେଇ କେତେକ ପଞ୍ଜିକା ଏବଂ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଲୋକମାନେ ବିଭ୍ରାନ୍ତ ନ ହୋଇ ଆସନ୍ତା ୨୦ ତାରିଖ ସୋମବାର ସନ୍ଧ୍ୟାରେ ଲୋକମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ପାଳନ କରିବାକୁ ଶ୍ରୀମନ୍ଦିର ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସଦସ୍ୟ ଏବଂ ପଞ୍ଜିକାରମାନେ ସୂଚନା ଦେଇଛନ୍ତି।


ଦୀପାବଳି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ମୁକ୍ତି ମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# ଗୁରୁତର ତ୍ରୁଟି ପାଇଁ ଦୀପଦାନ ଶ୍ରାଦ୍ଧ ପ୍ରଭାବିତ ନ ହେଉ

**ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)**

ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ଗୁରୁତର ତ୍ରୁଟି ପାଇଁ ଦୀପଦାନ ଶ୍ରାଦ୍ଧ ପ୍ରଭାବିତ ନ ହେଉ ବୋଲି ଖବରଦାତା ସମ୍ମିଳନୀ କରି ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ମତ ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ୨୦ ବା ୨୧ରେ ଦୀପାବଳି ପାଳନ ହେବ ଏହି ଦ୍ୱନ୍ଦ୍ୱର ସ୍ରଷ୍ଟା ସ୍ୱୟଂ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏଥିରେ ଦ୍ୱିରୁକ୍ତି ନାହିଁ। ଅମାବାସ୍ୟାର ବ୍ୟାପ୍ତୀ ଦୁଇ ଦିନ ସନ୍ଧ୍ୟା ବା ସୂର୍ଯ୍ୟଙ୍କ ଅସ୍ତ ପରେ ଅନ୍ୟୂନ ଏକ ଦଣ୍ଡ ବା ୨୪ ମିନିଟ୍ ରହିଲେ ଦ୍ୱିତୀୟ ଦିନ ପାଳନ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡବଡୁଆ ଡାକ ପାଇଁ 'ଗଦାଧର ପଦ୍ଧତି'ର ୪୬୫ ପୃଷ୍ଠା ଓ 'ପଣ୍ଡିତ ସର୍ବସ୍ୱ'ର ୨୧୯ ପୃଷ୍ଠାରେ ଉଲ୍ଲେଖ ରହିଛି। ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାରେ ଦୀପଦାନ ଶ୍ରାଦ୍ଧ ପାଳନ କଲେ ପିତୃପୁରୁଷ ଅସୁଖୀ ହୋଇଥାନ୍ତି ବୋଲି ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ତିଥି ସର୍ବଦା ନିରପେକ୍ଷ ଯୋଗୁ ଏହାର ବ୍ୟାପ୍ତି ସାରା ଭାରତରେ ସମାନ ରହିଥିବା ବେଳେ ସ୍ଥାନୀୟ ସମୟ ଅନୁଯାୟୀ ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତରେ ତାରତମ୍ୟ ରହୁଥିବାରୁ ସେହି ଆଧାରରେ ପର୍ବ ଆଦି ନିର୍ଣ୍ଣୟ କରାଯାଏ। ଚଳିତ ବର୍ଷ କାର୍ତ୍ତିକ ଅମାବାସ୍ୟାର ବ୍ୟାପ୍ତି ସାରା ଭାରତରେ ୨୦ ତାରିଖ ଅପରାହ୍ନ ୩ଟା ୪୫ ମିନିଟ୍‌ରୁ ୨୧ ତାରିଖ ସନ୍ଧ୍ୟା ୫ଟା ୫୫ ମିନିଟ ପର୍ଯ୍ୟନ୍ତ ରହିଥିବା ବେଳେ ପୁରୀର ସୂର୍ଯ୍ୟ ଅସ୍ତ ୨୧ ତାରିଖରେ ୫ଟା ୧୬ ମିନିଟ୍‌ରେ ହେଉଥିବା ପାଞ୍ଜିରେ ଉଲ୍ଲେଖ ରହିଛି। ତେଣୁ ସୂର୍ଯ୍ୟ ଅସ୍ତ ପରେ ୩୯ ମିନିଟ୍ ଅମାବାସ୍ୟା ତିଥି ରହୁଛି। ଯାହାକି ଏକ ଦଣ୍ଡ ଠାରୁ ୧୫ ମିନିଟ ଅଧିକ। ମାତ୍ର ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ଅମାବାସ୍ୟା ତିଥିର ବ୍ୟାପ୍ତି ୫ଟା ୩୦ ପର୍ଯ୍ୟନ୍ତ ରହୁଥିବା ଦର୍ଶାଯାଇଛି। ଏହି ତ୍ରୁଟି ପାଇଁ ଦୀପଦାନ ବା ପୟାଶ୍ରାଦ୍ଧ ସେହି ପଞ୍ଜିକାରେ ୨୦ରେ ପାଳନ ପାଇଁ ଦର୍ଶାଯାଇଛି। କିନ୍ତୁ ରାଜ୍ୟର ସମସ୍ତ ଅଗ୍ରଣୀ ପଞ୍ଜିକାରେ ୨୧ରେ ପାଳନ ହେବ ବୋଲି ଦର୍ଶାଯାଇଛି। ଏହି ଗାଣିତିକ ତ୍ରୁଟି ପାଇଁ ପଣ୍ଡିତ ସଭା ସମ୍ପୂର୍ଣ୍ଣ ଦାୟୀ ହୋଇଥିବାବେଳେ ଏକ ତ୍ରୁଟିପୂର୍ଣ୍ଣ ପର୍ବ ପାଳନ ପାଇଁ ତ୍ରୁଟିଯୁକ୍ତ ଦିନ ତାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାରେ ଦର୍ଶାଯାଇଛି ବୋଲି ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ଯେଉଁ ତିଥିରେ ସୂର୍ଯ୍ୟ ଉଦୟ ହୁଅନ୍ତି ସେହି ପର୍ବ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ ହେବାର ବିଧି ରହିଛି। ସେଥିପାଇଁ ୨୧ରେ ଶ୍ରୀମନ୍ଦିରରେ ଅମାବାସ୍ୟା ପାଳନ ହେବ ଏବଂ ସେହିଦିନ ମଧ୍ୟ ସରକାରୀ ଛୁଟି ରହିଛି। ୨୦ ତାରିଖରେ ଶ୍ୟାମାକାଳୀ ପୂଜାରେ କୌଣସି ଦ୍ୱିରୁକ୍ତି ନାହିଁ। ଓଡ଼ିଶାର ଜନସାଧାରଣ ଅଦିନରେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ଡଡୁଆ ଡାକ ମାଧ୍ୟମରେ ପିତୃପୁରୁଷଙ୍କୁ ବିଦାୟ ଦେଲେ ସେମାନେ ଅସୁଖି ହେବାର ଶାସ୍ତ୍ରୀୟ ବିଧାନରେ ୨୧ ତାରିଖରେ ତାହା ପାଳନ କରନ୍ତୁ।


ହରିଶଙ୍କର ମିଶ୍ର

# କଠୋର ପରିଶ୍ରମ ହିଁ ସଫଳତାର ମାର୍ଗ ଦେଖାଏ



ଅତିଥିଙ୍କ ସହ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

## ବିଶ୍ୱ ବିଦ୍ୟାର୍ଥୀ ଦିବସ

**ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)**

ମାସିକ ଶିଶୁ ସମ୍ବାଦ ପତ୍ର 'ଶିଶୁ ସମାଚାର' ପକ୍ଷରୁ ସୁଖଲତା ବାଳିକା ସ୍ମୃତି ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ରାଷ୍ଟ୍ରପତି ଡ. ଏ. ପି. ଜେ. ଅବ୍‌ଦୁଲ କଲାମଙ୍କ ଜୟନ୍ତୀରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହନ୍ତ ଶୁଭାନନ୍ଦ ଜୀ ମହାରାଜ, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ, ଶିକ୍ଷାବିତ୍ ଅବନିଶ ରଥ, ଶିବ ସୁନ୍ଦର ମିଶ୍ର, ସଂଘମିତ୍ରା ଦାସ ଅତିଥି ଭାବେ ଯୋଗଦେଇ କହିଥିଲେ, କଠୋର ପରିଶ୍ରମ, ନିଷ୍ଠା, ସଂକଳ୍ପ ଓ ସ୍ୱପ୍ନ ବିଦ୍ୟାର୍ଥୀଙ୍କୁ ସଫଳତାର ମାର୍ଗ ଦେଖାଏ। ପ୍ରଥମ ପର୍ବରେ ଆଇନଜୀବୀ ତଥା ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ ଅବ୍‌ଦୁଲ କଲାମଙ୍କ ଉପରେ ଆଧାରିତ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ସଂଯୋଜନା କରି ପିଲାଙ୍କୁ କଲାମଙ୍କ ଜୀବନୀ ବଣ୍ଟନ କରିଥିଲେ। ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ପିଲାମାନଙ୍କୁ କଲାମଙ୍କ ବାଣୀ କହିଥିଲେ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ବକ୍ତୃତା (କନିଷ୍ଠ)ରେ ସଦ୍ୟାନ୍ତ ଶତପଥୀ, ଦିବ୍ୟାଶା ମିଶ୍ର, ଆଞ୍ଜେଲା ଅପୂର୍ବ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ; ବରିଷ୍ଠ ବିଭାଗରେ ଅନୁଷ୍କା ମହାନ୍ତି, ଦିବ୍ୟାଂଶୀ ମହାପାତ୍ର, ଅନୁଷ୍କା ରାୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ; ଚିତ୍ରାଙ୍କନ କନିଷ୍ଠ ବିଭାଗରେ ତ୍ରିଶା କାନୁନ୍‌ଗୋ, ମୟଙ୍କ ସେନାପତି, ଅଭିଜିତ ଦାସ ପ୍ରଥମ, ଦ୍ୱିତୀୟ, ତୃତୀୟ ; ବରିଷ୍ଠ ବିଭାଗରେ ସନ୍ଦୀପ ଜେନା, ସମ୍ଭବ ହୋତା, ସଞ୍ଚିତା ପ୍ରିୟଦର୍ଶିନୀ ଦେବତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ସମ୍ମିଳନୀ ଓ ଚାଷୀ ସମାବେଶ

**ନିମାପଡ଼ା,୧୫।୧୦(ବିଚିତ୍ରାନନ୍ଦ ସାହୁ)**

ଓଡ଼ିଶାର ସର୍ବବୃହତ ଅଣ ରାଜନୈତିକ କୃଷକ ସଂଗଠନ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ବ୍ଲକସ୍ତରୀୟ ସମ୍ମିଳନୀ ଓ ଚାଷୀ ସମାବେଶ ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ବାବା ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ସମାରୋହରେ ଅତିଥି ଭାବେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା, ନିମାପଡ଼ା ବ୍ଲକ ପ୍ରଭାରୀ ରଞ୍ଜିତ କୁମାର ପଟ୍ଟନାୟକ, ଯୁବଛାତ୍ର ସଂଯୋଜକ ମନୱାର ଅଲ୍ଲୀ, ଈଶ୍ୱର ପ୍ରଧାନ, ଜୟନ୍ତ ଜେନା, ସୁଶାନ୍ତ ସ୍ୱାଇଁ, ନିମାପଡ଼ାର ଯୁବସଂଗଠକ ଆଦର୍ଶ ଦାଶ, ସମୀର ରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବା, ଚାଷୀ ପରିବାରକୁ ମାସିକ ୧୦ହଜାର ଟଙ୍କା ସୁରକ୍ଷା ଭତ୍ତା ଯୋଗାଇଦେବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୫ହଜାର ଟଙ୍କାକୁ ବୃଦ୍ଧି କରାଯିବା, ଚାଷୀମାନଙ୍କୁ ସାମ୍ବିଧାନିକ ସମ୍ମାନ ପ୍ରଦାନ କରାଯିବା, ଚାଷ ଜମିକୁ ମାଗଣାରେ ବିଜୁଳି ଯୋଗାଣ କରାଯିବା ଦିଗରେ ସରକାର ବିହିତ ପଦକ୍ଷେପ ନେବାକୁ କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ସଂଗଠନ ପକ୍ଷରୁ ଆସନ୍ତା ୩୦ରେ ଜିଲାପାଳଙ୍କ ଅଫିସ ନିକଟରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।


ସାକ୍ଷୀଗୋପାଳ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ପ୍ରଦର୍ଶିତ

## କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୫

**ସାକ୍ଷୀଗୋପାଳ,୧୫।୧୦ (ଭରତ ରାଉତ/କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)**

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଖପାଖ ୧୦ ବିଦ୍ୟାଳୟର ୧୪୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦେଶାତ୍ମବୋଧ ସଙ୍ଗୀତରୁ ଆରମ୍ଭ ନୃତ୍ୟ, ସଙ୍ଗୀତ, ବକ୍ତୃତା, ତର୍କ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ପ୍ରବନ୍ଧ, ଚିତ୍ରକଳା ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟସ୍ତରରେ ସତ୍ୟବାଦୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଥମ, ମୂଳଅଳସା ଉଚ୍ଚ ବିଦ୍ୟାଳୟ ଓ ତୃତୀୟ ସ୍ଥାନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ଅତିଥିମାନଙ୍କ ମଧ୍ୟରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି, ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା, ସହକାରୀ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ବନ୍ଦନା ଦାଶ, ସିଆର୍‌ସିସି ପାର୍ଥସାରଥୀ ଦାଶ, ତପସ୍ୱିନୀ ତ୍ରିପାଠୀ ଏବଂ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲଷ୍ଟର୍ ଅନ୍ତର୍ଭୁକ୍ତ ଶିକ୍ଷକଙ୍କ ସହିତ ନୃତ୍ୟ ଗୁରୁ ଚିରସ୍ରୋତା ଖୁଣ୍ଟିଆ ଓ ଅବସରପ୍ରାପ୍ତ ସିଆର୍‌ସିସି ଦିଗମ୍ବର ରଥ ବିଚାରକ ଭାବେ ଉପସ୍ଥିତ ଥିଲେ।

# ସଚେତନତା କାର୍ଯ୍ୟକ୍ରମ

**ପିପିଲି,୧୫।୧୦ (ଦୁର୍ଗା ମାଧବ ମିଶ୍ର)**

ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଠାରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବ୍ୟାଙ୍କ୍ ଅଫ ବରୋଦା ଶାଖା ପକ୍ଷରୁ ସଂପୁର ପଞ୍ଚାୟତ କାଯ୍ୟାଳୟ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୋଦା ବ୍ୟାଙ୍କ ଜୋନାଲ୍ ଭିଜିଲାନ୍ସ ଭୁବନେଶ୍ୱର ଜୋନ୍‌ର ହେଡ୍ ଦୀପିକା କ୍ରିଷ୍ଣନ, ଜୋନାଲ ଭିଜିଲାନ୍ସ ଅଫିସର୍ ସନ୍ତୋଷ ବେହେରା, ମଙ୍ଗଳପୁର ଶାଖା ପରିଚାଳକ ଶକ୍ତି ପ୍ରସନ ସେଠୀ ଏବଂ ସ୍ଥାନୀୟ ସରପଞ୍ଚ ଝରଣା ବରାଳଙ୍କ ଉପସ୍ଥିତିରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ଜନତାଙ୍କୁ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା ଅନ୍‌ଲାଇନ ଠକେଇକୁ ରୋକିବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା।

# ସରକାର, ଜନତାଙ୍କ ମଧ୍ୟରେ ସେତୁ ହେଉଛି ଗଣମାଧ୍ୟମ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପିଆଇବିର ଅଧିକାରୀ ଓ ଅନ୍ୟ ଅତିଥିମାନେ।

## ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଲାପ

**କୋଣାର୍କ,୧୫।୧୦(ଜ୍ୟୋତିରାଜ ମହାନ୍ତି)**

କୋଣାର୍କଠାରୁ ୯ କି.ମି. ଦୂରରେ ଅବସ୍ଥିତ ରାମଚଣ୍ଡୀସ୍ଥିତ ଲୋଟସ ରିସୋର୍ଟ ସମ୍ମେଳନ କକ୍ଷ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଓ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଓ ଝାଡ଼ଖଣ୍ଡ ପ୍ରାନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଜେନେରାଲ ଅଖିଳ କୁମାର ମିଶ୍ର ଯୋଗଦେଇଥିଲେ। ଲୋକସମ୍ପର୍କ ସ୍ଥାପନ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ ଓ ଲୋକାଭିମୁଖୀ କରିବା ଦିଗରେ ଗଣମାଧ୍ୟମ ଏକ ସେତୁ ଭଳି ସରକାର ଓ ଜନତାଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ବୋଲି ଏଡିଜି ମିଶ୍ର ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱରସ୍ଥିତ ସିଜିଏସ୍‌ଟି ଯୁଗ୍ମ କମିଶନର ଡି. କଲ୍ୟାଣ ଚକ୍ରବର୍ତ୍ତୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜିଏସ୍‌ଟିର ନୂତନ ସଂସ୍କରଣ ଓ ଟିକସ ହ୍ରାସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଗୁରୁ କଲ୍ୟାଣ ମହାପାତ୍ର ଯୋଗଦେଇ ମାତୃଭାଷାର ଗୁରୁତ୍ୱ ଓ ସାମ୍ପ୍ରତିକ ସମୟରେ ଗଣମାଧ୍ୟମର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶର ସ୍ଥିତ କେନ୍ଦ୍ରୀୟ ସଂଚାର ବ୍ୟୁରୋର ସହାୟକ ନିର୍ଦ୍ଦେଶକ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ପିଆଇବି ଭୁବନେଶ୍ୱର କାର୍ଯ୍ୟାଳୟର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିବିସି ଭୁବନେଶ୍ୱରର କ୍ଷେତ୍ରପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଦେଇଥିଲେ।

# ବାଟିକାରେ ଶିଶୁଙ୍କ ଭବିଷ୍ୟତ ବାଟବଣା

**କାକଟପୁର/ଅସ୍ତରଙ୍ଗ,୧୫।୧୦ (ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ)**

- ନାହିଁ ଶ୍ରେଣୀଗୃହ, ହୋଇପାରୁନି ସେବିକା ନିଯୁକ୍ତି
- ଶିକ୍ଷାବର୍ଷକୁ ୭ ମାସ ବିତିଲାଣି
- ଅଭିଭାବକଙ୍କ ମହଲରେ ଅସନ୍ତୋଷ

ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଚଳିତ ଶିକ୍ଷାବର୍ଷରୁ ସରକାରୀ ବାଟିକା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଅଙ୍ଗନୱାଡ଼ି କେନ୍ଦ୍ରରୁ ଶିକ୍ଷା ସମାପ୍ତ କରିଥିବା ଶିଶୁମାନେ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। ଆବଶ୍ୟକ ଭିତ୍ତିଭୂମି ଅଭାବରୁ ପାଠପଢ଼ା ତ୍ୱରାନ୍ୱିତ ହୋଇପାରୁ ନ ଥିବା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ସ୍କୁଲରେ ଖୋଲିଛି ବାଟିକା। ଶିଶୁବାଟିକାରେ ୫ ବର୍ଷର ଶିଶୁଙ୍କ ନାମ ଲେଖାଯାଉଛି। ଅଙ୍ଗନୱାଡିରୁ ୫ ବର୍ଷ ପୂରିଥିବା ଶିଶୁମାନେ ପ୍ରାଥମିକ ସ୍କୁଲ ଯିବେ। ନିଜ ନାମ ଲେଖାଇବେ, ଯାହାକୁ ଜାତୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ ଏମାନଙ୍କୁ ଏବେ ସ୍କୁଲରେ ଏକ ବର୍ଷ ରହିବା ପରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ। ଏଭଳି ନିଷ୍ପତ୍ତି ପରେ ପୁରୀ ଜିଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୪୨ ଛାତ୍ରୀଛାତ୍ର ଶିଶୁବାଟିକାରେ ନାମ ଲେଖାଇଛନ୍ତି। ଏବେ ଏମାନେ ବସିବାକୁ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ପଢ଼ାଇବାକୁ କେହି ନାହିଁ। ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଏହି ବାଟିକା ଶିଶୁଙ୍କୁ ନେଇ ଚାପରେ ରହୁଛନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ନାମ ଲେଖାଇଥିବା ପିଲା ସ୍କୁଲ ଯାଉଛନ୍ତି। ସ୍ଥାନ ଅଭାବ ହେତୁ ପ୍ରଥମଶ୍ରେଣୀ ପିଲାଙ୍କ ସହ ଅଧିକାଂଶ ବସୁଛନ୍ତି। ଏକାଠି ଶିଶୁବାଟିକା ଓ ପ୍ରଥମଶ୍ରେଣୀ ପିଲା ବସି ରହିବା ଯୋଗୁ ପାଠପଢ଼ାରେ ସମସ୍ୟା ଦେଖାଦେଉଛି। ଦୀର୍ଘ ୭ ମାସ ହେଲା ଏଭଳି ସମସ୍ୟା ଲାଗିରହିଛି। ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ ଏଭଳି ଅଚଳାବସ୍ଥା ଦେଖାଦେଇଛି। ଶିଶୁବାଟିକାରେ ସେବିକା ନିଯୁକ୍ତି ଦାୟିତ୍ୱ ସ୍କୁଲ ପରିଚାଳନା କମିଟି ହାତକୁ ଟେକିଦେଇଛନ୍ତି ସରକାର, ଯାହାକୁ ନେଇ ଏବେ ପ୍ରତି ପ୍ରାଥମିକ ସ୍କୁଲରେ ଛକାପଞ୍ଝା ଆରମ୍ଭ ହୋଇଛି। ନିଜ ସମର୍ଥକଙ୍କୁ ରଖିବାକୁ ଏକରକମର ଲବି ଚାଲିଛି। ସେବିକା ନିଯୁକ୍ତି ଦାୟିତ୍ୱ ସ୍କୁଲ ପରିଚାଳନା କମିଟି ହାତକୁ ଦେଇ ସରକାର ଯେଉଁ କ୍ଷମତା ଦେଇଥିଲେ ସେଥିରେ କେଁ ପଶିଛି। ନୂଆ ନିୟମ ଅନୁଯାୟୀ, ସ୍କୁଲ ପରିଚାଳନା କମିଟିର ମୁଖ୍ୟ ଭାବେ ପ୍ରଧାନଶିକ୍ଷକ ରହିବେ। ଜାତୀୟ ଶିକ୍ଷାନୀତି ଅନୁଯାୟୀ, ୫ ବର୍ଷର ପିଲାଙ୍କ ଶିଶୁବାଟିକାରେ ଆଡ୍‌ମିଶନ କରାଯିବ। ଖେଳକୁଦ ସମେତ ସେମାନଙ୍କ ବୌଦ୍ଧିକ ବିକାଶ ନେଇ ପ୍ରଶିକ୍ଷଣ ଦିଆଯିବ। ଏମାନଙ୍କ ତତ୍ତ୍ୱାବଧାରକ ଭାବେ ସେବିକା ନିଯୁକ୍ତି ଦିଆଯିବ, ଯେଉଁମାନେ କି ବାଟିକାର ଶିଶୁଙ୍କ ସେବାଯତ୍ନ କରିବା ସହ ନାଚଗୀତ ଆଦି ଶିଖାଇବେ। ଏହି ସେବିକା ନିଯୁକ୍ତି ନେଇ ଏବେ ଅନେକ ବିଦ୍ୟାଳୟରେ ରାଜନୀତି ଆରମ୍ଭ ହୋଇଛି। ଯେହେତୁ ପ୍ରଧାନଶିକ୍ଷକ ସ୍କୁଲ ଅଧ୍ୟକ୍ଷ ଦାୟିତ୍ୱରେ ରହୁଛନ୍ତି, ଏଣୁ ସେମାନଙ୍କ ପ୍ରତି ଚାପ ବଢ଼ିଛି। ଅନେକ ବିଦ୍ୟାଳୟରେ ଅଧିକ ଶ୍ରେଣୀକୁ କମ୍ ଶିକ୍ଷକ ରହିଛନ୍ତି, ଏଭଳି ସମୟରେ ପୁଣି ବାଟିକା ପିଲା ଆସିବା ଦ୍ୱାରା ଆହୁରି ଟେନ୍‌ସନ ବଢ଼ିଛି। ତେଣୁ ଅବ୍ୟବସ୍ଥିତ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଦିଗରେ ରାଜ୍ୟ ସରକାର ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



ଗୋଷ୍ଠୀ ସହାୟିକାଙ୍କ ଛଟେଇ ବିରୋଧରେ ସହାୟିକାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।



ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁରୀ ବିଦ୍ୟୁତ୍ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ।

# ମଧୁବନ ଆଶ୍ରମ ଇସ୍କନ୍ ପକ୍ଷରୁ ଅଦିନିଆ ରଥଯାତ୍ରା

## ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ଅନୁରୋଧ

ଭୁବନେଶ୍ୱର,୧୫।୧୦
(ସୌମ୍ୟରଞ୍ଜନ ରାଉତ)

ଉତ୍ତରାଖଣ୍ଡର ମଧୁବନ ଆଶ୍ରମ ଋଷିକେଶଠାରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା କରାଯାଇଛି। ଗତ ୭ ତାରିଖରେ ୨୮ତମ ଶ୍ରୀଜଗନ୍ନାଥ ରଥଯାତ୍ରା ନାମରେ ଆୟୋଜିତ ଏହି ରଥଯାତ୍ରା ମଧୁବନ ଆଶ୍ରମଠାରୁ ଆରମ୍ଭ ହୋଇ ତ୍ରିବେଣୀ ଘାଟ ଚୌକ ଦେଇ ଗୁରୁଦ୍ୱାରା ଶ୍ରୀ ଗୁରୁ ସିଂ ସଭା ରେଲ୍‌ୱେ ରୋଡ୍‌ରେ ଶେଷ ହୋଇଛି। ଶ୍ରୀ ଜଗନ୍ନାଥଙ୍କ ବିଧି ପରମ୍ପରା ଭାଙ୍ଗି ଇସ୍କନ ଏହି ଅଦିନିଆ ରଥଯାତ୍ରା କରିଛି। ରଥଯାତ୍ରାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ଏକ ଚାରିଚକିଆ ଯାନରେ ବସାଇ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହା ଘଟଣା ଜଣାପଡ଼ିବା ପରେ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନର ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ପ୍ରସଙ୍ଗରେ ସେପ୍ଟେମ୍ବର ୬ରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତି ବିରୋଧୀ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୦୦ ପୃଷ୍ଠାର ଏକ ପୂର୍ଣ୍ଣାଙ୍ଗ ଉତ୍ତର ଇସ୍କନକୁ ପ୍ରଦାନ କରାଯାଇଥିଲା। ନୀତି ଓ ପରମ୍ପରାକୁ ନ ମାନିଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତିଙ୍କ ଦ୍ୱାରା ଇସ୍କନକୁ ଚିଠି ଲେଖାଯାଇଥିଲା। କିନ୍ତୁ ମାସକ ପରେ ଇସ୍କନ ଏହାକୁ ନ ମାନି ପୁଣି ଅଦିନିଆ ରଥଯାତ୍ରା କରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଆଘାତ ପହଞ୍ଚାଇଛି। ତେଣୁ ଇସ୍କନର ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଆଇନର ଆଶ୍ରୟ ନେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଛି।

## ଓଡ଼ିଶାରେ ଇସ୍କନ୍‌କୁ ବ୍ୟାନ୍ କରାଯାଉ




ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଆ ଅସ୍ମିତା ପରିଷଦର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ଦାବିପତ୍ର ଦେଲା ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର,୧୫।୧୦ (ସୌମ୍ୟରଞ୍ଜନ ରାଉତ)

ଉତ୍ତରାଖଣ୍ଡରେ ଇସ୍କନ ପକ୍ଷରୁ କରାଯାଇଥିବା ଅଦିନିଆ ରଥଯାତ୍ରାକୁ ବିରୋଧ କରିଛି ଓଡ଼ିଆ ଅସ୍ମିତା ପରିଷଦ। ପ୍ରତିବାଦରେ ପରିଷଦ ଆବାହକ ରବି ବେହେରାଙ୍କ ଅଧ୍ୟକ୍ଷତାରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବୁଧବାର ଏକ ଗଣବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଇସ୍କନ୍‌କୁ ଓଡ଼ିଶାରେ ବ୍ୟାନ୍ କରିବାକୁ ଦାବି ଓ ନିବେଦନ କରାଯାଇଛି। ରବି କହିଛନ୍ତି, ପୂର୍ବରୁ ଆମେରିକା, ଇଂଲଣ୍ଡ ଓ ସାଉଥ୍ ଆଫ୍ରିକା ଆଦି ଦେଶରେ ଇସ୍କନ ପକ୍ଷରୁ ହେଉଥିବା ଅଦିନିଆ ରଥଯାତ୍ରାକୁ ବିରୋଧ କରାଯାଇ ଆସୁଛି। ଏଥିସହ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଦିବ୍ୟସିଂହଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଅଦିନିଆ ରଥଯାତ୍ରା ନ କରିବା ପାଇଁ ଇସ୍କନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଗତ ୨ ମାସ ତଳେ ଅନୁଷ୍ଠିତ ବୈଠକରେ ଅଦିନିଆ ରଥଯାତ୍ରା କରି ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ପାସ୍ କରାଯାଇଥିଲା। ଦୁଃଖର କଥା, ଓଡ଼ିଶା ସରକାରଙ୍କ ଅନୁରୋଧକୁ ବେଖାତିର କରି ଉତ୍ତରାଖଣ୍ଡଠାରେ ଅଦିନିଆ ରଥଯାତ୍ରା କରାଇବା ଓଡ଼ିଆ ଅସ୍ମିତା ପ୍ରତି ଓ ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଅସ୍ମିତା ପରିଷଦ ପକ୍ଷରୁ କରୁଣାକର ହୋତା, ନାରାୟଣ ଡାଲୁଆ, ଶଙ୍କର ଭୂୟାଁ, ନାରୀ ନେତ୍ରୀ ସାବିତ୍ରୀ ବେହେରା, ସୁଷମା ସାହୁ ଓ ଡଲି ମଲ୍ଲିକ ପ୍ରମୁଖ ଏହି ଗଣବିକ୍ଷୋଭର ନେତୃତ୍ୱ ନେଇଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ଭେଟି ଦୀପାବଳି ଶୁଭେଚ୍ଛା ଜଣାଉଛନ୍ତି।

# ଗ୍ରାମୀଣ ଗୃହ ନିର୍ମାଣ ପିଏମ୍‌ୟୁ କର୍ମଚାରୀଙ୍କୁ ମିଳିବ ବକେୟା ଦରମା

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

### କେନ୍ଦ୍ର ଦେବ ୨୨୫ କୋଟି

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ପ୍ରକଳ୍ପ ପରିଚାଳନା ୟୁନିଟ୍(ପିଏମ୍‌ୟୁ) ସେଲ୍ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମରେ କାର୍ଯ୍ୟରତ ୭୦୦ଜଣ ଆଉଟ୍‌ସୋସିଂ କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ କରାଯିବ। ଏହି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିଲା। ତେବେ ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୨୫ କୋଟି ବକେୟା ଟଙ୍କା ଦିଆଯିବା ନେଇ ତ୍ୱରିତ ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ପ୍ରକ୍ରିୟାଗତ ବିଳମ୍ବ ଯୋଗୁ ଏହି ସମସ୍ୟା ହୋଇଛି। ତେବେ ପ୍ରାୟ ୭୦୦ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଖୁବ୍‌ଶୀଘ୍ର ଦରମା ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୨୩ରୁ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ୨୩ ତାରିଖରୁ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ଆରମ୍ଭ ହେବ। ପ୍ରସଙ୍ଗ ରହିଛି 'ନିରନ୍ତର ସହରାଞ୍ଚଳ ବିକାଶ, ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ ୨୦୪୭'। ସମ୍ମିଳନୀରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)କୁ ଏକତ୍ର କରି ସହରାଞ୍ଚଳ ଶାସନ, ସେବା ପ୍ରଦାନ ଏବଂ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାରବିମର୍ଶ ହେବ। ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହି ଦୁଇଦିନିଆ ସମ୍ମିଳନୀରେ ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ସୁଦୃଢ଼ କରିବା ସହିତ ସହରାଞ୍ଚଳ ଭିତ୍ତିଭୂମି, ସଡ଼କ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଆଲୋଚନା ହେବ। ସେହିପରି ଜଳ ଯୋଗାଣ ସହିତ ପରିମଳ ସେବାକୁ ବୃଦ୍ଧି କରାଯିବ। ସୁଯୋଗ, ଓଆର୍‌ଟିପିଏସ୍‌ଏ, ଓଏସ୍‌ଡବ୍ଲ୍ୟୁଏଏସ୍ ଏବଂ ସମନ୍ୱିତ କଲ ସେଣ୍ଟର (୧୯୨୯) ଭଳି ଡିଜିଟାଲ ପ୍ରଶାସନିକ ପଦକ୍ଷେପକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯିବ। ଆର୍ଥିକ ଏବଂ ପ୍ରଶାସନିକ ଦୃଷ୍ଟିରୁ ସଶକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ମାଣ ଉପରେ ମାନସମନ୍ଥନ ହୋଇ ନିଷ୍ପତ୍ତି ନିଆଯିବ। ପ୍ରତ୍ୟେକ ୟୁଏଲବିର ପ୍ରତିନିଧି ଭାବେ ମ୍ୟୁନିସିପାଲ କମିଶନର/କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିନିଧି ଦଳର ମୁଖ୍ୟ ଭାବେ ଜଣେ ମ୍ୟୁନିସିପାଲ ଇଞ୍ଜିନିୟର (ଏ.ଇ/ଜେ.ଇ)ଙ୍କ ସହିତ ଯୋଗଦେବାକୁ କୁହାଯାଇଛି।

# ଯୁକ୍ତ୨ ପରୀକ୍ଷା ହଲ୍, ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି ବାଧ୍ୟତାମୂଳକ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

### ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ପରୀକ୍ଷା ଉପରେ ନଜର ରଖାଯିବ

ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା ଡିସେମ୍ବର ୨୨ରୁ ଓ ମୁଖ୍ୟ ପରୀକ୍ଷା ଫେବୃଆରୀରୁ ଆରମ୍ଭ ହେବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରସ୍ତୁତି ଚାଲିଛି। ତେବେ ସ୍ୱଚ୍ଛ, ଶୃଙ୍ଖଳିତ ପରୀକ୍ଷା ପରଚାଳନାକୁ ପରିଷଦ ଗୁରୁତ୍ୱ ଦେବା ସହ ଷ୍ଟ୍ରଙ୍ଗରୁମ୍, ପରୀକ୍ଷା ହଲ୍, ସିଏସ୍ ରୁମ୍ ଓ ଲାବରେଟୋରିରେ ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ନଭେମ୍ବର ୨୯ ସୁଦ୍ଧା ସିସିଟିଭି ଲଗାଇ ସିଏଚ୍‌ଏସ୍‌ଇକୁ ଅବଗତ କରାଇବା ପାଇଁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମଥର ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିସିଟିଭି ଲଗାଇବା ସୁନିଶ୍ଚିତ କରିବା ପରେ ନଭେମ୍ବର ୨୯ ସୁଦ୍ଧା ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ପରୀକ୍ଷା ସମୟରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ସିସିଟିଭିର ସିଧା ପ୍ରସାରଣ ହେବ। ପରୀକ୍ଷା ସମ୍ପର୍କରେ ସିଧାସଳଖ ନଜର ରଖିବା ସହ କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

# ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାର, ଜୀବନଶୈଳୀ ଆବଶ୍ୟକ

### ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ପ୍ରତିଟି ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାର ସହ ଉନ୍ନତ ଜୀବନଶୈଳୀର ଆବଶ୍ୟକତା ରହିଛି। ମହିଳା ହୁଅନ୍ତୁ କି ଶିଶୁ, ଠିକ୍ ପୋଷଣଯୁକ୍ତ ଖାଦ୍ୟ ଖାଇଲେ ହିଁ ସେମାନେ ସୁସ୍ଥ ଶରୀର ଗଢ଼ିପାରିବେ। ଆମର ଉତ୍ତମ ଅଭ୍ୟାସ ହିଁ ଆମ ଉତ୍ତରପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ ବୁଧବାର ଲୋକସେବା ଭବନ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ




ସଚେତନତା ଅଭିଯାନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୁରୀ ଜିଲାକୁ ପୁରସ୍କୃତ କରାଯାଉଛି।

ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ କହିଲେ, ଚଳିତ ବର୍ଷ ପୋଷଣ ମାସରେ ସମୂହ ସଚେତନତାକୁ ଏକ ଜନ ଆନ୍ଦୋଳନରେ ପରିଣତକରିବା ନିମନ୍ତେ କ୍ଷେତ୍ର ଅଧିକାରୀମାନେ ଚେଷ୍ଟାକରିଥିଲେ। ଏଥିରେ ମହିଳା ଓ ଶିଶୁଙ୍କ ଖାଦ୍ୟରେ ଚିନି ଓ ତେଲ ପରିମାଣ କମ୍ କରିବା ସହ ଶୈଶବ ଅବସ୍ଥାରେ ଶିଶୁଙ୍କ ଯତ୍ନ ଓ ଖାଦ୍ୟ ଏବଂ କ୍ଷେତ୍ରରେ ପୁରୁଷଙ୍କ ସହଭାଗିତା ନେଇ ସଚେତନ କରାଯାଇଥିଲା। ପୋଷଣ ଅଭିଯାନ ମାଧ୍ୟମରେ ରାଜ୍ୟରେ ୫୪,୮୧,୯୫୨ଟି ବିଷୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ହୋଇଥିବାବେଳେ ଏହାର ସଫଳତା ପାଇଁ ବିଭାଗୀୟ ସଚିବ ତୃଣମୂଳସ୍ତରରେ କାର୍ଯ୍ୟରତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଦୈନିକ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ଦୈନିକ ବ୍ୟାୟାମ, ଯୋଗ, ପୁଷ୍ଟିକର ଖାଦ୍ୟ ମାଧ୍ୟମରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିପାରିବା ବୋଲି ସେ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ମଧୁମିତା ରଥ ଯୋଗଦେଇ ପୋଷଣ ସହ ଜଡ଼ିତ ବିଭାଗୀୟ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଚେତନତା ଅଭିଯାନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୁରୀ, ଭଦ୍ରକ ଓ କେନ୍ଦ୍ରାପଡ଼ାକୁ ପୁରସ୍କୃତ କରାଯାଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ ଜ୍ୟୋତି ଏମ୍. ପ୍ରଧାନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଗୀତାଞ୍ଜଳି ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସ୍ମୃତିଜିତ ପଟ୍ଟନାୟକ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦାରିଦ୍ର୍ୟଭଞ୍ଜନ ମହାପାତ୍ର, ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ସଚିବ ରଜତ କୁମାର ମାନସିଂ,ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଡେପୁଟି ସଚିବ ସଂଘମିତ୍ରା ବେହେରା ପ୍ରମୁଖ ଯୋଗଦେଇଥିଲେ। ମହିଳା ଓ ଶିଶୁ ବିଭାଗର ଅତିରିକ୍ତ ସଚିବ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶିବୁନ୍



@ ଦାଦୁଲ



@ ସାନ୍‌ଭି



@ ମୋନାଲିସା



@ ଇନ୍ଦ୍ରଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାସ୍ୟବ୍ୟଙ୍ଗ ଗଳ୍ପ ସଂକଳନ 'ଘୋଡ଼ା ଡିମ୍ବ' ଉନ୍ମୋଚିତ

କଟକ,୧୫।୧୦(କାର୍ତ୍ତିକ ସାହୁ)

ଚାପଗ୍ରସ୍ତ ସମାଜରେ ମଣିଷ ଓଠରୁ ଧୀରେ ଧୀରେ ହସ ଲୋପ ପାଉଥିବା ବେଳେ ହାସ୍ୟ ବ୍ୟଙ୍ଗକାରମାନେ ମଣିଷ ଓଠରେ ଟିକିଏ ହସ ଫୁଟାଇବା ପାଇଁ ନିରନ୍ତର ଚେଷ୍ଟିତ। ସେଥିପାଇଁ ବ୍ୟଙ୍ଗକବି ଡ. ଧର୍ମଛଡ଼ାଙ୍କ ପ୍ରଥମ ହାସ୍ୟ ବ୍ୟଙ୍ଗ ଗଳ୍ପ ସଂକଳନ 'ଘୋଡ଼ା ଡିମ୍ବ' ଉନ୍ମୋଚନ ଗୁରୁତ୍ୱ ବହନ କରେ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ସରକାରୀ ବାସଭବନରେ ପୁସ୍ତକ ଉନ୍ମୋଚନ କରି କହିଛନ୍ତି, ସ୍ୱାସ୍ଥ୍ୟ ପାଇଁ ହସ ଗୁରୁତ୍ୱପୂର୍ଣ୍ଣ। ବାସ୍ତବରେ ହସ ଦୁନିଆର ସର୍ବୋତ୍ତମ ଔଷଧ। ମନ ଏବଂ ଶରୀରକୁ ସୁସ୍ଥ ରଖିବାରେ ହସ ମହୌଷଧି କହିଲେ କିଛି ଭୁଲ୍ ହେବ ନାହିଁ। ତେଣୁ ହସ ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଏହି ଗଳ୍ପ ସଂକଳନ ଘୋଡ଼ା ଡିମ୍ବ ନିଶ୍ଚୟ ମାନବ ସମାଜ ପାଇଁ ଉପାଦେୟ ପୁସ୍ତକ ହେବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ପୁସ୍ତକର ପ୍ରକାଶକ ତଥା ବିଶ୍ୱ ଓଡ଼ିଆ ସମ୍ମିଳନୀର ଅଧ୍ୟକ୍ଷ ଡ. ମୁରଲୀ ମନୋହର ଶର୍ମା ଯୋଗଦେଇ କହିଲେ, ହସ ଶରୀର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରିବା ସହ ମନୋବଳକୁ ବୃଦ୍ଧି କରିଥାଏ। ସେହିପରି ଯନ୍ତ୍ରଣାକୁ ହ୍ରାସ କରିଥାଏ ଏବଂ ଚାପରୁ ମୁକ୍ତି ପ୍ରଦାନ କରିଥାଏ। ରୋଗମୁକ୍ତ ଦୀର୍ଘ ଜୀବନ ପାଇଁ ହସିବା ଅତ୍ୟନ୍ତ ଜରୁରୀ। ଲେଖକ ଡ. ଧର୍ମଛଡା ସ୍ୱାଗତ ସମ୍ବର୍ଦ୍ଧନା ସହ ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଳ୍ପ ସଂକଳନ 'ଘୋଡ଼ା ଡିମ୍ବ' ଉନ୍ମୋଚନ କରୁଛନ୍ତି।

**ଟ୍ରାକ୍ଟର ଓଲଟି ୨ ମୃତ**

ରାଜଗାଙ୍ଗପୁର,(ଅଶୋକ ପାଣି): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମାଲିଡିହି ପଞ୍ଚାୟତ ଅଫିସ୍ କାର୍ଯ୍ୟାଳୟ ନିକଟରେ ଟ୍ରାକ୍ଟର ଓଲଟି ବୁଧବାର ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ରାଣିପିଆ ଗ୍ରାମର ଧୃରୁଆ ବାର୍ଲା(୨୭) ଓ ଉଇଲିୟମ ଖାଖା(୩୦)। ଦୁର୍ଘଟଣାରେ ଅନ୍ୟ ୨ ଜଣ ଆହତ ହୋଇ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ୪ ଜଣ ଟ୍ରାକ୍ଟରରେ ବସି ରାଜଗାଙ୍ଗପୁରରୁ ରାଣିପିଆକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଫଳରେ ଟ୍ରାକ୍ଟର ଇଞ୍ଜିନ ତଳେ ଧୃରୁଆ ଓ ଉଇଲିୟମ ଚାପିହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ।



# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବଳାତ୍କାରୀଙ୍କୁ ଗିରଫ କଲା ମମତାଙ୍କ ସରକାର: ଭାଜପା

**ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା**

ଭୁବନେଶ୍ୱର,୧୫।୧୦(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ପଢୁଥିବା ଜଣେ ଓଡ଼ିଆ ଛାତ୍ରୀଙ୍କୁ କିଛିଦିନ ତଳେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ଅପରାଧୀମାନଙ୍କୁ ଧରିବା ପାଇଁ ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାର କୌଣସି ପ୍ରୟାସ କରି ନ ଥିଲେ। ଓଡ଼ିଶା ସରକାର ତାଙ୍କ ଉପରେ ଚାପ ନ ପକାଇବା ପର୍ଯ୍ୟନ୍ତ ମମତାଙ୍କ ସରକାର ଚୁପ୍ ବସିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚାପ ପରେ ବଳାତ୍କାରୀମାନଙ୍କୁ ଗିରଫ କରାଯାଇଥିଲା ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, ମଙ୍ଗଳବାର ଭାଜପା ମହିଳା ମୋର୍ଚ୍ଚାର ଏକ ଟିମ୍ ସହ ଦୁର୍ଗାପୁର ଗସ୍ତକରି ପୀଡ଼ିତାଙ୍କୁ ଭେଟିଥିଲେ। ପୀଡ଼ିତାଙ୍କ ସହ ଆଲୋଚନା ସମୟରେ ସେ ବହୁ ମାନସିକ ଚାପରେ ଥିବା ଜଣାପଡ଼ିଥିଲା। ଅପରପକ୍ଷେ ମମତା ବାନାର୍ଜୀ ପୀଡ଼ିତାଙ୍କ ନାମରେ ମିଛ ବୟାନବାଜି କରିଥିବା ଜଣାପଡ଼ିଛି। ମମତା ମିଛ କହିଥିଲେ ଯେ, ପୀଡ଼ିତା ରାତି ୧୨ଟା ପରେ ମେଡିକାଲ କ୍ୟାମ୍ପସ ବାହାରକୁ ଯାଇଥିଲେ। ମେଡିକାଲ କଲେଜର ପ୍ରେସ୍ ରିଲିଜ ଅନୁସାରେ ପୀଡ଼ିତା ସନ୍ଧ୍ୟା ପ୍ରାୟ ୮ଟା ବେଳେ କ୍ୟାମ୍ପସ ବାହାରକୁ ଯାଇଥିଲେ। ଏଥିରୁ ମମତାଙ୍କ ମିଛ ପଦାରେ ପଡ଼ିଯାଇଛି। ସେ ଜଣେ ଅପରାଧୀମାନଙ୍କୁ ବଞ୍ଚାଇବାକୁ ଯାଇ ପୀଡ଼ିତାଙ୍କ ନାଁରେ ମିଛ କହୁଛନ୍ତି ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।

# ପୀଡ଼ିତାଙ୍କ ସହ ବାର୍ତ୍ତାଳାପର ରେକର୍ଡିଂ ଭାଇରାଲ କରିବା ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଗଣବଳାତ୍କାର ଶିକାର ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତାଳାପର ଭିଡିଓ ଚିତ୍ର ଗଣମାଧ୍ୟମରେ ପ୍ରକାଶିତ ହେବାକୁ ନେଇ ବିଜେଡି ଭର୍ତ୍ସନା କରିଛି। ସୁପ୍ରିମ୍‌କୋର୍ଟ ପୀଡ଼ିତାଙ୍କ ପରିଚୟ ଓ ତାଙ୍କ ସହ ବାର୍ତ୍ତାଳାପର ରେକର୍ଡିଂ ପ୍ରଘଟକୁ ବାରଣ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟ ଘୋର ନିନ୍ଦନୀୟ ବୋଲି ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦିକା ଟୁକୁନି ସାହୁ କହିଛନ୍ତି। ରାଜ୍ୟରେ ପ୍ରତିଦିନ ଅନେକ ମହିଳା ଏହିପରି ବଳାତ୍କାର, ଗଣବଳାତ୍କାରର ଶିକାର ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ପଶ୍ଚିମବଙ୍ଗରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ ଓ ନିନ୍ଦନୀୟ। କିନ୍ତୁ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ସହ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କଲେ ତାହା ଆହୁରି ଅଧିକ ନିନ୍ଦନୀୟ ବୋଲି ସେ କହିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

କୁଆଁରମୁଣ୍ଡା,୧୫।୧୦ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବନ ରେଞ୍ଜ୍ ଅନ୍ତର୍ଗତ ବିର୍ଦ୍ଧା ସେକ୍ସନ ବଡ଼ଦଲକି ପଞ୍ଚାୟତ ଲାମଜିରା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ଚାହୋ ଏକ୍କା(୬୨)। କୁଆଁରମୁଣ୍ଡା ରେଞ୍ଜ୍ ଅଧିକାରୀ ପଞ୍ଚ ନାରାୟଣ ସରାଫ୍ ହାତୀ ଘଉଡ଼ାଳି ଦଳ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ସରକାରୀ ନିୟମ ଅନୁସାରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରାଫ୍ କହିଛନ୍ତି।

# ଦେଶର ୧୦୦ ଦୁର୍ଘଟଣାପ୍ରବଣ ଜିଲା ମଧ୍ୟରେ ସୁନ୍ଦରଗଡ଼, ଗଞ୍ଜାମ

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୦୦ଟି ଦୁର୍ଘଟଣାପ୍ରବଣ ଜିଲାକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲା ରହିଛି। ଓଡ଼ିଶାର ଏହି ୨ ଜିଲାରେ ଘଟୁଥିବା ଦୁର୍ଘଟଣା ଏବଂ ଏଥିଜନିତ ହେଉଥିବା ମୃତ୍ୟୁସଂଖ୍ୟା ଯେଉଁଭଳି ବୃଦ୍ଧି ଘଟୁଛି ତାହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ୨୦୨୪ରେ ଜାନୁଆରୀରୁ ଜୁଲାଇ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଯେତିକି ଘଟିଥିଲା ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଘଟିଥିବା ଦୁର୍ଘଟଣାକୁ ତୁଳନାକଲେ ଏଥିରେ ୨୩ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ସୁନ୍ଦରଗଡ଼ରେ ୫୩୬ଟି ଦୁର୍ଘଟଣା ଘଟିଥିବା ବେଳେ ୩୦୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ସୁନ୍ଦରଗଡ଼ରେ ମୋଟ୍ ୪୯୯ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୩୧୯ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗଞ୍ଜାମ ଜିଲାରେ ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ୪୯୧ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୩୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଗଞ୍ଜାମରେ ୫୫୪ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୮୬ ଜଣଙ୍କ ମୃତ୍ୟୁଘଟିଛି। ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ଗଞ୍ଜାମ ଜିଲାରେ ଘଟିଥିବା ଘଟଣା ସହ ୨୦୨୫ର ଏହି ସମୟ ମଧ୍ୟରେ ଘଟିଥିବା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ତୁଳନାକଲେ ଏଥିରେ ୬ ପ୍ରତିଶତ ବୃଦ୍ଧି ଘଟିଛି।

ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସେଭ୍ ଲାଇଫ୍ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓକୁ ଦୁର୍ଘଟଣାପ୍ରବଣ ଜିଲା ଭାବେ ଦେଶରେ ଚିହ୍ନଟ ହୋଇଥିବା ୧୦୦ ଜିଲାରେ ସଡ଼କ ଦୁର୍ଘଟଣା ନିରାକରଣ ପରାମର୍ଶଦାତାଭାବେ ଚୟନ କରିଛି। ଉକ୍ତ ୧୦୦ ଜିଲାରେ କିପରି ଦୁର୍ଘଟଣା ହ୍ରାସ ଘଟିବ ସେଥିଲାଗି ଏହି ଏନ୍‌ଜିଓ ସଂସ୍ଥା କାର୍ଯ୍ୟ କରିବ। ସେହି କ୍ରମରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲାରେ ଦୁର୍ଘଟଣା ହ୍ରାସ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ଗତ ମାସ ୨୫ ତାରିଖରେ ସେଭ୍ ଲାଇଫ୍ ଫାଉଣ୍ଡେଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ସେଭ୍ ଲାଇଫ୍ ଫାଉଣ୍ଡେଶନ ଏହି ୨ ଜିଲାର ସମସ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅକ୍ଟୋବର ଶେଷ ସୁଦ୍ଧା ଟ୍ରେନିଂ ଦେବେ ଏବଂ ପ୍ରଶିକ୍ଷଣ ପରେ ନିଆଯାଉଥିବା ସମସ୍ତ କାର୍ଯ୍ୟକୁ ମନିଟରିଂକରି ସଡ଼କ ଦୁର୍ଘଟଣା କିପରି ହ୍ରାସ କରାଯାଇପାରିବ ସେ ସମ୍ବନ୍ଧରେ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।



ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ଭୁବନେଶ୍ୱରରେ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମ ଘୋଷଣା କରୁଛନ୍ତି। ନିକଟରେ ଅଛନ୍ତି ସ୍ନେହାଙ୍ଗିନୀ ଛୁରିଆ ଏବଂ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ।

# ନୂଆପଡ଼ା ପାଇଁ କଂଗ୍ରେସର ଷ୍ଟିୟରିଂ କମିଟି

ଭୁବନେଶ୍ୱର,୧୫।୧୦(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ବୁଧବାର ଷ୍ଟିୟରିଂ ଓ ମନିଟରିଂ କମିଟି ଗଠନ କରାଯାଇଛି। ଷ୍ଟିୟରିଂ କମିଟିରେ ଏମ୍‌ପି ସପ୍ତଗିରି ଉଲାକାଙ୍କ ସହିତ ଦେବାଶିଷ ପଟ୍ଟନାୟକ(ରାଜ୍ୟ କଂଗ୍ରେସ ଉପସଭାପତି), ସିଦ୍ଧାର୍ଥ ସ୍ୱରୂପ ଦାଶ(କୋଷାଧ୍ୟକ୍ଷ) ଏବଂ ବିଧାୟକ ଅଶୋକ ଦାସ, ସାଗର ଚରଣ ଦାସ, କେ. ଆପଲ୍ଲା ସ୍ୱାମୀ, ସତ୍ୟଜିତ୍ ଗମାଙ୍ଗୋ, ମଙ୍ଗୁ ଖିଲ, ପବିତ୍ର ସାଉନ୍ତା ଓ ନୀଳମାଧବ ହିକ୍କା ରହିଛନ୍ତି।

ସେହିପରି ନିର୍ବାଚନ ମନିଟରିଂ କମିଟିରେ ଭାରତ ବେମାଲ, ବିନୋଦ ପାତ୍ର, କୃଷ୍ଣଚନ୍ଦ୍ର ଶଗଡ଼ିଆ, ଜାକବ୍ ପ୍ରଧାନ, ଅସିତ୍ ପଟ୍ଟନାୟକ, ଦ୍ରୌପଦୀ ମାଝୀ, ବିଜୟାନନ୍ଦ ଚାଉଳିଆ, ସୂରଜ ପ୍ରଧାନ, ପିନାକୀ ନାରାୟଣ ଦାସ, ସେମ୍‌ହେମ୍ବ୍ରମ୍, ଜ୍ଞାନରଞ୍ଜନ ଦାସ, ଗଣେଶ ସାହୁ, ଅନିଲ ମେହେର, ଅଜିତ୍ ଦାସ, ଜଳନ୍ଧର ନାଏକ, ଅଖିଳ ଭତ୍ରା, ଦିଗମ୍ବର ଦୁରିଆ, ନିର୍ମଳ ନାୟକ, ହରଦୀପ ସିଂହ, ପ୍ରଫୁଲ୍ଲ ମାଝୀ, ଅଙ୍କିତ୍ ସିଙ୍ଘେଇ ଏବଂ ଫକୀର ଜଗତ ପ୍ରମୁଖ ରହିଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଫେରିଲେ ଘାସିରାମ, ୧୮ରେ ନାମାଙ୍କନ ଭରିବେ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର,୧୫।୧୦ (ରବିନାରାୟଣ ଜେନା)

ଆସନ୍ତା ନଭେମ୍ବର ୧୧ରେ ହେବାକୁଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବୁଧବାର ଅପରାହ୍ନ ସୁଦ୍ଧା କୌଣସି ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଆସନ୍ତା ୧୮ରେ ଘାସିରାମ ମାଝୀ ନାମାଙ୍କନପତ୍ର ଦାଖଲ କରିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଘାସିରାମ ଓ ତାଙ୍କ ସମର୍ଥକମାନେ ନାମାଙ୍କନପତ୍ର ଦାଖଲ କରିବା ଲାଗି ଜିଲା ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ସେଠାରେ କାଗଜପତ୍ର ଯାଞ୍ଚବେଳେ ଜଣାପଡ଼ିଥିଲା ଯେ, ଘାସିରାମ ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କେତେକ କାଗଜପତ୍ର ପ୍ରସ୍ତୁତ କରିନାହାନ୍ତି। ଏହାକୁ ନେଇ ସେ ଓ ତାଙ୍କ ସମର୍ଥକ ଲେଉଟି ଆସିଛନ୍ତି।

# ଭାରତରୁ ପ୍ରତିନିଧିତ୍ୱ କଲେ ଛତ୍ରପୁରର ସଙ୍ଗୀତା, ଜ୍ୟୋତି

**୭ ରାଷ୍ଟ୍ରର ମହିଳା ଉଦ୍ୟୋଗୀଙ୍କୁ ନେଇ ଆଭାସି କାର୍ଯ୍ୟକ୍ରମ**

ଛତ୍ରପୁର, ୧୫।୧୦(ଦିଲୀପ ସାମଲ)

ଆନ୍ତର୍ଜାତିକ ଗ୍ରାମାଞ୍ଚଳ ମହିଳା ଦିବସ ଅବସରରେ ବୁଧବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ମହିଳା ଉଦ୍ୟୋଗୀମାନଙ୍କ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସିଆର ୭ଟି ରାଷ୍ଟ୍ରର ମହିଳା ଉଦ୍ୟୋଗୀମାନେ ଆଭାସି ମାଧ୍ୟମରେ ଭାଗ ନେଇଥିଲେ। ଭାରତରୁ ୨ ମହିଳା ଉଦ୍ୟୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର କାଳିଆବାଲି ଗାଁର ଏସ୍. ଜ୍ୟୋତି ରେଡ୍ଡୀ ଏବଂ ନରେନ୍ଦ୍ରପୁର ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ସଙ୍ଗୀତା ଦଳାଇ। ଏହି ୨ ମହିଳା ଆଭାସୀ ମାଧ୍ୟମରେ ସେମାନଙ୍କ ଉଦ୍ୟୋଗଜନିତ ସଫଳତା ଉପରେ କହିଥିଲେ। ସଙ୍ଗୀତା ପ୍ରଥମେ ୪୦ ହଜାର ଟଙ୍କା ଋଣ ନେଇଥିଲେ। ୧୦ଟି ଗାଈ ରଖିବା ସହ ପରବର୍ତ୍ତୀ ସମୟରେ



ସେ ସିଆଇଏଫ୍ ଋଣ ବାବଦରେ ୧ ଲକ୍ଷ ଟଙ୍କା ନେଇଥିଲେ। ଏବେ ବାର୍ଷିକ ୨ ଲକ୍ଷ ଆୟ କରି ବେଶ୍ ସଫଳତା ପାଇଛନ୍ତି। ସେହିପରି ଜ୍ୟୋତି ବ୍ରଏଲର କୁକୁଡ଼ା, କିଆଫୁଲ ଚାଷ ଏବଂ ବିନା ପିଡ଼ିଆରେ ପନିପରିବାର ଚାଷ କରୁଛନ୍ତି। ୨ ଲକ୍ଷ ୭୫ ହଜାର ଟଙ୍କା ଋଣ ଆଣି ଏ ସବୁ ବ୍ୟବସାୟ କରିଥିଲେ। ତାଙ୍କର ବାର୍ଷିକ ଆୟ ଏବେ ୫ ଲକ୍ଷ ଟଙ୍କା ବୋଲି ସେ ପ୍ରକାଶ କରିଥିଲେ।

# ନିଶ୍ଚେତକର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଆଜି ବିଶ୍ୱ ନିଶ୍ଚେତକ ଦିବସ**

ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ 'ବିଶ୍ୱ ନିଶ୍ଚେତକ ଦିବସ' (ୱାର୍ଲ୍ଡ ଆନାସ୍ଥେସିଆ ଡେ) ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି-'ସ୍ୱାସ୍ଥ୍ୟଜନିତ ଜରୁରୀକାଳୀନ ପରିସ୍ଥିତିରେ ଆନାସ୍ଥେସିଓଲୋଜି'। ଏହା ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଏବଂ ସଂଘର୍ଷ ଭଳି ସଙ୍କଟର ପ୍ରତିକ୍ରିୟାରେ ଆନାସ୍ଥେସିଓଲୋଜିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚିତ କରେ। ତେବେ ବିଶେଷଭାବରେ ଅପରେଶନ ସମୟରେ ନିଶ୍ଚେତକ ବ୍ୟବହାର କରାଯାଇଥାଏ। ଏହି ଦୃଷ୍ଟିରୁ ଚିକିତ୍ସା ବିଜ୍ଞାନରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଛୋଟ ହେଉ କି ବଡ଼ ଅପରେଶନ ବେଳେ ସମ୍ପୃକ୍ତ ରୋଗୀକୁ ଆନାସ୍ଥେସିଆ ଦିଆଯାଏ। ଏହାର ପରିମାଣ କେତେ ରହିବ ତାହା ଆନାସ୍ଥେସିଆ ଡାକ୍ତର ନିର୍ଦ୍ଧାରଣ କରିଥାଆନ୍ତି। ଏହି ଇଞ୍ଜେକ୍ସନ ଦେବା ପରେ ରୋଗୀର ଅପରେଶନ ଅଙ୍ଗ ବଧିରା ହୋଇଯାଏ ଏବଂ ସେ



ଅପରେଶନ କଷ୍ଟ ଜାଣିପାରେନି। ଏ ନେଇ କେତେଜଣଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ। ହେଲେ ଅପରେଶନ ସମୟରେ ଏଭଳି ଭାବନା ଦୂର କରିବାକୁ ନିଶ୍ଚେତକ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ୧୮୪୬ ମସିହା ଅକ୍ଟୋବର୧୬ ରେ ଡାଇଥାଇଲ ଇଥର ନିଶ୍ଚେତକର ପ୍ରୟୋଗ କରାଯାଇଥିଲା। ଏହାକୁ ସ୍ମରଣ କରିବା ଲାଗି ଉକ୍ତ ଦିବସକୁ 'ବିଶ୍ୱ ନିଶ୍ଚେତକ ଦିବସ' ଭାବରେ ପାଳନ କରାଯାଏ।

## ଖେଳ ଖବର

# ନୂଆ କ୍ରୀଡ଼ା ଆଇନ ଲାଗି ଡ୍ରାଫ୍ଟ ନିୟମ ଉନ୍ମୋଚିତ

ନୂଆଦିଲ୍ଲୀ, ୧୫।୧୦(ପି.ଟି.)

କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଏବଂ ଫେଡେରେଶନକୁ ସ୍ୱୀକୃତି ପ୍ରଦାନ ଓ ପ୍ରତ୍ୟାହାର ଲାଗି ପ୍ରସ୍ତାବିତ ୩ ଜଣିଆ ନ୍ୟାଶନାଲ ସ୍ପୋର୍ଟ୍ସ ବୋର୍ଡ(ଏନ୍‌ଏସ୍‌ବି) ଗଠନ କରିବା ଲାଗି ଏକ ଯୋଜନାବଦ୍ଧ ଢାଞ୍ଚା ଉନ୍ମୋଚିତ କରାଯାଇଛି। ନୂଆ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନର ଅଂଶ ଥିବା ଏନ୍‌ଏସ୍‌ବି, ନ୍ୟାଶନାଲ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ(ଏନ୍‌ଏସ୍‌ଟି) ଓ ନ୍ୟାଶନାଲ ସ୍ପୋର୍ଟ୍ସ ଇଲେକ୍ସନ ପ୍ୟାନେଲ (ଏନ୍‌ଏସ୍‌ଇପି) ଲାଗି ପ୍ରସ୍ତୁତ ନିୟମ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯାଇଛି। ଏଥିସହିତ ଜନସାଧାରଣଙ୍କ ମତାମତ ଲୋଡ଼ାଯାଇଛି।

ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ କିଛି ନିୟମ ପ୍ରସ୍ତୁତ କରାଯାଇଛି। ଏହି ଆଇନର ଲକ୍ଷ୍ୟ ହେଉଛି କ୍ରୀଡ଼ାକ୍ଷେତ୍ରରେ ନୈତିକତା, ସମସ୍ତ ସ୍ତରୀୟ ଖେଳରେ ସ୍ୱଚ୍ଛତା, କ୍ରୀଡ଼ାବିତ୍‌ଙ୍କ ହିତର ସୁରକ୍ଷା କରିବା ସହ ଦେଶରେ କ୍ରୀଡ଼ା ପାଇଁ ସଶକ୍ତ ପରିବେଶ ସୃଷ୍ଟି କରିବା। ଏହି ଆଇନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଲା ଏନ୍‌ଏସ୍‌ବି। ସରକାରୀ ପାଣ୍ଠି ପାଇଁ ଯୋଗ୍ୟହେବାକୁ ହେଲେ ଜାତୀୟ କ୍ରୀଡ଼ା ଫେଡେରେଶନ(ଏନ୍‌ଏସ୍‌ଏଫ୍)କୁ ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବାକୁ ପଡ଼ିବ। ଏନ୍‌ଏସ୍‌ବିରେ ଚେୟାରମ୍ୟାନ୍‌ଙ୍କ ସହ ଦୁଇଜଣ ସଦସ୍ୟ ରହିବେ, ଯେଉଁମାନଙ୍କର କ୍ରୀଡ଼ା ପ୍ରଶାସନ, କ୍ରୀଡ଼ା ଆଇନ ଓ ଏହା ସମ୍ପର୍କିତ କ୍ଷେତ୍ରରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିବା ଦରକାର। କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ସର୍ଚ୍ଚ-କମ୍-ସିଲେକ୍ସନ କମିଟି ଦ୍ୱାରା ସେମାନଙ୍କୁ ନିଯୁକ୍ତ କରାଯିବ। ଏହି କମିଟିରେ କ୍ରୀଡ଼ା ସଚିବଙ୍କ ସହ କ୍ରୀଡ଼ା ପ୍ରଶାସନ କ୍ଷେତ୍ରରେ ଅଭିଜ୍ଞତା ଥିବା ଜଣେ ବ୍ୟକ୍ତି ଓ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରାପ୍ତ ଦୁଇ ପୂର୍ବତନ କ୍ରୀଡ଼ାବିତ୍ ରହିବେ। ଉଭୟ ପୂର୍ବତନ କ୍ରୀଡ଼ାବିତ୍‌ଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ କରାଯିବ। ଏନ୍‌ଏସ୍‌ବିର ସମସ୍ତ ସଦସ୍ୟଙ୍କ ଲାଗି ୬୫ ବର୍ଷର ବୟସସୀମା ରଖାଯାଇଛି। ଚେୟାରମ୍ୟାନ୍ ଓ ପ୍ରତ୍ୟେକ ସଦସ୍ୟଙ୍କ ଲାଗି ୩ ବର୍ଷିଆ କାର୍ଯ୍ୟକାଳ ରହିବ। ସମସ୍ତ ସଦସ୍ୟ ଦ୍ୱିତୀୟ କାର୍ଯ୍ୟକାଳ ଲାଗି ନିଯୁକ୍ତ ହୋଇପାରିବେ। କିନ୍ତୁ ତାହା ବୟସସୀମା ଉପରେ ନିର୍ଭର କରେ। କମିଟିର କୌଣସି ସଦସ୍ୟ ତାଙ୍କ କାର୍ଯ୍ୟକାଳ ଶେଷହେବା ପୂର୍ବରୁ କୌଣସି ଅନ୍ତର୍ଜାତୀୟ କିମ୍ବା ଜାତୀୟ କ୍ରୀଡ଼ା ସଂସ୍ଥା ସହ ଯୋଡ଼ି ହୋଇ ପାରିବେ ନାହିଁ।

ନ୍ୟାଶନାଲ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ ସଦସ୍ୟଙ୍କ କାର୍ଯ୍ୟକାଳ ୪ ବର୍ଷ ଓ ବୟସସୀମା ୬୭ ଧାର୍ଯ୍ୟ କରାଯାଇଛି। କ୍ରୀଡ଼ା ସମ୍ପର୍କିତ ଆଇନଗତ ବିବାଦର ସମାଧାନ କରିବା ଏହି କମିଟିର ଲକ୍ଷ୍ୟ।

**ପୂର୍ବତନ ଆଥ୍‌ଲେଟଙ୍କ ଲାଗି ମାନଦଣ୍ଡ**

କ୍ରୀଡ଼ା ପ୍ରଶାସନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚାହୁଁଥିବା ପୂର୍ବତନ ଆଥ୍‌ଲେଟ୍‌ଙ୍କ ଲାଗି ୧୦ ଥାକିଆ ମାନଦଣ୍ଡ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନର କାର୍ଯ୍ୟକାରୀ ପରିଷଦରେ ଅତିକମ୍‌ରେ ୪ କିମ୍ବା ଏହାଠାରୁ ଅଧିକ କ୍ରୀଡ଼ାବିତ୍‌ଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଛି। କ୍ରୀଡ଼ା ପ୍ରଶାସନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ଆଥଲେଟ୍ ଅତିକମ୍‌ରେ ଏକ ବର୍ଷ ପୂର୍ବରୁ କ୍ରୀଡ଼ାରୁ ଅବସର ଘୋଷଣା କରିଥିବା ଦରକାର। କେବଳ ଅଲିମ୍ପିକ୍ କିମ୍ବା ୱିଣ୍ଟର ଅଲିମ୍ପିକ୍ ପଦକଧାରୀ କ୍ରୀଡ଼ାବିତ୍ ନ୍ୟାଶନାଲ ଅଲିମ୍ପିକ କମିଟିରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହେବେ। କିଛି ଫେଡେରେଶନ ଲାଗି ମାନଦଣ୍ଡରେ କୋହଳ କରାଯାଇଛି। ପ୍ରଥମ ସ୍ତରର ଆଥ୍‌ଲେଟ୍‌ସରେ ଅଲିମ୍ପିକ୍ସ କିମ୍ବା ୱିଣ୍ଟର ଅଲିମ୍ପିକ୍ ପଦକଧାରୀଙ୍କୁ ରଖାଯିବ। ସେହିଭଳି ଦ୍ୱିତୀୟ ସ୍ତରରେ ଦୁଇ କିମ୍ବା ଅଧିକ ଅଲିମ୍ପିକ୍ସ କିମ୍ବା ୱିଣ୍ଟର ଅଲିମ୍ପିକ୍‌ରେ ଦେଶକୁ ପ୍ରତିନିଧିତ୍ୱ କରିଥିବା ଆଥଲେଟ୍ ରହିବେ। ଏଭଳି ଖେଳାଳିଙ୍କ ଉପଲବ୍ଧି ଆଧାରରେ ୧୦ଟି ସ୍ତର କରାଯାଇଛି।

**ଇଲେକ୍‌ଶନ ପ୍ୟାନେଲ**

ସମସ୍ତ ଜାତୀୟ କ୍ରୀଡ଼ା ଫେଡେରେଶନର ନିର୍ବାଚନ ତଦାରଖ କରିବାକୁ ଥିବା ନ୍ୟାଶନାଲ ସ୍ପୋର୍ଟ୍ସ ଇଲେକ୍ସନ ପ୍ୟାନେଲରେ ସର୍ବଦା ଅତିକମ୍‌ରେ ୨୦ ସଦସ୍ୟ ରହିବେ।

# ଗୋଆକୁ ହରାଇଲା ଓଡ଼ିଶା

**ଭିନୁ ମଙ୍କଡ ଟ୍ରଫି**

ଭୁବନେଶ୍ୱର, ୧୫।୧୦ (ତପନ ସ୍ୱାଇଁ)

ଲାହଲିର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି ମ୍ୟାଚରେ ଓଡ଼ିଶା ୩୫ ରନରେ ଗୋଆକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୩୩.୩ ଓଭରରେ ୯୬ ରନରେ ସମସ୍ତ ଉଇକେଟ ହରାଇଥିଲା। ରୁଦ୍ର



ପୀୟୂଷ ରଞ୍ଜନ ମନ୍ତ୍ରୀ

ପ୍ରସାଦ ମଲିକ ସର୍ବାଧିକ ୩୫ ରନ କରିଥିବାବେଳେ ବିପକ୍ଷ ଦଳର ଶିଭେନ ବୋର୍କାର ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଗୋଆ ୩୪.୨ ଓଭରରେ ୬୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶାର ପୀୟୂଷ ରଞ୍ଜନ ମନ୍ତ୍ରୀ ୬.୨ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୯ ରନ ବିନିମୟରେ ୬ ଉଇକେଟ ନେଇ ଗୋଆର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପ୍ରୀୟାଂଶୁ ମହାନ୍ତି ୨ଟି ଉଇକେଟ ପାଇଥିଲେ।

# ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ମାଷ୍ଟର୍ସ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୧୦(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ମାଷ୍ଟର୍ସ ଟୁର୍ (ଏମ୍‌ଟି୧୦୦) ବୁଧବାର ଶେଷ ହୋଇଛି। ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ (ଆଇଟିଏଫ୍) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ, ସ୍ଲୋଭାକିଆ ଓ ଜର୍ମାନୀ ଆଦି ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୩୦ରୁ ଆରମ୍ଭକରି ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରତିଯୋଗିତା ହୋଇଥିଲା। ପୁରୁଷ ସିଙ୍ଗଲ୍ସ ୩୦+ରେ ଅଂଶୁ ଭୂୟାଁ, ୩୫+ରେ ବିଶ୍ୱଜିତ୍ ଦାସ, ୪୦+ରେ ଶିବ ଶଙ୍କର ପରିଡ଼ା, ୪୫+ରେ ଅଜୟ କୁମାର ନିଶଙ୍କ, ୫୦+ରେ ସ୍ଲୋଭାକିଆର ପିଟର ଜାନକୁସ୍କା, ୫୫+ରେ ବିନୋଦ ସେଠ୍, ୬୦+ରେ ଅଜୟ ସାହୁ, ୬୫+ରେ ଦିଲୀପ କୁମାର ମଙ୍ଗରାଜ,





ପୁରସ୍କାରପ୍ରାପ୍ତ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

୭୦+ରେ ରମଣ ଭେଲାମାର୍ଟି ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସର ୪୫+ରେ ସ୍ଲୋଭାକିଆର ସିଲିଭିଆ ଜାନକୁସ୍କୋଭା ଟାଇଟଲ ହାସଲ କରିଛନ୍ତି।

ପୁରୁଷ ଡବଲ୍ସର ୩୦+ ବର୍ଗରେ ଅଂଶୁ ଭୂୟାଁ-ଚିନ୍ମୟ ପ୍ରଧାନ, ୩୫+ରେ ଗୋବିନ୍ଦ ବିଶ୍ୱାସ-ବିଶ୍ୱଜିତ୍ ଦାସ, ୪୦+ରେ ମନୋଜ ଦାସ-ଅର୍ଜୁନ କୁମାର ସାହୁ, ୪୫+ରେ ଅଜୟ କୁମାର ନିଶଙ୍କ-ଧିରଜ କୁମାର ପଣ୍ଡା, ୫୦+ରେ ଦୟାଲ ଗଙ୍ଗୱାର-ଆଶିଷ ପର୍‌ମାର, ୫୫+ରେ ସ୍ନେହାଶିଷ ବେହେରା-ବିନୋଦ ସେଠ୍, ୬୦+ରେ ଅଜୟ କୁମାର ମହାପାତ୍ର-ଅଜୟ ସାହୁ, ୬୫+ରେ ଦିଲୀପ କୁମାର ମଙ୍ଗରାଜ-ଚୁନିଲାଲ୍ ପଟେଲ, ୭୦+ରେ ପ୍ରଭାତ କୁମାର ବକ୍ସି-ବ୍ରହ୍ମାନନ୍ଦ ମିଶ୍ରଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ସ୍ଲୋଭାକିଆର ପିଟର ଜାନକୁସ୍କା-ସିଲିଭିଆ ଜାନକୁସ୍କୋଭା ଚାମ୍ପିୟନ ହୋଇଛନ୍ତି। ଓଟିଏ ଉପସଭାପତି ସତ୍ୟଜିତ୍ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ୍ ପଟ୍ଟନାୟକ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରବୀଣ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ସେମିରେ କିସ୍

ଭୁବନେଶ୍ୱର,୧୫।୧୦(ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ୍ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ କିସ୍ ସ୍କୁଲ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଏହି ଦଳ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମହେଶ୍ୱର ମୁର୍ମୁ ୨ଟି ଏବଂ ସମୀର ଗୋଟିଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ମହେଶ୍ୱର ମୁର୍ମୁଙ୍କୁ ଅତିଥି ଭାସ୍କର ରାଇତୋ ପୁରସ୍କୃତ କରିଥିଲେ। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ଅଶୋକ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଗୁରୁବାର ଗଣ୍ଡରପୁରର ଅରବିନ୍ଦ ହାଇସ୍କୁଲ ଏବଂ ଓଡିଏମ୍ ସ୍କୁଲ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ନେପାଳ, ଓମାନ୍‌କୁ ଯୋଗ୍ୟତା

**୨୦୨୬ ଟି୨୦ ବିଶ୍ୱକପ୍**

ଦୁବାଇ, ୧୫।୧୦(ପି.ଟି.)

ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଥିବା ଆଇସିସି ପୁରୁଷ ଟି୨୦ କ୍ରିକେଟ ବିଶ୍ୱକପ୍ ଲାଗି ଓମାନ୍ ଓ ନେପାଳ ଯୋଗ୍ୟତା ହାସଲ କରିଛନ୍ତି। ଏସିଆ/ଇଷ୍ଟ ଏସିଆ-ପାସିଫିକ୍ କ୍ୱାଲିଫାୟରରେ ଦୁଇ ଦଳ ଟପ୍-୩ରେ ସ୍ଥାନ ପକ୍କାକରି ଏହି ସଫଳତା ପାଇଛନ୍ତି। ସମୋଆକୁ ୭୭ ରନ୍‌ରେ ୟୁଏଇ ହରାଇବା ପରେ ଟପ୍-୩ରେ ଓମାନ୍ ଓ ନେପାଳ ସ୍ଥାନ ପକ୍କା ହୋଇଯାଇଥିଲା। ଏହି ଟୁର୍ନାମେଣ୍ଟରୁ ୩ ଦଳ ଯୋଗ୍ୟତା ହାସଲ କରିବାକୁ ଥିବାବେଳେ ୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିବା ୟୁଏଇ ଯୋଗ୍ୟତା ହାସଲ କରିବା ଦୌଡ଼ରେ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହିଥିବାରୁ ଓମାନ୍ ଓ ନେପାଳ ୨ ପଏଣ୍ଟ ସହ ସୁପର-୬ରେ ପ୍ରବେଶ କରିଥିଲେ। ଓମାନ୍ ତା'ର ଦୁଇ ମ୍ୟାଚ୍‌ରେ କାତାର ଓ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ପରାସ୍ତ କରିଥିବା ବେଳେ ନେପାଳ ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ କାତାରକୁ ପରାସ୍ତ କରିଥିଲା।

# ଭାରତୀୟ ମହିଳା ଦଳ ଦଣ୍ଡିତ

ବିଶାଖାପାଟଣା, ୧୫।୧୦(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଆଇସିସି ମହିଳା ବିଶ୍ୱକପ୍ ମ୍ୟାଚ୍‌ରେ ଧିମା ବୋଲିଂ ହାର ପାଇଁ ଭାରତୀୟ ଦଳର ଖେଳାଳିଙ୍କ ୫ ପ୍ରତିଶତ ମ୍ୟାଚ୍ ଫି' କାଟ୍ କରାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଭାରତ ଗୋଟିଏ ଓଭର କମ୍ ବୋଲିଂ କରିଥିବା ନେଇ ଅନ୍‌ଫିଲ୍ଡ ଅମ୍ପାୟର ସୁ ରେଡ୍‌ଫର୍ନ ଓ ନିମାଲି ପେରେରା ମ୍ୟାଚ୍ ରେଫରି ମିଚେଲ ପେରିଇରାଙ୍କୁ ଜଣାଇଥିଲେ। ଅଧିନାୟିକା ହରମନ୍‌ପ୍ରୀତ କୌର ଦୋଷ ଓ ଦଣ୍ଡାଦେଶ ସ୍ୱୀକାର କରି ନେଇଥିବାରୁ ଏହି ଘଟଣାର ଶୁଣାଣି ହେବାର କୌଣସି ଆବଶ୍ୟକତା ନାହିଁ।

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ

**ସୁଲ୍‌ତାନ ଅଫ୍ ଜୋହର କପ୍**

ଜୋହର, ୧୫।୧୦(ପି.ଟି.)

ଚଳିତ ସୁଲ୍‌ତାନ ଅଫ୍ ଜୋହର କପ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪-୨ ଗୋଲରେ ଭାରତକୁ ପରାସ୍ତ କରିଦେଇଛି। ଚଳିତ ଟୁର୍ନାମେଣ୍ଟରେ ଏହା ଭାରତୀୟ ଦଳର ପ୍ରଥମ ପରାଜୟ। ଭାରତ ପାଇଁ ଅଧିନାୟକ ରୋହିତ୍(୨୨ତମ ମିନିଟ୍) ଓ ଅର୍ଶଦୀପ ସିଂ (୬୦ତମ ମିନିଟ୍) ଗୋଲ କରିଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ ଓସ୍କାର ସ୍ୱାଉଲ(୩୯ ଓ ୪୨ତମ) ଦୁଇଟି ଏବଂ ଆଣ୍ଡ୍ରୁ ପାଟ୍ରିକ୍(୪୦ତମ) ଓ ଅଧିନାୟକ ଡାଇଲନ ଡାଉନି (୫୧ତମ ମିନିଟ୍) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦ ମାସରେ ୫୦%ରୁ ଅଧିକ ରିଟର୍ନ ଦେଇଛି ସୁନା

**ଭୁବନେଶ୍ୱର,୧୫।୧୦**

ଆମେରିକା ଓ ଚାଇନା ମଧ୍ୟରେ ବଢୁଥିବା ତିକ୍ତତା ଏବଂ ଆମେରିକୀୟ ଫେଡେରାଲ ରିଜର୍ଭ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ସମ୍ଭାବନା ମଧ୍ୟରେ ସୁନା ଓ ରୁପାର ଦର ରେକର୍ଡ ଉଚ୍ଚତାରେ ପହଞ୍ଚିଛି। ସୁନା ଏବେ ପ୍ରତିଆଉନ୍ସ ୪,୧୮୫ ଡଲାରରେ ଏବଂ ରୁପା ୫୩.୫୪ ଡଲାରରେ ନିଜର ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଚଳିତ ବର୍ଷର ପ୍ରଥମ ୧୦ ମାସରେ ସୁନା ୫୦%ରୁ ଅଧିକ ରିଟର୍ନ ଦେଇଛି। ରିପୋର୍ଟ ଅନୁଯାୟୀ, ଏହି ବର୍ଷ ସୁନା ୩୦ରୁ ଅଧିକ ଥର ନିଜର ସର୍ବୋଚ୍ଚ ସ୍ତର ଛୁଇଁଛି। ଯଦିଓ ଗତ ୧୫ ବର୍ଷ ଧରି ସୁନାର ଚାହିଦା ସ୍ଥିର ରହିଛି ଏବଂ ଯୋଗାଣରେ ମଧ୍ୟ କୌଣସି ବଡ଼ ଅଭାବ ହୋଇନାହିଁ, ତଥାପି ଏହାର ଦର ଅଭୂତପୂର୍ବ ଭାବେ ବଢୁଛି। ବିଶେଷଜ୍ଞଙ୍କ ମତରେ ନିରାପଦ ନିବେଶ ଭାବେ ସୁନାର ଚାହିଦା ବୃଦ୍ଧି ହେବା ସୁନା ଦର ବୃଦ୍ଧିର ପ୍ରମୁଖ କାରଣ ଗତ ୩ବର୍ଷରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରଚୁର ପରିମାଣରେ ସୁନା କିଣୁଛନ୍ତି।



ଆମେରିକାରେ ଟ୍ରମ୍ପଙ୍କ ଟାରିଫ ନୀତି ଓ ଭୂରାଜନୈତିକ ସଙ୍କଟ ସୁନା ଦର ବୃଦ୍ଧିର ଆଉ ଏକ କାରଣ। ସେହିପରି ଆମେରିକୀୟ ଡଲାରର ମୂଲ୍ୟ ୧୧% ହ୍ରାସ, ଯାହା ୧୯୭୩ ପରେ ସର୍ବାଧିକ ଏହା ମଧ୍ୟ ଏକ କାରଣ ବୋଲି ବିଶେଷଜ୍ଞଙ୍କର ରହିଛି। ଭାରତରେ ସୁନାର ଦର ଦ୍ରୁତଗତିରେ ବଢୁଛି। ୨୦୧୦ ଦଶକରେ ୧୦ ଗ୍ରାମ ସୁନାର ମୂଲ୍ୟ ୪୦,୦୦୦-୫୦,୦୦୦ ଟଙ୍କା ଥିବା ବେଳେ ଏବେ ଏହା ୧,୩୦,୦୦୦ ଟଙ୍କା ଅତିକ୍ରମ କରିଛି। ଚଳିତ ବର୍ଷ ମାତ୍ର ୧୦ ମାସରେ ସୁନାର ଦର ୭୭,୦୦୦ ଟଙ୍କାରୁ ୧,୩୦,୦୦୦ ଟଙ୍କାକୁ ବୃଦ୍ଧି ପାଇଛି, ଅର୍ଥାତ୍ ୫୧% ବୃଦ୍ଧି। ବିଶ୍ୱ ସୁନା ପରିଷଦ (ୱାର୍ଲ୍ଡ ଗୋଲ୍ଡ କାଉନସିଲ) ରିପୋର୍ଟ ଅନୁଯାୟୀ, ୨୦୨୨, ୨୦୨୩ ଓ ୨୦୨୪ରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରତିବର୍ଷ ୧,୦୦୦ ଟନ୍‌ରୁ ଅଧିକ ସୁନା କିଣିଛନ୍ତି। ୨୦୨୫ ମେ ସୁଦ୍ଧା ଏମାନଙ୍କ ପାଖରେ ୩୬,୩୪୪ ଟନ ସୁନା ରହିଛି। ଏହି ଖରିଦ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱରେ ସୁନାର ମୋଟ ଭଣ୍ଡାରର ୪ଭାଗରୁ ଗୋଟିଏ ଅଂଶ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ କିଣୁଛନ୍ତି, ଯାହା ଗହଣା ଓ ନିବେଶ ପାଇଁ ଯୋଗାଣରେ ଅଭାବ ସୃଷ୍ଟି କରୁଛି। ଏହା ସହ ଭାରତ ଓ ଚାଇନା ଭଳି ଦେଶ ଗତ ୧୫ ବର୍ଷ ଧରି ସୁନାର ବଡ଼ ଗ୍ରାହକ ହୋଇ ରହିଛନ୍ତି। ଆମେରିକୀୟ ଡଲାରର ମୂଲ୍ୟ ହ୍ରାସ ଓ ଅନ୍ୟାନ୍ୟ କାରଣ ହେତୁ ସୁନାର ଦର ନିକଟ ଭବିଷ୍ୟତରେ କମିବାର ସମ୍ଭାବନା କମ୍ ଦେଖାଯାଉଛି। ନ୍ୟୁୟର୍କ ଇଣ୍ଟରକଣ୍ଟିନେଣ୍ଟାଲ ଏକ୍ସଚେଞ୍ଜ (ଆଇସିଇ) ଅନୁଯାୟୀ ଡଲାର ଇଣ୍ଡେକ୍ସ ବର୍ତ୍ତମାନ ୯୮.୫୭ରେ ରହିଛି।

# ଦକ୍ଷିଣ ପୂର୍ବ ରେଳପଥର ଜୋନାଲ ରେଳପଥ ଉପଭୋକ୍ତା ପରାମର୍ଶ କମିଟି ବୈଠକ

**ଭୁବନେଶ୍ୱର,୧୫।୧୦**



ଦକ୍ଷିଣ ପୂର୍ବ ରେଳପଥର ୧୦୫ତମ ଜୋନାଲ ରେଳପଥ ଉପଭୋକ୍ତା ପରାମର୍ଶ କମିଟି (ଜେଡଆରୟୁସିସି) ବୈଠକ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜ୍ୟୋତିର୍ମୟ ସିଂ ମହାତୋ, ବିଦ୍ୟୁତ ବରଣ ମହାତୋ, ଖିରୁ ମହାତୋ, କାଳୀପଦ ସାରେନ ଖେରୱାଲ, ବିଧାୟକ ଶ୍ୟାମଳ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୨୫ ଜଣ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ମହାପ୍ରବନ୍ଧକ ମିଶ୍ର ସଦସ୍ୟମାନଙ୍କୁ ଦକ୍ଷିଣ ପୂର୍ବ ରେଳପଥର ସାମ୍ପ୍ରତିକ ଉନ୍ନତି ଓ ବିକାଶମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ସେ ଯାତ୍ରୀ ସୁବିଧା, ନିର୍ମାଣ କାର୍ଯ୍ୟର ଅଗ୍ରଗତି, ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି, ମାଲବାହୀ ଲୋଡିଂରେ ବୃଦ୍ଧି ଏବଂ ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ ଆଦି ବିଷୟରେ ଆଲୋଚନା କରିଥିଲେ। ସଦସ୍ୟମାନେ ରେଳପଥର ବିକାଶମୂଳକ କାର୍ଯ୍ୟକୁ ପ୍ରଶଂସା କରିବା ସହ ଟ୍ରେନ ସେବା, ଯାତ୍ରୀ ସୁବିଧା ଓ ସଂଯୋଗୀକରଣରେ ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସେମାନେ ଟ୍ରେନର ସମୟାନୁବର୍ତ୍ତିତା, ରୁଟ ବିସ୍ତାର, ଅତିରିକ୍ତ ଷ୍ଟପେଜ, ଟ୍ରେନର ଫ୍ରିକ୍ୱେନ୍ସି ବୃଦ୍ଧି, ନୂଆ ହଲ୍ଟ ଷ୍ଟେଶନ ନିର୍ମାଣ ଆଦି ଦାବି କରିଥିଲେ। ଏହା ସହ ଷ୍ଟେଶନରେ ଲିଫ୍ଟ, ଏସ୍କେଲେଟର, ଶୌଚାଳୟ, ପ୍ଲାଟଫର୍ମ ଛାତ ଓ ରାମ୍ପ ଭଳି ଯାତ୍ରୀ ସୁବିଧାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ମହାପ୍ରବନ୍ଧକ ମିଶ୍ର କହିଥିଲେ ଯେ, ସଦସ୍ୟମାନଙ୍କର ପରାମର୍ଶ ଓ ଦାବିକୁ ଗୁରୁତ୍ୱ ଦିଆଯିବ। ସେ ରେଳ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରୀ ପାଇଁ ସଦସ୍ୟମାନଙ୍କର ସହଯୋଗ ଆବଶ୍ୟକ ବୋଲି ମଧ୍ୟ କହିଥିଲେ। ବୈଠକରେ ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଏବଂ ଦକ୍ଷିଣ ପୂର୍ବ ରେଳପଥର ଅନ୍ୟାନ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟାଟା ମୋଟର୍ସ ଲଞ୍ଚ କଲା ଏଲ୍‌ପିଓ ୧୮୨୨ ବସ୍ ଚେସିସ୍

**ଭୁବନେଶ୍ୱର,୧୫।୧୦**



ଭାରତର ଅଗ୍ରଣୀ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ଏହାର ନୂତନ ଏଲ୍‌ପିଓ ୧୮୨୨ ବସ୍ ଚେସିସ୍ ଲଞ୍ଚ କରି ଆନ୍ତଃନଗର ଗମନାଗମନରେ ନୂଆ ମାନଦଣ୍ଡ ସ୍ଥାପନ କରିଛି। ଏହି ଚେସିସ୍ ଆରାମ, ଦକ୍ଷତା ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଡିଜାଇନ କରାଯାଇଛି। ଏହା ଯାତ୍ରୀ, ଚାଳକ ଓ ପରିଚାଳକଙ୍କ ଆବଶ୍ୟକତା ପୂରଣ କରିବ। ଏଲ୍‌ପିଓ ୧୮୨୨ରେ ୫.୬ ଲିଟର କାମିନ୍ସ ଡିଜେଲ ଇଞ୍ଜିନ ରହିଛି, ଯାହା ୨୨୦ ଏଚ୍‌ପି ଶକ୍ତି ଓ ୯୨୫ ଏନ୍‌ଏମ୍ ଟର୍କ ଯୋଗାଇବ। ଏହା କମ୍ ଶବ୍ଦ, କମ୍ପନ ଓ ଉନ୍ନତ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ୩୬ରୁ ୫୦ ଯାତ୍ରୀଙ୍କ ପାଇଁ ଉପଯୁକ୍ତ ଏହି ଚେସିସ୍ ସମ୍ପୂର୍ଣ୍ଣ ବାୟୁ ନିଷ୍କାସନ ସହ ଆସିଛି, ଯାହା ଦୀର୍ଘ ଯାତ୍ରାରେ ଅଧିକ ଆରାମ ଦେବ। ଟାଟା ମୋଟର୍ସର ଉପସଭାପତି ଆନନ୍ଦ ଏସ୍ କହିଛନ୍ତି, ଏଲ୍‌ପିଓ ୧୮୨୨ ଆନ୍ତଃନଗର ଗମନାଗମନରେ ଏକ ନୂଆ ମାନକ ସୃଷ୍ଟି କରିବ। ଏହା ଯାତ୍ରୀଙ୍କ ପାଇଁ ଆରାମ, ଚାଳକଙ୍କ ପାଇଁ ସୁରକ୍ଷା ଓ ପରିଚାଳକଙ୍କ ପାଇଁ ସୁବିଧା ନେଇ ଆସିଛି। ଏହା ଫ୍ଲିଟ୍ ଏଜ୍ ଟେକ୍ନୋଲୋଜି ସହ ସଜ୍ଜିତ, ଯାହା ପରିଚାଳନାକୁ ସ୍ମାର୍ଟ ଓ ଲାଭଜନକ କରିବ। ଏହି ଚେସିସ୍ ଡିଜେଲ, ସିଏନ୍‌ଜି, ଏଲ୍‌ଏନ୍‌ଜି ଓ ବୈଦ୍ୟୁତିକ ପାୱାର ଟ୍ରେନ୍ ବିକଳ୍ପରେ ଉପଲବ୍ଧ। ଟାଟା ମୋଟର୍ସର ୪୫୦୦ରୁ ଅଧିକ ବିକ୍ରୟ ଓ ସେବା କେନ୍ଦ୍ର ସହିତ ସେବା ୨.୦ କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ସେବା, ଅସଲି ଯନ୍ତ୍ରାଂଶ ଓ ୨୪x୭ ବ୍ରେକ୍‌ଡାଉନ ସହାୟତା ଯୋଗାଇବ। ଏହା ଭାରତର ଯାତ୍ରୀ ପରିବହନ ଭିତ୍ତିଭୂମିରେ ଟାଟା ମୋଟର୍ସର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ।

# ସିମେଣ୍ଟ ବିକ୍ରି ପରିମାଣ ୪.୩ ଏମ୍‌ଏମ୍‌ଟି ରହିଛି

**ଯାଜପୁର,୧୫।୧୦(ହର୍ଷବର୍ଦ୍ଧନ ବେହେରା)**

## ନୁଭୋକୋ ଭିସ୍ତାସ୍‌ର ୨ୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି। ନିକଟରେ ଅଧିଗ୍ରହଣ କରାଯାଇଥିବା ବଦରାଜ ସିମେଣ୍ଟ ପ୍ଲାଣ୍ଟର ଉତ୍ପାଦନ କାରଖାନା ପୁନର୍ନିର୍ମାଣ ପ୍ରକ୍ରିୟାରେ ରହିଥିବାବେଳେ ଏହାର ପରିଚାଳନା ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ ସୋନାଡ଼ିହ ସିମେଣ୍ଟ ପ୍ଲାଣ୍ଟ ଏବଂ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟରେ ରେଲୱେ ସାଇଡିଂ ଭଳି ସମସ୍ତ ଆଭ୍ୟନ୍ତରୀଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପରେ କମ୍ପାନୀ ୨୦୨୫ ଡିସେମ୍ବରରୁ ୨୦୨୭ ମାର୍ଚ୍ଚ ମଧ୍ୟରେ ପୂର୍ବ ଭାରତରେ ପର୍ଯ୍ୟାୟକ୍ରମେ ଏହାର କ୍ଷମତାକୁ ୪ ମିଲିୟନ ମେଟ୍ରିକ୍ ଟନ୍ ପର ଆନମ(ଏମ୍‌ଏମ୍‌ଟିପିଏ)କୁ ବିସ୍ତାର କରିବା ଉପରେ କାର୍ଯ୍ୟ ଆରମ୍ଭ କରିଛି। ଏହି ଉନ୍ନତୀକରଣ ସହ ନୁଭୋକୋର ସିମେଣ୍ଟ କ୍ଷମତା ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ୩୫ ଏମ୍‌ଏମ୍‌ଟିପିଏକୁ ବୃଦ୍ଧି ପାଇବା ପାଇଁ ପ୍ରସ୍ତୁତ ରହିଛି। କମ୍ପାନୀ ଏହି ତ୍ରୈମାସିକ ସମୟରେ ଉନ୍ନତ ବାର୍ଷିକ ପ୍ରଦର୍ଶନ ବଜାୟ ରଖିଛି। କମ୍ପାନୀ ଏହି ୨ୟ ତ୍ରୈମାସିକରେ ୪.୩ ମିଲିୟନ ମେଟ୍ରିକ୍ ଟନ୍(ଏମ୍‌ଏମ୍‌ଟି)ର ମୋଟ ସିମେଣ୍ଟ ବିକ୍ରି ପରିମାଣ ହାସଲ କରିଛି। ଏହାବ୍ୟତୀତ ୨୦୨୫-୨୬ର ୨ୟ ତ୍ରୈମାସିକରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ବାର୍ଷିକ ଭିତ୍ତିରେ ୮% ବୃଦ୍ଧି ହୋଇ ୨୪୫୮ କୋଟି ଟଙ୍କା ରହିଛି। କମ୍ପାନୀ ଏହି ୨ୟ ତ୍ରୈମାସିକରେ ୩୭୧ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କମ୍ପାନୀ ଏହାର ଶୁଦ୍ଧ ଋଣକୁ ବାର୍ଷିକ ଭିତ୍ତିରେ ୧୦୦୯ କୋଟି ଟଙ୍କା ହ୍ରାସକରି ୩୪୯୨ କୋଟି ଟଙ୍କାରେ ପହଞ୍ଚାଇଛି। ଏହି ଅବଧିରେ ପ୍ରିମିୟମ ଉତ୍ପାଦଗୁଡିକର ବ୍ୟବସାୟ ପରିମାଣ ହାର ୨ୟ ତ୍ରୈମାସିକରେ ୪୪%ର ଏକ ଐତିହାସିକ ଉଚ୍ଚତାରେ ପହଞ୍ଚିଛି। ପ୍ରତି ଟନ୍ ସିମେଣ୍ଟିୟସ ମ୍ୟାଟେରିଆଲ ପିଛା ୪୫୩.୮ କିଲୋଗ୍ରାମ ସର୍ବନିମ୍ନ କାର୍ବନ ନିର୍ଗମନ ହେଉଛି। କମ୍ପାନୀର ପ୍ରଦର୍ଶନ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ମୌସୁମୀ, ଜିଏସ୍‌ଟି ହାର ହ୍ରାସ ପାଇଁ ଆଡ୍‌ଜଷ୍ଟମେଣ୍ଟ ଓ ପ୍ରାରମ୍ଭିକ ପାର୍ବଣ ଉତ୍ସବ ଭଳି ପ୍ରତିକୂଳ ସ୍ଥିତି ସତ୍ତ୍ୱେ କମ୍ପାନୀ ଉନ୍ନତ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ଜାରି ରଖିଛି। ବଦରାଜ ସିମେଣ୍ଟରେ ପୁନର୍ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟକାରିତା ଧାର୍ଯ୍ୟ ସମୟସୀମା ଅନୁଯାୟୀ ଆଗକୁ ବଢୁଛି, ଯାହା ପଶ୍ଚିମାଞ୍ଚଳରେ ଆମର ବଜାର ଉପସ୍ଥିତିକୁ ଆହୁରି ବୃଦ୍ଧି କରିବ। ଏଥିସହ ସେ କହିଛନ୍ତି, ପୂର୍ବ ଭାରତରେ ଯୋଜନାଗତ ସମ୍ପ୍ରସାରଣ ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଉତ୍ତର-ପୂର୍ବ ରାଜ୍ୟଗୁଡିକର ବଜାରରେ ଆମର ଉପସ୍ଥିତିକୁ ମଜବୁତ କରିବା ପାଇଁ ପ୍ରସ୍ତୁତ ରହିଛି।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର 'ସଗୁନ୍ କଲେକ୍ସନ'

**ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)**

ଧନ୍‌ତେରସ୍‌ରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ 'ସଗୁନ୍ କଲେକ୍ସନ' ଲଞ୍ଚ କରାଯାଇଛି। ଏଥିରେ ସୁନା, ହୀରା, ଆଣ୍ଟିକ୍ ଓ ପୋଲକୀ ଅଳଙ୍କାର ରହିଛି। ଏଭରଲାଇଟର ଟ୍ରେଣ୍ଡି ଲୋଟସ କଲେକ୍ସନ, ଗସିପ୍ ସିଲ୍‌ଭର ଓ ଫ୍ୟାଶନ ଜୁଏଲେରିର ଆଧୁନିକ ତତ୍ତ୍ୱ କଲେକ୍ସନ, ପୁରୁଷମାନଙ୍କ ପାଇଁ ଅହମ କଲେକ୍ସନ ଏବଂ ପର୍‌ଫେକ୍ଟ ଲଭ୍ କଲେକ୍ସନରେ ହାର୍ଟସ ଆଣ୍ଡ ଆରୋଜ କଟ୍ ହୀରା ଅଳଙ୍କାର ରହିଛି। ଏହି ଲଞ୍ଚକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ବଲିଉଡ୍ ତାରକା କିଆରା ଆଡଭାନୀଙ୍କ ସହ ଏକ ପ୍ରଚାର ଅଭିଯାନ ଆରମ୍ଭ କରିଛି।

SENCO GOLD & DIAMONDS

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଓ ଡିଜାଇନ ମୁଖ୍ୟ ଯଜୋଇତା ସେନ୍ କହିଛନ୍ତି, ଧନ୍‌ତେରସ୍ ହେଉଛି ଆନନ୍ଦ, ପ୍ରେମ ଓ ନୂଆ ଆରମ୍ଭର ସମୟ। ପର୍ବର ଆନନ୍ଦକୁ ଆହୁରି ବୃଦ୍ଧି କରିବା ପାଇଁ ସେନ୍‌କୋ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଉପରେ ପ୍ରତି ଗ୍ରାମରେ ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଏବଂ ହୀରା ଅଳଙ୍କାର ଉପରେ ୧୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହ ପୁରୁଣା ସୁନା ବଦଳରେ ୧୦୦% ମୂଲ୍ୟ ମଧ୍ୟ ମିଳିବ।

# ନିଯୁକ୍ତି, ବ୍ୟବସାୟ, ଭ୍ରମଣ ପାଇଁ ଇଣ୍ଟିଗ୍ରେଟେଡ୍ ପୋର୍ଟାଲ



**ଭୁବନେଶ୍ୱର,୧୫।୧୦**

ଓଡ଼ିଶା ୩୬୦.କମ୍ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ନୂଆ ଇଣ୍ଟିଗ୍ରେଟେଡ୍ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ନୂଆ ପ୍ଲାଟ୍‌ଫର୍ମରେ ଓଡ଼ିଶାର ବ୍ୟବସାୟ ଡିରେକ୍ଟୋରି, ବଜାର, ନିଯୁକ୍ତି ତାଲିକା, ଭ୍ରମଣ ବିକଳ୍ପ, କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଏବଂ ପବ୍ଲିକେଶନକୁ ଏକ ଉପଭୋକ୍ତା-ଅନୁକୂଳ ଡିଜିଟାଲ ବ୍ୟବସ୍ଥାରେ ଏକତ୍ରିତ କରାଯାଇଛି। ଏହାଦ୍ୱାରା ଉପଭୋକ୍ତାମାନେ ଏ ସମସ୍ତ ସୁବିଧାକୁ ଗୋଟିଏ ସ୍ଥାନରେ ସହଜରେ ପାଇପାରିବେ। ଏ ସମ୍ପର୍କରେ ଓଡ଼ିଶା୩୬୦ ଏବଂ ବାଟୋଇର ସିଇଓ ଡ. ଅଶ୍ୱିନୀ କୁମାର ରଥ କହିଛନ୍ତି, 'ଓଡ଼ିଶା୩୬୦ ଓଡ଼ିଶାର ଲୋକ ଓ ସଂଗଠନଗୁଡ଼ିକ ଜୀବନକୁ ସହଜ କରିବା ପାଇଁ ନିର୍ମିତ। ଚାକିରି ଖୋଜିବାଠାରୁ ଆରମ୍ଭ କରି ବ୍ୟବସାୟ ତାଲିକାଭୁକ୍ତ କରିବା କିମ୍ବା ସପ୍ତାହ ଶେଷରେ ଭ୍ରମଣ ଯୋଜନା କରିବା ପର୍ଯ୍ୟନ୍ତ ଯାଞ୍ଚ କରାଯାଇଥିବା ତାଲିକା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ପେମେଣ୍ଟ ସହିତ ସବୁକିଛି ଗୋଟିଏ ସ୍ଥାନରେ କରିହେବ। ଓଡ଼ିଶା ବଜାର ପାଇଁ ବିଶେଷ ଭାବେ ତିଆରି କରାଯାଇଥିବା ଚାକିରି ତାଲିକା ଏବଂ ରିଜ୍ୟୁମର ଏକ ସନ୍ଧାନଯୋଗ୍ୟ ଡାଟାବେସ୍ ପ୍ରଦାନକରେ, ଯାହା ନିଯୁକ୍ତିଦାତା ଓ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବ।

# ସରଳ ହେଲା ଇପିଏଫ୍‌ଓ ଟଙ୍କା ଉଠାଣ

**ଭୁବନେଶ୍ୱର,୧୫।୧୦**

କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫ୍‌ଓ) ବେତନଭୋଗୀ କର୍ମଚାରୀଙ୍କ ପାଇଁ ପ୍ରୋଭିଡେଣ୍ଟ ଫଣ୍ଡ (ପିଏଫ୍)ରୁ ଟଙ୍କା ଉଠାଣ ସହଜ କରିବା ପାଇଁ ନୂଆ ନିୟମ ଘୋଷଣା କରିଛି। ଏହି ପରିବର୍ତ୍ତନ ଦାବି ନାକଚ କମାଇବା ସହ କମ୍ ସମୟରେ କର୍ମଚାରୀଙ୍କୁ ସଞ୍ଚୟ ଟଙ୍କା ଉଠାଇବାରେ ସହାୟତା କରିବ। ପୂର୍ବରୁ ୧୩ଟି ଆଂଶିକ ଉଠାଣ ଶ୍ରେଣୀ ଥିବା ବେଳେ ଏବେ ଜରୁରୀ ଆବଶ୍ୟକତା, ଗୃହ ଆବଶ୍ୟକତା ଓ ବିଶେଷ ପରିସ୍ଥିତି ଭଳି ୩ଟି ସରଳ ଶ୍ରେଣୀରେ ବିଭକ୍ତ କରାଯାଇଛି। ନୂଆ ନିୟମ ଅନୁଯାୟୀ, ପିଏଫ୍ ଆକାଉଣ୍ଟରେ ଅତି କମ୍‌ରେ ୨୫% ସଞ୍ଚୟ ରହିବା ବାଧ୍ୟତାମୂଳକ ଏବଂ ୭୫% ପର୍ଯ୍ୟନ୍ତ ଉଠାଣ କରାଯାଇପାରିବ। ଚାକିରି ହରାଇଲେ, ଚୂଡ଼ାନ୍ତ ସେଟଲମେଣ୍ଟ ପାଇଁ ସମୟ ୨ ମାସରୁ ବଢ଼ି ୧ ବର୍ଷ ହୋଇଛି। ଅନ୍ୟପଟେ ଚାକିରି ଛାଡ଼ିଲେ ପିଏଫ୍ ଉଠାଣ ବନ୍ଦ ହେବ ବୋଲି ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି ହୋଇଛି। ସରକାରୀ ଅଧିକାରୀଙ୍କ କହିବା ଅନୁଯାୟୀ, ଚାକିରି ଛାଡ଼ିଲେ ୭୫% ଟଙ୍କା ତୁରନ୍ତ ଓ ୧ ବର୍ଷ ବେକାର ରହିଲେ ପୂରା ଟଙ୍କା ଉଠାଣ କରାଯାଇପାରିବ। ଇପିଏଫ୍‌ଓ ତଥ୍ୟ ଅନୁସାରେ ଅଧିକାଂଶ ସଦସ୍ୟଙ୍କ ଆକାଉଣ୍ଟରେ ଅବସର ସମୟରେ ୨୦,୦୦୦ ଟଙ୍କାରୁ କମ୍ ଓ ୯୦% ସଦସ୍ୟଙ୍କ ପାଖରେ ୧ ଲକ୍ଷରୁ କମ୍ ଥାଏ। ଅତ୍ୟଧିକ ଓ ଅସମୟରେ ଉଠାଣ ଯୋଗୁ ପେନ୍‌ସନ ସୁବିଧା କମିଯାଏ। ନୂଆ ନିୟମରେ ବିବାହ ଓ ଘର କିଣା ପାଇଁ ୫-୭ ବର୍ଷ ଅପେକ୍ଷା କରିବା ବଦଳରେ ୧ ବର୍ଷ ପରେ ଉଠାଣ କରାଯାଇପାରିବ। ଶିକ୍ଷା ଓ ଚିକିତ୍ସା ଖର୍ଚ୍ଚପାଇଁ ନିୟମ ମଧ୍ୟ ସହଜ ହୋଇଛି।

## Classified Everyday
0674-2580101, 9692975378

### REAL ESTATE SALE




କେଶୁରାରେ Immediate ଘରକରି ରହିବା ପାଇଁ ପାଚେରିସହିତ ଘରବାରି ପ୍ଲଟ ମିଳୁଛି। 9692213354. ଧ-୭୬୯୪୧




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

The massage felt totally professional! & comfortable at all times- 7978109255. D-76500

### AFFIDAVIT

By virtue of an affidavit sworn before Executive Magistrate, Hatadihi, Kendujhar, Dated- 21.08.2025 I, Ramamani Panda, W/o- Late Upendra Panda, Vill.- Sulana, P.O.-Sulana ,Via- Fakirpur, P.S.- Nandipada, Dist.- Kendujhar, PIN- 758022, State-Odisha, declare that I have changed my name from Rama Panda to Ramamani Panda. Henceforth, I shall be known as Ramamani Panda for all purposes.
Ramamani Panda
D-2289

By Virtue of an Affidavit before Executive Magistrate, Kantabanji on 15/10/2025 that in my all documents my name is recorded as V.V.Ramana Murty, S/o- V.Venkata Rao At/P.O./P.S.- Kantabanji Patel Colony, Dist.-Bolangir(Odisha) but in Educational Certificates of my daughter V.V.S.S.Praveena, my name is wrongly mentioned as V.V.Ramana Murthy whereas V.V.Ramana Murty & V.V.Ramana Murthy is same and one person. D-2284

By virtue of an affidavit sworn before the Notary Public, Khariar, No.- 3455, Dt.- 11.10.25, I, Sashikala Agrawal, W/o- Pawan Kumar Agrawal, R/o- Khariar, Azad Chowk, W.N.- 8, P.O./P.S.- Khariar, Dist.- Nuapada declare that, I have changed my name from SASHI AGRAWAL to SASHIKALA AGRAWAL. That, from today onwards I shall be known as 'SASHIKALA AGRAWAL' W/o- PAWAN KUMAR AGRAWAL for all purpose.
Sashikala Agrawal
D-2287

By virtue of an affidavit sworn before Executive Magistrate, Aul dated- 09.10.25, I, Aman Kumar Mohanty, S/o- Gagan Bihari Mohanty, Village- Nial, P.O.- Nial, P.S.- Aul, Dist.- Kendrapara, Odisha, declare that I have changed my name from Amar Mohanty to Amon Kumar Mohanty. Henceforth, I shall be known as Aman Kumar Mohanty for all purposes.
Aman Kumar Mohanty
D-2288

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Manoranjan Sahoo father of Sneha Sahu, Address: ward No.- 01, Majhi Sahi, Patana, P.O.- Kantilo, Dist.- Nayagarh, PIN- 752078, Odisha, have changed my name to Manoranjan Sahoo for all the purposes. D-2283

By virtue of an affidavit sworn before Executive Magistrate, Rasulpur, dated- 30.08.2025, I, Golap Sahu, Address: Vill- Chitrakul, P.O.- Barabati, P.S.- Dharmasala, Via- Dharmasala, Dist.- Jajpur, PIN- 755008, Odisha declare that I have changed my name from Golapi Sahu to Golap Sahu. Henceforth, I shall be known as Golap Sahu for all purposes.
Golap Sahu
D-2285

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Junagarh, dated- 09.09.2025, I, Baijayanti Sunani, D/o- Cheru Sunani, R/o- Village- Balichhada, P.O.- Kaliakundal, P.S.- Junagarh, Dist.- Kalahandi, Odisha declare that I have changed my name from Baimayanti Senapati to Baijayanti Sunani. Henceforth, I shall be known as Baijayanti Sunani for all purposes.
Baijayanti Sunani
D-2291

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ଂମଞ୍ଜୁଳା ବେହେରା**
ଶ୍ରୀବିହାର, ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୫୪
ତିରୋଧାନ: ୦୮.୧୧.୨୦୨୩
(କାର୍ତ୍ତିକ କୃଷ୍ଣ ଏକାଦଶୀ)
ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠ, ତ୍ୟାଗମୟ ଆଦର୍ଶର ପ୍ରତିଛବି, ଉଦାରତାର ପ୍ରତିଫଳନ ଆମକୁ ପ୍ରତିକ୍ଷଣ ନୈତିକତାର ମାର୍ଗଦର୍ଶନ କରାଉଥିବ ତୁମ ଅନୁପସ୍ଥିତି ଜନିତ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସଦା ଆନ୍ଦୋଳିତ କରିବ, ଶ୍ରୀଜଗନ୍ନାଥଙ୍କ କରୁଣାରୁ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାର୍ଥନା ସହିତ ତୁମ ଶୁଭାଶୀର୍ବାଦ ଆମର କାମ୍ୟ।
ଶୋକସନ୍ତପ୍ତ ପରିବାରବର୍ଗ:- ସ୍ୱାମୀ: ଶ୍ରୀଚରଣ, ପୁତ୍ର: ବିଭୁ, ବିଷ୍ଣୁ, ପୁତ୍ରବଧୂ: ବିସ୍ମିତା, ସ୍ମୃତିରେଖା, ଝିଅ: ଅନୁପମା, ଜ୍ୱାଇଁ: ବିଶ୍ୱରଞ୍ଜନ, ନାତି/ନାତୁଣୀ: ଅଙ୍କିତା, ନିକିତା, ଭୂମିକା, ଅର୍ଣ୍ଣଭ, ଜ୍ୟୋତିରଗଣେଶ୍ୱର ଏବଂ ଆତ୍ମୀୟସ୍ୱଜନ।
ଧ-୨୨୯୦

**୧୧ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ଂଭୁବନେଶ୍ୱର ହୋତା**
(ଶିକ୍ଷକ), ସାଲ-୨୦୧୪
କାର୍ତ୍ତିକ ଏକାଦଶୀ, କମା ଶାସନ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ ସେଥିପାଇଁ ଲୁହଝରେ ସବୁରି ଆଖିରେ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାର:-** ପୁଅ- ଗଦା, ବିମ୍ବା, ବୋହୂ- ପ୍ରତିମା, ରୁବି, ନାତି- ବୁଲୁ, ଅଶୋକ, ଆଶୁ, ଝିଅ- କୁନି, ନାତୁଣୀ- ପୂଜା, ସୋମି, ଜ୍ୱାଇଁ- ଅର୍ଜୁନ, ଭାଇ- ରବି, ସ୍ତ୍ରୀ- ବାସନ୍ତୀ ଓ ବନ୍ଧୁ ପରିବାରବର୍ଗ
ଧ-୨୨୮୬

# ପରୀ କହିବ ମନ କଥା



'ପରୀ' ଫିଲ୍ମରେ ଦିବ୍ୟାଂଶୀ–ଅନୁରାଧା

ଏକ ନିରୀହ, କୋମଳ ଫୁଲ କଢ଼ି ପରୀ। ଛୋଟ ପିଲା ହେଲେ ବି ତା' ଆଖିରେ ଆଖିଏ ସ୍ୱପ୍ନ। କିନ୍ତୁ ଯୌନ ରାକ୍ଷସଙ୍କ ଅତ୍ୟାଚାରରେ ତାହାର ସବୁ ସ୍ୱପ୍ନ ପାଣିରେ ମିଳେଇ ଗଲା। ହେଲେ ଶେଷରେ ପରୀକୁ କ'ଣ ନ୍ୟାୟ ମିଳୁଛି ? ଏହାର ଉତ୍ତର ରହିଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ପରୀ'। ବର୍ତ୍ତମାନ ସମାଜରେ ଘଟୁଥିବା ଶିଶୁ ନିର୍ଯାତନା ଉପରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଫିଲ୍ମରେ ପ୍ରୟାସ କରାଯାଇଛି। ଏହାର କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି। ଚିତ୍ରଟିର ସହ–ପ୍ରଯୋଜକ ଅଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ। ସଂଳାପ ରଚନା କରିଛନ୍ତି ଡ.ରଜନୀ ରଞ୍ଜନ। ପ୍ରମୋଦ ପରିଡାଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। ଜ୍ୟୋତି ନାୟକ, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଶିଶୁ କଳାକାର ଦିବ୍ୟାଂଶୀ ଏବଂ ସ୍ନେହା ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

ପରଦାରେ..

# ଲଢ଼େଇ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'। ଏଥର ଦୀପାବଳି ଅବସରରେ ଫିଲ୍ମଟି ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମ ପୂର୍ବରୁ ଶିଶୁ କଳାକାର ଭାବରେ ଅଭିନୟ କରିସାରିଥିବା ଲୋହିତାକ୍ଷ ପଟ୍ଟନାୟକ ନାୟକ ସାଜିଥିବା ବେଳେ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ଅଭିଲିପ୍ସା। ଦେବାଶିଷ ପଟ୍ଟନାୟକ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅନ୍ୟତମ ଲୋକପ୍ରିୟ ନିର୍ଦ୍ଦେଶକ ଅଶୋକ ପତି। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ଗୀତଗୁଡିକୁ ସ୍ୱର ଦେଇଛନ୍ତି। ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।



ଲୋହିତାକ୍ଷ

# ପ୍ରେରଣା ପାପାଙ୍କ ଠାରୁ...

ତାଙ୍କର ଜନ୍ମ ଏକ କଳାକାର ପରିବାରରେ। ବାପା ଜଣେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ଭଉଣୀ ଜଣେ ଅଭିନେତ୍ରୀ। ଆଉ ଏଭଳି ପରିବେଶରେ ବଢ଼ିବା ପରେ କାହାର ଅବା ଅଭିନୟ ପ୍ରତି ମନ ଢଳିବ ନାହିଁ କହୁନାହାନ୍ତି ? ଶିଶୁ କଳାକାର ଭାବରେ ସେ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଆଉ ଇତିମଧ୍ୟରେ ସେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପ୍ରତିପାଦିତ କରିସାରିଛନ୍ତି। କେବଳ ସେତିକି ନୁହେଁ ନିକଟରେ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଛି। ହଁ,ଏଥର ଅନେକେ ଅନୁମାନ କରିସାରିବେଣି ଯେ ଏଠାରେ କେଉଁ ଅଭିନେତ୍ରୀଙ୍କ ବିଷୟରେ ସୂଚନା ଦିଆଯାଉଛି। ସେ ହେଲେ ଆଲିୟା ଭଟ୍ଟ। ଆଉ ତାଙ୍କର ଅଭିନୟ ଜୀବନର ସମସ୍ତ ଶ୍ରେୟ ସେ ତାଙ୍କ ପାପା ତଥା ବଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ତଥା ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କୁ ଦେଇଛନ୍ତି। ଏ ବିଷୟରେ ଆଲିୟା କହନ୍ତି, ''ପାପା ହିଁ ପ୍ରଥମେ ମୋତେ ଆକ୍ଟିଂ କରିବାକୁ ପ୍ରୋତ୍ସାହିତ କରିଥିଲେ। ୧୯୯୯ରେ ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ 'ସଂଘର୍ଷ'ରେ ମୋତେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିବାକୁ ସେ କହିଥିଲେ। ଆଉ ଏହାକୁ ମୁଁ ଏଡାଇ ଦେଇ ପାରି ନ ଥିଲି। ଆଜି ତାଙ୍କର ଆଶୀର୍ବାଦ ବଳରେ ମୁଁ ଜଣେ ପରିଚିତା ଅଭିନେତ୍ରୀ ଭାବରେ ନିଜକୁ ଠିଆ କରିପାରିଛି।'' ୨୦୨୧ରେ ତାଙ୍କୁ 'ଗଙ୍ଗୁବାଈ କାଠିଆୱାଡି' ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ୨୦୧୨ରେ କରନ୍ ଜୋହର ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ। ଆଉ ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'।



ଆଲିୟା

# ଆଶା ଅନେକ, ହେଲେ...

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୩୩ଟି ଓଡ଼ିଆ ସିନେମା ରିଲିଜ ହୋଇସାରିଛି। ତନ୍ମଧ୍ୟରୁ ବାବୁସାନ୍‌ଙ୍କ ଅଭିନୀତ 'ବୋଉ ବୁଟୁ ଭୂତ' ବେଶ୍ ଚର୍ଚ୍ଚିତ ହେବା ସହ ରେକର୍ଡଭିତ୍ତିକ ବିଜନେସ ମଧ୍ୟ କରିଛି। କେବଳ ସେତିକି ନୁହେଁ, ବଲିଉଡ୍‌ର ନାମୀ ପ୍ରଯୋଜକ କରନ୍ ଜୋହର ଏହାକୁ ହିନ୍ଦୀ ଭାଷାରେ ନିର୍ମାଣ କରିବାକୁ ଯାଉଛନ୍ତି। ଏଥର ଦଶହରାରେ ଦୁଇଟି ସିନେମା ପରଦା ଉପରକୁ ଆସିଥିଲା। ଫିଲ୍ମଦ୍ୱୟ ଥିଲା 'ଚାରିଧାମ' (ଅନୁଭବ ମହାନ୍ତି, ଡା. ଅନୁରାଧା ପାଣିଗ୍ରାହୀ) ଏବଂ 'ଚ୍ୟାଲେଞ୍ଜ' (ଅର୍ଦ୍ଧେନ୍ଦୁ ସାହୁ, ଏଲିନା ପ୍ରିୟଦର୍ଶିନୀ)। ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ସିନେମା ଆଶାନୁରୂପ ବିଜନେସ୍ କରିବା ସହ ବିଭିନ୍ନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଛି। କିଛି ବର୍ଷ ପୂର୍ବେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ବେଶ୍ ଆଲୋଚନା ହେଉଥିଲା। କାରଣ ସଂଖ୍ୟା ଦୃଷ୍ଟିରୁ ଅନେକ ସିନେମା ରିଲିଜ ହେଉଥିଲେ ମଧ୍ୟ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ସିନେମା ଅଳ୍ପ ଥିଲା। କିନ୍ତୁ 'ଦମନ', 'ପ୍ରତୀକ୍ଷା', 'ମାଲ୍ୟଗିରି', 'କର୍ମ' ପରି ଚଳଚ୍ଚିତ୍ର ଓଡ଼ିଆ ଦର୍ଶକଙ୍କୁ ପୁଣି ଥରେ ପ୍ରେକ୍ଷାଳୟ ମୁହାଁ କରିବାରେ ସକ୍ଷମ ହୋଇଛି। ଭଲ କାହାଣୀକୁ ନେଇ ସିନେମା କରିବା ସହ ତାହାକୁ ଠିକ୍ ଭାବରେ ଦୃଶ୍ୟାୟନ କରାଗଲେ ଉକ୍ତ ଚିତ୍ରକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। କେତେକ ସିନେମାର କାହାଣୀ ଭଲ ଥିଲେ ମଧ୍ୟ ନିର୍ମାଣ ସମୟରେ ଅନେକ ଦୋଷତ୍ରୁଟି ରହିଯାଉଛି, ଯାହାଫଳରେ ସେଗୁଡିକ ଦର୍ଶକାଦୃତ ହୋଇପାରୁନାହିଁ। ଏବେ ଓଡ଼ିଆ ସିନେମା ପାଇଁ ଭଲ ସମୟ ଆସିଛି ବୋଲି କୁହାଯାଇପାରେ।

ଦିନ ଥିଲା ଓଡ଼ିଆ ସିନେମାକୁ ଦେଖିବାକୁ ପ୍ରେକ୍ଷାଳୟ ସାମ୍ନାରେ ଭିଡ ଜମୁଥିଲା। କିନ୍ତୁ ଏଭଳି ସମୟ ଆସିଲା ଓଡ଼ିଆ ଚିତ୍ରଟିଏ କେତେବେଳେ ରିଲିଜ ହୋଇ ଚାଲିଗଲା ତାହା ପ୍ରାୟ ଜଣାପଡୁ ନ ଥିଲା। ପ୍ରଯୋଜନା କ୍ଷେତ୍ରରେ ଆବଶ୍ୟକ ଜ୍ଞାନର ଅଭାବ ଏବଂ ନିର୍ମାଣଶୈଳୀରେ ଅଗଣିତ ଭୁଲଭଟକା ସିନେମାଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହେଉ ନ ଥିଲା। ଏବେ ଯେଉଁ କେତୋଟି ଭଲ ସିନେମା ତିଆରି ହେଉଛି ତାହାକୁ ଯଦି ନୂଆ ପ୍ରଯୋଜକମାନେ ଭଲ ଭାବରେ ତର୍ଜମା କରନ୍ତେ, ତେବେ ସିନେମା ନିର୍ମାଣ ବିଷୟରେ ଅନେକ କଥା ଜାଣିପାରନ୍ତେ।

ଓଡ଼ିଆ ଚଳଚ୍ଚିତ୍ର ଭବିଷ୍ୟତ ସେତେବେଳେ ଆହୁରି ଉଜ୍ଜ୍ୱଳ ହେବ ଯେତେବେଳେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ପ୍ରସ୍ତୁତ ହେବ। ଏ ନେଇ ଓଡିଆ ସିନେମା ସହ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କର ସହଯୋଗ ରହିବା ନିହାତି ଦରକାର। ତେବେ ଆମ ଓଡ଼ିଆ ସିନେମା ପୁଣି ଥରେ ତାହାର ପୂର୍ବ ଗୌରବ ଫେରି ପାଇବ–ଏକଥା ନିଃସନ୍ଦେହରେ କୁହାଯାଇପାରେ।

–ଶୁଭ୍ର ମହାପାତ୍ର

# ଭୁଲନ୍ତି ନାହିଁ ରକୁଲ୍

ରକୁଲ୍ ପ୍ରୀତ ସିଂ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଏହା ତାଙ୍କର ଏବେକାର ଅଭ୍ୟାସ ନୁହେଁ। ପାଠ ପଢ଼ା ସମୟରୁ ସେ ଏଥିପ୍ରତି ଧ୍ୟାନ ଦେଇ ଆସିଛନ୍ତି। ହେଲେ ତାହା କ'ଣ ଜାଣନ୍ତି ? ଗଲ୍‌ଫ ଖେଳିବା। ଅଭିନୟରେ ପାଦ ଦେବା ପୂର୍ବରୁ ସେ ଜଣେ ପ୍ରଫେଶନାଲ ଗଲ୍‌ଫ ଖେଳାଳି ଥିଲେ। ଏପରି କି ଜାତୀୟ ସ୍ତରରେ ଆୟୋଜିତ ଗଲଫ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିସାରିଛନ୍ତି। ଏବେ ମଧ୍ୟ ପ୍ରାୟ ପ୍ରତିଦିନ ସେ କିଛି ସମୟ ଗଲ୍‌ଫ ଖେଳିଥାଆନ୍ତି। ଏ ବିଷୟରେ ରକୁଲ୍ କହନ୍ତି, ପିଲାଟି ଦିନରୁ ମୁଁ ଗଲ୍‌ଫ ଖେଳ ପ୍ରତି ଆକର୍ଷିତ ହୋଇଥିଲି। ଦିନ ଥିଲା ଏହାକୁ ମୁଁ କ୍ୟାରିୟର କରିବି ବୋଲି ଚିନ୍ତା କରିଥିଲି। କିନ୍ତୁ ଅଭିନୟ ଆରମ୍ଭ ହେବା ପରେ ମୋର ଏହି ଆଶା କେବଳ ଆଶାରେ ହିଁ ରହିଯାଇଥିଲା। କିନ୍ତୁ ଏବେ ମଧ୍ୟ ମୁଁ ପ୍ରାୟ ପ୍ରତିଦିନ ଗଲ୍‌ଫ ପ୍ରାକ୍ଟିସ କରିଥାଏ। ଆସନ୍ତା ମାସ ୧୪ ତାରିଖରେ ମୁଁ ଅଭିନୟ କରିଥିବା 'ଦେ ଦେ ପ୍ୟାର ଦେ ୨' ରିଲିଜ ହେବାକୁ ଯାଉଛି। ଏଥିରେ ମୁଁ ଅଜୟ ଦେବଗନଙ୍କ ସହ ନାୟିକା ସାଜିଛି। ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଗଣିତରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ରକୁଲ୍। ଏହାବ୍ୟତୀତ ସେ ଜଣେ ଭାରତନାଟ୍ୟମ ନୃତ୍ୟାଙ୍ଗନା। କେବଳ ସେତିକି ନୁହେଁ ସେ ମଧ୍ୟ ଜଣେ କରାଟେ ଖେଳାଳି। ଅଭିନୟ ବ୍ୟତୀତ ସେ ହାଇଦ୍ରାବାଦ ଏବଂ ବିଶାଖାପାଟଣାରେ ଏକ ଜିମ୍ ପ୍ରତିଷ୍ଠା କରିଛନ୍ତି। ତାଙ୍କର ସବୁଠାରୁ ପ୍ରିୟ ଅଭିନେତା ହେଉଛନ୍ତି ଶାହରୁଖ ଖାନ୍। କେବଳ ହିନ୍ଦୀ ନୁହେଁ, ସେ ତାମିଲ, କନ୍ନଡ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି।



ରକୁଲ



ଗଣେଶ

ପରଦା ପଛରେ..

# ଆତ୍ମବିଶ୍ୱାସ ହିଁ ପ୍ରେରଣା ଦେଇଥିଲା

ବଲିଉଡ୍‌ର ବିଶିଷ୍ଟ କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ ନିଜ କ୍ୟାରିୟର ବିଷୟରେ ଯାହା କହନ୍ତି...

ହିନ୍ଦୀ ସିନେମା ଜଗତର ଅନ୍ୟତମ ନାମୀ କୋରିଓଗ୍ରାଫର ହେଉଛନ୍ତି ଗଣେଶ ଆଚାର୍ଯ୍ୟ। କିନ୍ତୁ ନିଜକୁ ଏ କ୍ଷେତ୍ରରେ ପରିଚିତ କରାଇବା ଲାଗି ସେ କମ୍ ପରିଶ୍ରମ କରି ନାହାନ୍ତି। ଏ ବିଷୟରେ ସେ କହନ୍ତି, ''ମୋତେ ସେତେବେଳେ ହୋଇଥାଏ ମାତ୍ର ୧୧ ବର୍ଷ। ଏହି ବୟସରେ ମୁଁ ମୋ ବାପାଙ୍କୁ ହରାଇଥିଲି। ପରିବାର କିପରି ଚଳାଇବି ଚିନ୍ତା କଲି। ମନରେ ସାହସ ଜୁଟାଇ ଏକ ଡ୍ୟାନ୍ସ ଏକାଡେମୀ ଖୋଲିଲି। ୧୯୯୨ରେ ମୋତେ ପ୍ରଥମେ କୋରିଓଗ୍ରାଫି ପରି ଗୁରୁ ଦାୟିତ୍ୱ ତୁଲାଇବାକୁ ସୁଯୋଗ ମିଳିଥିଲା। ଫିଲ୍ମଟି ଥିଲା 'ଅଗ୍ନିପଥ'। ଆଉ ତା'ପରେ ମୁଁ କେବେ ପଛକୁ ଫେରି ଚାହିଁ ନ ଥିଲି। ପରବର୍ତ୍ତୀ ସମୟରେ ଦର୍ଶକଙ୍କ ଭଲ ପାଇବା ମୋତେ ସାହାଯ୍ୟ କରିଥିଲା। ନିଜର ଆତ୍ମବିଶ୍ୱାସ ବଳରେ ହିଁ ଆଜି ମୁଁ ନିଜକୁ ଜଣେ ସଫଳ କୋରିଓଗ୍ରାଫର ଭାବରେ ପରିଚିତ କରାଇ ପାରିଛି।'' ୧୯୭୧ ମସିହା ମେ' ୨୩ ତାରିଖରେ ସେ ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର କୋରିଓଗ୍ରାଫିରେ ଭରି ରହିଥିଲା ସ୍ୱତନ୍ତ୍ରତା। ୨୦୧୩ରେ ରିଲିଜ ହୋଇଥିବା 'ଭାଗ୍ ମିଲ୍‌ଖା ଭାଗ୍' ଫିଲ୍ମର ହୱନ କରେଙ୍ଗେ ଗୀତ ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ କୋରିଓଗ୍ରାଫର) ମିଳିଥିଲା।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୬/୨୦୨୫ Bhubaneswar, Thursday, October 16/ 2025




# ମହିଳା, ପୁରୁଷରେ ଚାଇନା ଚାମ୍ପିୟନ

**ଭୁବନେଶ୍ୱର, ୧୫।୧୦(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ୍ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଚାମ୍ପିୟନ ହୋଇ ଚାଇନା କ୍ଲିନ୍ ସୁଇପ୍ କରିଛି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ

## ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡେଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କ୍ରୀଡ଼ାରେ ପ୍ରକୃତ ବିଜୟ କେବଳ ପଦକ ଜିତିବାରେ ନୁହେଁ, ବରଂ ନିଜର ସର୍ବୋତ୍ତମ ପ୍ରଦର୍ଶନ, ପ୍ରତିପକ୍ଷଙ୍କୁ ସମ୍ମାନ ଏବଂ କ୍ରୀଡ଼ା ମନୋଭାବ ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରେରଣା ଦେବାରେ ମଧ୍ୟ ରହିଛି ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ଏହି ଟୁର୍ନାମେଣ୍ଟ ଆୟୋଜନ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ। ପ୍ରଥମଥର ଲାଗି ଓଡ଼ିଶା ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ଆୟୋଜନ କରି କ୍ରୀଡ଼ା ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ସେ କହିଛନ୍ତି। ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ହବ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂରଜଙ୍କ ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଛନ୍ତି।

ଅନ୍ତିମ ଦିବସରେ ଅନୁଷ୍ଠିତ ମହିଳା ବିଭାଗ ଫାଇନାଲରେ ଜାପାନକୁ ୩-୦ରେ ହରାଇ ଚାଇନା ଚାମ୍ପିୟନ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଚାଇନାର ୱାଙ୍ଗ୍ ମାନ୍‌ୟୁ ୩-୧ (୧୦-୧୨, ୧୧-୩, ୧୧-୬, ୧୧-୩)ରେ ଜାପାନର ହଶିମୋତୋ ହୋନୋକାଙ୍କୁ ହରାଇଥିଲେ। ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ସୁନ୍ ୟିଙ୍ଗଶା ୩-୦ (୧୧-୯, ୧୧-୫, ୧୧-୭)ରେ ହାରିମୋତୋ ମିୱାଙ୍କୁ ଏବଂ କ୍ୱାଇ ମାନ୍ ୩-୧ (୮-୧୧, ୧୨-୧୦, ୧୧-୬, ୧୧-୯)ରେ ହାୟାତା ହିନାଙ୍କୁ ପରାସ୍ତ କରିବାରୁ ୪ର୍ଥ ମ୍ୟାଚ୍‌ର ଆବଶ୍ୟକ ପଡ଼ି ନ ଥିଲା।

ମହିଳାଙ୍କ ପରି ପୁରୁଷ ବିଭାଗରେ ମଧ୍ୟ ଚାଇନାର ଆଧିପତ୍ୟ ଦେଖିବାକୁ ମିଳିଥିଲା। ହଂକଂକୁ ୩-୦ରେ ହରାଇଥିଲା ଶକ୍ତିଶାଳୀ ଚାଇନା। ପ୍ରଥମ ମ୍ୟାଚରେ ଚାଇନାର ଲିନ୍ ଶିଡଙ୍ଗ୍ ୩-୦ (୧୧-୮, ୧୧-୪, ୧୧-୪)ରେ ହଂକଂର ଓଙ୍ଗ୍ ଚୁନ୍ ଟିଙ୍ଗଙ୍କୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ୱାଙ୍ଗ୍ ଚୁକ୍ୱିନ ୩-୧ (୧୨-୧୦, ୧୧-୯, ୫-୧୧, ୧୪-୧୨)ରେ ଚାନ୍ ବାଲ୍‌ଡ୍ୱିନଙ୍କୁ ପରାସ୍ତ କରିଥିଲେ। ତୃତୀୟ ମ୍ୟାଚରେ ଚାଇନାର ଲିଆଙ୍ଗ୍ ଜିଙ୍ଗକୁନ୍ ୩-୦ (୧୩-୧୧, ୧୧-୬, ୧୨-୧୦)ରେ ହଂକଂର ୟୁ କ୍ୱାନ୍ ତୋ'ଙ୍କୁ ହରାଇବା ସହ ମୁକାବିଲା ଶେଷ ହୋଇଯାଇଥିଲା।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆନ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଙ୍କ ସହ ମୁଖ୍ୟ ଅତିଥି ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିମାନେ।

### ଭାରତୀୟ ପୁରୁଷଙ୍କୁ ୬ଷ୍ଠ, ମହିଳାଙ୍କୁ ୮ମ ସ୍ଥାନ

ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିଥିବା ଭାରତୀୟ ମହିଳା ଓ ପୁରୁଷ ଦଳ ଘରୋଇ ପରିବେଶରେ ଖେଳିଥିଲେ ମଧ୍ୟ ନୈରାଶ୍ୟର ସହ ପ୍ରତିଯୋଗିତା ଶେଷ କରିଛନ୍ତି। ସେମିଫାଇନାଲରେ ପ୍ରବେଶ ତ ଦୂରର କଥା। ହେଲେ ଗତ ୩ ସଂସ୍କରଣର ବ୍ରୋଞ୍ଜ୍ ପଦକ ବିଜେତା ଭାରତୀୟ ପୁରୁଷ ଦଳ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ସନ୍ତୁଷ୍ଟ ରହିଛି।

**ଆଇସିସି ମହିଳା ବିଶ୍ୱକପ୍**

# ଇଂଲଣ୍ଡ-ପାକିସ୍ତାନ ପଏଣ୍ଟ ବାଣ୍ଟିଲେ

**କଲମ୍ବୋ, ୧୫।୧୦:** ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ବୁଧବାର ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଦୁଇ ଦଳକୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ଇଂଲଣ୍ଡ ୭ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ପାକିସ୍ତାନ ୧ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୫ ଓଭରରେ ୭ ଉଇକେଟ ହରାଇ ୭୯ ରନ୍ କରିଥିଲା। ବର୍ଷା କାରଣରୁ ଦୀର୍ଘ ସମୟ ଖେଳ ବାଧାପ୍ରାପ୍ତ ହେବାପରେ ମ୍ୟାଚ୍‌କୁ ୩୧ ଓଭରବିଶିଷ୍ଟ କରାଯାଇଥିଲା। ଇଂଲଣ୍ଡ ୩୧ ଓଭରରେ ୯ ଉଇକେଟ ହରାଇ ୧୩୩ ରନ୍ କରିଥିଲା। ଡିଏଲ୍ଏସ୍ ପଦ୍ଧତିରେ ପାକିସ୍ତାନ ଆଗରେ ୩୧ ଓଭରରେ ୧୧୩ ରନ୍‌ର ଟାର୍ଗେଟ୍ ଧାର୍ଯ୍ୟ କରାଯାଇଥିଲା। ଜବାବରେ ପାକିସ୍ତାନ ୬.୪ ଓଭର ସୁଦ୍ଧା ବିନା କ୍ଷତିରେ ୩୪ ରନ୍ କରିଥିଲା। ଏହାପରେ ପୁଣିଥରେ ପ୍ରବଳ ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା।

# ଭାରତୀୟ ଦଳର ଅଷ୍ଟ୍ରେଲିଆ ଯାତ୍ରା

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ କ୍ରିକେଟ୍‌ସିରିଜ୍‌ଖେଳାଯିବ। ଏଥିଲାଗି ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ୍ ଶର୍ମା ପ୍ରଥମ ବ୍ୟାଚ୍‌ର ଭାରତୀୟ ଖେଳାଳିଙ୍କ ସହ ବୁଧବାର ସକାଳେ ଅଷ୍ଟ୍ରେଲିଆ ଯାତ୍ରା କରିଛନ୍ତି। ଏହି ବ୍ୟାଚ୍‌ରେ ଦୁଇ ସିନିୟର ଷ୍ଟାରଙ୍କ ସହ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍, ଓପ୍‌ନର ଯଶସ୍ୱୀ ଜୟସ୍ୱାଲ, ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ପେସର ଅର୍ଶଦୀପ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଦଳର ସପୋର୍ଟ ଷ୍ଟାଫ୍ ସଦସ୍ୟ ସନ୍ଧ୍ୟାରେ ଫ୍ଲାଇଟ୍ ଧରିଥିଲେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ରବିବାର ପର୍ଥରେ ଖେଳାଯିବ।

# ଶୁଭ୍ରାଂଶୁ-ଧୂପର ଓଡ଼ିଶାର ସମ୍ମାନ ରଖିଲେ



ଶଟ୍ ଖେଳିବା ଅବସରରେ ରାଜେଶ ଧୂପର ଓ ଶୁଭ୍ରାଂଶୁ ସେନାପତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୫।୧୦(ତପନ ସ୍ୱାଇଁ)**

**ରଣ୍‌ଜୀ ଟ୍ରଫି**

## ଗୌରବ, ବାଦଲଙ୍କ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ

ଓଡ଼ିଶା କ୍ରିକେଟ୍ ଦଳର ରଣ୍‌ଜୀ ଟ୍ରଫି-୨୦୨୫-୨୬ ସିଜନ ବୁଧବାର ଆରମ୍ଭ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବରୋଦା ବିପକ୍ଷ ମ୍ୟାଚ୍‌ରେ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କ ଶତକୀୟ ଭାଗୀଦାରି ଓଡ଼ିଶାର ସମ୍ମାନ ରଖିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ୫ ଉଇକେଟ ହରାଇ ୨୦୫ ରନ୍ କରିଛି। ଏଠାରେ ଗୌରବ ଚୌଧାରୀ ଓ ବାଦଲ ବିଶ୍ୱାଳ ସେମାନଙ୍କ ପ୍ରଥମଶ୍ରେଣୀ କ୍ରିକେଟ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଗୌରବଙ୍କୁ ଶୁଭ୍ରାଂଶୁ ଏବଂ ବାଦଲଙ୍କୁ ସିନିୟର ଖେଳାଳି ଗୋବିନ୍ଦ ପୋଦ୍ଦାର ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରିଥିଲେ।

### ଶତକୀୟ ଭାଗୀଦାରି

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା। ଦୁଇ ଓପ୍‌ନର ସ୍ୱସ୍ତିକ୍ ସାମଲ ଓ ଗୌରବ ଚୌଧାରୀ ଓପ୍‌ନିଂ ଯୋଡ଼ିରେ ୪୯ ରନ୍ ଯୋଗକରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ୧୯ତମ ଓଭରର ୫ମ ବଲ୍‌ରେ ଗୌରବଙ୍କୁ ରନ୍‌ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ବରୋଦା ଅଧିନାୟକ ଅତୀତ ସେଠ୍। ମାତ୍ର ସମାନ ସ୍କୋରରେ ଓଡ଼ିଶା ଆଉ ୩ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅର୍ଥାତ୍ ୨୨.୨ ଓଭର ବେଳକୁ ଓଡ଼ିଶା ସ୍କୋର ୪୯/୪ ହୋଇଯାଇଥିଲା। ସନ୍ଦୀପ ପଟ୍ଟନାୟକ ଖାତା ଖୋଲିପାରି ନ ଥିବାବେଳେ ସ୍ୱସ୍ତିକ୍‌ଙ୍କୁ ୨୪ ରନ୍‌ରେ ପାଭିଲିୟନ ପଠାଇଥିଲେ ଅତୀତ। ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଡକ୍ (୦)ରେ ଆଉଟ ହେବାରୁ ଓଡ଼ିଶାକୁ ଶକ୍ତ ଝଟ୍‌କା ଲାଗିଥିଲା। ୧୫ ବଲ୍ ବ୍ୟବଧାନରେ ୪ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିବା ଓଡ଼ିଶା ପାଇଁ ସଙ୍କଟମୋଚକ ସାଜିଥିଲେ ଅଧିନାୟକ ଶୁଭ୍ରାଂଶୁ ଓ ରାଜେଶ। ଦୁହେଁ ସତର୍କତାର ସହ ବିପକ୍ଷ ବୋଲରଙ୍କୁ ମୁକାବିଲା କରି ୫ମ ଉଇକେଟରେ ୪୦୫ ବଲ୍‌ରୁ ୧୫୬ ରନ୍‌ର ଭାଗୀଦାରି ଗଢ଼ିବା ପରେ ଦିବସର ଶେଷ (୮୯.୫) ଓଭରର ୫ମ ବଲ୍‌ରେ ଶୁଭ୍ରାଂଶୁ ଆଉଟ୍ ହେବାରୁ ଷ୍ଟମ୍ପ ପ୍ରତ୍ୟାହୃତ ହୋଇଥିଲା। ୨୦୩ ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ସହାୟତାରେ ୭୯ ରନ୍ କରିଥିଲେ ଶୁଭ୍ରାଂଶୁ। ରାଜେଶ ୨୧୨ ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହାୟତାରେ ୭୬ ରନ୍‌ରେ ଅପରାଜିତ ରହିଥିଲେ। ବରୋଦା ବୋଲରଙ୍କ ମଧ୍ୟରେ ଅତୀତ ସେଠ୍ ଓ ଭାର୍ଗବ ଭଟ୍ଟ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୦୫/୫(ଶୁଭ୍ରାଂଶୁ ସେନାପତି-୭୯, ରାଜେଶ ଧୂପର-୭୬*, ସ୍ୱସ୍ତିକ୍ ସାମଲ-୨୪, ଗୌରବ ଚୌଧାରୀ-୨୪, ଅତୀତ ସେଠ୍-୨/୪୧, ଭାର୍ଗବ ଭଟ୍ଟ-୨/୫୪)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ